

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.104, Sunday, 2 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୪, ରବିବାର, ୨ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.104, Sunday, 2 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୪, ରବିବାର, ୨ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org

Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୪୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

Vol.13, Issue.104, Sunday, 2 August 2026, Puri, Pages - 24, Rs. 9/-
ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୪, ରବିବାର, ୨ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

## କମୁଛି ଜଳସ୍ତର, କମୁନି ଯନ୍ତ୍ରଣା

### ୨ ଜିଲ୍ଲାରେ ୧୫ ଘାଇ, ମିଳୁନି ଜଳବନ୍ଦୀ ଅବସ୍ଥାରୁ ମୁକ୍ତି

ଭୁବନେଶ୍ୱର(ବ୍ୟୁରୋ)

୪ ଦିନ ଧରି ପାଣି ପାଣି ସ୍ଥିତି ପରେ ଭଦ୍ରକ ଓ ଯାଜପୁର ଜିଲ୍ଲାରେ ସୁଧୁରୁଛି ବନ୍ୟା ସ୍ଥିତି। ଭଦ୍ରକରେ ଠାଏ ଠାଏ ପାଣି କମିଛି, କିନ୍ତୁ ବଢୁଛି ଲୋକଙ୍କ ଦୁର୍ଦ୍ଦଶା। ସେହିଭଳି ବନ୍ୟାର ଆଁରୁ ଏଯାଏଁ ମୁକୁଳି ପାରିନି ଯାଜପୁର। ଯେଉଁଠି ପାଣି କମିଛି, ସେଠି ଉଜୁଡ଼ା ସଂସାରର ଚିତ୍ର ଦେଖି ମୁଣ୍ଡରେ ହାତ ଦେଉଛନ୍ତି ବନ୍ୟା ଦୁର୍ଗତ। ଉତ୍ତର ଓଡ଼ିଶାର ବନ୍ୟାଞ୍ଚଳରେ ପାଣି କମୁଛି, ହେଲେ ବଢୁଛି ବନ୍ୟା ଦୁର୍ଗତଙ୍କ ଦୁର୍ଦ୍ଦଶା। ପୁରନ୍ତା ନଈରେ ସୁଅର କୋପ କମିଛି, କିନ୍ତୁ ପ୍ରଭାବିତଙ୍କ ଆଖିରେ ଲୁହର ଧାର କେବେ କମିବ ତାର ଠିକଣା ନାହିଁ। ଯାଜପୁର ଜିଲ୍ଲାର ୬ଟି ବ୍ଲକରେ ପ୍ରଳୟଙ୍କରୀ ବନ୍ୟାର ୪ ଦିନ ପରେ ଇଏ କ୍ଷତିଗ୍ରସ୍ତ ଅଞ୍ଚଳର ଦୃଶ୍ୟ। କିଛି ସ୍ଥାନରେ ପାଣି କମିଛି ହେଲେ, ଉଜାଡି ଦେଇଛି ଘର, ଦ୍ୱାର, ଚାଷବାସ ସବୁକିଛି। ଯାଜପୁର ବ୍ଲକ୍ ଆଙ୍କୁଲା ପଞ୍ଚାୟତରେ ଏଠି ବନ୍ୟାର ସେ ତାଉ ନାହିଁ। କିନ୍ତୁ ଛାଡ଼ି ଯାଇଥିବା ଯନ୍ତ୍ରଣାରେ ସନ୍ତୁଳି ହେଉଛନ୍ତି ବହୁ ପରିବାର। ଏମାନଙ୍କଠୁ ଯେମିତି ସବୁ କିଛି ଲୁଟି ନେଇଛି ମହା ବନ୍ୟା। ଏପଟେ ଜିଲ୍ଲାରେ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀର ବିଭିନ୍ନ ସ୍ଥାନରେ ସୃଷ୍ଟ ୭ରୁ ଅଧିକ ଘାଇରେ ଏବେ ବି ପାଣିର ଧାର ଶୁଖିନଥିବାରୁ ବନ୍ୟାଘେର ଓ ରିଲିଫ୍ ସେଣ୍ଟରରେ ରହିବାକୁ ବାଧ ହୋଇଛନ୍ତି ଦଶରଥପୁର, ବରୀ, ରସୁଲପୁର ଆଦି ବ୍ଲକର ବହୁ ବନ୍ୟା ପ୍ରଭାବିତ। ଭଦ୍ରକ ଜିଲ୍ଲାରେ ବି ସମାନ ସ୍ଥିତି। ଶାଳନ୍ଦୀ କି କାଂଶବାଂଶରେ ଆଉ ଆଗ ଭଳି ସୁଅ ନାହିଁ। କିନ୍ତୁ ୪ ଦିନ ତଳେ ନଦୀର ସେ ଉଗ୍ର ରୂପରେ ଉଜୁଡ଼ି ଯାଇଥିବା ଇଏ ସେହି ପ୍ରଭାବିତ ଅଞ୍ଚଳ। ଚଳିତ ବନ୍ୟା ଭଦ୍ରକ ଜିଲ୍ଲାର ପ୍ରାୟ ୭ଟି ବ୍ଲକକୁ ଛାରଖାର କରିଛି ୮ ଘାଇ। ଚାନ୍ଦବାଲି, ତିହିଡ଼ି, ଧାମନଗର ଓ ବାସୁଦେବପୁରର ସ୍ଥିତି ଅଧିକ ସଙ୍ଗୀନ ହୋଇଥିବାରୁ ଏସବୁ ବ୍ଲକର ପ୍ରଭାବିତ, କେବେ ଅଣ୍ଟା ସଳଖିବେ, ଏବେ ସେମାନଙ୍କୁ ଘାରିଛି ସେଇ ଚିନ୍ତା।ଉତ୍ତରରେ ବନ୍ୟା ପ୍ରକୋପ ସାମାନ୍ୟ କମିବା ପରେ ଏବେ ପୂର୍ବ ଓଡ଼ିଶାକୁ ଡରାଇଛି ମହାନଦୀର ବନ୍ୟାଜଳ। କଟକ ଜିଲ୍ଲାର ବାଙ୍କୀ ଅଞ୍ଚଳ। ଏ ବ୍ଲକର ବିଲିପଡା, ଶିମିଳପୁର ପଞ୍ଚାୟତ ଦୁଇ ଦିନ ଧରି ବାହ୍ୟ ଜଗତରୁ ବିଚ୍ଛିନ୍ନ। ଘରୁ ବାହାରିବାକୁ କେବଳ ଡଙ୍ଗା ହିଁ ଭରସା।ସେହିଭଳି ଖୋର୍ଦ୍ଧା ବ୍ଲକ ଓରବରସିଂହ ପଞ୍ଚାୟତରେ କାଲି ରାତିଅଧରେ ରାଜୁଆ ନଦୀର ପାଣି ■ ପୃଷ୍ଠା-୧୫

ଆକାଶମାର୍ଗରୁ ବନ୍ୟାଞ୍ଚଳ ବୁଲିଦେଖିଲେ ମୁଖ୍ୟମନ୍ତ୍ରୀ

# ୫ ଜିଲ୍ଲାର ୧୨ ବ୍ଲକ ସ୍ଥିତି ସଙ୍ଗୀନ

- ୮ ଲକ୍ଷ ପ୍ରଭାବିତ, ୨.୬୯ ଲକ୍ଷ ଲୋକ
- ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ପଠାଯାଇଛି
- ପାଣି ଛାଡ଼ିବାର ତିନିଦିନ ମଧ୍ୟରେ କ୍ଷୟକ୍ଷତିର ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ରିପୋର୍ଟ ଭିତ୍ତିରେ ତୁରନ୍ତ ସହାୟତା ପ୍ୟାକେଜ ପ୍ରଦାନ କରାଯିବ: ମୁଖ୍ୟମନ୍ତ୍ରୀ
- ଟଳିଲା ମହାନଦୀରେ ବନ୍ୟା ଆଶଙ୍କା
- ବୈତରଣୀ ସମେତ ସବୁ ନଦୀରେ କମୁଛି ଜଳସ୍ତର
- ବନ୍ୟା ପରିଚାଳନା;୪ ମନ୍ତ୍ରୀଙ୍କୁ ୮ ଜିଲ୍ଲା ଦାୟିତ୍ୱ





ଭୁବନେଶ୍ୱର(ବ୍ୟୁରୋ)

ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶମାର୍ଗରୁ ରାଜ୍ୟର ୫ଟି ଜିଲ୍ଲାର ୧୨ଟିରୁ ଅଧିକ ବ୍ଲକରେ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ। ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହିସବୁ ଅଞ୍ଚଳର ଅନେକ ଗାଁ ପାଣି ଘେରରେ ଅଛି। ପରିସ୍ଥିତି ଧିରେ ଧିରେ ସୁଧୁରୁଛି। ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡି ଯିବାର ସମ୍ଭାବନା ଅଛି। ଏଥିସହିତ ବନ୍ୟା ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ■ ପୃଷ୍ଠା-୧୫

### ବନ୍ୟା ପରିସ୍ଥିତିର ମୁକାବିଲା

## କେନ୍ଦ୍ରରୁ ଓଡ଼ିଶାକୁ ଦ୍ୱିତୀୟ କିସ୍ତିରେ ୫୦୦ କୋଟି

ମୌସୁମୀ ବର୍ଷା ବିପ୍ଳାତରେ ଦେଶର ବିଭିନ୍ନ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।ଏହି ପରିସ୍ଥିତିରେ ଆବଶ୍ୟକ ରିଲିଫ, ଉଦ୍ଧାର ଓ ପୁନର୍ବାସ ସହାୟତା ଯୋଗାଇବା ପାଇଁ ୨ ହଜାର ୧୧୭ କୋଟି ୮୫ ଲକ୍ଷ ଟଙ୍କାର କେନ୍ଦ୍ରୀୟ ସହାୟତା ମଞ୍ଜୁର କରାଯାଇଛି। ଏଥିରେ ଓଡିଶାକୁ ୨ୟ କିସ୍ତିରେ ୫୦୦ କୋଟି ଟଙ୍କା ମିଳିଛି। ଏହା ରାଜ୍ୟଗୁଡ଼ିକର ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରେ କେନ୍ଦ୍ରୀୟ ଅବଦାନ ଭାବେ ପ୍ରଦାନ କରାଯିବ। ସାତୋଟି ବନ୍ୟା ପ୍ରଭାବିତ ରାଜ୍ୟର ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍ଡିଆର୍ଏଫ୍)ଙ୍କୁ ପ୍ରଥମ କିସ୍ତି କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଇଥିବା ବେଳେ ହିମାଚଳ ପ୍ରଦେଶ, ନାଗାଲ୍ୟାଣ୍ଡ ଓ ଓଡ଼ିଶାକୁ ଦ୍ୱିତୀୟ କିସ୍ତି ଅର୍ଥରାଶି ମଞ୍ଜୁର କରାଯାଇଛି। ଓଡ଼ିଶା ପାଇଁ ମଞ୍ଜୁର ■ ପୃଷ୍ଠା-୧୫

## କଲଭର୍ଟରେ ପିଟି ହେଲା ବାଇକ : ୩ ମୃତ

ଉଦଳା(ଅମୃତ ମିଡ଼ିଆ)

ଦ୍ରୁତ ଗତିରେ ଗାଡି ଚଲାଇ ଆସୁଥିବା ବେଳେ ଏକ ବାଇକ ଭାରସାମ୍ୟ ହରାଇ କଲଭର୍ଟ ପାଚେରୀରେ ବାଡେଇ ତଳକୁ ଖସି ପଡିଥିଲା। ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଏଭଳି ଘଟଣା ଘଟିଛି ଖୁଣ୍ଟା ଥାନା କୁଆମରା ପୋଷ୍ଟ ଅଫିସ ନିକଟରେ। ମୃତକ ହେଲେ କୁଆମରା ଗ୍ରାମର ସହଦ୍ଦେ ସିଂ, ଶକ୍ତି ସିଂ ଏବଂ ରଘୁ ସିଂ। ଏକ କେଟିଏମ ଗାଡ଼ିରେ ୩ ଜଣ ଅତି ଦ୍ରୁତ ଗତିରେ କୁଆମରା ଗ୍ରାମ ଭିତର ରାସ୍ତାରେ ଯାଉଥିଲେ। କୁଆମରା ପୋଷ୍ଟ ଅଫିସ ନିକଟରେ ଥିବା ବାଙ୍କରେ ଭାରସାମ୍ୟ ହରାଇ କଲଭର୍ଟ ତଳକୁ ଖସି ପଡିବା ସହିତ ପାଚେରୀରେ ବାଇକଟି ବାଡେଇ ହୋଇଥିଲା। ଘଟଣାସ୍ଥଳରେ ସହଦ୍ଦେ ଏବଂ ଶକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ରଘୁ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ରଘୁଙ୍କୁ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ରଘୁଙ୍କୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

୬ଟି ବିଭାଗର ୧୧ଟି ପ୍ରସ୍ତାବ ଉପରେ ବାଜିଲା ମୋହର

# ପିଏମ୍ ଆବାସ ଯୋଜନା ୨.୦କୁ ମଞ୍ଜୁରି

- ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦ ଅନୁମୋଦିତ
- କେନ୍ଦୁଝର, ବାଲେଶ୍ୱର ଜିଲ୍ଲାର ଜଳସେଚନ ପାଇଁ ସୁବିଧା
- ଦୟାଦନୀରେ ନିର୍ମାଣ ହେବ ଉଠା ଜଳସେଚନ ପ୍ରକଳ୍ପ
- ପୁରୀ, ଖୋର୍ଦ୍ଧା ଜିଲ୍ଲାର ୭,୭୦୦ ଏକର ଜମିକୁ ହେବ ଜଳସେଚନ
- ଓଡ଼ିଶା ବିଧିସେବା ନିୟମାବଳୀ-୨୦୨୬କୁ ମଞ୍ଜୁରି
- କୃଷି ଯନ୍ତ୍ରପାତି, ଉପକରଣ, ଡିଜେଲ ପମ୍ପ ସେଟ୍ ଲୋକପ୍ରିୟକରଣକୁ ମଞ୍ଜୁରି

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟରେ ପଂଚାୟତ ଓ ପୌର ନିର୍ବାଚନ ପାଇଁ ବିଗୁଲ ବାଜିବା ପୂର୍ବରୁ ରାଜ୍ୟର ବିଜେପି ସରକାର ନିଜର ଭୋଟବ୍ୟାଙ୍କକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ୮ଲକ୍ଷ ଆଦିମ ଜନଜାତି(ପିଭିଟିଜି) ପରିବାରକୁ ନିଜ ପସନ୍ଦର ଜୀବିକା ଚୟନ ପାଇଁ ୩୦ହଜାର ଟଙ୍କା ଲେଖାଏଁ ପ୍ରଦାନ ଓ ସହରାଂଚଳରେ ଥିବା ସବୁ ଯୋଗ୍ୟ ପରିବାରକୁ ୨୦୨୯ ମସିହା ସୁଦ୍ଧା ପକ୍କାଘର ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାବ୍ୟତୀତ ଚାଷୀ, କ୍ଷୁଦ୍ର ବ୍ୟବସାୟୀ ଓ ଷ୍ଟାର୍ଟଅପ୍ ଓ କୁଟୀରଶିଳ୍ପଗୁଡ଼ିକ ନିମନ୍ତେ ମଧ୍ୟ ସରକାରୀ ଆଶ୍ୱସ୍ତି ଆଣିଛନ୍ତି। ରାଜ୍ୟ କ୍ୟାବିନେଟରେ ଆଜି ୬ଟି ବିଭାଗର ୧୧ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଯେଉଁଥିରେ ଇକୋନୋମିକ ରିଜନ ଡେଭଲପମେଂଟ ଅଥରିଟି (ଇଆରଡିଏ) ଗଠନକୁ ମଧ୍ୟ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୬ଟି ବିଭାଗର ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ସେଥିରେ ଜଳସମ୍ପଦ ବିଭାଗର ୫ଟି, ନଗର ଉନ୍ନୟନ ବିଭାଗର ୨ଟି, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, କୃଷି, ଆଇନ ଓ ଅର୍ଥ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ରହିଛି। କ୍ୟାବିନେଟ୍ ବୈଠକ ସମ୍ପର୍କରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସମ୍ବୋଧିତ କରିଥିବାବେଳେ ତାଙ୍କର କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ରିଲିଜ୍ ମଧ ଜାରି ହୋଇଛି। ସହରାଂଚର ସମସ୍ତ ଯୋଗ୍ୟ ପରିବାରକୁ ୨୦୨୯ ସୁଦ୍ଧା ପକ୍କାଘର ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଂଚଳ) ୨.୦ର ପରିପୂରକ ଭାବେ 'ପିଏମଏୱାଇ-(ୟୁ) ବନ୍ଧୁ' ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ୨୦୨୫-୨୦୩୦ ମସିହା ମଧ୍ୟରେ ୧୬୧୫ କୋଟି ଟଙ୍କାର ବ୍ୟୟବରାଦରେ ସହରାଚଂଳର ଆଉ ୩ରୁ ସାଢ଼େ ୩ଲକ୍ଷ ଯୋଗ୍ୟ ପରିବାରକୁ ପକ୍କାଘର ଯୋଗାଇ ଦିଆଯିବ। ଏହି ଯୋଜନା ଅଧୀନରେ ସୁଲଭ ବାସଗୃହ ଓ ଭଡ଼ାଘର ନିର୍ମାଣ ପାଇଁ ୬୭୫ କୋଟି, ହିତାଧିକାରୀଙ୍କ ଶ୍ରମ କ୍ଷତିପୂରଣ ଓ ଆଗୁଆ ଘର ଶେଷ ପ୍ରୋତ୍ସାହନ ପାଇଁ ୬୮୫ କୋଟି, ଆର୍ଥିକ ଅନଗ୍ରସର ଶ୍ରେଣୀଙ୍କ ଗୃହ ଋଣ ଓ ସୁଧ ରିହାତି ପାଇଁ ୧୦୦ କୋଟି ଓ ବସ୍ତି-ମୁକ୍ତକରଣ ■ ପୃଷ୍ଠା-୧୫

## ବିଶ୍ୱ ରେକର୍ଡ କଲା ଆଦିବାସୀ ଧିମ୍ସା ନୃତ୍ୟ



ନୂଆଦିଲ୍ଲୀ

ଆଦିବାସୀ ସଂସ୍କୃତିର ଅନନ୍ୟ ପରିଚୟ ଧିମ୍ସା ନୃତ୍ୟ ଏବେ ବିଶ୍ୱ ମଞ୍ଚରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଆନ୍ଧ୍ରପ୍ରଦେଶର ଭୋଗାପୁରମସ୍ଥିତ ଅଲ୍ଲୁରୀ ସୀତାରାମ ରାଜୁ ଆନ୍ତର୍ଜାତୀୟ ବିମାନବନ୍ଦର ପରିସରରେ ଏକାସାଙ୍ଗରେ ୧୩ ହଜାର ଆଦିବାସୀ ଛାତ୍ରୀଙ୍କ ଧିମ୍ସା ନୃତ୍ୟ ପ୍ରଦର୍ଶନ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି । ଭୋଗାପୁରମ ବିମାନବନ୍ଦର ପରିସରରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ପାଡେରୁ, ସୀତାମ୍ପେଟା, ପାର୍ବତୀପୁରମ ଓ ରାମ୍ପଚୋଡାଭରମ ଆଇଟିଡିଏ ଅଞ୍ଚଳର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ୧୩ ହଜାର ଆଦିବାସୀ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ପାରମ୍ପରିକ ଧିମ୍ସା ନୃତ୍ୟ ପରିବେଷଣ କରି ସେମାନେ ଏକ ନୂଆ ବିଶ୍ୱ ରେକର୍ଡ ହାସଲ କରିଛନ୍ତି । ୪୩୩ଟି ବୃତ୍ତାକାର ଗୋଷ୍ଠୀରେ ବିଭକ୍ତ ହୋଇ ପ୍ରତ୍ୟେକ ଗୋଷ୍ଠୀରେ ୫୦ ଜଣ ଲେଖାଏଁ ନୃତ୍ୟଶିଳ୍ପୀ ଧିମ୍ସା ନୃତ୍ୟ ପରିବେଷଣ କରିଥିଲେ । ସମନ୍ୱିତ ନୃତ୍ୟ ଓ ତାଳମେଳ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଲଣ୍ଡନରୁ ଆସିଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ପ୍ରତିନିଧିମାନେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିଥିଲେ । ପ୍ରଦର୍ଶନ ଶେଷରେ ସେମାନେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଗୁମ୍ମାଡି ସନ୍ଧ୍ୟାରାଣୀଙ୍କୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ ପ୍ରଦାନ କରିଥିଲେ ।

### ସେ କହିଲେ...



ଆମ ଓଡ଼ିଶାରେ ସମ୍ବଲପୁରୀ ଭାଷା, ସଂସ୍କୃତି, ସଭ୍ୟତା, ଆହାର, ପରିଧାନ ଓ ବାନ୍ଧକଳାର ଏକ ଅନନ୍ୟ ଓ ସ୍ୱତନ୍ତ୍ର ପରିଚୟ ରହିଛି । ଗୋଟିଏ ସାଂସ୍କୃତିକ ସମ୍ପନ୍ନ ପ୍ରଦେଶରେ ନିଜର ଏହି ମହାନ ସଂସ୍କୃତି ଓ ସଭ୍ୟତାକୁ ମନେ ପକାଇବା ଏବଂ ଏହାର ସଂରକ୍ଷଣ କରିବା ଆମ ସମସ୍ତଙ୍କର ପ୍ରମୁଖ ଦାୟିତ୍ୱ । ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଏକ ନୂତନ ଉଚ୍ଚତା ଓ ସ୍ତରକୁ ନେବା ପାଇଁ ଆଜୀବନ ନିରନ୍ତର ପ୍ରଚେଷ୍ଟା କରିଥିଲେ । ଏହି ଗୌରବମୟ ଦିବସରେ ଆମେ ସମସ୍ତେ ତାଙ୍କର ଏହି ମହାନ୍ ଯୋଗଦାନକୁ ଆଦରର ସହ ସ୍ମରଣ କରୁଛୁ।

**ଧର୍ମେନ୍ଦ୍ର ପ୍ରଧାନ**
ସାଂସଦ

ମହାନଦୀ ଜଳ ବିବାଦ

# ତେଜିଲା ରାଜନୀତି, ବିଜେଡି-ବିଜେପି ମୁହାଁମୁହିଁ

ମହାନଦୀ ହେଉଛି ଓଡ଼ିଶାର ଜୀବନ ଧାରା। ରାଜ୍ୟର ୧୬ ଜିଲ୍ଲା ଏହା ଉପରେ ଭରଷା କରନ୍ତି। ହେଲେ ମହାନଦୀକୁ କିପରି ରକ୍ଷା କରିବାକୁ ବିଜେପି ସରକାର କାମ କରୁଛି, ତାହା ସ୍ପଷ୍ଟ ହୋଇନି। ଦିଲ୍ଲୀରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା କରାଯାଇ ଆପୋଷ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କୁହାଯାଇଛି। ହେଲେ କ'ଣ ଆଲୋଚନା ହେଲା ଓ କିଭଳି ସମାଧାନ ରାସ୍ତା ବାହାରିଲା, ସେନେଇ ରାଜ୍ୟ ସରକାର ଚୁପ୍ ରହିଛନ୍ତି। ଏହି ବୈଠକ ନେଇ ସାମ୍ବାଦିକ ସମ୍ମିଳନୀ କରି ପ୍ରଶ୍ନ ଉଠାଇଲା ବିଜେଡି। ମୁଖ୍ୟମନ୍ତ୍ରୀଙ୍କୁ ୧୦ ପ୍ରଶ୍ନ ପଚାରିଛି ବିଜେଡି।





- ଆଲୋଚନା ସାର୍ବଜନିକ କରାଯାଉନି କାହିଁକି
- ଛତିଶଗଡ଼ ପାଖରେ ଆତ୍ମସମର୍ପଣ କଲେ କି ?
- ଛତିଶଗଡ଼ର ମନମାନି ଯୋଗୁଁ ଭାସୁଛି ଓଡ଼ିଶା

ଭୁବନେଶ୍ୱର(ବ୍ୟୁରୋ)

ବୈଠକରେ ଦୁଇ ମୁଖ୍ୟମନ୍ତ୍ରୀ ଆଲୋଚନା କ'ଣ କଲେ ତାହା ସାର୍ବଜନୀନ କାହିଁକି କରୁନାହାନ୍ତି ସରକାର ବୋଲି ପ୍ରଶ୍ନ କରିଛି ବିଜେଡି। ଓଡ଼ିଶାର ସ୍ୱାର୍ଥରେ ନିଷ୍ପତ୍ତି ହୋଇଥିଲେ ସରକାର କହି ସାରିଥାନ୍ତେ। ଏ ସରକାର ଛତିଶଗଡ଼ ପାଖରେ ଆତ୍ମ ସମର୍ପଣ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ସେପଟେ ବିଜେପି ମଧ ବିଜେଡିକୁ ଦେଇଛି କଡ଼ା ଜବାବ। ଏହାକୁ ନେଇ ଏବେ ରାଜନୀତି ଜୋର ଧରିବାରେ ଲାଗିଛି। କିଭଳି ସମାଧାନ କରାଯିବ, ସେନେଇ ସରକାର ମୁହଁ ଖୋଲିବାକୁ ନାରାଜ। ପୂର୍ବରୁ ମହାନଦୀ ଉପରେ ଅନେକ ବ୍ୟାରେଜ ଛତିଶଗଡ଼ କରିପକାଇଛି। ଖରାଦିନେ ଓଡ଼ିଶାର ଚାଷୀ ବିଲକୁ ପାଣି ଟିକେ ପାଉନାହାନ୍ତି। ତେଣେ ବର୍ଷାଦିନେ ଓଡ଼ିଶାରେ ଜଳପ୍ରଳୟର ସମ୍ମୁଖୀନ ହେଉଛି। ଜଳ ପରିଚାଳନାଗତ ତ୍ରୁଟି ଓ ଛତିଶଗଡ଼ର ମନମାନି ସବୁକିଛି ବିଗାଡ଼ି ଦେଉଛି। ଖରାଦିନେ ପାଣି ପାଇଁ ତହଲ ବିକଳ, ବର୍ଷା ଦିନେ ଚାଷବାସ ସବୁଠି ଜଳମଗ୍ନ। ଛତିଶଗଡ଼ ସହ ଜଳ ବିବାଦ ଯୋଗୁଁ ଏଠି କିନ୍ତୁ ଚାଷୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଓଡ଼ିଶାର ଜୀବନ ରେଖା ମହାନଦୀ ଏମାନଙ୍କ ପାଇଁ ଆର୍ଶୀବାଦ ବଦଳରେ ଅଭିଶାପ ପାଲଟିଛି। ଖରା ଦିନେ ପାଣି ବିନା ଚାଷ ଜମି ଶୁଖିଯାଇଛି। ଚାଷବାସ କଥା ଚିନ୍ତା କରିବା ମଧ ଚାଷୀ ପାଇଁ ସ୍ୱପ୍ନ। ଜଳସଙ୍କଟ ସ୍ଥିତିକୁ ଅତି ଭୟଙ୍କର କରେ। ବର୍ଷା ଦିନେ କିନ୍ତୁ ତା'ର ଠିକ୍ ଓଲଟା । ଚାଷ କଲେ ଜମିରେ ପାଣି ପଶିଯାଏ। ଆଣ୍ଠୁଏ ଆଣ୍ଠୁଏ ପାଣିରେ ଚାଷ ପଟିସଡି ନଷ୍ଟ ହୋଇଯାଏ। ମହାନଦୀ ଫୁଲିଲେ ଲୋକଙ୍କ ଘରେ ପାଣି ପଶେ। ଏସବୁ କିଛି ଛତିଶଗଡ଼ର ମନମାନି ପାଇଁ ଭୋଗନ୍ତି ଲୋକେ। ଖରାଦିନେ କଲମା ବ୍ରିଜ୍ ବନ୍ଦ କରିଦେଉଥିବାରୁ ମହାନଦୀର ଜଳସ୍ତର କମିଯାଏ। ଚାଷ ପାଇଁ ନାହି ନଥିବା ଅସୁବିଧା ଭୋଗନ୍ତି ଲୋକେ। ହେଲେ ବର୍ଷା ଦିନେ ଡ୍ୟାମର ଅତିରିକ୍ତ ପାଣି ଛାଡି ଦେଉଥିବାରୁ ମହାନଦୀ ଜଳସ୍ତର ଫୁଲିବା ସହ ଓଡ଼ିଶାର ଚାଷଜମି ଜଳମଗ୍ନ ହୁଏ। ସବୁଜିମା ଭରା ଧାନକ୍ଷେତ ମୁହୂର୍ତ୍ତକ ଭିତରେ ପାଣିରେ ବୁଡ଼ି ନଷ୍ଟ ହୋଇଯାଏ। ଏଥିପାଇଁ ଛତିଶଗଡ଼ ଉପରେ ଅସନ୍ତୋଷ ଝାଡ଼ିବା ସହ ମହାନଦୀ ଜଳ ବିବାଦର ତୁରନ୍ତ ସମାଧାନ ଲାଗି ଓଡ଼ିଶା ଆଶା ରଖିଛି। ଏପଟେ ଛତିଶଗଡ଼ ସହ ଥିବା ମହାନଦୀ ଜଳ ବିବାଦ ମାମଲାର ସମାଧାନ ହେବ ବୋଲି ପୁଣି ଥରେ ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ। କହିଛନ୍ତି, ଦିଲ୍ଲୀ ବୈଠକରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି। ଓଡ଼ିଶାର ଲୋକଙ୍କ ଅଧିକାର ଓ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇଛନ୍ତି ସରକାର। ସିଡବ୍ଲ୍ୟୁସିଙ୍କ ଅଧ୍ୟକ୍ଷତାରେ ଏକ ବୈଷୟିକ ଟିମ୍ ଗଠନ ହୋଇ ୩ ମାସ ମଧ୍ୟରେ ସମାଧାନ ଉଦ୍ୟମ କରାଯିବ। ହେଲେ କି ଆଲୋଚନା ହୋଇଛି ଓ କିଭଳି ସମାଧାନ ରାସ୍ତା ବାହାରିବ, ତାକୁ ନେଇ ସମସ୍ତେ ସନ୍ଦୀହାନ। ଏହି ଜଳବିବାଦ ଦୀର୍ଘ ଦିନର ହୋଇଥିବା ବେଳେ ପୂର୍ବର ସରକାର ମଧ ଏହାର ସମାଧାନ ଦିଗ ଖୋଜୁଥିଲେ। ଏବେ ଟ୍ରିପୁଲ୍ ଇଂଜିନ୍ ସରକାର ଥିବା ବେଳେ ଏହି ଜଳବିବାଦର ସମାଧାନ ସୂତ୍ର ବାହାରିବା ସହଜ ହେବ ବୋଲି କୁହାଯାଉଛି। ହେଲେ ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଏହାର ସମାଧାନ ବାହାରିବା ସପକ୍ଷରେ ଓଡ଼ିଶାବାସୀ ନଥିବା ବେଶ୍ ପ୍ରତୀୟମାନ।

# ମୃତ୍ୟୁର ମାୟାଜାଲ



**ମରିବାକୁ କାହାକୁ ବା ଭଲ ଲାଗେ। ହେଲେ ଏଠି ପ୍ରତିଦିନ ଚାଲିଛି ମରିବା ଲାଗି ପ୍ରତିଯୋଗିତା। ପେଟ ଚାଖଣ୍ଡକ ପାଇଁ ମରିବାକୁ ବି ଲୋକେ ପଛାଉନାହାନ୍ତି। ପରିବାର, ପିଲାଛୁଆଙ୍କୁ ଛାଡ଼ି ସୁଦୂର ସୁରଟ, ତାମିଲନାଡୁ, ମୁମ୍ବାଇ ଭଳି ଜାଗାକୁ ଚାଲିଯାଉଛନ୍ତି ଦାଦନ ଖଟିବାକୁ। ସ୍ନେହ, ମାୟା, ମୋହ, ବନ୍ଧନକୁ ତୁଚ୍ଛକରି ଟଙ୍କା କେଇଟା ପାଇଁ ଜୀବନକୁ ବାଜି ଲଗାଇ ଦେଉଛନ୍ତି। ଜୀବନ ଜିଇଁବାର ଇଚ୍ଛା କି ସ୍ନେହ ମମତାର ଡୋରି ସେମାନଙ୍କ ପାଖରେ ନାହିଁ ବୋଲି କହିବା ଭୁଲ ହେବ। ହେଲେ ପରିସ୍ଥିତି ସେମାନଙ୍କୁ ଏଭଳି ସ୍ଥିତିକୁ ନେଇଆସିଛି। କର୍ମସଂସ୍ଥାନର ଅଭାବ ଯୋଗୁଁ ଓଡ଼ିଶା ଛାଡ଼ି ବହୁ ଲୋକ ପରିବାର ପ୍ରତିପୋଷଣ ଲାଗି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯାଉଛନ୍ତି। ପରିବାର ଲୋକଙ୍କ ମୁହଁରେ ଦାନା ମୁଠାଏ ଓ ହସ ଟିକିଏ ଦେଖିବା ଲାଗି ଯମଯନ୍ତ୍ରଣା ଭୋଗ କରିବାକୁ ସେମାନେ ପଛାଉନାହାନ୍ତି। ବିଭିନ୍ନ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇ ଶେଷରେ ଆଖି ବୁଜୁଛନ୍ତି। ଏଭଳି କରୁଣ ଚିତ୍ର ପ୍ରତିଦିନ ନଜରକୁ ଆସୁଛି। ସରକାର ସାମାନ୍ୟ କ୍ଷତିପୂରଣ ରାଶି ପ୍ରଦାନ କରି କର୍ତ୍ତବ୍ୟ ସାରି ଦେଉଛନ୍ତି। ବାହାର ରାଜ୍ୟରେ କେତେ ଓଡ଼ିଆ ଦାଦନ ଖଟୁଛନ୍ତି, ତା'ର ତଥ୍ୟ ସରକାରଙ୍କ ପାଖରେ ନାହିଁ। ହେଲେ ପ୍ରତିଦିନ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଲୋକେ ଯାଇ ମୃତ୍ୟୁର ମାୟାଜାଲ ଭିତରେ ଛନ୍ଦିହୋଇ ପଡୁଛନ୍ତି। ଏହି ପ୍ରଥା କେବେ ଦୂରହେବ ଓ ଲୋକଙ୍କୁ ରାଜ୍ୟ ଭିତରେ କାମଧନ୍ଦା ମିଳିବ, ସେନେଇ କହିବା ବି ମୁସ୍କିଲ।**

ସୁଶାନ୍ତ କୁମାର ଦାସ

ଓଡ଼ିଶାରେ ଦାଦନ ସମସ୍ୟାର କରୁଣ ପରିଣତି ଅନେକ ସମୟରେ ଦେଖିବାକୁ ମିଳୁଛି। ସମ୍ପ୍ରତି କେନ୍ଦୁଝର ଜିଲ୍ଲାର ତେଲକୋଇ ଅଞ୍ଚଳର ବାରଜଣ ଜୁଆଙ୍ଗ ନାବାଳିକା ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଇଥିବା ବେଳେ ମୃତ୍ୟୁବରଣ କରିଥଲେ। ଏହି ଘଟଣା ସମଗ୍ର ରାଜ୍ୟକୁ ମର୍ମାହତ କରିଛି। ଦାଦନ ଶ୍ରମିକଙ୍କ ସୁରକ୍ଷା, ଦଲାଲଙ୍କ ଦୌରାତ୍ମ୍ୟ ଏବଂ ଆଦିବାସୀ ଅଞ୍ଚଳର ଦାରିଦ୍ର୍ୟକୁ ପୁଣିଥରେ ଏହି ଘଟଣା ସାମ୍ନାକୁ ଆଣିଛି। ଏପରି ଦୁଃଖଦ ଘଟଣା ହୃଦୟରେ ଖୁବ୍ ଭାବାବେଗ ସୃଷ୍ଟିକରେ। କେବଳ ଆଇନ ପ୍ରଣୟନ ଯଥେଷ୍ଟ ନୁହେଁ, ଦାଦନ ଶ୍ରମିକଙ୍କ ପଞ୍ଜୀକରଣ, ସୁରକ୍ଷିତ ସ୍ଥାନାନ୍ତରଣ, ନାବାଳକ-ନାବାଳିକାଙ୍କ ସୁରକ୍ଷା ଏବଂ ଗ୍ରାମାଞ୍ଚଳରେ ସ୍ଥାୟୀ କର୍ମସଂସ୍ଥାନ ସୃଷ୍ଟି ଅତ୍ୟନ୍ତ ଜରୁରି। ଯେପର୍ଯ୍ୟନ୍ତ ଗରିବ ପରିବାରଗୁଡ଼ିକ ନିଜ ଅଞ୍ଚଳରେ ସମ୍ମାନଜନକ ଜୀବିକାର ସୁଯୋଗ ପାଇବେ ନାହିଁ, ସେପର୍ଯ୍ୟନ୍ତ ଦାଦନ ସମସ୍ୟାର ଏଭଳି ହୃଦୟବିଦାରକ ଘଟଣା ଘଟି ଚାଲିଥିବ।



## ବର୍ଷକୁ ୧୪ ଲକ୍ଷ ଓଡ଼ିଆ ଦାଦନ ଖଟନ୍ତି

'ଦାଦନ' ଶବ୍ଦଟି ଓଡ଼ିଶାରେ ଏକ ବହୁପରିଚିତ ଏବଂ ହୃଦୟବିଦାରକ ବାସ୍ତବତାର ପ୍ରତୀକ। ଜୀବନ ଧାରଣ ପାଇଁ ନିଜ ଜନ୍ମମାଟି, ପରିବାର ଏବଂ ସଂସ୍କୃତିକୁ ଛାଡ଼ି ଅନ୍ୟ ରାଜ୍ୟକୁ ଶ୍ରମିକ ଭାବେ ଯିବାକୁ ଦାଦନ କୁହାଯାଏ। ଓଡ଼ିଶା ପ୍ରାକୃତିକ ସମ୍ପଦ, ସଂସ୍କୃତି ଓ ପରମ୍ପରାରେ ସମୃଦ୍ଧ ଏକ ରାଜ୍ୟ। କିନ୍ତୁ ଏହି ରାଜ୍ୟ ଦୀର୍ଘଦିନ ଧରି ଏକ ଗୁରୁତର ସାମାଜିକ ଓ ଆର୍ଥିକ ସମସ୍ୟାର ସାମ୍ନା କରୁଛି ଯାହା ଓଡ଼ିଶାର 'ଦାଦନ ସମସ୍ୟା'। ଦାଦନ ଅର୍ଥ ହେଉଛି କାମ ସନ୍ଧାନରେ କିମ୍ବା ଦଲାଲଙ୍କ ପ୍ରଲୋଭନରେ ନିଜ ଗାଁ ଓ ରାଜ୍ୟ ଛାଡ଼ି ଅନ୍ୟ ରାଜ୍ୟକୁ ଯାଇ ଅଣପଞ୍ଜିକୃତ ଓ ଅସୁରକ୍ଷିତ ଶ୍ରମିକ ଭାବରେ କାମ କରିବା। ଓଡ଼ିଶାର ଅନେକ ଜିଲ୍ଲା, ବିଶେଷକରି ବଲାଙ୍ଗୀର, କେନ୍ଦୁଝର, ନୂଆପଡ଼ା, କଳାହାଣ୍ଡି, ବରଗଡ଼, ସୋନପୁର, କନ୍ଧମାଳ ଓ କୋରାପୁଟ ଭଳି ଅଞ୍ଚଳରୁ ପ୍ରତିବର୍ଷ ହଜାର ହଜାର ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଆନ୍ତି। ବର୍ଷକୁ ଓଡ଼ିଶାରୁ ପାଖାପାଖି ୧୪ ଲକ୍ଷ ଅଣପଞ୍ଜିକୃତ ଦାଦନ ବାହାର ରାଜ୍ୟକୁ କାମ କରିବାକୁ ଯାଇଥାନ୍ତି। ସେମାନେ ଭଲ ଆୟ, ସୁଖମୟ ଜୀବନ ଓ ପରିବାରର ଉନ୍ନତିର ସ୍ୱପ୍ନ ନେଇ ଘର ଛାଡ଼ନ୍ତି। କିନ୍ତୁ ସେହି ସ୍ୱପ୍ନ ଅନେକ ସମୟରେ ଦୁର୍ଘଟଣା, ଶୋଷଣ, ଅତ୍ୟାଚାର ଓ ମୃତ୍ୟୁରେ ଶେଷ ହୁଏ।

## ଦୁର୍ବଳତାର ଫାଇଦା ନିଅନ୍ତି ଦଲାଲ

ଦାଦନ ପ୍ରଥା ଆଜିର ନୁହେଁ। ବହୁବର୍ଷ ଧରି ଏହା ସମାଜରେ ଚାଲିଆସୁଛି। ପୂର୍ବରୁ ଜମିଦାର କିମ୍ବା ଠିକାଦାରମାନେ ଅଗ୍ରିମ ଟଙ୍କା ଦେଇ ଗରିବ ଲୋକଙ୍କୁ କାମ ପାଇଁ ବାନ୍ଧି ରଖୁଥିଲେ। ବର୍ତ୍ତମାନ ମଧ୍ୟ ଦଲାଲମାନେ ଗାଁକୁ ଆସି ଅଧିକ ମଜୁରି, ଭଲ ରହିବା ବ୍ୟବସ୍ଥା ଓ ନିୟମିତ କାମର ପ୍ରଲୋଭନ ଦେଖାଇ ଶ୍ରମିକମାନଙ୍କୁ ଅନ୍ୟ ରାଜ୍ୟକୁ ନେଇଯାଆନ୍ତି। ସେଠାରେ ପହଞ୍ଚିବା ପରେ ଅନେକ ଶ୍ରମିକ ସେ ସୁବିଧା ପାଆନ୍ତି ନାହିଁ ବରଂ ଦୁଃସ୍ଥ



ଓ ଅମାନବୀୟ ପରିସ୍ଥିତିରେ କାମ କରିବାକୁ ବାଧ ହୁଅନ୍ତି। ଦାଦନ ସମସ୍ୟାର ମୂଳ କାରଣ ହେଉଛି ଦାରିଦ୍ର୍ୟ। ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ରୋଜଗାରର ସୁଯୋଗ ନଥିବାରୁ ଲୋକମାନେ ବାହାରକୁ ଯିବାକୁ ବାଧ ହୁଅନ୍ତି। କୃଷି ଉପରେ ନିର୍ଭରଶୀଳ ପରିବାରମାନେ ଅନାବୃଷ୍ଟି, ବନ୍ୟା କିମ୍ବା ଫସଲ ନଷ୍ଟହେବା ଯୋଗୁଁ ଆର୍ଥିକ ସଙ୍କଟରେ ପଡ଼ନ୍ତି। ଶିକ୍ଷାର ଅଭାବ, ବେକାରି, ଋଣବୋଝ ଓ ଅଜ୍ଞତା ମଧ୍ୟ ଦାଦନ ପ୍ରଥାକୁ ବଢ଼ାଇଥାଏ। ଦଲାଲମାନେ ଏହି ଦୁର୍ବଳତାର ସୁଯୋଗ ନେଇ ଲୋକମାନଙ୍କୁ ମିଛ ପ୍ରଲୋଭନ ଦେଖାଇ ବାହାର ରାଜ୍ୟକୁ ନେଇଯାଆନ୍ତି।

## କଠିନ ପରିଶ୍ରମ ଓ ଅସହାୟ ଜୀବନ

ଦାଦନ ଶ୍ରମିକଙ୍କ ଜୀବନ ଅତ୍ୟନ୍ତ କଷ୍ଟଦାୟକ। ସେମାନେ ଇଟାଭାଟି, ନିର୍ମାଣ ସ୍ଥଳ, କାରଖାନା, ଖଣି ଓ କୃଷିକ୍ଷେତ୍ରରେ ସକାଳୁ ରାତି ପର୍ଯ୍ୟନ୍ତ କଠିନ ପରିଶ୍ରମ କରନ୍ତି। ଅନେକ ସମୟରେ ସେମାନଙ୍କୁ ଯଥେଷ୍ଟ ଖାଦ୍ୟ, ବିଶ୍ରାମ, ପାନୀୟଜଳ କିମ୍ବା ଚିକିତ୍ସା ସୁବିଧା ମିଳେନାହିଁ। ମଜୁରି ମଧ୍ୟ ସମୟରେ ଦିଆଯାଏ ନାହିଁ। କେତେକ ସ୍ଥାନରେ ଶାରୀରିକ ଓ ମାନସିକ ନିର୍ଯାତନା ମଧ୍ୟ ସହିବାକୁ ପଡ଼େ। ସେମାନେ ପରିବାରଠାରୁ ଦୂରରେ ରହି ଅସହାୟ ଜୀବନ ବିତାନ୍ତି। ଅନେକ ଶ୍ରମିକ ଘରୁ ଜୀବନ ଗଢ଼ିବା ଆଶାରେ ବାହାରନ୍ତି, କିନ୍ତୁ ଶବ ହୋଇ ଫେରନ୍ତି। ସଡ଼କ ଦୁର୍ଘଟଣା, କାରଖାନାରେ ଦୁର୍ଘଟଣା, ବିଦ୍ୟୁତ୍ ସ୍ପର୍ଶ, ଉଚ୍ଚ ସ୍ଥାନରୁ ପଡ଼ିଯିବା, ଅସୁସ୍ଥତା ଓ ଚିକିତ୍ସା ଅଭାବ ଯୋଗୁଁ ଅନେକ ଶ୍ରମିକଙ୍କ ମୃତ୍ୟୁ ଘଟୁଛି। କେତେକ କ୍ଷେତ୍ରରେ ମୃତ୍ୟୁ ପରେ ମଧ୍ୟ ପରିବାର ନ୍ୟାୟ ପାଇପାରେ ନାହିଁ। କ୍ଷତିପୂରଣ ମିଳେନାହିଁ କିମ୍ବା ମୃତଦେହକୁ ଘରକୁ ଆଣିବା ପାଇଁ ମଧ୍ୟ ବହୁତ ସଂଘର୍ଷ କରିବାକୁ ପଡ଼େ। ଏପରି ଘଟଣା କେବଳ ଗୋଟିଏ ମଣିଷର ମୃତ୍ୟୁ ନୁହେଁ, ଏକ ପରିବାରର ସ୍ୱପ୍ନର ଅନ୍ତ ଅଟେ।

## ପରିବାର ଓ ଶିଶୁମାନଙ୍କ ଉପରେ ପ୍ରଭାବ

ଦାଦନର ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼େ। ଯିଏ ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ଥାଆନ୍ତି, ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ, ସନ୍ତାନ ଓ ବୃଦ୍ଧ ମାତାପିତା ଅସହାୟ ହୋଇପଡ଼ନ୍ତି। ଅନେକ ପରିବାର ଋଣରେ ବୁଡ଼ି ଯାଆନ୍ତି। ଏହାର ପ୍ରଭାବ ସମାଜ ଉପରେ ମଧ୍ୟ ପଡ଼େ। ଗାଁରେ ଶ୍ରମଶକ୍ତି କମିଯାଏ, ଅର୍ଥନୈତିକ ଉନ୍ନତି ବାଧାପ୍ରାପ୍ତ ହୁଏ ଏବଂ ଦାରିଦ୍ର୍ୟର ଚକ୍ର ଚାଲିଥାଏ। ଦାଦନ ଶ୍ରମିକମାନଙ୍କ ଜୀବନ ଅତ୍ୟନ୍ତ କଷ୍ଟଦାୟକ। ଦାଦନ ପ୍ରଥାର ସବୁଠାରୁ ବଡ଼ ପ୍ରଭାବ ପଡ଼େ ପରିବାର ଓ ଶିଶୁମାନଙ୍କ ଉପରେ । ବାପା-ମାଆ ଦାଦନ ଖଟିବାକୁ ଯାଇଥିବାରୁ ପିଲାମାନଙ୍କ ପଢ଼ାଶୁଣା ବାଧାପ୍ରାପ୍ତ ହୁଏ। ଅନେକ ଶିଶୁ ବିଦ୍ୟାଳୟ ଛାଡ଼ି ଦେଇଥାନ୍ତି କିମ୍ବା ବାପା ମାଆଙ୍କ ସହ କାମ କରିବାକୁ ବାଧ ହୁଅନ୍ତି। ଏହା ଶିଶୁଶ୍ରମ ଓ ଅଶିକ୍ଷାକୁ ବୃଦ୍ଧିକରେ। ପରିବାରରେ ସାମାଜିକ ସମ୍ପର୍କ ମଧ୍ୟ ଦୁର୍ବଳ ହୋଇଯାଏ।

## ଯୋଜନାର ସଫଳ ରୂପାୟନ ହେଉନି

ଓଡ଼ିଶା ସରକାର ଦାଦନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଗ୍ରାମାଞ୍ଚଳରେ କାମର ସୁଯୋଗ ବଢ଼ାଇବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତକରଣ ଯୋଜନା କାର୍ଯ୍ୟକାରୀ କରାଯାଇଛି। ସ୍ୱୟଂସହାୟକ ଗୋଷ୍ଠୀ, କୌଶଳ ବିକାଶ ପ୍ରଶିକ୍ଷଣ, କ୍ଷୁଦ୍ର ଶିଳ୍ପ ଓ ସ୍ୱରୋଜଗାର ଯୋଜନା ମାଧ୍ୟମରେ ଲୋକଙ୍କୁ ନିଜ ଅଞ୍ଚଳରେ ଜୀବିକାର ସୁଯୋଗ ସୃଷ୍ଟି କରାଯାଉଛି। ମାତ୍ର ଏଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁ ନଥିବାରୁ ସାଧାରଣ ଜନତା ନିଜ ପେଟର ଭୋକ ମେଣ୍ଟାଇବା ପାଇଁ ଦାଦନ ହୋଇଯାଏ। ଏକଥା ସରକାର ଜାଣନ୍ତି, କିନ୍ତୁ ନଜାଣିଲା ପରି ଚୁପ୍ ହୋଇ ବସିଯାଆନ୍ତି। ତଥାପି ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ପାଇଁ ସରକାରଙ୍କ ସହ ସାଧାରଣ ଲୋକ, ସ୍ୱେଚ୍ଛାସେବୀ ସଂଗଠନର ସହଯୋଗ ଆବଶ୍ୟକ।

## ସଚେତନତା ଓ ସ୍ଥାୟୀ ରୋଜଗାର ଜରୁରି

ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ଗ୍ରାମାଞ୍ଚଳରେ ସ୍ଥାୟୀ ରୋଜଗାରର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ। କୃଷି, କୁଟୀର ଶିଳ୍ପ, କ୍ଷୁଦ୍ର ଉଦ୍ୟୋଗ ଓ ସ୍ୱରୋଜଗାର ଯୋଜନାକୁ ଅଧିକ ପ୍ରୋତ୍ସାହନ ଦେବା ଦରକାର। ବାହାରକୁ ଯାଉଥିବା ଶ୍ରମିକଙ୍କ ପଞ୍ଜୀକରଣ, ବୀମା, ସୁରକ୍ଷା, ସ୍ୱାସ୍ଥ୍ୟ ସୁବିଧା ଓ ଆଇନଗତ ସହାୟତା ନିଶ୍ଚିତ କରିବା ଆବଶ୍ୟକ। ଦାଦନ ଦଲାଲମାନଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବା ସହିତ ଶ୍ରମ ଆଇନର ସଠିକ୍ କାର୍ଯ୍ୟକାରିତା ମଧ୍ୟ ଆବଶ୍ୟକ। ଦାଦନ ଭଳି ଘୃଣ୍ୟ ପ୍ରଥାକୁ ଦୂରକରିବା ପାଇଁ ଗ୍ରାମାଞ୍ଚଳରେ ଶିଳ୍ପ ସ୍ଥାପନ, କୃଷିର ଆଧୁନିକୀକରଣ, ଜଳସେଚନ ବ୍ୟବସ୍ଥାର ଉନ୍ନତି, କୌଶଳ ବିକାଶ ଏବଂ ଯୁବକମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ବୃଦ୍ଧି କରିବା ଆବଶ୍ୟକ। ଏହା ସହିତ ଲୋକମାନଙ୍କୁ ଦଲାଲଙ୍କ ପ୍ରଲୋଭନରୁ ସଚେତନ କରିବା ଓ ସେମାନଙ୍କ ଅଧିକାର ସମ୍ପର୍କରେ ଜାଗ୍ରତ କରିବା ଦରକାର। ଶିକ୍ଷାର ପ୍ରସାର ଓ ଆର୍ଥିକ ସଶକ୍ତିକରଣ ମାଧ୍ୟମରେ ଦାଦନ ପ୍ରଥାକୁ ଅନେକାଂଶରେ ରୋକାଯାଇପାରିବ।

## ଏହି ପ୍ରଥା ଦେଶ ବିକାଶର ପରିପନ୍ଥୀ

ଏହି ପ୍ରଥା ଦୂରକରିବା ପାଇଁ କେବଳ ସରକାରୀ ପଦକ୍ଷେପ ଯଥେଷ୍ଟ ନୁହେଁ। ସମାଜର ସମସ୍ତ ଶ୍ରେଣୀର ଲୋକଙ୍କ ସହଯୋଗ ଆବଶ୍ୟକ। ଗ୍ରାମାଞ୍ଚଳରେ ସଚେତନତା ଶିବିର ଆୟୋଜନ କରି ଲୋକମାନଙ୍କୁ ଦାଦନ ଦଲାଲଙ୍କ ପ୍ରଲୋଭନ ବିଷୟରେ ସତର୍କ କରିବା ଉଚିତ। ଶ୍ରମିକମାନଙ୍କୁ ସେମାନଙ୍କର ଅଧିକାର, ସରକାରୀ ଯୋଜନା ଓ ଆଇନଗତ ସୁରକ୍ଷା ବିଷୟରେ ସୂଚନା ଦେବା ଦରକାର। ସ୍ୱେଚ୍ଛାସେବୀ ସଂଗଠନ, ଗଣମାଧ୍ୟମ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ। ଦାଦନ ସମସ୍ୟା ଦେଶର ବିକାଶ ପଥରେ ଏକ ବଡ଼ ବାଧା। ଏହାର ସମାଧାନ ପାଇଁ ସରକାରୀ ଯୋଜନା ସହିତ ଜନସଚେତନତା, ଶିକ୍ଷା, କର୍ମସଂସ୍ଥାନ ଓ ସାମାଜିକ ସହଯୋଗ ଅତ୍ୟନ୍ତ ଆବଶ୍ୟକ । ପ୍ରତ୍ୟେକ ନାଗରିକଙ୍କୁ ଦାଦନ ପ୍ରଥା ବିରୋଧରେ ସଚେତନ କରାଇ ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ଶୋଷଣମୁକ୍ତ ରାଷ୍ଟ୍ର ଗଠନରେ ସହଯୋଗ କରିବା ଉଚିତ। ତେବେ ହିଁ ଦେଶର ଗରିବ ଶ୍ରମିକମାନେ ନିଜ ମାଟିରେ ସମ୍ମାନର ସହ ଜୀବିକା ନିର୍ବାହ କରିପାରିବେ ଏବଂ ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ହେବ। ସରକାର, ସମାଜ, ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ନାଗରିକଙ୍କ ସମ୍ମିଳିତ ପ୍ରୟାସରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ। ପ୍ରତ୍ୟେକ ଶ୍ରମିକଙ୍କୁ ସମ୍ମାନ, ସୁରକ୍ଷା, ନ୍ୟାୟସଙ୍ଗତ ମଜୁରି ଓ ନିଜ ରାଜ୍ୟରେ କର୍ମସଂସ୍ଥାନର ସୁଯୋଗ ମିଳିଲେ ଦାଦନ ମୃତ୍ୟୁଯାତ୍ରାର କରୁଣ ଅଧ୍ୟାୟର ଅନ୍ତ ଘଟିବ। ଏକ ସ୍ୱାବଲମ୍ବୀ, ସମୃଦ୍ଧ ଓ ଶୋଷଣମୁକ୍ତ ରାଷ୍ଟ୍ର ଗଠନ ହିଁ ଏହି ସମସ୍ୟାର ପ୍ରକୃତ ସମାଧାନ।







### ସିରିଜ୍ ଛିନତାଇ ଓ ଚୋରି ମାମଲାର ପର୍ଦ୍ଦାଫାସ

# ଜଣେ ଗିରଫ, ଦୁଇ ନାବାଳକ ଅଟକ



**ରାଉରକେଲା(ଅମୃତ ମିଡିଆ):** ରାଉରକେଲା ସେକ୍ଟର-୧୯ ଥାନା ପୋଲିସ ସହରରେ ଘଟିଥିବା କ୍ରମାଗତ ୬ଟି ଛିନତାଇ ଓ ୩ଟି ଚୋରି ଘଟଣାର ସଫଳ ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଘଟଣାରେ ସମ୍ପୃକ୍ତ ଦୁଇ ଜଣ ନାବାଳକଙ୍କୁ ଅଟକ ରଖିଛି। ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ୮ଟି ଛିନତାଇ ହୋଇଥିବା ମୋବାଇଲ୍ ଫୋନ୍, ୧୫,୯୦୦ ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ଲୁଟ୍ ସାମଗ୍ରୀ ଜବତ କରିଛି। ଏହି ଘଟଣା ସେକ୍ଟର-୧୯ ଥାନା କେସ୍ ନଂ-୧୬୧, ତାରିଖ ୨୯ ଜୁଲାଇ ୨୦୨୬ ସହ ସମ୍ପୃକ୍ତ। ପ୍ରଥମେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୪(୨) ଅନୁଯାୟୀ ମାମଲା ରୁଜୁ ହୋଇଥିବାବେଳେ, ପରବର୍ତ୍ତୀ ତଦନ୍ତ ପରେ ଏହାକୁ ଧାରା ୩୦୯(୪)/୩(୫) ବିଏନଏସ୍‌ରେ ପରିବର୍ତ୍ତନ କରାଯାଇଛି। ପୋଲିସ ସୂଚନା ଅନୁସାରେ, ୨୯ ଜୁଲାଇ ଅପରାହ୍ନ ପ୍ରାୟ ୨ଟା ସମୟରେ ବିସ୍ରା ଥାନା ଅନ୍ତର୍ଗତ ସରେଇଟୋଲି ଗ୍ରାମର ସୁକୋ ଓରାମ (୫୦) ବ୍ୟାଙ୍କ ଅଫ୍ ଇଣ୍ଡିଆର ସେକ୍ଟର-୧୯ ଶାଖାରୁ ୪,୦୦୦ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଟଙ୍କାକୁ ସେ ନିଜ ଭ୍ୟାନିଟି ବ୍ୟାଗରେ ରଖିଥିଲେ। ବ୍ୟାଙ୍କ ନିକଟ ରାସ୍ତାରେ ଏକ ମୋଟରସାଇକେଲରେ ଆସିଥିବା ତିନି ଜଣ ଯୁବକ ହଠାତ୍ ତାଙ୍କ ହାତରୁ ଭ୍ୟାନିଟି ବ୍ୟାଗ ଛଡ଼ାଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ବ୍ୟାଗ ଭିତରେ ୪,୧୦୦ ଟଙ୍କା ନଗଦ, ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍ ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିଲା। ପୀଡ଼ିତାଙ୍କ ଅଭିଯୋଗକୁ ଆଧାର କରି ସେକ୍ଟର-୧୯ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୈଜ୍ଞାନିକ ତଦନ୍ତ, ସିସିଟିଭି ଫୁଟେଜ୍ ଓ ବିଭିନ୍ନ ସୂତ୍ରରୁ ସୂଚନା ସଂଗ୍ରହ କରି ପୋଲିସ ସିରିଜ୍ ଛିନତାଇ ଏବଂ ଚୋରି ଘଟଣାରେ ସମ୍ପୃକ୍ତ ଗ୍ୟାଙ୍ଗକୁ ଠାବ କରିବାରେ ସଫଳ ହୋଇଥିଲା।

# ବିଜେଡିରେ ଏବେ ଫାଟ : ସାରଦା ପ୍ରସନ୍ନ

**କଳାହାଣ୍ଡି(ଅମୃତ ମିଡିଆ) :** ଓଡ଼ିଶାରେ କଳାହାଣ୍ଡି ଜିଲ୍ଲା ଏକଦା ବିଜେଡିର ଗଡ଼ ଭାବେ ପରିଚିତ ଥିଲା । ଗତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲ୍ଲାରେ ୩୬ ଗୋଟି ଜିଲ୍ଲା ପରିଷଦ ଆସନରୁ ବିଜେଡ଼ି ୩୩, ବିଜେପି ୨ ଓ କଂଗ୍ରେସ ଗୋଟିଏ ଆସନ ପାଇଥିଲା। ସେହିଭଳି ୨୦୨୪ ସାଧାରଣ ନିର୍ବାଚନରେ କଳାହାଣ୍ଡି ଜିଲ୍ଲାରେ ପାଞ୍ଚଗୋଟି ବିଧାନସଭା ଆସନରୁ ତିନୋଟିରେ ବିଜୁ ଜନତା ଦଳ ସଫଳତା ପାଇଥିବାବେଳେ କଂଗ୍ରେସ ଗୋଟିଏ ଓ ବିଜେପି ଗୋଟିଏ ଆସନ ଅକ୍ତିଆର କରିଥିଲା। ଲୋକସଭା ନିର୍ବାଚନ ମଣ୍ଡଳୀ ଅବିଭକ୍ତ ନୂଆପଡ଼ା ଜିଲ୍ଲାରେ ଜିଲ୍ଲା ପରିଷଦ ସମେତ ଦୁଇଟି ବିଧାନସଭା ଆସନରେ ବିଜେଡି ବିଜୟୀ ହୋଇଥିଲା। ବିଗତ ୨୦୨୪ ନିର୍ବାଚନରେ ଓଡ଼ିଶାରେ ବିଜେଡିର ପତନ ଘଟିଥିଲା ଏବଂ ବିଜେପି ଶାସନକୁ ଆସିଥିଲା । ବିଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ରାଜନୈତିକ ପାଣିପାଗ ବଦଳିଛି। ବହୁ ବରିଷ୍ଠ ବିଜେଡ଼ି ନେତା ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି । ସେହିକ୍ରମରେ ଜିଲ୍ଲାର ପୂର୍ବତନ ବିଧାୟକ ଅନାମ ନାଏକ, ରାଜ୍ୟସଭା ସାଂସଦ ସୁଜିତ ଜିତ କୁମାର, ନୂଆପଡ଼ା ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଉପନିର୍ବାଚନରେ ବିଜେଡ଼ି ଛାଡ଼ି ବିଜେପିରୁ ପ୍ରାର୍ଥୀ ହୋଇ ଜିତିଛନ୍ତି। ଏବେ ପୁଣି ଗତ ଜୁଲାଇ ୨୫ ତାରିଖରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓ ତାଙ୍କ ଜିଲ୍ଲା ପରିଷଦ ସଦସ୍ୟ ଏବଂ ସହକର୍ମୀ ଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି। ଏହାକୁ ନେଇ କଳାହାଣ୍ଡି ରାଜନୀତି ସରଗରମ ହେବାରେ ଲାଗିଛି। କଳାହାଣ୍ଡି ଜିଲ୍ଲାର ବିଜେଡ଼ିରେ ଏବେ ଫାଟ ଦେଖାଦେଇଛି ବୋଲି ବରିଷ୍ଠ ବିଜେଡ଼ି ନେତା ସାରଦା ପ୍ରସନ୍ନ ସ୍ୱାଇଁ କହିଛନ୍ତି ।

ଜିଲ୍ଲାରେ ବିଜେଡ଼ି ତଳିତଳାନ୍ତ ହୋଇଯିବ ଏବଂ ଆସନ୍ତା ପଂଚାୟତ ନିର୍ବାଚନରେ କଳାହାଣ୍ଡିରେ ଖାତା ଖୋଲି ପାରିବ ନାହିଁ ବୋଲି ଏକ ଗଣମାଧ୍ୟମରେ ଦୃଢୋକ୍ତି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଏକଦା କଳହାଣ୍ଡିରେ ବିଜେଡି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ରହିଥିଲା ହେଲେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଏବଂ ଦିବ୍ୟଶଙ୍କର ମିଶ୍ରଙ୍କ ଅହିନକୁଳ ସଂପର୍କ ଏବଂ ପରସ୍ପର ଗୋଛି କଟା ନୀତି ଯୋଗୁଁ ଆଜି କଳହାଣ୍ଡି ବିଜେଡ଼ି ଶ୍ରୀହୀନ ହେବାକୁ ବସିଛି। କେବଳ ଗୁଣ୍ଡା, ଟାଉଟର, ଓ ଡ଼କାୟତମାନଙ୍କ ଗୁରୁତ୍ୱ ବଢୁଛି , ଭଦ୍ରଲୋକଙ୍କ ସ୍ଥାନ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଜିଲ୍ଲାର ବିଜେଡ଼ି ସଭାପତି ବିଧାୟକ ପ୍ରଦୀପ ଦିଶାରୀ ସଦର ମହକୁମାର ଠାରୁ ୧୨୦ କିଲୋମିଟରରେ ରହି ରିମୋଟ କଣ୍ଟ୍ରୋଲ କରିବାକୁ କରୁଛନ୍ତି । ଯାହା ସମ୍ଭବପର ନୁହେଁ । ଶ୍ରୀ ଦିଶାରୀ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଏବଂ ତାଙ୍କ ଭାଇଙ୍କ ଗୁଲାମୀ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଦଳର ସୁପ୍ରିମୋ ଯଦି କଳାହାଣ୍ଡିକୁ ସଜାଡ଼ିବାକୁ ଚେଷ୍ଟା ନ ?କରିନ୍ତି ତେବେ ଆସନ୍ତା ନିର୍ବାଚନ ବେଳକୁ କଳାହାଣ୍ଡିରେ ବିଜେଡି ନଥିବ ବୋଲି ସେ କହିଥିବା ବେଳେ ସୋସିଆଲ ମିଡ଼ିଆରେ ଏହାର ଚର୍ଚ୍ଚା ଜୋର ଧରିଛି।

## ଜାତୀୟ କଂଗ୍ରେସ ଦଳର ବୁଥ୍‌ସ୍ତରୀୟ ବିଏଲ୍‌ଏ ୨ ଟ୍ରେନିଂ



**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ବି ଏଲ ଏ ୨ ର ଟ୍ରେନିଂ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି। ବୁଥ୍ ସ୍ତରୀୟ ପିସିସି ର ପର୍ଯ୍ୟବେକ୍ଷକ ଶ୍ରୀ କମଳ ଚରଣ ତାଣ୍ଡି କଂ ଅନୁପସ୍ଥିତିରେ ବରିଷ୍ଠ ନେତା ଏହାର ପରିଚାଳନା କରିଥିଲେ। ଏସ ଆଇ ଆର ର ୮ ନଂ ଫର୍ମ ଉପରେ ମୁନା ତ୍ରିପାଠୀ ସମସ୍ତଙ୍କୁ ସୂଚନା ଦେଇଥିଲେ । ଏଥିରେ ବିଏଲ ଏ ୧ ଏ ଶିବରାମ ରାଜୁ ଅଧକ୍ଷତା କରି ଥିବା ବେଳେ ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି ଶ୍ରୀ ପ୍ରହଲ୍ଲାଦ ହିଆଲ, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଶ୍ରୀ ଅବଦୁଲ ଫିରୋଜ, ନବରଙ୍ଗପୁର ନଗର କଂଗ୍ରେସ ସଭାପତି ଶ୍ରୀ ଗଣେଶ ପଟ୍ଟନାୟକ, ନଂଦାହାଣ୍ଡି ବ୍ଲକ କଂଗ୍ରେସ ଉପ ସଭାପତି ଶ୍ରୀ ବସନ୍ତ ବିଷୋୟୀ ଯୋଗଦେଇଥିଲେ ଓ ବରିଷ୍ଠ କଂଗ୍ରେସ ନେତ୍ରୀ ଶ୍ରୀମତୀ ପି ନାଗରତନାମା ଯୋଗଦେଇ ଶତାଧିକ କର୍ମୀ କୁ ଧନ୍ୟବାଦ ଦେଲେ ।

## ବନ୍ୟାଜଳରେ ଚାଷଜମିର ବ୍ୟାପକ କ୍ଷତି

**ବେଲପଡ଼ା(ଅମୃତ ମିଡିଆ):**ଲଗାଣ ବର୍ଷା ଓ ବନ୍ୟାଜଳ ପ୍ରଭାବରେ ଧୁମାଭଟା ଗ୍ରାମପଞ୍ଚାୟତ ଅଞ୍ଚଳରେ ବ୍ୟାପକ ଫସଲ କ୍ଷତି ଘଟିଛି । କ୍ଷତିଗ୍ରସ୍ତ ଚାଷଜମିର ପରିସ୍ଥିତି ଅନୁଧ୍ୟାନ ପାଇଁ ଆରଆଇ ନିଷାନ ସୁରେନ, ଭିଏଲଡବ୍ଲ୍ୟୁ ବାବୁଲାଲ ସାହୁ ଏବଂ ସରପଞ୍ଚ ବନମାଳୀ ନାଏକ ବିଭିନ୍ନ ଗାଁ ପରିଦର୍ଶନ କରିଥିଲେ । ତଦାରଖ ସମୟରେ ଧୁମାଭଟା, ଜଳିଆ, ହଟକଟ, ଖଲଖଲି, ରାଏଖାଲ, କଲଚିକଛାର, ଡାହିମାଲ ଓ ଅଏଁଲାପାଲି ସମେତ ବିଭିନ୍ନ ଗାଁରେ ଧାନ, କପା, ବିରି, ମୁଗ ଓ ଅନ୍ୟାନ୍ୟ ଫସଲ ବନ୍ୟାଜଳରେ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ଏଥିରେ ଅନେକ ଚାଷୀ ଲକ୍ଷାଧିକ ଟଙ୍କାର କ୍ଷତି ସହିଥିବା ଜଣାପଡ଼ିଛି। ପରିଦର୍ଶନ ବେଳେ ପ୍ରକାଶ ଦେଓ, ନିତ୍ୟା ଦେଓ, କୈଳାଶ ଦେଓ, ବନମାଳୀ ରାଉତ, ପ୍ରଫୁଲ୍ଲ ବୁଡେକ, ନିତ୍ୟା ବୁଡେକ, ଆଦିକନ୍ଦ ସାହୁ, ସରଧାକର ସାହୁ, ଇନ୍ଦ୍ରମଣୀ ଦେଓ, ଘନ ଦେଓ, ଭୁବନ ଦେଓ, ରୂପା ଦେଓ, ବୃଷଭ ବୁଡେକ, ପରଦେଶୀ ବୁଡେକ ଓ ଭୃଙ୍ଗରାଜ ବୁଡେକଙ୍କ ସମେତ ବହୁ ଚାଷୀଙ୍କ ଜମିରେ ବ୍ୟାପକ କ୍ଷତି ହୋଇଥିବା ଅଧିକାରୀମାନେ ଦେଖିଥିଲେ । ଏହି ପରିସ୍ଥିତିକୁ ନେଇ ଧୁମାଭଟା ସରପଞ୍ଚ ବନମାଳୀ ନାଏକ ଗଭୀର ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ଓ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି ।

## ଶକ୍ତି ସଦନ ପକ୍ଷରୁ ନାରୀ ସଚେତନତା



**କଳାହାଣ୍ଡି(ଅମୃତ ମିଡିଆ):** ଆଜି (ଶନିବାର) ଧର୍ମଗଡ଼ ସ୍ଥିତ ଜ୍ଞାନ କମ୍ପ୍ୟୁଟର କେନ୍ଦ୍ର ଠାରେ ମହିଳାଙ୍କ ସଚେତନତାକୁ ନେଇ ଭାରତୀୟ ଆଦିମ ଜାତି ସେବା ସଙ୍ଘ ଓ ଧର୍ମଗଡ ଶକ୍ତି ସଦନ କାର୍ଯ୍ୟାଳୟ ତରଫରୁ ଏକ ନାରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧର୍ମଗଡ଼ ଶକ୍ତି ସଦନର ପରିଚାଳିକା ସସ୍ମିତା ପାତ୍ର ଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଆଇନଜିବୀ କଲ୍ୟାଣୀ ନାଏକ ଓ ଜ୍ଞାନ କମ୍ପ୍ୟୁଟର କେନ୍ଦ୍ରର ନିର୍ଦ୍ଦେଶକ କମଳା କାନ୍ତ ବିହାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କ ଶିକ୍ଷା,ସୁରକ୍ଷା ଓ ଆତ୍ମ ନିର୍ଭରଶୀଳ ଉପରେ ଆଲୋଚନା କରିଥିଲେ। ମହିଳା ମାନେ କିଭଳି ଶିକ୍ଷା କ୍ଷେତ୍ରରେ କିଭଳି ଆଗକୁ ଯିବେ, ସେମାନେ କେମିତି ଆତ୍ମନିର୍ଭରଶୀଳ ହେବେ, ସ୍ୱାସ୍ଥ୍ୟର ଯତ୍ନ ନେବେ, ନିର୍ଯାତନାରୁ କିଭଳି ଦୁରେଇ ରହିବେ ତଥା ବାଲ୍ୟ ବିବାହରୁ ଦୁରେଇ ରହିବା ସହ ସରକାରଙ୍କ ତରଫରୁ ମହିଳା ମାନଙ୍କ ପାଇଁ ଥିବା ସମସ୍ତ ସୁବିଧା ସୁଯୋଗ ବିଷୟରେ ବୁଝାଇଥିଲେ। ଏହା ବ୍ୟତୀତ ବାଲ୍ୟ ବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯାତନା ସଂପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟାଳୟ ସହଯୋଗି ଦେବରାଜ ମହାନନ୍ଦ କାର୍ଯକ୍ରମ ପରିଚାଳନା କରିଥିଲେ।

# ମ୍ୟୁନିସିପାଲିଟି କର୍ମଚାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ମ୍ୟୁନିସିପାଲଟି ଅଫିସ ରେ କାର୍ଯ୍ୟରତ କର୍ମଚାରୀ ଶସିରେଖା ନାୟକ ଙ୍କୁ ପୌରପରିଷଦ ପକ୍ଷରୁ ଅବସର କାଳୀନ



ବିଦାୟୀ ସମ୍ବର୍ଧନା ଜ୍ଞାପନ କରାଯାଇଥିବା ଦେଖିବାକୁ ମିଳିଛି। ଶସିରେଖା ନାୟକ ଦୀର୍ଘ ଦିନ ଧରି ଉମରକୋଟ ପୌରପରିଷଦ ରେ ଚାକିରି କରିଥିଲେ। ଗତ ୩୧ ଜୁଲାଇ ମାସ ରେ ଚାକିରି ରୁ ଅବସର ଗ୍ରହଣ କରିଥିଲେ। ସମ୍ବର୍ଧନା ଜ୍ଞାପନ ସମୟରେ ପୌର ପରିଷଦ ଅଧକ୍ଷା ରାଧା ଭତ୍ରା, ଉପାଧକ୍ଷ ଙ୍କ ସମେତ ସମସ୍ତ କାଉନସିଲର, କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଧନା ଜ୍ଞାପନ ଶହ ଅବସର ଜୀବନ ସୁସ୍ଥ ନିରାମୟ ରହୁ ବୋଲି ଉପସ୍ଥିତ ଅତିଥି ଗଣ କହିଥିଲେ।

# ଜେନ୍ ଜେଡ୍‌ଙ୍କ ଦ୍ୱାରା ମହମ୍ମଦ ରଫି ସଙ୍ଗୀତ କାର୍ଯ୍ୟକ୍ରମ



**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ଯୁବ ବର୍ଗ ଙ୍କ ଦ୍ୱାରା ସ୍ଥାନୀୟ ସରୋଜିନୀ ମଣ୍ଡପରେ ସ୍ୱର୍ଗୀୟ ମହମ୍ମଦ ରଫିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଓଡ଼ିଶା ସଙ୍ଗୀତ ଓ ନାଟକ ଏକାଡେମୀ ର ସଦସ୍ୟ ଦେବଦାସ ମହାଙ୍କୁଡ , ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ, ସମାଜସେବୀ ଟିଙ୍କୁ ଜୈନ, ଅଧାପକ ଅଖିଳ ଭଟ୍ଟ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ରଫିଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ଅନୁଷ୍ଠିତ ସଙ୍ଗୀତ କାର୍ଯ୍ୟକ୍ରମରେ ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା ଯୁବ ବର୍ଗ ର କଳାକାର ମାନେ ସ୍ୱର୍ଗତ ରଫିଙ୍କ ମନଛୁଆଁ ଗୀତ ପରିବେଷଣ କରିଥିଲେ। ପ୍ରଥମ ଥର କେବଳ ଯୁବ ବର୍ଗ ର କଳାକାର ମାନେ ଗୀତ ପରିବେଷଣ କରିବା ସହ ଯନ୍ତ୍ର ସଙ୍ଗୀତ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ଜଣାଶୁଣା ଗାୟକ, ଗାୟିକା, ସଙ୍ଗୀତ ନିର୍ଦ୍ଦେଶକ, ସାହିତ୍ୟକ ଉପସ୍ଥିତ ରହି ଯୁବ ବର୍ଗ କୁ ଉତ୍ସାହିତ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଟିକି ସୁନା ଏବଂ ବରିଷ୍ଟ କଳାକାର କପିଲ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ଗାୟକ ଶିବ ପ୍ରସାଦ ମହାପାତ୍ର, କୁମାର ସମର ପ୍ରମୁଖ ସହୋଜଗ କରିଥିବା ବେଳେ ଶିବ କିଷାନ୍ ପାତ୍ର, ନବ କିଶୋର, ନିହାର ଟାକ୍ରି, ପ୍ରୀତମ ଡାଲି, ଟି. ନିବେଦିତା, ନିବେଦିତା ପଟ୍ଟନାୟକ , ବେବି ଡାଲି, ଜୟଶ୍ରୀ ମହାରଣା , କସ୍ତୁରୀ ଭତରା ପ୍ରମୁଖ ଗୀତ ପରିବେଷଣ କରିଥିଲେ ଏବଂ ତରୁଣ ପାଣି, ଲିଟିଲ୍ ସୁନା,ଆଦି, ଜାଲାଲୁଦ୍ଦିନ, କିର୍ଥାଥ , ଭଟ୍ଟ ପ୍ରମୁଖ ଯନ୍ତ୍ର ସଙ୍ଗୀତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଦେଖିବାକୁ ଅନେକ ସଙ୍ଗୀତ ପ୍ରେମୀ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ।

# ଲଗାଣ ବର୍ଷା ଯୋଗୁଁ ତେଲନଦୀରେ ବନ୍ୟା

### ୫୦୦ ହେକ୍ଟର ଜମି ଜଳମଗ୍ନ

**କଳାହାଣ୍ଡି(ଅମୃତ ମିଡିଆ):** ଲଗାଣ ବର୍ଷା ଓ ତେଲ ନଦୀରେ ବନ୍ୟା କେସିଙ୍ଗା ସଦର ପରିସ୍ଥିତି ଯୋଗୁଁ କେସିଙ୍ଗା ଓ ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ତେଲ ନଦୀର ଜଳସ୍ତର ବିପଦସଙ୍କେତ ଉପରକୁ ଉଠିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷା ଯୋଗୁଁ ବେଲଖଣ୍ଡି, ସିର୍ଜାପାଲି ଓ ହାତୀଖୋଜ ପଞ୍ଚାୟତ ଅଧୀନ ପ୍ରାୟ ୫୦୦ ହେକ୍ଟର ଜମି ଜଳମଗ୍ନ ହୋଇଛି। ଫଳରେ ଧାନ ଫସଲ କ୍ଷତି ହେବାର ଆଶଙ୍କା ଦେଖାଦେଇଛି। ବେଲଖଣ୍ଡି, ତୁର୍ଲାଖମନ, ହାତୀଖୋଜ, ସିର୍ଜାପାଲି, ନୁନମାଠ ସମେତ କେସିଙ୍ଗା ବ୍ଲକର ଅନେକ ପଞ୍ଚାୟତର ବାହାଲ ଜମିରେ ପାଣି ଜମି ରହିଛି। ଜଳ ନିଷ୍କାସନ ହୋଇନପାରିବାରୁ ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବା ସହ ଧାନ ଗଜା ନଷ୍ଟ ହେବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଚାଷୀଙ୍କ କ୍ଷୟକ୍ଷତିକୁ ଆକଳନ କରି ସହାୟତା



ଯୋଗାଇବାକୁ ଦାବି ହୋଇଛି ।ଅନ୍ୟପକ୍ଷେ ସହରର ତଳିଆ ଅଞ୍ଚଳରେ ପାଣି ପଶିବା ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ରେଳ ଅଣ୍ଡରବ୍ରିଜରେ ପ୍ରାୟ ୫ ଫୁଟ ପାଣି ଜମିଥିବାରୁ ଏନ୍ ?ଏଚ୍-୨୬ରେ ଯାତାୟତ ବନ୍ଦ ହୋଇଯାଇଥିଲା। ଉଭୟ ପାର୍ଶ୍ୱରେ ଯାନବାହାନ ଅଟକିଥିବା ଦେଖି ରେଳ ଅଧିକାରୀଙ୍କ ସହ ଆଲୋଚନା କରି ବନ୍ଦଥିବା ରେଳ ଫାଟକ ଖୋଲାଯାଇଥିଲା। ବ୍ଲକର ବେଲଖଣ୍ଡି, ସିର୍ଜାପାଲି ଓ ହାତୀଖୋଜ ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଛି। ରାସ୍ତାଘାଟ ଜଳମଗ୍ନ ହୋଇପଡିଥିବାରୁ ଗମନାଗମନରେ ବାଧାପ୍ରାପ୍ତହୋଇଛି। ବନ୍ୟା ପରିସ୍ଥିତିକୁ ନେଇ ଜିଲ୍ଲାପାଳ ସଚିନ ପାୱାର, ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ ସେନାପତି, ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡିଓ ଜନ୍ମଜୟ ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀ ବ୍ଲକର ବିଭିନ୍ନ ପ୍ରଭାବିତ ଗ୍ରାମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। କେସିଙ୍ଗା ବ୍ଲକର ୧୦ଟି ପଞ୍ଚାୟତ ଅଧୀନ ୫୧ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଇନ୍ଦ୍ରାବତୀ କେନାଲ ବିଭାଗରେ ବ୍ୟାପକ ଦୁର୍ନୀତି

### ବିନା ଟେଣ୍ଡର ଓ ସୂଚନା ଫଳକରେ ଚାଲିଛି କାମ, ଭିଜିଲାନ୍ସ ତଦନ୍ତ ଦାବି




**କଳାହାଣ୍ଡି(ଅମୃତ ମିଡିଆ):** ଉପର ଇନ୍ଦ୍ରାବତୀ ବାମ କେନାଲ ବିଭାଜନ ନଂ-୨ ଧର୍ମଗଡ଼ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବେ ଦୁର୍ନୀତିର ପେଣ୍ଠସ୍ଥଳ ପାଲଟିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଏହି ବିଭାଗଟି ଏବେ କେତେକ ନିର୍ଦ୍ଦିଷ୍ଟ ଦଳୀୟ କର୍ମୀ ଓ ଠିକାଦାରଙ୍କ ପାଇଁ 'ସୁନା ଅଣ୍ଡା ଦିଆ କୁକୁଡ଼ା' ସାଜିଥିବା ଚର୍ଚ୍ଚା ହେଉଛି। ସରକାରୀ ନିୟମକୁ ଜଳାଞ୍ଜଳି ଦେଇ କେବଳ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ଓ ସେମାନଙ୍କ ଅନୁଗତମାନଙ୍କୁ ଖୁସି କରିବା ପାଇଁ ଏଠାରେ ବ୍ୟାପକ ଭାବେ ଠିକା ବଣ୍ଟନ କରାଯାଉଥିବା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି ।ମିଳିଥିବା ସୂଚନା ଅନୁଯାୟୀ, ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ନିରପେକ୍ଷ ଭାବେ କାମ ନକରି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀ ଏବଂ ସ୍ଥାନୀୟ ବିଧାୟକଙ୍କ ଆସ୍ଥାଭାଜନ ଲୋକଙ୍କୁ ସିଧାସଳଖ କାର୍ଯ୍ୟାଦେଶ ଯୋଗାଇ ଦେଉଛନ୍ତି। ଏପରିକି ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀଙ୍କ କହିବା ମୁତାବକ 'ଦଳୀୟ କର୍ମୀ କିମ୍ବା ବିଧାୟକଙ୍କ ଖାସ୍ ଲୋକ ହୋଇଥିଲେ ପ୍ରସ୍ତାବ ଆଣନ୍ତୁ ଏବଂ କାମର ଓ୍ୱାର୍କ ଅର୍ଡର ନେଇଯାଆନ୍ତୁ' ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାଦ୍ୱାରା ଯୋଗ୍ୟ ଓ ସାଧାରଣ ଠିକାଦାରମାନେ ପାତରଅନ୍ତରର ଶିକାର ହେଉଛନ୍ତି ।ସରକାରୀ ନିୟମ ଅନୁସାରେ ଯେକୌଣସି ନିର୍ମାଣ କାର୍ଯ୍ୟ ସ୍ଥଳରେ ପ୍ରକଳ୍ପର ବ୍ୟୟ ଅଟକଳ ଏବଂ ସୂଚନା ଫଳକ ରହିବା ବାଧ୍ୟତାମୂଳକ। ମାତ୍ର ଏହି ବିଭାଗ ଅଧୀନରେ ଚାଲିଥିବା ଅନେକ କେନାଲ ନିର୍ମାଣ ଓ ସଫେଇ କାର୍ଯ୍ୟରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଯେ, କେତେକ ସ୍ଥାନରେ ବିନା ଏଷ୍ଟିମେଣ୍ଟ ରେ ମଧ୍ୟ ବେଆଇନ ଭାବେ ସରକାରୀ କାମ ଚାଲିଥିବା ଜଣାପଡ଼ିଛି। ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀମାନେ କାର୍ଯ୍ୟସ୍ଥଳକୁ ନଯାଇ ଅଫିସରେ ବସି ରହୁଥିବାରୁ କେନାଲ କାମ ଅତି ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ସରକାରୀ ଅର୍ଥର ଏଭଳି ହରିଲୁଟ୍‌କୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମଗ୍ର ଘଟଣାର ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ କରାଗଲେ ଅନେକ ବଡ଼ ବଡ଼ ଦୁର୍ନୀତିର ପର୍ଦ୍ଦାଫାଶ ହେବ ବୋଲି ସାଧାରଣରେ ଦାବି ହେଉଛି।

## ପୁଣି ସକ୍ରିୟ ଡିକିଭଙ୍ଗା ଲୁଟେରା ଗ୍ୟାଙ୍ଗ୍

**କଣ୍ଟାବାଞ୍ଜି(ଅମୃତ ମିଡିଆ):** କଣ୍ଟାବାଞ୍ଜି ସହରରେ କିଛି ଦିନର ନିରବତା ପରେ ପୁଣିଥରେ ଡିକି ଭାଙ୍ଗି ଲୁଟ କରୁଥିବା ଗ୍ୟାଙ୍ଗ୍ ସକ୍ରିୟ ହୋଇଥିବା ଘଟଣା ସାମ୍ନାକୁ ଆସିଛି । ସହରର ଦୁଇ ନମ୍ବର ରୋଡ୍‌ରେ ଥିବା ଏକ ବାଇକ୍‌ର ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୫୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ତୁରେକେଲା ବ୍ଲକ୍‌ର କୁଇବହାଲ ଗ୍ରାମର ତ୍ରିବେଣୀ ସ୍ୱୟଂ ସହାୟକ ଗୋଷ୍ଠୀର କିଛି ମହିଳା ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ଏହାକୁ ବାଇକ୍‌ର ଡିକିରେ ରଖିଥିଲେ। ପରେ ସେମାନେ ନିକଟସ୍ଥ ଏକ ମୁଢି ଠେଲାରେ ଜଳଖିଆ କରୁଥିବା ବେଳେ, ପୂର୍ବରୁ ନଜର ରଖିଥିବା ଲୁଟେରାମାନେ ସୁଯୋଗର ସଦ୍‌ବ୍ୟବହାର କରି ଡିକି ଖୋଲି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏହି ସମଗ୍ର ଘଟଣା ନିକଟସ୍ଥ ଏକ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଖବର ପାଇ କଣ୍ଟାବାଞ୍ଜି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍‌କୁ ଆଧାର କରି ଅଭିଯୁକ୍ତମାନଙ୍କ ପରିଚୟ ଚିହ୍ନଟ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି କଣ୍ଟାବାଞ୍ଜି ଥାନା ଅଧିକାରୀ ଗୋପାଳ କର୍ଣ୍ଣ ସୂଚନା ଦେଇଛନ୍ତି। ସହରରେ ପୁଣିଥରେ ଏଭଳି ଡିକି ଭଙ୍ଗା ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ ହୋଇଥିବାରୁ ବ୍ୟାଙ୍କରୁ ଟଙ୍କା ଉଠାଇବା ପରେ ସାଧାରଣ ଲୋକଙ୍କୁ ଅଧିକ ସତର୍କ ରହିବା ସହ ଗାଡ଼ିର ଡିକିରେ ନଗଦ ଟଙ୍କା ରଖି ଅସୁରକ୍ଷିତ ଭାବେ ଛାଡ଼ି ନଯିବାକୁ ପୁଲିସ ପରାମର୍ଶ ଦେଇଛି।

### ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

# ୮୦ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ

### ■ ୧୦୦ ଜଣଙ୍କୁ ମାଗଣା ଚଷମା ବଣ୍ଟନ




**କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ସ୍ୱର୍ଗତ ଡାକ୍ତର ନେକିରାମ ଅଗ୍ରୱାଲଙ୍କ ସ୍ମୃତିରେ କଣ୍ଟାବାଞ୍ଜି ପ୍ରେସ କ୍ଲବ, ମାରୱାଡ଼ି ଯୁବା ମଞ୍ଚ (ବିକାଶ ଶାଖା) ଏବଂ ଏସସିଡି ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ କଣ୍ଟାବାଞ୍ଜି ହରିଭବନଠାରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଏଭଳି ଜନହିତକର ସେବା କାର୍ଯ୍ୟ ପାଇଁ ଆୟୋଜକ ମାନଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ବରିୟାମ ସିଂହ ସାଲୁଜା, ପ୍ରେସ କ୍ଲବ ସଭାପତି ପ୍ରଭଜିତ ସିଂହ ସାଲୁଜା, ସମ୍ପାଦକ ସୁରଦାସ ବାଗ, ମାରୱାଡି ଯୁବା ମଞ୍ଚ ବିକାଶ ଶାଖାର ସମ୍ପାଦକ ଅଭିଷେକ ଅଗ୍ରୱାଲ, ଡାକ୍ତର ନେକିରାମ ଅଗ୍ରୱାଲଙ୍କ ପରିବାର ସଦସ୍ୟ ତଥା ପ୍ରେସ କ୍ଲବ ପରାମର୍ଶଦାତା ଆଶିଷ ଖଇତାନ ଏବଂ ଏସସିଡି ଚକ୍ଷୁ ଚିକିତ୍ସାଳୟର ଡାକ୍ତର ପରେଶ ରଞ୍ଜନ ସାଗର ମଞ୍ଚାସୀନ ଥିଲେ। ଏହି ଶିବିରରେ ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା ବ୍ଲକ ସମେତ ଆଖପାଖ ଅଞ୍ଚଳର ଶତାଧିକ ଲୋକ ନିଶୁଳ୍କ ଚକ୍ଷୁ ପରୀକ୍ଷା କରାଇଥିଲେ। ଆଧୁନିକ କମ୍ପ୍ୟୁଟରାଇଜ୍ଡ ଆଖି ପରୀକ୍ଷା ମଧ୍ୟ କରାଯାଇଥିଲା। ପରୀକ୍ଷା ସମୟରେ ୮୦ ଜଣଙ୍କ ଠାରେ ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କର ନିଶୁଳ୍କ ଅସ୍ତ୍ରୋପଚାର କରାଯିବ ବୋଲି ଆୟୋଜକ ମାନେ ସୂଚନା ଦେଇଥିଲେ। ଏହାସହ ପ୍ରାୟ ୧୦୦ ଜଣ ହିତାଧିକାରୀଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ଶିବିରର ମଂଚ ପରିଚାଳନା ପ୍ରେସ କ୍ଲବ କୋଷାଧକ୍ଷ ହନି ସିଂହ ମାଖିଜା କରିଥିବା ବେଳେ ପ୍ରେସ କ୍ଲବର ଉପସଭାପତି ମନୋଜ ଶର୍ମା, ଅଫିସ ସମ୍ପାଦକ ବିଶିକେଶନ ମାଝି, ସଦସ୍ୟ ଜଗମୋହନ ତାଣ୍ଡି, ପ୍ରତୀକ ଦାସ, ଦେବେଶ ସିଙ୍ଗଲ ଏବଂ ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖାର ନିଖିଲ ଅଗ୍ରୱାଲ, ନବନୀତ ଅଗ୍ରୱାଲ, ଆଜାଦ ବଂଶଲ, ମୟଙ୍କ ଜୈନଙ୍କ ସମେତ ସ୍ୱେଚ୍ଛାସେବୀ ପ୍ରମୋଦ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

ସମ୍ପାଦକୀୟ...

# ବିପଦରେ ବାଲେନ୍ ସରକାର

ନେପାଳରେ ମହାବିଭ୍ରାଟ। ଯଦି ଏକ ସୀମିତ ସମୟ ମଧ୍ୟରେ ଏହାର ସମାଧାନ ନ ହୁଏ ,ତେବେ ଆଗାମୀ ସମୟରେ ପରିସ୍ଥିତି ନେପାଳରେ ଅତି ଉତ୍କଟ ରୂପ ଧାରଣ କରିପାରେ । ଯାହାକୁ ଆୟତ୍ତ କରିବାକୁ ଶତଚେଷ୍ଟା କରି ବି ଫେଲ୍ ମାରିବେ ନେପାଳ ସରକାର। ନେପାଳରେ ଏବେ ବାଲେନ୍ ଶାହଙ୍କ ସରକାର। ତେବେ ନେପାଳରେ ଏବେ ରାଷ୍ଟ୍ରପତି ଦାୟିତ୍ୱରେ ଅଛନ୍ତି ରାମଚନ୍ଦ୍ର ପୌଡେଲ୍ ଯେ କି ଦେଶର ବର୍ତ୍ତମାନ ସ୍ଥିତି ଉପରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଦେଶରେ ଏବେ ଯେଉଁ ନିଆଁ ଲାଗିଛି ଯଦି ସଠିକ୍ ସମୟରେ ସେହି ନିଆଁକୁ ଆୟତ୍ତ କରାନଯାଏ, ତେବେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରା ନେପାଳ ଆକାଶକୁ ଆଚ୍ଛାଦନ କରିବ ସେହି ନିଆଁ। ନେପାଳର କୋଷୀ ରାଜ୍ୟର ସୁନସାରୀ ଜିଲ୍ଲାରୁ ଆରମ୍ଭ ହୋଇଥିବା ଏହି ଦଙ୍ଗାନିଆଁ ଏବେ ଧୀରେ ଧୀରେ ସାରା ନେପାଳକୁ ବ୍ୟାପିବାରେ ଲାଗିଛି। ବିଶେଷକରି ନେପାଳର ଦକ୍ଷିଣପୂର୍ବାଞ୍ଚଳରୁ ଆରମ୍ଭ ହୋଇଥିବା ଏହି ନିଆଁର ପ୍ରକୋପ ଏବେ ପୂରା ନେପାଳରେ ତା'ର କୁପ୍ରଭାବ ପକାଇବା ଆରମ୍ଭ କରିଦେଲାଣି। ଯାହାର ଅନ୍ତ ନେଇ ଅତି ଗଭୀର ଭାବେ ଚିନ୍ତା ଆରମ୍ଭ କରିଦେଲେଣି ବାଲେନ୍ ସରକାର। ତେବେ ଏହିଭଳି ଖାଲି ଯଦି ଚିନ୍ତା କରୁଥିବେ, ତେବେ ଆଗକୁ ନେପାଳର ପରିସ୍ଥିତି ଅତି ଗମ୍ଭୀର ରୂପ ଧାରଣ କରିପାରେ। ବାଲେନ ଶାହ ଯେ କି ନେପାଳର ପ୍ରଧାନମନ୍ତ୍ରୀ ସେ ତ ନିର୍ବାଚନ ଜିତିବା ପୂର୍ବରୁ ଭାରି ବଡ଼ ବଡ଼ କଥା କହୁଥିଲେ, ନେପାଳବାସୀଙ୍କୁ ଭାରି ବଡ଼ ବଡ଼ ପ୍ରତିଶ୍ରୁତି ଦେଉଥିଲେ ଅଥଚ ନେପାଳରେ ବର୍ତ୍ତମାନ ଯେଭଳି ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଯାହାକୁ ଆୟତ୍ତ କରିବାରେ ବାଲେନ ସରକାର ଏକପ୍ରକାର ବିଫଳ ହୋଇଛି ବୋଲି କୁହାଯାଇପାରେ। ଯାହାର ସୁଯୋଗ ନେଇ ବିରୋଧୀ ଏବେ ପୂରାପୂରି ଘେରି ଗଲେଣି। ବିରୋଧୀଙ୍କ ବିରୋଧାଭାଷରୁ ବର୍ତ୍ତିବା ପାଇଁ , ବିରୋଧୀଙ୍କ ପଞ୍ଜାରୁ ମୁକୁଳିବା ପାଇଁ ଏବେ ଫୁଲ୍ କସରତ୍ କରୁଛନ୍ତି ବାଲେନ୍ ସରକାର। ଏପରିକି ନିଜ ଦଳରୁ ମଧ୍ୟ ବିରୋଧାଭାଷର ସାମ୍ନା କରୁଛନ୍ତି ସରକାର। କାରଣ ନେପାଳରେ ଉପୁଜିଥିବା ଏହି ଦଙ୍ଗା ହିନ୍ଦୁ-ମୁସଲମାନ କୈନ୍ଦ୍ରିକ ଯାହାକୁ ନେଇ ଏସିଆ ମହାଦେଶର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ସମୟରେ ବିବାଦ ସୃଷ୍ଟି ହୋଇଛି । ଯାହାର ପରିଣାମ ଯେ ପରବର୍ତ୍ତୀ ସମୟରେ ଗମ୍ଭୀର ରୂପ ଧାରଣ କରିଛି, ଉଗ୍ରରୂପ ଧାରଣ କରିଛି, ଏ କଥାକୁ ମଧ୍ୟ ସ୍ୱୀକାର କରାଯାଇପାରେ। ତେବେ ମହାଦେଶର ହିନ୍ଦୁ ମୁସଲିମ୍ ପ୍ରବଣ ଅଞ୍ଚଳରେ ଏହିଭଳି ଦଙ୍ଗା ପ୍ରବଣ ଘଟଣା ଅନେକ ସମୟରେ ପରିଲକ୍ଷିତ ହୋଇଥାଏ ଯାହାକି ଏକ ପାପ ପରମ୍ପରାରେ ପରିଣତ ହୋଇଛି। ସେହି କାରଣରୁ ପ୍ରାୟତଃ ହିନ୍ଦୁ- ମୁସଲାମାନଙ୍କ ମଧ୍ୟରେ ବିଭିନ୍ନ ସମୟରେ ଏସିଆର ବିଭିନ୍ନ ପ୍ରାନ୍ତରେ ଜାତିଗତ ଦଙ୍ଗା ଏବଂ ଧର୍ମଗତ ଦଙ୍ଗା କାରଣରୁ କଳିଗୋଳ ଏବଂ ମାରପିଟ୍ ଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯେଉଁଥିରେ କେବେ କେବେ ଶତାଧିକ ମୁଣ୍ଡ ଗଡ଼ିଛି। ଏଇ ଯେମିତି ନେପାଳରେ ଦଙ୍ଗାରେ ଏବେ ସୁଦ୍ଧା ତିନିଜଣଙ୍କର ମୁଣ୍ଡ ଗଡ଼ିଲାଣି। ଦଙ୍ଗାରେ ଗୁରୁତର ପ୍ରଭାବିତ ଙ୍କ ସଂଖ୍ୟା ବି କିଛି କମ୍ ନୁହେଁ। ସେମାନଙ୍କ ମଧ୍ୟରୁ ଆଗକୁ ବି କେତେକଙ୍କ୍ର ମଧ୍ୟ ଅତି ସହଜ ମୃତ୍ୟୁ ହୋଇପାରେ। ଗୋଟାଏ ମନ୍ଦିରର ସରକାରୀ ଜମିପଡ଼ିଆରେ ସ୍ଥାନୀୟ କିଛି ମୁସଲିମ୍ ଲୋକଙ୍କ ଦ୍ୱାରା ଲଗାଯାଇଥିବା ଗୋଟାଏ ପତାକାହଟାଗଲା ପରେ ସେହି ପଡ଼ିଆରୁ ପରେ ହିନ୍ଦୁ ଯୁବକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବୋଲ୍‌ବମ୍ ଯାତ୍ରାରମ୍ଭ ସମୟରେ ମୁସଲିମ୍ ଲୋକଙ୍କ ଦ୍ୱାରା ଅଚାନକ କରାଯାଇଥିବା ସଙ୍ଘବଦ୍ଧ ଆକ୍ରମଣକୁ ନେଇ ଏବେ ନେପାଳରେ ହିନ୍ଦୁ-ମୁସଲମାନ ଝଗଡ଼ା ଅତି ଉଗ୍ରରୁପ ଧାରଣ କରିବାରେ ଲାଗିଛି ଯାହାକୁ ନେଇ ବାଲେନ ସରକାର ପୋଲିସ୍ ପ୍ରଶାସନକୁ ସଜାଗ କରିବା ସହ ସେନାକୁ ମଧ୍ୟ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରିଛନ୍ତି। ତେବେ ଏ କ୍ଷେତ୍ରରେ ସାମାନ୍ୟ ଅବହେଳା ଆଗାମୀ ସମୟରେ ନେପାଳରେ ସୃଷ୍ଟି କରିପାରେ ଗମ୍ଭୀର ଆଇନ୍‌ଶୃଙ୍ଖଳା ପରିସ୍ଥିତି ଯାହାପାଇଁ ଦାୟୀ ରହିବେ ନେପାଳ ସରକାର।

ଜ୍ଞାନାମୃତ

## ବୁଦ୍ଧିବଳ

ଗୋଟାଏ ପକ୍ଷୀଦଳ ସକାଳୁ ସକାଳୁ ଆରମ୍ଭ କରିଥିଲେ ତାଙ୍କ ଯାତ୍ରା। ଲକ୍ଷ୍ୟ ତ ଥାଏ ତଥାପି ତାଙ୍କ ଯାତ୍ରା ସରୁ ନଥାଏ। ପକ୍ଷୀଦଳଙ୍କ ଯାତ୍ରା ବୋଧହୁଏ ଥିଲା ବହୁତ ଲମ୍ବା। ତେବେ ସେମାନେ କୁଆଡ଼େ ଯାଉଥାଆନ୍ତି କେଜାଣି ? ସମସ୍ତ ପକ୍ଷୀଙ୍କୁ ମଧ୍ୟ ତାହା ଜଣା ନଥାଏ। ବୋଧହୁଏ ଗୋଟାଏ ଲମ୍ବା ଯାତ୍ରା କିମ୍ବା ଗୋଟାଏ ବହୁତ ବଡ଼ ଯାତ୍ରାରେ ବାହାରିଥିଲେ ସେମାନେ। ହସ ଖୁସିରେ ଯାଉ ଯାଉ ବହୁ ଦୂରକୁ ଚାଲି ଯାଇଥିଲେ ସେମାନେ। ସମ୍ଭବତଃ ସେମାନଙ୍କ ଯାତ୍ରା ପଥରୁ ଓହରିଯାଇ କିଛି ଆଗକୁ ଚାଲିଯାଇଥିଲେ ସେମାନେ। ହୁଏତ ସେମାନଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ଭିନ୍ନ ରାସ୍ତାରେ କିଛି ଆଗକୁ ଚାଲି ଯାଇଥିଲେ ସେମାନେ। ଯାହା ହେଉ.. ଉଡ଼ାଣ କିନ୍ତୁ ଜାରି ରହିଥିଲା ସେହି ପକ୍ଷୀ ଦଳର। ଖରାଦିନର କଥା। ଆକାଶରେ ଖରା ମୁଣ୍ଡ ଉପରକୁ ଉଠିଗଲାଣି। ଖରାଦିନର ଏତେ ଖରା ପରେ ବି ସେମାନଙ୍କ ଯାତ୍ରା ସରୁ ନଥାଏ। ହଠାତ୍ ସେମାନଙ୍କ ମଧ୍ୟରୁ ବୁଢ଼ା ପକ୍ଷୀଟିଏ ଆଉ ଉଡ଼ି ନପାରି ପୂରା ହାଲିଆ ହୋଇପଡ଼ିଲା। ତଳକୁ ଖସିବାର ଉଦ୍ୟମ ଆରମ୍ଭ କରିଦେଲା। ଅନ୍ୟମାନେ ବି ପ୍ରାୟ ସେହିଭଳି ସ୍ଥିତିକୁ ଆସିଗଲେଣି। ହେଲେ କ'ଣ କରିବେ । ଲକ୍ଷ୍ୟପଥ ଏବେ ବି ରହିଛି ଆହୁରି ଦୂରରେ । ତେବେ ସାଥୀମାନଙ୍କର ଥକ୍କାପଣକୁ ଲକ୍ଷ୍ୟରେ ରଖି ଦଳର ମୁଖିଆ ବି ଚିନ୍ତାରେ । କ'ଣ କରାଯିବ ? ଏବେ ସମସ୍ତେ ପ୍ରାୟ ହାଲିଆ। ଉଡ଼ି ଉଡ଼ି ଏତେ ବାଟ ଆସିଲା ପରେ ଯେ କେହି ବି ହାଲିଆ ହେବା ସ୍ୱାଭାବିକ। ଏବେ କ'ଣ କରିବେ କୁଆଡ଼େ ଯିବେ ? ଏହି ଚିନ୍ତାରେ ସମସ୍ତେ ପଡ଼ିଗଲେ। କିଛି ସମୟ ପାଇଁ କାଉଦଳ ଉଡ଼ା ବନ୍ଦକରି ନିକଟରେ ଥିବା ଗୋଟାଏ ବଡ ଗଛରେ ବସିଗଲେ। ସମସ୍ତେ ଗଛରେ କିଛି ସମୟ ପାଇଁ ବସିଗଲା ପରେ ପ୍ରଥମେ ସେମାନେ ତାଙ୍କର ଥକ୍କା ମେଣ୍ଟାଇଲେ। ପରେ ପୁଣି ସେହି ଦଳ ସେମାନଙ୍କ ଗନ୍ତବ୍ୟ ପଥରେ ଉଡ଼ିବା ପାଇଁ ସ୍ଥିର କଲେ। ତେବେ ସେହି ପକ୍ଷୀ ଦଳ ଭିତରେ ଦୁଇଟା ବୃଦ୍ଧ କାଉ ରହିଯାଇଥିଲେ। ସେମାନେ ଆଗକୁ ଆଉ ଉଡ଼ିବା ଅବସ୍ଥାରେ ନଥିଲେ। ପ୍ରଥମତଃ ସେମାନେ ବହୁତ ବାଟ ଉଡ଼ି ଉଡି ହାଲିଆ ହୋଇଯାଇଥିଲେ। ଦ୍ୱିତୀୟରେ ସେମାନଙ୍କୁ ଏତେ ଜୋର୍‌ରେ ଶୋଷ ଲାଗୁଥିଲା ଯେ ସେମାନେ ଆଉ ଟିକିଏ ବି ଉଡ଼ିବା ଅବସ୍ଥାରେ ନଥିଲେ। ବରିଷ୍ଠ ପକ୍ଷୀମାନଙ୍କର ଏପରି ସ୍ଥିତି ଦେଖି ବାକିମାନେ ପଡ଼ିଗଲେ ଚିନ୍ତାରେ। ଚିନ୍ତାର ବିଷୟ ଥିଲା ଯେ ନିଘଞ୍ଚ ଜଙ୍ଗଲରେ ପାଣି ବ୍ୟବସ୍ଥା। ତେବେ ହଠାତ ଅନତି ଦୁରରେ ଗୋଟାଏ କିଛି ପାତ୍ର ଥୁଆ ହୋଇଥିବାର ନଜର ପଡ଼ିଲା ପରେ ଗୋଟାଏ କାଉ ସେଠାକୁ ଯାଇ ଦେଖେ ତ ସେଥିରେ କିଛି ପାଣି ଥିଲା। ହେଲେ ପାଣି ତଳେ ଥିବା ଦେଖି ବୁଦ୍ଧି ଗୁଡୁମ। ପରେ ବୃଦ୍ଧ କାଉର ବୁଦ୍ଧି ନେଇ ଆର କାଉଟି ସେଥିରେ କିଛି ଛୋଟ ପଥରଖଣ୍ଡ ପକାଇଦେବା ପରେ ଭିତର ପାଣି ଉପରକୁ ଆସିବା ପରେ ତୃଷାର୍ତ୍ତ କାଉ ପାଣି ପିଇ ସେମାନଙ୍କ ତୃଷା ମେଣ୍ଟାଇଲେ। ବେଳେ ବେଳେ ବୁଦ୍ଧିବଳରେ କେତେକ କଷ୍ଟକର କାର୍ଯ୍ୟ ବି ସହଜ ହୋଇଯାଇଥାଏ। ଅସମ୍ଭବ କାର୍ଯ୍ୟ ମଧ୍ୟ ସମ୍ଭବ ହୋଇଯାଏ।

# ଆଦିବାସୀ ସଂସ୍କୃତି ଓ ଜଗନ୍ନାଥ



ଉମାଶଙ୍କର ପ୍ରସାଦ

ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଜଣାଯାଏ ଓଡ଼ିଶାର ମୂଳ ସଂସ୍କୃତି ହେଉଛି ଆଦିବାସୀ ସଂସ୍କୃତି। ଏହି ଆଦିମ ଜାତିକୁ ଅନେକ ଅଷ୍ଟ୍ରିକ ବୋଲି କହିଛନ୍ତି। ଅଭିଲେଖମାନଙ୍କରେ ସେମାନଙ୍କୁ ଆଟବିକ ବୋଲି କୁହାଯାଇଛି। ଆମେ କହୁଚୁ ଆଦିବାସୀ। ଆମର ଧର୍ମ, କର୍ମ,ଶ୍ରାଦ୍ଧ, ବିବାହ, ସନ୍ତାନ ଜନ୍ମ, ମୃତ୍ୟୁ ପ୍ରଭୃତିରେ ଆଦିବାସୀ ପ୍ରଭାବ ବ୍ୟାପକ ଭାବରେ ରହିଅଛି। ଆମେ ସେମାନଙ୍କଠାରୁ ଜନ୍ମାନ୍ତରବାଦ, ପରଲୋକ ଧାରଣା, ପ୍ରେତତତ୍ତ୍ୱ, ପିତୃ ତର୍ପଣ, ପିଣ୍ଡଦାନ ଓ ବହୁ ଓଷାବ୍ରତ ପ୍ରଭୃତି ଗ୍ରହଣ କରିଅଛୁ। ଗ୍ରାମ ଦେବତା ପୂଜା, ଲିଙ୍ଗ ପୂଜା, ନାଗ ପୂଜା, ଇନ୍ଦ୍ର ପୂଜା ମୂଳତଃ ସେଇମାନଙ୍କର। ଯଦି ଆମେ ଶବ୍ଦ ଭଣ୍ଡାରକୁ ଦେଖିବା ତେବେ ଆମ ତୋଷାଳି, କଳିଙ୍ଗ ଧଉଳି ଓ ଉତ୍କଳ ପ୍ରଭୃତି ଶବ୍ଦ ମୂଳତଃ ଆଦିବାସୀ।

ଏକ ଧାରାରେ ଓଡ଼ିଶା ଉତର ଭାରତ ଓ ଦକ୍ଷିଣ ଭାରତର ସଂଯୋଗ ସେତୁ ସହ ଆର୍ଯ୍ୟ, ଦ୍ରାବିଡ଼ ଶାବର ସଂସ୍କୃତିର ମନୋଜ୍ଞ ସମନ୍ୱୟ। କେବଳ ଭୌଗଳିକ ଦୃଷ୍ଟି କୋଣରୁ ନୁହେଁ - ଚିନ୍ତା ଚେତନା, ଦୃଷ୍ଟି ଦର୍ଶନ, ଧର୍ମଭାବନା, ରୀତି ନୀତି, ଆଚାର ବିଚାର କରି ଦେଖିଲେ ଓଡ଼ିଶା ହେଉଛି ସମଗ୍ର ଭାରତ ବର୍ଷରେ ଏକ ମନୋଜ୍ଞ ସମନ୍ୱୟ କ୍ଷେତ୍ର। ଏହା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସଂସ୍କୃତି ସହଆସି ସେଥିରୁ ଭଲଭାବକୁ ଗ୍ରହଣ କରିଛି, ଏବଂ ନିଜର ଅସ୍ତିତ୍ୱକୁ ବଜାୟ ରଖିଛି । ଏହାର ପରିପ୍ରକାଶ ଘଟିଛି କଳା, ଭାସ୍କର୍ଯ୍ୟ, ଶିଳ୍ପ, ସ୍ଥାପତ୍ୟ, ନୃତ୍ୟ, ଗୀତ, ସାମରିକ ଐତିହ୍ୟ ପ୍ରଭୃତି ମାଧ୍ୟମରେ। ପୋଥି ଓ ପଥର ମଧ୍ୟରେ ଆଦିବାସୀ ସଂସ୍କୃତିର ପ୍ରଭାବ ଏବେ ମଧ୍ୟ ଏ ସଂସ୍କୃତିରେ ଦୃଷ୍ଟି ଗୋଚର ହୁଏ। କୋରାପୁଟର ଶାବରୀ ନଦୀ କୂଳ ସେମାନଙ୍କର ଆଦି ବାସସ୍ଥଳ ଥିଲା। ମହେନ୍ଦ୍ରଗିରି ଏମାନଙ୍କ ଚରାଭୂଇଁ ଥିଲା। ଏମାନେ ମାଟିର ସୁଖ ଦୁଃଖ, ହାନିଲାଭ ସହ ଓତଃପ୍ରୋତ ଭାବରେ ଜଡ଼ିତ ଥିଲେ। ମହାଭାରତ ଯୁଦ୍ଧରେ ପୁତ୍ର ସହିତ ଯୋଗଦାନ କରିଥିବା କଳିଙ୍ଗରାଜ ଶ୍ରୁତାୟୁଧଙ୍କ ସେନାବାହିନୀରେ ସଂଖ୍ୟାଧିକ ଶବର ବା ପୁଳିନ୍ଦମାନେ ରହିଥିଲେ (ମହାଭାରତ, ଭୀଷ୍ମପର୍ବ, ୧୬/୬୨୩) ଶବରମାନଙ୍କ ବାସ୍ତବ ବର୍ଣ୍ଣନା କାଦମ୍ବରୀ (ପୂର୍ବଭାଗ, ପୃ୬୬-୬୭ ବରାହ ମିହିରଙ୍କ ବୃହତ୍ ସଂହିତା (୧୪/୮-୧୦) ରେ ରହିଅଛି। ଓଡ଼ିଆ ସାହିତ୍ୟରେ ସାରଳା, ବଳରାମ, ଉପେନ୍ଦ୍ର ପ୍ରଭୃତିଙ୍କ କାବ୍ୟକୃତିରେ ଶବରମାନଙ୍କ ମନୋଜ୍ଞ ବର୍ଣ୍ଣନାମାନ ପ୍ରଦାନ କରାଯାଇଛି।

ଜଗନ୍ନାଥ ହେଉଛନ୍ତି ମୂଳତଃ ଶବର ଦେବତା। କାଳକ୍ରମେ ତାଙ୍କର ଆର୍ଯ୍ୟୀକରଣ କରାଯାଇଛି। ଆର୍ଯ୍ୟୀକରଣ ପୂର୍ବରୁ ଜଗନ୍ନାଥ ଶବରମାନଙ୍କର ପ୍ରିୟ ଦେବତା ଥିଲେ। ପଣ୍ଡିତ ନୀଳକଂଠ ଜଗନ୍ନାଥଙ୍କୁ ବେଦ ପୂର୍ବର ଦେବତା ବୋଲି କହିଛନ୍ତି। ମହୋଞ୍ଜୋଦାର ଭୂମି ଖନନରୁ ମିଳିଥିବା ୧୮ ଓ ୧୯ ନମ୍ବର ଚିତ୍ରଦ୍ୱୟ ଜଗନ୍ନାଥଙ୍କ ବିଗ୍ରହର ସାଦୃଶ୍ୟ ବହନ କରିଥିବା ହେତୁ ଜଗନ୍ନାଥଙ୍କୁ ପ୍ରାକ୍ ବୈଦିକ ଦେବତାଭାବେ ଅନୁମାନ କରିବାରେ ଭୂଲ କିଛି ନାହିଁ। ଯଦି ବୈଦିକ ଯୁଗପରେ ଜଗନ୍ନାଥଙ୍କ ମୂର୍ତ୍ତୀ ପରିକଳ୍ପିତ ହୋଇଥାନ୍ତେ ତେବେ ସେ ରାମକୃଷ୍ଣଙ୍କ ପରି ଶରୀର ଧାରୀ ହୋଇଥାନ୍ତେ। ସମସାମୟିକ ବେବିଲୋନୀୟ ସଭ୍ୟତାରେ ଆଦିମ ମୂର୍ତ୍ତୀମାନଙ୍କ ସହ ଏ ମୂର୍ତ୍ତିର ସାମଞ୍ଜସ୍ୟ ରହିଥିବା ହେତୁ ଏହା ଅନୁମାନ କରିହେବ ଓ ବେଦର ପୂର୍ବଜଭାବେ ବିନା ଦ୍ୱିଧାରେ ସ୍ୱୀକାର କରାଯାଇପାରେ।

ଶବର ସଂସ୍କୃତିର ଧାରାକୁ ଅନୁକରଣ କରି ଆମେ ଜଗନ୍ନାଥଙ୍କୁ ତୁ ବୋଲି ସମ୍ବୋଧନ କରୁଛୁ। ଜଗନ୍ନାଥଙ୍କ ଯାତ୍ରା ଉତ୍ସବ, ପର୍ବ ପର୍ବାଣୀ ଓ ଆଚାର ବିଚାରରେ ସର୍ବତ୍ର ଶବର ସଂସ୍କୃତିର ପ୍ରଭାବ ରହିଛି। ଶବରମାନେ ଦେବତାଙ୍କୁ ଭୋଗ ଦେବା ସମୟରେ କୌଣସି ମନ୍ତ୍ର ପାଠ କରନ୍ତି ନାହିଁ। ଜଗନ୍ନାଥଙ୍କ ନିସଙ୍ଖୁଡ଼ି ଭୋଗରେ ମଧ୍ୟ ଠିକ୍ ସେହିପରି କୌଣସି ମନ୍ତ୍ରପାଠ କରାଯାଇ ନ ଥାଏ। କେବଳ ସମର୍ପଣ କରାଯାଇଥାଏ। ଶବର ସଂସ୍କୃତିରେ ସବୁଠାରୁ ଭଲ ଦ୍ରବ୍ୟଟିକୁ ପ୍ରଥମେ ଜଗନ୍ନାଥ ବା ଦେବତାଙ୍କୁ ସମର୍ପଣ କରାଯାଇଥାଏ। ଆମେ ମଧ୍ୟ ଅନୁରୂପ ଭାବେ ଗଛର ପ୍ରଥମ ଫଳଟିକୁ ଜଗନ୍ନାଥ ବା ଦେବତାଙ୍କୁ ସମର୍ପଣ କରିଥାଉ। ଶବର ଦେବତାଙ୍କୁ କନ୍ଦମୂଳ ଓ ମାଂସ ପୋଡ଼ା ସମର୍ପଣ କଲାପରି ଆମେ ମଧ୍ୟ ଜଗନ୍ନାଥଙ୍କୁ ପୋଡ଼ପିଠା ସମର୍ପଣ କରିଥାଉ। ଅଫୁଟା, ଅବଟା, ବ୍ୟଞ୍ଜନ ସହ ଅଗଲା ଅନ୍ନକୁ ମାଟି ପାତ୍ରରୁ ନବାଢି ତାର ଚାରିପାଖରେ ବସି ଶବରମାନେ ଭୋଜନ କଲାଭଳି ଆମେ ମଧ୍ୟ ଜଗନ୍ନାଥଙ୍କ ପବିତ୍ର ଅବଢାରେ ନିଜର ବନ୍ଧୁ କୁଟୁମ୍ବଙ୍କ ସହ ଭୋଜନ କରିଥାଉ। ଶବର ଜାତି ମଦ୍ୟ, ମାଂସ, ପ୍ରିୟ ଜଗନ୍ନାଥଙ୍କୁ ମଧ୍ୟ ମଦତୁଲ୍ୟ ତମ୍ବାପାତ୍ରରେ ପଇଡ଼ପାଣି ଓ ମାଂସ ତୁଲ୍ୟ ବିରିପିଠା ଅର୍ପଣ କରାଯାଇଥାଏ। ଶବରମାନେ ବୃକ୍ଷକୁ ନିଜ ଗୋତ୍ରର ସଙ୍କେତ ରୂପେ ପୂଜା କରନ୍ତି। ଅର୍ଥବ ବେଦରେ ବ୍ୟକ୍ଷକୁ ଦେବ ସଦନରୂପେ କଳ୍ପନା କରାଯାଇଛି। ଗଣ୍ଡମାନେ ଦୁଇଗୋଟି କୃଷ୍ଣ ଦାରୁକୁ ଜଙ୍ଗା ଦେବତା ନାମରେ ପୂଜିଥାଆନ୍ତି। ପ୍ରକୃତି ପ୍ରିୟ ମାନବ। ଆବାହମାନକାଳରୁ ପ୍ରକୃତିର ଉପାସନା କରିଆସିଛି। ବୃକ୍ଷଲତା ପୂଜା ତାହା ମଧ୍ୟରୁ ଅନ୍ୟତମ। ତୁଳସୀକୁ ଆମେ ଅତ୍ୟନ୍ତ ପବିତ୍ର ବୋଲି ଧରି ଏହା ବିଭିନ୍ନ ଦେବତାଙ୍କ ଆଶ୍ରୟ ସ୍ଥଳଭାବେ ବର୍ଣ୍ଣନା କରାଯାଇଅଛି।

"ତୁଳସ୍ୟାଂ" ସକଳ ଦେବାଃ ବସନ୍ତି ସତତଂ ଯତଃ ଅତସ୍ତାମଭଯେ ଲୋକ ସର୍ବଦେବାନା ସମର୍ଚ୍ଚୟତେ। ଯେପରି ବର ହେଲା ଶିବ ସମ୍ପର୍କିତ, ମନ୍ଦାର ହେଲା ଦୂର୍ଗା ସମ୍ପର୍କିତ, ବର-ଅଶ୍ୱସ୍ତ ମଧ୍ୟ ମଧ୍ୟ ବିଷ୍ଣୁ, ବୁଦ୍ଧ ଓ ଅଲକ୍ଷ୍ମୀଙ୍କ ସହ ସମ୍ପୃକ୍ତ। ନିମ୍ବଦାରୁରେ ଶ୍ରୀ ବିଗ୍ରହମାନ ନିର୍ମିତ ହୋଇଥିବାରୁ ଅତି ପବିତ୍ର ବୋଲି ମନେହୁଏ। ଶୁଭକାର୍ଯ୍ୟରେ ପବିତ୍ର ପଂଚ ପଲ୍ଲବ ଓ ନବ ସମିଧର ଆବଶ୍ୟକତା ଥାଏ।

"ଅଶ୍ୱତ୍‌ଥୋମ୍ବର ପ୍ଲକ୍ଷ ତ୍ୱତ ନ୍ୟାଗ୍ରୋଧ ବଲ୍ଲବାଃ ପଂଚ ପଲ୍ଲବ ମିତ୍ୟୁକ୍ତଂ ସର୍ବକର୍ମାଣି ଶୋରନମ୍"।

ଖଡ଼ିଆ ଓ ସଉରାମାନେ ପୂଜା କରୁଥିବା ମଡାମ, ବଳାମ ଦେବତା ବଳରାମଙ୍କ ପୂର୍ବରୁପ କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ଶବରମାନେ ଦେବୀ ସ୍ତମ୍ଭେଶ୍ୱରୀଙ୍କ ନୂତନ ସଂସ୍କରଣ ଭାବେ ସୁଭଦ୍ରାଙ୍କୁ ନିଆଯାଇପାରେ। ଆଦିବାସୀ ଉପାସିତ ଦେବଦେବୀଙ୍କ ମଧ୍ୟରେ ଜଗାରାଜୁ, କୋରାରାଜୁ ଓ ସୁଭଦ୍ରାମ୍ମା ପ୍ରଧାନ। ଶବରମାନେ ଶିକାରେ, ଏକ କୁଡୁଆ ମଧ୍ୟରେ ଯେଉଁ ତିନିଗୋଟି କାଠ ମୂର୍ତ୍ତୀ ପୂଜା କରନ୍ତି, ସେମାନେ ହେଲେ କିତୁଙ୍ଗ, ଧର୍ମ ଦେବତା ଓ ବାଲିଆ। ଶବର ଭାଷାରେ କିତୁଙ୍ଗର ଅର୍ଥ ଜଗନ୍ନାଥ। ଆଦିବାସୀ କନ୍ଧମାନେ ଗାଁ ମୁଣ୍ଡର ବରଗଛ ମୂଳରେ ୩ଖଣ୍ଡ ପଥରକୁ ଧାଡ଼ିକରି ରଖି ସେମାନଙ୍କ ମୁଣ୍ଡ ଉପରେ ଖଣ୍ଡିଏ ପଥର ଛାତ ପରି ରଖି ପୂଜା କରନ୍ତି। ଏହା ଯେ ଜଗନ୍ନାଥ, ପଳଭଦ୍ର ଓ ସୁଭଦ୍ରାଙ୍କ ପୂର୍ବରୂପ ଯେ କେହି ଅନୁମାନ କରିପାରିବ। ଦାରୁମୂର୍ତ୍ତୀ ଉପାସନା ଯେ ଶବର ସଂସ୍କୃତିରୁ ଆସିଛି। ଏପରି ଚିନ୍ତା ଅସ୍ୱାଭାବିକ ନୁହେଁ। ଭଗବାନ ବିଷ୍ଣୁଙ୍କ ନୀଳମାଧବ ବିଗ୍ରହ ଜଗନ୍ନାଥ ରୂପରେ ରୂପାନ୍ତରିତ ହେବା ପରିକଳ୍ପନାର ପୃଷ୍ଠ ଭୂମିରେ ଏହି ସତ୍ୟ ନିହିତ (ଓଡ଼ିଶାର ସାଂସ୍କୃତିକ ପରମ୍ପରା, ୨ୟ ସ୍ତବକ), ଜଗନ୍ତା କିତୁଙ୍ଗଙ୍କର ମଧ୍ୟ ଆମ ଭଗବାନଙ୍କ ଦଶ ଅବତାର ପରି ତାଙ୍କର ଦଶ ରୂପ ବା ଅବତାର ରହିଛି। (Thurston E.Casts and tribes of Southern India-Vol-IV-1909, Page-335)



ଏକ ଆଦିବାସୀ କିମ୍ବଦନ୍ତୀ ଅନୁସାରେ ପୂର୍ବେ ଲାଞ୍ଜିଆ ସଉରାମାନଙ୍କ ମଧ୍ୟରେ ମୋଟା ଓ ମୋଲା ନାମରେ ଦୁଇ ଭାଇ ଥିଲେ। ସେମାନେ ନିଃସନ୍ତାନ ଥିବାରୁ ତିନି ଠାକୁରଙ୍କ ପାଇଁ ତିନିଗୋଟି ରଥ ତିଆରିକରି ଯାତ୍ରା ଉତ୍ସବ କରାଇବାରୁ ସେମାନଙ୍କର ତିନିଗୋଟି ସନ୍ତାନ ହୋଇଥିଲା। ସେହି ଦିନଠାରୁ ଏହି ଯାତ୍ରା ପାଳନ ହୋଇ ଆସୁଛି। ଚାରି ଚକିଆ ଛୋଟ ରଥରେ ଜାଲିଆଦେବୀ ଚାଚେରୀ ଭ୍ରମଣରେ ଗଲାବେଳେ ତାଙ୍କ ସହ ଆୟୁଙ୍ଗସୁଙ୍ଗ (ଧର୍ମବୋଦା) ଓ କିତୁଙ୍ଗ ଠାକୁର ମଧ୍ୟ ଯାଆନ୍ତି। ଠାକୁରଙ୍କ ସହ ଗୋଟିଏ ବାଉଁଶ ପେଡ଼ିରେ ଠାକୁରାଣୀଙ୍କ ପିନ୍ଧାବସ୍ତ୍ର, ଲଗାଇବା ତେଲ, ଦର୍ପଣ, ଘଂଟି, ଦୀପ ଓ ମୟୁର ପୁଚ୍ଛ ଇତ୍ୟାଦି ଯାଇଥାଏ। ଆଜି ପୁରୀ ରଥଯାତ୍ରାରେ ମଧ୍ୟ ସୁଭଦ୍ରାଙ୍କ ରଥରେ ଏକ ବାଉଁଶ ନିର୍ମିତ ପେଡ଼ିରେ ଅନୁରୂପ ପଦାର୍ଥମାନ ଯାଇଥାଏ। ତେଣୁ ଆମ ଶ୍ରୀକ୍ଷେତ୍ର ଶବର ସଂସ୍କୃତିର ଭାବ ବହନ କରିବା ସହ ସାର୍ବଜନୀନ ଧର୍ମ ଓ ସଂସ୍କୃତିର ଲୀଳାକ୍ଷେତ୍ର ଭାବେ ପରିଚିତ। କିମଧିକମ୍।

ସ୍ତମ୍ଭକାର ତଥା ସାମ୍ବାଦିକ, ଖୋର୍ଦ୍ଧା
ମୋ-୮୮୯୫୫୪୭୪୯୦

# ପରିବେଶ ସୁରକ୍ଷା ପ୍ରତି ଆମର ଦାୟିତ୍ୱବୋଧ



ଡ. ଅମୂଲ୍ୟ କୁମାର ପଣ୍ଡା

'ପରିବେଶ ହିଁ ଜୀବନ', ଏହି ଚିରନ୍ତନ ସତ୍ୟକୁ ଆଧାର କରି ପୃଥିବୀ ପୃଷ୍ଠରେ ସମସ୍ତ ସୃଷ୍ଟିର ବିକାଶ ହୋଇଛି । ପରିବେଶ ହେଉଛି ପ୍ରକୃତିର ଏକ ଅମୂଲ୍ୟ ଉପହାର, ଯାହା ମଧ୍ୟରେ ବାୟୁ, ଜଳ, ମୃତ୍ତିକା, ଉଦ୍ଭିଦ ଓ ପ୍ରାଣୀଜଗତ ଅନ୍ତର୍ଭୁକ୍ତ । ଆମର ଚତୁଃପାର୍ଶ୍ୱରେ ଥିବା ଏହି ସଜୀବ ଓ ନିର୍ଜୀବ ଉପାଦାନଗୁଡ଼ିକର ସମାହାରକୁ ଆମେ ପରିବେଶ ବୋଲି କହିଥାଉ । ମାନବ ସଭ୍ୟତାର ଆରମ୍ଭରୁ ପ୍ରକୃତି ଓ ମଣିଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଆସିଛି । ମାତ୍ର ବର୍ତ୍ତମାନର ଆଧୁନିକ ଓ ସ୍ୱାର୍ଥପର ମଣିଷ ନିଜର ସୁଖ-ସୁବିଧା ପାଇଁ ଏହି ସୁନ୍ଦର ପରିବେଶକୁ ଧ୍ୱଂସ କରିବାରେ ଲାଗିଛି । ଫଳରେ ସମଗ୍ର ବିଶ୍ୱ ଆଜି ଗୁରୁତର ପରିବେଶ ସଙ୍କଟର ସମ୍ମୁଖୀନ । ଏଭଳି ପରିସ୍ଥିତିରେ ପରିବେଶର ସୁରକ୍ଷା କରିବା କେବଳ ସରକାରଙ୍କର ନୁହେଁ, ବରଂ ଆମ ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଅଟେ । ପରିବେଶର ଗୁରୁତ୍ୱ ଓ ପ୍ରକୃତି ସହ ମାନବର ସମ୍ପର୍କ

ପରିବେଶ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ, ପିଇବା ପାଇଁ ଜଳ ଏବଂ କ୍ଷୁଧା ନିବାରଣ ପାଇଁ ଅନ୍ନ ଯୋଗାଇଥାଏ । ଆମର ପ୍ରତ୍ୟେକ ମୌଳିକ ଆବଶ୍ୟକତା ପ୍ରକୃତି ଉପରେ ନିର୍ଭର କରେ । ପ୍ରାଚୀନ ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ଦେବତା ଭାବେ ପୂଜା କରାଯାଉଥିଲା । ଗଛଲତାକୁ ମା' ଏବଂ ନଦୀକୁ ପବିତ୍ର ଗଙ୍ଗା ମାତା ଭାବେ ସମ୍ମାନ ଦିଆଯାଉଥିଲା । ଋଷିମୁନିମାନେ ଅରଣ୍ୟ ମଧ୍ୟରେ ରହି ପରିବେଶ ସହିତ ସନ୍ତୁଳନ ରକ୍ଷା କରୁଥିଲେ । କିନ୍ତୁ କାଳକ୍ରମେ ମଣିଷ ପ୍ରକୃତିକୁ ଉପଭୋଗର ସାମଗ୍ରୀ ମନେକଲା, ଯାହା ଆଜିର ବିପର୍ଯ୍ୟୟର ମୁଖ୍ୟ କାରଣ ସାଜିଛି ।

ବର୍ତ୍ତମାନ ସମୟରେ ପରିବେଶ ମୁଖ୍ୟତଃ ଚାରୋଟି ଉପାୟରେ ପ୍ରଦୂଷିତ ହେଉଛି। ପ୍ରଥମ, ବାୟୁ ପ୍ରଦୂଷଣ (Air Pollution) । କଳକାରଖାନା ଏବଂ ଗାଡ଼ି ମୋଟରରୁ ନିର୍ଗତ କଳାଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରୁଛି । ଯାହାଫଳରେ ଶ୍ୱାସକ୍ରିୟା ଜନିତ ରୋଗ ବଢ଼ିବାରେ ଲାଗିଛି ।ଦ୍ୱିତୀୟ ହେଉଛି ଜଳ ପ୍ରଦୂଷଣ (Water Pollution) । ସହରର ବର୍ଜ୍ୟବସ୍ତୁ ଏବଂ କାରଖାନାର ଦୂଷିତ ରାସାୟନିକ ଜଳ ନଦୀ, ପୋଖରୀ ଓ ସମୁଦ୍ରରେ ମିଶି ଜଳକୁ ବ୍ୟବହାର ଅନୁପଯୋଗୀ କରୁଛି । ତୃତୀୟରେ ହେଉଛି ମୃତ୍ତିକା ପ୍ରଦୂଷଣ (Soil Pollution)। କୃଷି କ୍ଷେତ୍ରରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକର ପ୍ରୟୋଗ ଯୋଗୁଁ ମାଟିର ଉର୍ବରତା ନଷ୍ଟ ହେଉଛି । ଚତୁର୍ଥରେ ହେଉଛି ଶବ୍ଦ ପ୍ରଦୂଷଣ (Noise Pollution) ।ଯାନବାହନର ହର୍ଣ୍ଣ ଏବଂ ଉଚ୍ଚ ସ୍ୱରରେ ବାଜୁଥିବା ଲାଉଡ଼ସ୍ପିକର ମାନସିକ ଚାପ ଓ ବଧିରତା ସୃଷ୍ଟି କରୁଛି । ଯଦି ଆମେ ଏବେଠାରୁ ସଚେତନ ନ ହେବା, ତେବେ ପ୍ରକୃତିର କୋପରୁ କେହି ବଞ୍ଚିପାରିବେ ନାହିଁ । ଏହାର କେତେକ ଭୟାବହ ପରିଣାମ ନିମ୍ନଭାବେ ଦେଖାଦେଇଛି । ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହାଦ୍ୱାରା ମେରୁ ଅଞ୍ଚଳର ବରଫ ତରଳି ସମୁଦ୍ର ପତନ ବଢୁଛି । ସମୟରେ ବର୍ଷା ନହେବା, ଅତ୍ୟଧିକ ଗରମ ଏବଂ ବାରମ୍ବାର ବାତ୍ୟା ଓ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଏହାର ଜ୍ୱଳନ୍ତ ଉଦାହରଣ।

ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆମକୁ ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ ଦାୟିତ୍ୱବାନ ହେବାକୁ ପଡ଼ିବ । ଆମର ପ୍ରମୁଖ ଦାୟିତ୍ୱଗୁଡ଼ିକ ହେଲା – ପ୍ରଥମ ଦାୟିତ୍ୱ ହେଉଛି ପୃଥିବୀର ସବୁଜ ବନାନୀ କୁ ସୁରକ୍ଷିତ ରଖିବା ଯାହା ହେଉଛି ପରିବେଶର ଫୁସଫୁସ । ଗୋଟିଏ ଗଛ କାଟିଲେ ତା' ବଦଳରେ ପାଞ୍ଚଟି ନୂଆ ଗଛ ଲଗାଇବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟିଏ ଗଛ ଲଗାଇବାକୁ ସଂକଳ୍ପ ନେବା ଆବଶ୍ୟକ । ପ୍ଲାଷ୍ଟିକ ଓ ପଲିଥିନ ମାଟିରେ ସହଜରେ ମିଶେ ନାହିଁ ଏବଂ ଏହା ଶହ ଶହ ବର୍ଷ ପର୍ଯ୍ୟନ୍ତ ପରିବେଶକୁ ଦୂଷିତ କରି ରଖେ । ବଜାରକୁ ଗଲାବେଳେ ସଦାସର୍ବଦା କପଡ଼ା କିମ୍ବା ଝୋଟ ବ୍ୟାଗ ବ୍ୟବହାର କରିବା ଉଚିତ। ଜଳର ଅପଚୟ ରୋକିବା ଆମର ପରମ କର୍ତ୍ତବ୍ୟ । ବର୍ଷା ଜଳ ଅମଳ (Rainwater Harvesting) ପଦ୍ଧତି ଆପଣାଇ ଭୂତଳ ଜଳ ସ୍ତରକୁ ବୃଦ୍ଧି କରାଯାଇପାରିବ । ନଦୀ ଓ ପୋଖରୀକୁ ସ୍ୱଚ୍ଛ ରଖିବା ଆବଶ୍ୟକ । ଆମ ଜୀବନଶୈଳୀରେ Reduce (କମ ବ୍ୟବହାର), Reuse (ପୁନଃ ବ୍ୟବହାର) ଏବଂ Recycle (ପୁନଃ ଚକ୍ରଣ) ନୀତି ଅବଲମ୍ବନ କରିବା ଉଚିତ । ଏହାଦ୍ୱାରା ଆବର୍ଜନା କମ ସୃଷ୍ଟି ହେବ । ପରିବେଶ ସୁରକ୍ଷା କେବଳ ଏକ ସ୍ଲୋଗାନ ବା ସଭାସମିତି ମଧ୍ୟରେ ସୀମିତ ନରହି ଏହାକୁ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଛି । ଆମର ଆଜିର ଛୋଟ ପଦକ୍ଷେପ ଆସନ୍ତାକାଲିର ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ଓ ସୁସ୍ଥ ପୃଥିବୀ ଉପହାର ଦେଇପାରିବ । ଆସନ୍ତୁ ସମସ୍ତେ ମିଶି ଏ ପଦକ୍ଷେପ ଗୁଡିକୁ ନେଲେ ପରିବେଶ ସୁରକ୍ଷିତ ହୋଇପାରିବ। ଏହା ତ୍ୱରାନ୍ୱିତ ଭାବେ କରିବା ଉଚିତ୍, କାରଣ ପ୍ରକୃତିର ସୁରକ୍ଷା ହିଁ ପ୍ରକୃତରେ ମାନବ ଜାତିର ସୁରକ୍ଷା ଅଟେ ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

# କୁନ୍ତଳା କୁମାରୀ ସାବତ



ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା

ଆଜି ଜୁଲାଇ ୧, ଆଜିର ଦିନକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ। କାରଣ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ଏହା ପଛର କାରଣ ହେଉଛି ଆଜି ହେଉଛି ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କଙ୍କ ଜନ୍ମଦିନ, ସେ ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିଲେ ଓ ତାଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ ।

ଭାରତରେ ସର୍ବପ୍ରଥମେ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ଅନେକ ହୁଏତ ଜାଣିନଥିବେ କୁନ୍ତଳା କୁମାରୀ ସାବତ ଜଣେ ଓଡ଼ିଆ କବି ନଥିଲେ। କବିତା ଲେଖିବା ସହିତ ବୃତ୍ତିଗତ କ୍ଷେତ୍ରରେ ସେ ଥିଲେ ଜଣେ ଡାକ୍ତର। ତତ୍କାଳୀନ ଓଡ଼ିଶାରେ ନାରୀ ଶିକ୍ଷା ଅତ୍ୟନ୍ତ କଷ୍ଟକର ଥିଲା ଓ ଅନେକ ଆହ୍ୱାନପୂର୍ଣ୍ଣ ମଧ୍ୟ ଥିଲା। ଓଡ଼ିଶା ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁ କେତେଜଣ ନାରୀ କବିଙ୍କର ଆର୍ବିଭାବ ଘଟିଥିଲା ତନ୍ମଧ୍ୟରୁ କୁନ୍ତଳା କୁମାରୀ ସାବତ ଅନ୍ୟତମ । ସେ ଓଡ଼ିଶାର ପ୍ରଥମ ମହିଳା ଡାକ୍ତର । ସେ ୧୯୦୧ ମସିହା ଓଡ଼ିଶାର ବସ୍ତର ଜିଲ୍ଲାର ଜଗଦଳପୁର ଗ୍ରାମରେ (ଏବେ ଏହା ଛତିଶଗଡ଼ରେ ରହିଛି) ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ । ଜାତିରେ ସେ ବ୍ରାହ୍ମଣ ଥିଲେ । କୁନ୍ତଳା ପିତାଙ୍କ ବସ୍ତର ଥିବା ସମୟରେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ । ପରେ ସେ ବର୍ମା ଚାଲିଯାଇଥିଲେ । କୁନ୍ତଳା ୧୪ବର୍ଷ ବୟସ ହେଲା ପର୍ଯ୍ୟନ୍ତ ସେ ସେଠାରେ ରହିଥିଲେ । ବର୍ମାରୁ ଫେରି କୁନ୍ତଳା କିଛି ଦିନ ଖୋର୍ଦ୍ଧାରେ ରହିଥିଲେ । ସେ ରେଭେନ୍ସା ଗାର୍ଲସ୍ ସ୍କୁଲରେ ପାଠ ପଢୁଥିଲେ ।

ପରେ ସେ କଟକ ମେଡ଼ିକାଲ ସ୍କୁଲରେ ଡାକ୍ତରୀ ପାଠ ପଢ଼ିଥିଲେ । ୧୯୨୧ ମସିହାରେ ସେ ସ୍ୱର୍ଣ୍ଣପଦକ ସହ ଏଲ.ଏମପି ଡିଗ୍ରୀ ହାସଲ କରିଥିଲେ । ମେଡ଼ିକାଲ ଶିକ୍ଷା ପରେ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ତତ୍ତ୍ୱାବଧାନରେ ୧୯୨୧ରୁ ୧୯୨୮ ପର୍ଯ୍ୟନ୍ତ ଡାକ୍ତରୀ ସେବାରେ ଯୋଗ ଦେଇଥିଲେ । ଏହାପରେ ସେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ । ୧୯୨୫ ମସିହାରେ ସେ ରେଡ଼କ୍ରସ ସୋସାଇଟିର ଲେଡ଼ି ହେଲଥ୍ ଭିଜିଟର ଥିଲେ । ୧୯୨୮ରେ ସେ ଦିଲ୍ଲୀ ଚାଲିଗଲେ । ସେ ଡାକ୍ତର କୈଳାସ ଚନ୍ଦ୍ରଙ୍କୁ ବିବାହ କରିବା ପାଇଁ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ବିବାହ କରିପାରି ନଥିଲେ । ତାପରେ ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ୧୯୨୮ରେ ବିବାହ କରିଥିଲେ । ତାଙ୍କର ଦୁଇପୁତ୍ର ଓ ଦୁଇକନ୍ୟା ଥିଲେ । ଜାତିପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ । ଚିକିତ୍ସକ ଦିବସ ଅବସରରେ ତାଙ୍କ ପ୍ରତି ଆମର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬





# ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଉଦ୍ଧାରକାର୍ଯ୍ୟ ଜାରି

**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ବିଭିନ୍ନ ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ କୃଷି କ୍ଷେତ୍ର ଜଳ ପ୍ଲାବିତ ହୋଇଅଛି । ଜିଲ୍ଲାପାଳ, ଯାଜପୁର ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟର ପ୍ରତ୍ୟେକ୍ଷ ତଦାରଖ କରୁଛନ୍ତି । ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବନ୍ୟା ଜଳରେ ବହୁ ପଞ୍ଚାୟତ ଜଳବନ୍ଦୀ ରହିଥିବାରୁ, କେହି ଯେପରି ସହାୟତାରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା ଆଶ୍ରୟସ୍ଥଳୀ ରେ ଶୁଖିଲା ଖାଦ୍ୟ,ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ପ୍ରଦାନ କରାଯାଉଛି । ଅବକାରୀ ବିଭାଗ କମିଶନର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଶ୍ରୀମତୀ ପି.



ଅନ୍ୱେଷା ରେଡ୍ଡୀ ଦଶରଥପୁର ବ୍ଲକର କୟାଁଗୋଲା, କମାରଡିହ ପଞ୍ଚାୟତ ଏବଂ ବିଭିନ୍ନ ବନ୍ୟା ପ୍ରଭାବିତ ପଞ୍ଚାୟତ ପରିଦର୍ଶନ କରିବା ସହ ନୋଡାଲ ଅଫିସର, ବ୍ଲକ୍ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ । ଜିଲ୍ଲାପାଳ ଦଶରଥପୁର ଓ ବିଂଝାରପୁର ବନ୍ୟାଞ୍ଚଳ ପରିଦର୍ଶନ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ଆଜି ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୦୮ ଟି ବ୍ଲକ୍ ଯଥା: ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ବ୍ଲକ୍ ପ୍ରଭାବିତ ହୋଇଛି । ସମୁଦାୟ ୧୧୭ ଟି ଗ୍ରାମ ପଞ୍ଚାୟତ, ୩୨୮ ଟି ଗ୍ରାମ ଓ ଯାଜପୁର ମ୍ୟୁନସିପାଲିଟି ପ୍ରଭାବିତ ହୋଇଛି । ୦୧ ଗୋଟି ୱାର୍ଡ ପ୍ରଭାବିତ ହୋଇଛି । ୨୧୩୮୨୧ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୭୭,୬୫୪ ଜଣଙ୍କୁ ଉଦ୍ଧାର କରାଯାଇ ୧୮୨ ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ୧୮୨ ଟି ରିଲିଫ ସେଣ୍ଟର୍ ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ସମୁଦାୟ ୧୫୧୧୫୯ ଟି ଗୃହପାଳିତ ପଶୁ, ୨୪୩୦୭ କୁକୁଡ଼ା ପ୍ରଭାବିତ ହୋଇଥିବା ବେଳେ, ୨୫,୦୮୧.୩ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ପ୍ରଭାବିତ ହୋଇଛି । ୧୨ ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ବେଳେ ୧୨ ଟି ଭେଟେନାରି ଟିମ୍ ନିୟୋଜିତ କରାଯାଇଛି । କମ ପ୍ରଭାବିତ ଅଂଚଳରେ କ୍ଷୟ କ୍ଷତି ଆକଳନ କାର୍ଯ୍ୟ ଆରମ୍ଭ କରିବାକୁ ଜିଲ୍ଲାପାଳ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି ।

# ଚୋରାମଦ ଜବତ, ୯ ଗିରଫ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, କେନ୍ଦ୍ରାପଡ଼ା ସଦର, ପାଟକୁରା, ମାର୍ଶାଘାଇ, ଡେରାବିଶ ଓ କେନ୍ଦ୍ରାପଡ଼ା ଟାଉନ ଥାନା ଅ ଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ଗୋପାଳପୁର ଗ୍ରାମର ଚୀନା ମଲ୍ଲିକ(୭୦)ଙ୍କ ନିକଟରୁ ୧୫ ଲିଟର ଚୋରା ଦେଶୀ ମଦ, ଚଣ୍ଡିଆଗଡ଼ି ଗ୍ରାମର କବିତା ମଲ୍ଲିକ(୩୦)ଙ୍କ ନିକଟରୁ ୨୭ ଲିଟର ଚୋରା ବିଦେଶୀ ମଦ, କାନପୁର ଗ୍ରାମର ରତ୍ନାକର ଜେନା(୫୦)ଙ୍କ ନିକଟରୁ ୧୧ ଲିଟର ଚୋରା ବିଦେଶୀ ମଦ, ବ୍ରହ୍ମପୁର ଗ୍ରାମର ମିଟୁନା ଜେନା(୩୨)ଙ୍କ ନିକଟରୁ ୧୩ ଲିଟର ଚୋରା ବିଦେଶୀ



ମଦ, ନାନାକାର ଗ୍ରାମର କେଶବ ଚନ୍ଦ୍ର ସ୍ୱାଇଁ (୩୦)ଙ୍କ ନିକଟରୁ ୧୮ ଲିଟର ଚୋରା ବିଦେଶୀ ମଦ, ବାଲିଆ ଭଗବତପୁର ଗ୍ରାମର ଗୁରୁଚରଣ ମଲ୍ଲିକ(୬୨)ଙ୍କ ନିକଟରୁ ୩୨ ଲିଟର ଚୋରା ବିଦେଶୀ ମଦ, ବିଷକ ଗ୍ରାମର ପ୍ରେୟାଦୀପ୍ତ ସେଠୀ(୬୦ )ଙ୍କ ନିକଟରୁ ୨୦ ଲିଟର ଚୋରା ବିଦେଶୀ ମଦ, ଆଠବାଟିଆ ଗ୍ରାମର ସନ୍ତୋଷ ବେହେରା(୩୪)ଙ୍କ ନିକଟରୁ ୩୦ ଲିଟର ଚୋରା ବିଦେଶୀ ମଦ ଏବଂ କଜଳା ଗ୍ରାମର କୁନି ଦାସ(୪୫)ଙ୍କ ନିକଟରୁ ୨୫ ଲିଟର ଚୋରା ବିଅର ଜବତ କରାଯାଇଥିଲା । ଏହି ଚଢ଼ାଉରେ ସମୁଦାୟ ୧୯୧ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ୯ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ସୁଶ୍ରୀ ଋତୁପ୍ରଭା ସ୍ୱାଇଁଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

# ବନ୍ୟା ନୁହେଁ ବାଲି ବସ୍ତାରେ ଠିକାଦାରଙ୍କ ଲୁଟ୍



- ଜଗତସିଂହପୁର ଜଳ ସମ୍ପଦ ବିଭାଗ ଅଧିକାରୀ -ଠିକାଦାର ମିଳିଭଗତ
- ଦିନରେ ଗୋଟେ, ରାତିରେ ଆଉ ଏକ ଠିକାଦାର
- କାମ ଗୋଟେ, ବିଲ୍ ଦୁଇଟି

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ମହାନଦୀ ରେ ଜଳସ୍ତର ବୃଦ୍ଧି ପାଇବା ସହିତ ତାର ଶାଖା ଦେବୀ ନଦୀ ମଧ୍ୟ ରୌଦ୍ର ରୂପ ଧାରଣ କରିଛି । ପୁରୀ ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲା ସଂଯୋଗ କରୁଥିବା ଅନେକ ସ୍ଥାନରେ ଅଂଚଳ ର ଲୋକ ଯେତେବେଳେ ଘର ବଞ୍ଚାଇବା ପାଇଁ ଚିନ୍ତା କରୁଛନ୍ତି, ସେତେବେଳେ ଜଗତସିଂହପୁର ଜଳସମ୍ପଦ ବିଭାଗ ର କିଛି ଅଧିକାରୀ ଓ ମିଳିଭଗତ ଠିକାଦାର ମାନେ ଚିନ୍ତା କରୁଛନ୍ତି କେମିତି ବନ୍ୟାରୁ ଅଧିକ ଟଙ୍କା କମାଯିବ । ଆଶ୍ଚର୍ଯ୍ୟ ର କଥା ହେଲା, ଯେଉଁ ସ୍ଥାନ ରେ ବନ୍ଧ ସୁରକ୍ଷା ପାଇଁ ବାଲି ବସ୍ତା ପକାଯିବା କଥା, ସେଠାରେ ଏବେ ବିଲ୍ ସୁରକ୍ଷା ଅଭିଯାନ ଚାଲିଛି । ଦିନ ବେଳା ଜଣେ ଠିକାଦାର ଆସି ସ୍ୱଳ୍ପ ପରିମାଣରେ ବାଲି ବସ୍ତା ପକାଇ ଫଟୋ ଉଠାଇ ଚାଲିଯାଉଛନ୍ତି । ରାତି ହେଲେ ଆଉ ଜଣେ ଠିକାଦାର ସେହି ସ୍ଥାନ ରେ ପୁଣି ବସ୍ତା ପକାଉଛନ୍ତି । ଅର୍ଥାତ କାମ ଗୋଟେ, କିନ୍ତୁ ବିଲ ଦୁଇଟା । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ମାତ୍ର ଶହେ ଟି ବାଲି ବସ୍ତା ପକାଇ ୫ ଲକ୍ଷ ଟଙ୍କା ର ବିଲ ତିଆରି ହେଉଛି । ହିସାବ ବହୁତ ସରଳ – ଯେତେ ବନ୍ୟା, ସେତେ ବସ୍ତା । ଯେତେ ବସ୍ତା, ସେତେ ଲକ୍ଷ ।ଜଳସମ୍ପଦ ବିଭାଗ ର ଅଧିକାରୀ ମାନେ ସବୁ ଜାଣି ମଧ୍ୟ ନଜାଣିବା ଭଳି ଅଛନ୍ତି । କାରଣ ଏହି 'ମିଳିଭଗତ' ରେ ସମସ୍ତଙ୍କ ହିତ ଜଡିତ । ଠିକାଦାର ଙ୍କ ପକେଟ ଗରମ ହେଉଛି, ଅଧିକାରୀ ଙ୍କ ଫାଇଲ ମୋଟା ହେଉଛି, ଆଉ ମଝି ରେ ସରକାରୀ ଅର୍ଥ ବାଲି ବସ୍ତା ରେ ବାଟମରଣା ହେଉଛି । ଯେତେବେଳେ ଜଗତସିଂହପୁର ଅଞ୍ଚଳ ର ଗାଁ ର ଲୋକ ଛାତ ଉପରେ ବସି ସାହାଯ୍ୟ ଅପେକ୍ଷା କରୁଛନ୍ତି, ସେତେବେଳେ ଏଠାରେ କିଛି ଲୋକ ବନ୍ୟା କୁ ଏଟିଏମ କରି ଦେଇଛନ୍ତି । ଆଉ ପୁରୀ ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲା ସଂଯୋଗ ମଝିରେ ରୋଜଗାର ମାଧ୍ୟମ ପାଲଟିଛି । ବନ୍ଧ ଭାଙ୍ଗିଲେ ଲୋକ ବୁଡିବେ, କିନ୍ତୁ ବିଲ ପାସ ହେଲେ କିଛି ଲୋକ ଫୁଲିବେ ।ଏହା କି ସୁରକ୍ଷା କାମ ନା ସରକାରୀ ଲୁଟ୍ ର ନୂଆ ମଡେଲ ଜଳସମ୍ପଦ ବିଭାଗ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ଯଦି କର୍ମଚାରୀ ଏମିତି ଲୁଟ ରେ ବ୍ୟସ୍ତ ରୁହନ୍ତି, ତେବେ ସାଧାରଣ ଲୋକ କାହା ପାଖକୁ ଯିବେ ଉର୍ଦ୍ଧ୍ୱପତନ କର୍ତ୍ତୃପକ୍ଷ ଯଦି ଏବେ ମଧ୍ୟ ଚୁପ୍ ରୁହନ୍ତି, ତେବେ ବୁଝିବାକୁ ପଡିବ ବନ୍ୟା ଠାରୁ ବଡ ବିପଦ ହେଲା ବାଲି ବସ୍ତା ନାମରେ ହେଉଥିବା ଦୁର୍ନୀତି । ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବୁଦ୍ଧିଜୀବୀ ।

# ସମ୍ଭାବ୍ୟ ବନ୍ୟା ନେଇ ମାହାଙ୍ଗା ବ୍ଲକର ପ୍ରସ୍ତୁତି ବୈଠକ

**ମାହାଙ୍ଗା (ଅମୃତ ମିଡ଼ିଆ) :** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ମାହାଙ୍ଗା ବ୍ଲକ ର ବିରୂପା ଓ ବଡ଼ ଗେଙ୍ଗୁଟି ନଦୀରେ ସାମ୍ଭାବ୍ୟ ବନ୍ୟା ନେଇ ଆଜି ବ୍ଲକ ସମ୍ମିଳନୀ କକ୍ଷରେ ବନ୍ୟା ମୁକାବିଲା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ଦୀପା ମଲ୍ଲିକ ଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଡ଼ିଓ ତିଲୋତମା ପୃଷ୍ଟି , ଅତିରିକ୍ତ ବିଡ଼ିଓ ଜନ୍ମେଜୟ ରାଉତ,ସି ଡି ପି ଓ ଗୁରୁବାରୀ ସିଂହ, ଉପ ଆରକ୍ଷୀ ନିରୀକ୍ଷକ ଚନ୍ଦ୍ରଶେଖର ବେହେରା,ଅତିରିକ୍ତ ବିଇଓ ସୋମନାଥ ରାମ, କୃଷି ଅଧିକାରୀ, ଅଗ୍ନିଶମ ଅଧିକାରୀ,ପ୍ରାଣୀ ଚିକିତ୍ସା ଅଧିକାରୀ, ମେଡିକାଲ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଯୋଗାଣ ନିରୀକ୍ଷିକା, ଜଳସମ୍ପଦ ସେକ୍ସନ ଅଧିକାରୀ ,କୃଷି ଅଧିକାରୀ, ବିଦ୍ୟୁତ ବିଭାଗ ଅଧିକାରୀ ଆଦି ଯୋଗ ଦେଇ ବନ୍ୟା ମୁକାବିଲା ନିମନ୍ତେ ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ । ବିରୂପା ଗେଙ୍ଗୁଟି ଦ୍ୱୀପାଞ୍ଚଳର ସମସ୍ତ ପଂଚାୟତ ରେ ପଂଚାୟତ ଅଧିକାରୀ ମାନକୁ ବନ୍ୟା ସମୟରେ ଉପସ୍ଥିତ ରହି ସମସ୍ତ ସହାୟତା ନିମନ୍ତେ ବ୍ଲକ ପ୍ରଶାସନ ସଜାଗ ରଖିଥିବା ଜଣାଯାଇଛି । ପ୍ରତି ସ୍କୁଲ ଗୃହକୁ ବନ୍ୟା ବିପନ୍ନ ଙ୍କ ନିମନ୍ତେ ପ୍ରସ୍ତୁତ ରଖାଯାଇଥିବା ଓ ବନ୍ୟା ହେଲେ ସମସ୍ତ ତଳିଆ ଅଂଚଳ ଲୋକଙ୍କୁ ତୁରନ୍ତ ସ୍କୁଲ



ଗୃହକୁ ଅଣାଯାଇ ସୁରକ୍ଷା ପ୍ରଦାନ କରାଯିବା ସହ ରିଲିଫ ଖାଦ୍ୟ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଥିବା ବିଡ଼ିଓ ସୂଚନା ଦେଇଛନ୍ତି । ଯୋଗାଣ ବିଭାଗ ପକ୍ଷରୁ ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ବନ୍ୟା ପୂର୍ବରୁ ଚାଉଳ ମହଜୁଦ ଥିବା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି । ପୁଲିସ ପ୍ରଶାସନ ବନ୍ୟା ପାଣି ଆସିବା ପୂର୍ବରୁ ନଦୀ କୁଳିଆ ଅଂଚଳର ଲୋକ ମାନକୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ସଚେତନ କରାଯାଇଛି ।ବିରୂପା ଗେଙ୍ଗୁଟି ନଦୀ ଜଳ ସ୍ତର ବଢୁଥିବାରୁ ଭେଡା, ଯସରାଜପୁର ସମସରପୁର, ସାହପୁର, ବାଲିପଡ଼ିଆ ଅରିଲୋ, କୁହୁଣ୍ଡା କୁଣ୍ଡି, ମୂଳବସନ୍ତ, କଲ୍ୟାଣପୁର, ଗୁଣୁପୁର, ସିପୁରା, ଗୋପାଳପୁର, ବରଅଠା , ବାସୁଦେବପୁର, ମେରିପୁର ଘିସୁଆଁ, ଦୋବାନ୍ଧିଆ, କୁସୁକଣ୍ଡା, ଜଗନ୍ନାଥପୁର, ମଲ୍ଲିକପୁର, ନନ୍ଦକିଶୋରପୁର, ବେନୁପୁରା, ଛେଦା, କଉଡ଼କୋଲା, ମୋହନପୁର ,ଅରଖପୁର ସମେତ ବହୁ ଗାଁ ଜଳମଗ୍ନ ହେବାର ସମ୍ଭାବନା ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ବୈଠକରେ ସହକାରୀ ଯନ୍ତ୍ରୀ ଅମିତା ମଲିକ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଜିପିଓ କେଶବ ବାରିକ, ବଡ ବାବୁ ସୁବାଷ ଜେନା, ପିଇଓ ଅମୀୟ ସାହୁ, ଶ୍ୟାମସୁନ୍ଦର ନାୟକ, ହୃଷିକେଶ ସ୍ୱାଇଁ, ଅନନ୍ତ ଚରଣ ଦେବତା ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁଧାଂଶୁ ଦାସ, ଗୋବିନ୍ଦ ବସ୍ତିଆ ସମେତ ମାହାଙ୍ଗା ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।

# ବନ୍ୟା ପାଣିରେ ଉଜୁଡିଗଲା ଛତୁଚାଷ

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବିରୂପା ନଦୀର ବନ୍ୟା ପାଣିରେ ଛତୁ ଚାଷ ଉଜୁଡି ଯାଇଛି । ୨୧୦ ବେଡ଼ର ଛତୁ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ଏମିତି ଏକ ଚିତ୍ର ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମରେ ଘଟିଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ଏହି ଗ୍ରାମର ଅନ୍ନପୂର୍ଣ୍ଣା ବଳ ଚଳିତ ବର୍ଷ ତାଙ୍କ ବାଡ଼ିରେ ୨୧୦ ବେଡ଼ରେ ଏହି ଛତୁ ଚାଷ କରିଥିଲେ । ତେବେ ବିରୂପା ନଦୀରେ ବନ୍ୟା ଆସିବାରୁ ତାଙ୍କ ବାଡ଼ିରେ ୪/୫ଫୁଟର ବନ୍ୟା ପାଣି ପଶି ସେ କରିଥିବା ଛତୁ ଚାଷକୁ ଉଜାଡ଼ି ଦେଇଥିଲା । ତେବେ ଏବେ ବନ୍ୟା ପାଣି ଖସି ଯାଇଥିଲେ ମଧ୍ୟ ଛତୁ ଚାଷ ନଷ୍ଟ ହୋଇଯାଇଛି । ଏଥିପାଇଁ ଅନ୍ନପୂର୍ଣ୍ଣା ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ସୂଚନା ମୁତାବକ ଦୀର୍ଘ ଦିନ ହେବ ଅନ୍ନପୂର୍ଣ୍ଣା ସ୍ୱାମୀକୁ ହରାଇଥିବା ବେଳେ ତିନି ଝିଅ ଓ ଗୋଟିଏ ପୁଅ ଥିବା ସେ ତାଙ୍କ ପରିବାରକୁ ବହୁ ଘାତ ପ୍ରତିଘାତ ମଧ୍ୟରେ ଚଳାଇ ଆସୁଛନ୍ତି । ତେବେ କେବଳ ଏହି ଛତୁ ଚାଷ କରି ସେ ତାଙ୍କ ବଡ଼ ଝିଅକୁ ବିବାହ ଦେଇ ଅନ୍ୟ ତିନି ପୁଅ ଝିଅଙ୍କୁ ବର୍ତ୍ତମାନ ସେ ପାଠ ପଢ଼ାଇଛନ୍ତି । ତେଣୁ ବନ୍ୟା ପାଣିରେ ତାଙ୍କର ଏହି ଛତୁ ଚାଷ ନଷ୍ଟ ହୋଇଯାଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି ।



# ବନ୍ୟା ପାଇଁ ଶହଶହ ଏକର ଫସଲ ନଷ୍ଟ

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବଡଚଣା ବ୍ଲକ ରେ ଚଳିତ ବନ୍ୟା ରେ ଶହ ଶହ ହେକ୍ଟର ଫସଲ ନଷ୍ଟ ହୋଇଛି । ଦୀର୍ଘ ୪ ଦିନ ଧରି ବନ୍ୟା ଜଳ ରେ ବୁଡି ରହିବା କାରଣ ରୁ ଧାନ, ନଳିତା ଓ ପନି ପରିବା ଫସଲ ନଷ୍ଟ ହୋଇ ଯାଇଛି । ବିରୂପା ନଦୀ କୂଳ ରେ ଲାଗିଥିବା ପରିବା ଫସଲ ସମ୍ପୂର୍ଣ୍ଣ ବୁଡି ରହିଥିବାରୁ ଏହି ଫସଲ ନଷ୍ଟ ହୋଇ ଯାଇଛି । ଶନିବାର ନଦୀ ର ଜଳ ସ୍ତର ହ୍ରାସ ପାଇଛି । ଯେଉଁ ଗ୍ରାମ ଗୁଡିକ ଜଳ ବନ୍ଦୀ ଥିଲା ତାହା ପ୍ରାୟତ ପାଣି କମିବା ପରେ ରାସ୍ତା ପରିଷ୍କାର ହୋଇ ଯାଇଛି । ଯାତାୟାତ ରେ ସେଭଳି ଅସୁବିଧା ନାହିଁ । ବଡ଼ଚଣା ବ୍ଲକ ଦେଇ ୩ ଟି ନଦୀ ପ୍ରବାହିତ ହେଉଛି ଏବଂ ଏହି ବ୍ଲକ ଅନ୍ତର୍ଗତ ଖଡଗ ପୁର ଠାରେ ଏହି ୩ ନଦୀ ର ମିଶ୍ରଣ ହୋଇଛି । ତେଣୁ ବ୍ରାହ୍ମଣୀ ଓ ମହାନଦୀ ସିଷ୍ଟମ ରେ ବନ୍ୟା ଜଳ ଆସିଲେ ବଡ଼ଚଣା ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥାଏ । ବିରୂପା ଓ ଗେଙ୍ଗୁଟି ମହାନଦୀ ର ଶାଖା ନଦୀ ହୋଇଥିବା ବେଳେ କେଲୁଅ ହେଉଛି ବ୍ରାହ୍ମଣୀ ର ଶାଖା ନଦୀ । ଶନିବାର ସକାଳେ ମହାନଦୀ ସିଷ୍ଟମ ର ବନ୍ୟା ଜଳ ଆସିଥିବାରୁ ପୁନର୍ବାର ନଦୀ ର ଜଳ ପଉନ ସାମାନ୍ୟ ବୃଦ୍ଧି ପାଇଛି । ଏବେବି ଚାଷ ଜମି ବନ୍ୟା ଜଳ ରେ ବୁଡି ରହିଥିବା ଦେଖିବାକୁ ମିଳିଛି । ବିଡିଓ ଙ୍କୁ ଘେରିଲେ ବନ୍ୟା ବିପନ୍ନ, ସାମାଜିକ ଗଣ ମାଧ୍ୟମ ରେ ଭିଡିଓ ଭାଇରାଲ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ବନ୍ୟାଞ୍ଚଳ ଗସ୍ତ ସମୟରେ ଗୋପାଳ ପୁର ପଞ୍ଚାୟତ ର କଳାଶ୍ରୀ ଠାରେ ବନ୍ୟା ବିପନ୍ନ ମାନେ ଘେରି ଅଟକାଇ ଥିଲେ । ତେବେ ସେଠାରେ ପଡ଼ିଥିବା ଏକ ବୋଟ କୁ କୌଣସି ସରକାରୀ ଅଧିକାରୀ ନେଇ ଯିବା ପାଇଁ ଗ୍ରାମ ର କିଛି ପିଲା ମାନଙ୍କୁ କହିଥିବା ନେଇ ଗ୍ରାମବାସୀ ମାନେ ବିଡିଓ ଙ୍କୁ ଅଟକାଇ ପ୍ରଶ୍ନ ପଚାରିଥିଲେ । କିଛି ସମୟ ଅଟକାଇବା ପରେ ବାଲିଚନ୍ଦ୍ରପୁର ପୋଲିସ ଘଟଣା ସ୍ଥଳ ରେ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିବା ସହ ବୋଟ ସେଠାରେ ରହିବ ଲୋକମାନେ ଯାତାୟାତ କରିବା ପ୍ରତିଶୃତି ଦେବା ପରେ ସେଠାରୁ ଆସିଥିଲେ । ତେବେ ଏ ସମ୍ପର୍କ ରେ ବିଡିଓ ଶ୍ରୀ ପ୍ରଧାନ କୁହନ୍ତି ଯେ ବୋଟ ରେ ତେଲ ସରିଯାଇଥିଲା । ବୋଟ ଚାଳକ ତେଲ ପାଇଁ ବାଲିଚନ୍ଦ୍ରପୁର ତେଲ ଆଣିବାକୁ ଯାଇଥିଲେ । ସେମାନଙ୍କୁ କେହି କହି ଦେଇଛି ବୋଟ ଚାଲିବ ନାହିଁ ବୋଲି ତେଣୁ ସେହିକଥା କୁ ନେଇ ସାମାନ୍ୟ ଉତେଜନା ଦେଖା ଦେଇଥିଲା । ମୁଁ ବୁଝାଇବା ପରେ ସେମାନେ ଶାନ୍ତ ହୋଇଥିଲେ ।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା

**ବାଲିଅନ୍ତା (ଅମୃତ ମିଡିଆ) :** ଏକମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦୟା ନଦୀ ନିକଟସ୍ଥ ଲିଙ୍ଗି ପୁର ଅଞ୍ଚଳ ବୁଲି ବନ୍ୟା ଜଳ ପରିଦର୍ଶନ କଲେ ପୂର୍ବତନ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା । ପରେ ନାଥପୁର, ନୂଆଗାଁ, ଢିଅପୁର , ଜୟପୁର, ଇଟିପୁର, ପଳାଶ ପୁର ଶାସନ ,ବସନ୍ତ ପୁର ଶାସନ, ଟିକରପଡା, ଗଙ୍ଗେଶ୍ୱରପୂର୍ ଶାସନ , କଲ୍ୟାଣ ପୁର ଶାସନ ଆଦି ଅଞ୍ଚଳର ବନ୍ୟା ଜଳର ସ୍ଥିତି ସମୀକ୍ଷା କରିଛନ୍ତି ଶ୍ରୀଯୁକ୍ତ ପଣ୍ଡା । ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ ଗଙ୍ଗୁଆ କେନାଲର ରାଜଧାନୀର ସମସ୍ତ ଡ୍ରେନ୍ ପାଣି ଉକ୍ତ ଅଞ୍ଚଳର ରେ ଥିବା ହେକ୍ଟର ହେକ୍ଟର ଚାଷ ଜମିରେ ପାଣି ମାଡ଼ି ଯାଇ କୃତ୍ରିମ ନଦୀର ଭ୍ରମ ସୃଷ୍ଟି କରୁଛି । ଅନେକ ବିଲ ଧାନ ତଳି ରୁଆ ହୋଇଥିବା ବେଳେ ତା ଉପରେ ପାଣି ଜମି ରହିଛି । ଅନେକ ତଳି ଶାଢ଼ୀ ପଚି ଗଲାଣି । ତାହା ସହ ପୂର୍ବ ସରକାର ସମୟରେ ଅନେକ ଉକ୍ତ



ଅଞ୍ଚଳରେ ପକ୍କା ରାସ୍ତା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇ ଥିଲେ ମଧ୍ୟ କେତେ ଗୁଡିଏ କାମ ଅଧା ପାନ୍ତରିଆ ହୋଇଥିବା ବେଳେ ଆଉ କିଛି ଆରମ୍ଭ ହୋଇ ନାହିଁ । ଯାହା ଫଳରେ ଯାତାୟାତ ରାସ୍ତା ରେ ବର୍ଷା ଜଳ , ଗାଙ୍ଗୁଆ ଡ୍ରେନ୍ ପାଣି ଜମି ରହୁଛି । ଗମନା ଗମନର ସୁବିଧାରେ ବାଧା ସୃଷ୍ଟି ହୋଉଛି ଏହି ବର୍ଷ ଦିନେ । ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ପ୍ରଶାସନ ନିକଟରେ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି ଶ୍ରୀଯୁକ୍ତ ପଣ୍ଡା ।

# କାଣୀଘାଇ ପରିଦର୍ଶନ କଲେ ସାଂସଦ

## ବନ୍ୟା ବିପନ୍ନଙ୍କୁ ଭେଟି ସ୍ଥିତି ପରଖିଲେ

**ଦଶରଥପୁର (ଅମୃତ ମିଡିଆ) :** ଆଜି ଯାଜପୁର ସାଂସଦ ଡ ରବିନ୍ଦ୍ର ନାରାୟଣ ବେହେରା ଦଶରଥପୁର ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନରେ କରିଛନ୍ତି । କାଣୀ ନଦୀ ଘାଇ ସ୍ଥଳ ପରିଦର୍ଶନ କରିବା ସହିତ ବନ୍ୟାର ସ୍ଥାୟୀ ପ୍ରତିକାର କରିବା ପରିବର୍ତ୍ତେ ବିଜେଡି ସରକାର ର ନେତା ଓ କର୍ମୀ କାଣୀକୁ ରୋଜଗାରର ଏକ ବଡ଼ ମାଧ୍ୟମ କରିଥିଲେ ବୋଲି ଅଭିଯୋଗ କରିଥିଲେ । ଗଣମାଧ୍ୟମ ପ୍ରକାଶିତ ଖବର ଅନୁଯାୟୀ ବିଗତ ବର୍ଷରେ କାଣୀ ନଦୀ ମରାମତି ନାଁରେ ୫ ଶହ କୋଟି ଟଙ୍କା ଲୁଟ୍ କରାଯାଇଛି । ମାତ୍ର ବନ୍ୟାର ସ୍ଥାୟୀ ପ୍ରତିକାର କରାଯାଇନି ବୋଲି ସାଂସଦ କହିଥିଲେ । ରାଜ୍ୟରେ ସରକାର ପରିବର୍ତ୍ତନ ପରେ କାଣୀ ନଦୀ ଭାଗ୍ୟରେ ଏକ ବଡ଼ ପରିବର୍ତ୍ତନ ହେବାର ପ୍ରକିୟା ଆରମ୍ଭ ହୋଇଛି । ସବୁ ଠିକ୍ ଠାକ୍ ରହିଲେ ଆଗାମୀ ଦିନରେ ଦଶରଥପୁର ବାସୀଙ୍କୁ କାଣୀ ବନ୍ୟାର ପ୍ରକୋପ ଦେଖିବାକୁ ମିଳିବ ନାହିଁ । ଚାଷ ବାସ ଉଜୁଡ଼ିବ ନାହିଁ କି ଲୋକଙ୍କୁ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡିବ ନାହିଁ ବୋଲି ସାଂସଦ କରିଛନ୍ତି । ସାଂସଦ ଶ୍ରୀ ବେହେରା ପୂର୍ବାହ୍ନ ରେ ଅହିୟାସ ଛକ କସପା ପଂଚାୟତ କାର୍ଯ୍ୟଳୟ ପରିସର ରେ ବନ୍ୟା ମୁକାବିଲା ଉପରେ ଜିଲ୍ଲାପାଳ ଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ ।ପରେ ପ୍ରଭାବିତ କସପା, ତରପଦା ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ପରଖି ଥିଲେ । ବନ୍ୟା



ଘେରରେ ଥିବା ଲୋକଙ୍କ ସହ ସେମାନଙ୍କ ଅଭାବ ଅସୁବିଧା ବୁଝିଥିଲେ । ସାଂସଦଙ୍କ ଏହି ଗସ୍ତ ସମୟରେ ଉପ ଜିଲାପାଳ ଯୁଧିଷ୍ଠିର ନାୟକ, ବିଡିଓ ଆକାଶ ପଟ୍ଟନାୟକ,ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ ବିହାରୀ ଜେନା, ବିଜେପି ନେତା ତଥା ପ୍ରାକ୍ତନ ଜିଲ୍ଲା ପରିଷଦ ଅଧକ୍ଷ ଗୌତମ ରାୟ, ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ ନାୟକ , ପ୍ରାକ୍ତନ ବ୍ଲକ ଅଧକ୍ଷ ରମେଶ ସାମଲ, ଭାଜପା ନେତା ସୁବାସ ମହାନ୍ତି,ସବ୍ୟସାଚୀ ଦାସ, ପ୍ରିୟାଂଶୁ ପଣ୍ଡା, ସୁନିଲ ରାଉତ, ସତ୍ୟପ୍ରିୟ ପୃଷ୍ଟି, ଇନ୍ଦ୍ରଜିତ ଦାସ, ରାଜେଶ ମଲ୍ଲିକ, ଜୟନ୍ତ ମହାନ୍ତି, ଲକ୍ଷ୍ମୀଧର ସାହୁ, ରାକେଶ ଦାସ, ସତ୍ୟଜିତ ସାମଲ ପ୍ରମୁଖ ସାଂସଦଙ୍କ ସହ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତରେ ସାମିଲ ହୋଇଥିଲେ ।

# ଅସ୍ତରଙ୍ଗ ପ୍ରେସ କ୍ଲବ ରାଜ୍ୟସ୍ତରୀୟ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

## ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପାଇବେ କଳିଙ୍ଗ ରତ୍ନ ସମ୍ମାନ

**ଅସ୍ତରଙ୍ଗ(ଅମୃତ ମିଡିଆ):** ଅସ୍ତରଙ୍ଗ ପ୍ରେସ କ୍ଲବର ରାଜ୍ୟସ୍ତରୀୟ ୧୦ମ ବାର୍ଷିକ ଉତ୍ସବକୁ ସଫଳ ଓ ସ୍ମରଣୀୟ କରିବା ଲକ୍ଷ୍ୟରେ ଗତକାଲି ଶେଷ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ, ଅତିଥି ଅଭ୍ୟର୍ଥନା, ସମ୍ମାନ ପ୍ରଦାନ, ସାଂସ୍କୃତିକ ପରିବେଷଣ ଏବଂ ସାମଗ୍ରିକ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଏହି ବୈଠକରେ ଅସ୍ତରଙ୍ଗ ପ୍ରେସ କ୍ଲବର ସଭାପତି ଶରତ କୁମାର ପରିଡ଼ାଙ୍କ ସମେତ ଉପସଭାନେତ୍ରୀ ମମତା ଜେନା, ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ଅନିଲ କୁମାର ବାରିକ, ସହ ସମ୍ପାଦକ ତ୍ରିଲୋଚନ ବେହେରା, କୋଷାଧ୍ୟକ୍ଷ ପ୍ରିୟବ୍ରତ ମୁଦୁଲି, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ଜେନା, ଦେବବ୍ରତ ବିଶ୍ୱାଳ ଓ କ୍ଲବର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ କ୍ଷେତ୍ରରୁ ସାମାଜିକ ସେବା, ଶିକ୍ଷା, ସାହିତ୍ୟ, ସାମ୍ବାଦିକତା, କଳା, ସଂସ୍କୃତି, ଚିକିତ୍ସା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୫୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତିଙ୍କୁ 'କଳିଙ୍ଗ ରତ୍ନ ସମ୍ମାନ ୨୦୨୬' ରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି ।





## କ୍ଲଷ୍ଟରସ୍ତରୀୟ ପାଚିକା-ସହାୟିକାଙ୍କ ପାଇଁ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର



**କଳାହାଣ୍ଡି (ଅମୃତ ମିଡ଼ିଆ) :** ପିଏମ୍ ପୋଷଣ ଯୋଜନାକୁ ଅଧିକ ସୁଦୃଢ଼, ସୁରକ୍ଷିତ ଓ ଗୁଣାତ୍ମକ କରିବା ଉଦ୍ଦେଶ୍ୟରେ କ୍ଲଷ୍ଟର ସ୍ତରୀୟ ପାଚିକା ଓ ସହାୟିକାମାନଙ୍କ ପାଇଁ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଗତ ଗୁରୁବାର (୩୦ ଜୁଲାଇ ୨୦୨୬) ସରକାରୀ ଉଚ୍ଚ ବିଦ୍ୟାଳୟ, ଧର୍ମଗଡ଼ ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ହେମନ୍ତ କୁମାର ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଧର୍ମଗଡ଼ ଆବାହକ ଭାବେ ଦାୟିତ୍ୱ ତୁଲାଇବା ସହ ସଭାପତିତ୍ୱ କରିଥିଲେ । ନିଜ ଅଭିଭାଷଣରେ ସେ ପିଏମ୍ ପୋଷଣ ଯୋଜନାର ସଫଳ ରୂପାୟନରେ ପାଚିକା ଓ ସହାୟିକାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ପୌଷ୍ଟିକ ଖାଦ୍ୟ ପ୍ରସ୍ତୁତି ଓ ରନ୍ଧନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଜୟନ୍ତ କୁମାର ମୁଣ୍ଡ, ପ୍ରଧାନ ଶିକ୍ଷକ, ନୋଡାଲ ଉଚ୍ଚ ବିଦ୍ୟାଳୟ ଯୋଗଦେଇ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଖାଦ୍ୟର ଗୁଣବତ୍ତା, ସ୍ୱଚ୍ଛତା ଏବଂ ସୁରକ୍ଷା ମାଧ୍ୟମରେ ବିଦ୍ୟାଳୟରେ ପଢୁଥିବା ଶିଶୁମାନଙ୍କ ସୁସ୍ଥ ବିକାଶ ସୁନିଶ୍ଚିତ କରିବା ଏହି ପ୍ରଶିକ୍ଷଣର ମୂଳ ଲକ୍ଷ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସ୍ୱତନ୍ତ୍ର ପରିଦର୍ଶନରେ ଯୋଗଦେଇ ପ୍ରଶିକ୍ଷଣ ଶିବିରର ଅନୁଧ୍ୟାନ କରିଥିଲେ । ସେ ଉପସ୍ଥିତ ପାଚିକା ଓ ସହାୟିକାମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରି ଶିଶୁମାନଙ୍କୁ ସୁରକ୍ଷିତ ଓ ପୌଷ୍ଟିକ ଖାଦ୍ୟ ପରିବେଷଣ କରିବାକୁ ଆହ୍ୱାନ ଜଣାଇଥିଲେ । ଅବସରରେ ସେ ପ୍ରଶିକ୍ଷଣରେ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ପ୍ରଶିକ୍ଷଣରେ ସାଧନ କର୍ମୀ ଭାବେ ରାଜେନ୍ଦ୍ର ଦୁରିଆ, ସିଆରସିସି, କାଶିବାହାଲ କ୍ଲଷ୍ଟର ସ୍ୱଚ୍ଛତା, ବ୍ୟକ୍ତିଗତ ପରିଚ୍ଛନ୍ନତା, ରୋଷେଇ ଘରର ପରିବେଶ ଓ ସ୍ୱାସ୍ଥ୍ୟବିଧି ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେହିପରି ସୁଧାଂଶୁ ଶେଖର ପଣ୍ଡା, ବରିଷ୍ଠ ବିଜ୍ଞାନ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, ଧର୍ମଗଡ଼ ଖାଦ୍ୟ ନିରାପତ୍ତା, ଖାଦ୍ୟ ଦୂଷିତ ହେବାର କାରଣ, ସୁରକ୍ଷିତ ଖାଦ୍ୟ ପ୍ରସ୍ତୁତି, ଖାଦ୍ୟ ସଂରକ୍ଷଣ, ପରିବେଷଣ ପ୍ରଣାଳୀ ଓ ଖାଦ୍ୟ ଜନିତ ରୋଗରୁ ସୁରକ୍ଷା ସମ୍ପର୍କରେ ବୈଜ୍ଞାନିକ ଓ ବ୍ୟବହାରିକ ତଥ୍ୟ ଉପସ୍ଥାପନ କରିଥିଲେ । ଉପସ୍ଥିତ ପାଚିକା ଓ ସହାୟିକାମାନେ ଏହି ପ୍ରଶିକ୍ଷଣକୁ ଅତ୍ୟନ୍ତ ଉପଯୋଗୀ ଓ ଜ୍ଞାନବର୍ଦ୍ଧକ ବୋଲି ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଧର୍ମଗଡ଼ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୪୦ରୁ ଅଧିକ ପାଚିକା ଓ ସହାୟିକା ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଶେଷରେ ସଞ୍ଜୀବ ମେହେର, ସିଆରସିସି, ଧର୍ମଗଡ଼ କ୍ଲଷ୍ଟର ଧନ୍ୟବାଦ ଅର୍ପଣ କରି ସମସ୍ତ ଅତିଥି, ସାଧନ କର୍ମୀ ଓ ଅଂଶଗ୍ରହଣକାରୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିର ପାଚିକା ଓ ସହାୟିକାମାନଙ୍କ ଦକ୍ଷତା ବୃଦ୍ଧି ସହିତ ବିଦ୍ୟାଳୟଗୁଡ଼ିକରେ ଶିଶୁମାନଙ୍କ ପାଇଁ ସୁରକ୍ଷିତ, ସ୍ୱଚ୍ଛ ଓ ପୌଷ୍ଟିକ ଖାଦ୍ୟ ପରିବେଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା ।

## ବିକାଶ ନାଁରେ ପ୍ରହସନ ?

### କାଦୁଅରେ ବୁଡ଼ିଲା ୩ ଲକ୍ଷର ରାସ୍ତା



**ଖପ୍ରାଖୋଲ (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଭାନପୁର ପଞ୍ଚାୟତର ତୁର୍ଲା–ଭୁର୍ସିବାଞ୍ଜି ରାସ୍ତାରେ 'ବିକଶିତ ଗାଁ–ବିକଶିତ ଓଡ଼ିଶା' ଯୋଜନାରେ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ମୁରୁମ କାମକୁ ନେଇ ଗୁରୁତର ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି । ଯେଉଁ ରାସ୍ତା ବିକାଶର ପ୍ରତୀକ ହେବା କଥା, ତାହା ମାତ୍ର ଦୁଇ ଦିନର ବର୍ଷା ପରେ କାଦୁଅର ସମୁଦ୍ରରେ ପରିଣତ ହୋଇଛି । ସ୍ଥାନୀୟଙ୍କ ଅଭିଯୋଗ ଅନୁସାରେ, ରାସ୍ତାରେ ନିୟମ ମୁତାବକ ମୁରୁମ ପକାଯିବା ପରିବର୍ତ୍ତେ ମାଟି ପକାଯାଇଥିଲା ଏବଂ ଆବଶ୍ୟକ ରୋଲର କମ୍ପାକ୍ସନ୍ ମଧ୍ୟ କରାଯାଇନଥିଲା । ଏପରି ସ୍ଥିତିରେ ବିଲ୍ ପାସ୍ କରିବାର ପ୍ରସ୍ତୁତି ଚାଲିଥିବା ଅଭିଯୋଗ ଉଠିଛି । ଯଦି ଏହା ସତ୍ୟ, ତେବେ ଏହା କେବଳ ନିମ୍ନମାନର କାମ ନୁହେଁ, ବରଂ ସରକାରୀ ଅର୍ଥର ଅପବ୍ୟବହାର ପ୍ରତି ଗୁରୁତର ସଙ୍କେତ । ବର୍ତ୍ତମାନ ରାସ୍ତାର ଅବସ୍ଥା ଏପରି ଯେ, ସାଧାରଣ ଲୋକଙ୍କ ଯାତାୟାତ ଅସମ୍ଭବ ହୋଇପଡ଼ିଛି । ପ୍ରତିଦିନ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀ କାଦୁଅରେ ଖସିପଡୁଥିବା ଅଭିଯୋଗ ମଧ୍ୟ ଆସୁଛି । ପ୍ରଶ୍ନ ଉଠୁଛି ବର୍ଷା ରତୁରେ ଏଭଳି କାମ କରିବାକୁ ଅନୁମତି କିଏ ଦେଲା ? କାମ ସମୟରେ ଯନ୍ତ୍ରୀଙ୍କ ତଦାରଖ କେଉଁଠି ଥିଲା ? ଅନ୍ୟପଟେ, ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି ଯେ, କାମଟି ପ୍ରଥମେ ତୁର୍ଲା ଗାଁର କିଛି ଯୁବକଙ୍କ ନାମରେ ଥିଲେ ମଧ୍ୟ ପରେ ଏହାକୁ ଅନ୍ୟ ଜଣେ ବ୍ୟକ୍ତି କରାଇଥିଲେ ଏବଂ କମିଶନ (ପିସି) କାରବାର ହୋଇଥିବା ଅଭିଯୋଗ ଉଠିଛି । ଏହି ଅଭିଯୋଗର ସତ୍ୟତା ତଦନ୍ତ ସାପେକ୍ଷ । ଦୁଇ ଦିନର ବର୍ଷା ଯଦି ୩ ଲକ୍ଷ ଟଙ୍କାର କାମର ପ୍ରକୃତ ଚିତ୍ରକୁ ସାମ୍ନାକୁ ଆଣିଦେଇଛି, ତେବେ କାମର ଗୁଣବତ୍ତା କେତେ ମାନସମ୍ମତ ଥିଲା ତାହା ସହଜରେ ଅନୁମାନ କରାଯାଇପାରେ । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ନିୟମ ଅନୁଯାୟୀ ରାସ୍ତାକୁ ପୁନଃନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## କଳାହାଣ୍ଡି–ନୂଆପଡ଼ା ବିକାଶକୁ ନେଇ ସକ୍ରିୟ ସାଂସଦ ମାଳବିକା ଦେବୀ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଜନ ସମସ୍ୟା, ବିକାଶମୂଳକ ପ୍ରକଳ୍ପ ଏବଂ ଲୋକହିତ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସାକ୍ଷାତକାର ସମୟରେ ସାଂସଦ ସମ୍ପ୍ରତିର ଲଗାତାର ପ୍ରବଳ ବର୍ଷା ଯୋଗୁଁ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ସଦୃଶ ପରିସ୍ଥିତି, ଜନଜୀବନରେ ପଡ଼ିଥିବା ପ୍ରଭାବ, ଘରବାଡ଼ି, ରାସ୍ତାଘାଟ ଓ କୃଷିକ୍ଷେତ୍ରର କ୍ଷୟକ୍ଷତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ପ୍ରଭାବିତ ପରିବାରମାନଙ୍କ ପାଇଁ ତୁରନ୍ତ ରିଲିଫ୍, ପୁନର୍ବାସ ଓ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରିବାକୁ ମଧ୍ୟ ସେ ଅନୁରୋଧ କରିଥିଲେ । ଏହା ସହିତ ସାଂସଦ ନିଜ ଲୋକସଭା କ୍ଷେତ୍ରର ବର୍ତ୍ତମାନ ବିକାଶମୂଳକ ଆବଶ୍ୟକତା, ଭିତ୍ତିଭୂମି ସୁଦୃଢ଼ୀକରଣ, ଜନହିତକାରୀ ପ୍ରକଳ୍ପ ଓ ଅନ୍ୟାନ୍ୟ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ଉପସ୍ଥାପିତ ପ୍ରସଙ୍ଗଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ଆବଶ୍ୟକ ପଦକ୍ଷେପ ନେବା ପ୍ରତି ଆଶ୍ୱାସନ ଦେଇଥିବା ସୂଚନା ମିଳିଛି । କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ସର୍ବାଙ୍ଗୀନ ବିକାଶ, ଦୁର୍ଯ୍ୟୋଗ ପରିଚାଳନା ଏବଂ ଜନକଲ୍ୟାଣ ପ୍ରତି ସାଂସଦ ମାଳବିକା ଦେବୀଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ସକାରାତ୍ମକ ଭାବେ ଦେଖାଯାଉଛି ।

**ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ, ବନ୍ୟା କ୍ଷୟକ୍ଷତି ଓ ବିକାଶ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା**

## ଆଇନ ସଚେତନତା ଶିବିର



**ବଲାଙ୍ଗୀର (ଅମୃତ ମିଡିଆ) :** ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିରର ଅଧ୍ୟକ୍ଷ ତଥା ଜିଲ୍ଲା ହିରନମୟ ବିଶୋଇ ଙ୍କ ଅନୁମତି କ୍ରମେ ତା.୩୧.୦୭.୨୦୨୬ ରେ ଆର୍ଦଶ ବିଦ୍ୟାଳୟ, ପଥରଚେପା ଠାରେ ଔଔଉଚଉ ଅଧିନିୟମ, ଶିକ୍ଷା ଅଧିକାର ନିୟମ ଏବଂ ନାଗରିକର ମୌଳିକ କର୍ତ୍ତବ୍ୟ ପାଳନ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଆଇନ ସଚେତନତା ଶିବିରରେ ବେଣୁଧର ପାତ୍ର, ଜଜ୍ ଙ୍କଙ୍ଗ ଭିଜିଲାନ୍ସ ନ୍ୟାୟାଳୟ, ବଲାଙ୍ଗିର ଯୋଗ ଦେଇ କିଶୋର ନ୍ୟାୟ ଶିଶୁଙ୍କ ଯନ୍ତ୍ର ଓ ସୁରକ୍ଷା ଅଧିନିୟମ, ୨୦୧୫ ଅନୁଯାୟୀ ଶିଶୁଙ୍କ ସୁରକ୍ଷା, ପୁନର୍ବାସ ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ କିଶୋର ନ୍ୟାୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ ଏବଂ ଶିଶୁ କଲ୍ୟାଣ କମିଟି, କିଶୋର ନ୍ୟାୟ ବୋର୍ଡ ଓ ଅନ୍ୟାନ୍ୟ ସଂସ୍ଥା ଏହି ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରିୟପ୍ରତା ଦାସ, ଜଜ୍, ଫ୍ୟାମିଲି କୋର୍ଟ, ବଲାଙ୍ଗିର ସମ୍ବିଧାନର ଅନୁଚ୍ଛେଦ ୨୧(କ) ଅନୁଯାୟୀ ୬ରୁ ୧୪ ବର୍ଷ ବୟସର ପ୍ରତ୍ୟେକ ଶିଶୁଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ଏକ ମୌଳିକ ଅଧିକାର । ସେହିପରି ସମ୍ବିଧାନର ମୌଳିକ କର୍ତ୍ତବ୍ୟ ଅନୁଯାୟୀ ପିତାମାତା ଓ ଅଭିଭାବକମାନଙ୍କର ୬ରୁ ୧୪ ବର୍ଷ ବୟସର ଶିଶୁଙ୍କ ଶିକ୍ଷାର ସୁଯୋଗ ଯୋଗାଇ ଦେବା ଦାୟିତ୍ୱ ରହିଛି ବୋଲି ଦର୍ଶାଇଥିଲେ । ଅଂଜଳି ପାଢି, ଜିଲ୍ଲାଜଜ୍ ଦ୍ୱିତୀୟ ବଲାଙ୍ଗିର କାର୍ଯ୍ୟକ୍ରମରେ ସମାଜର ସମସ୍ତ ବର୍ଗକୁ ଶିଶୁଙ୍କ ଅଧିକାରର ସୁରକ୍ଷା, ଶିକ୍ଷାର ପ୍ରସାର ଏବଂ ସମ୍ବିଧାନ ପ୍ରଦତ୍ତ ମୌଳିକ କର୍ତ୍ତବ୍ୟ ପାଳନ ମାଧ୍ୟମରେ ଏକ ସୁରକ୍ଷିତ ଓ ସଶକ୍ତ ସମାଜ ଗଠନରେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ । ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ପବିତ୍ରାନନ୍ଦ ପ୍ରଧାନ ଯୋଗ ଦେଇ ଶିଶୁ ଶ୍ରମ, ବାଲ୍ୟବିବାହ, ଶିଶୁ ନିର୍ଯାତନା ଓ ବିଦ୍ୟାଳୟ ଛାଡୁଥିବା ଶିଶୁଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ସମସ୍ତ ବିଭାଗ, ଶିକ୍ଷାନୁଷ୍ଠାନ, ଅଭିଭାବକ ଓ ସାଧାରଣ ଜନତାଙ୍କ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ସାଧକ କାରର୍ଜ. ଜେ.ଏମ୍.ଏଫ୍.ସି. ବଲାଙ୍ଗିର, ଶ୍ରୀଯୁକ୍ତ ଶିଶିର କୁମାର ଭୋଇ, ଗ୍ରାମ ନ୍ୟାୟଧିକାରୀ, ବଲାଙ୍ଗିର ଯୋଗ ଦେଇଥିଲେ । ଅଧ୍ୟକ୍ଷ କ୍ଷମାନିଧି ଝଙ୍କର ଆର୍ଦଶ ବିଦ୍ୟାଳୟ, ପଥରଚେପା କାର୍ଯ୍ୟକ୍ରମକୁ ସୂଚାରୁରୂପେ ତୁଲାଇଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା




ଜୁନାଗଡ (ଅମୃତ ମିଡିଆ) : ଶିଶୁ ବିଦ୍ୟା ମନ୍ଦିର ଠାରେ ତା–୧.୮.୨୦୨୬ ରିଖ ଶନିବାର ଦିନ ବିଦ୍ୟାଳୟର ଜ୍ଞାନ ବିଜ୍ଞାନ ଅନୁଷ୍ଠିତ ହୋଇଥିଲା । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ପି.ଏମ୍. ଶ୍ରୀ. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ନେପାଳ କୁମାର ବାଗ ଯୋଗଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦୁର୍ଗାପ୍ରସାଦ ନାଏକ, ଉପ ସଭାପତି ମହେଶ୍ୱର ରଣା ସଂପାଦକ ହେମନ୍ତ କୁମାର ମୁଣ୍ଡ ଓ ଶ୍ରବଣ କୁମାର ସାହୁ ଉପସ୍ଥିତ ଥିଲେ । ଶିଶୁ ବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୬୭୨ ଛାତ୍ରଛାତ୍ରୀ ବିଜ୍ଞାନ, ଗଣିତ, ସଂସ୍କୃତି ଜ୍ଞାନ, ବିଜ୍ଞାନ ପ୍ରକଳ୍ପ, ପତ୍ରବାଚନ, ପ୍ରୟୋଗ, କଥାକଥନ, ମୂର୍ତ୍ତିକଳା, ପ୍ରଶ୍ନ ମଞ୍ଚ, ନିବନ୍ଧ ଲିଖନ ଇତ୍ୟାଦିରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବିଦ୍ୟାଳୟ ତଥା ସ୍ଥାନୀୟ ବିଦ୍ୟାଳୟର ୨୪ ଜଣ ବିଜ୍ଞାନ ଶିକ୍ଷକ ବିଚାରକ ଭାବେ ଅଂଶ ଗ୍ରହଣ କରିଥିଲେ । ସମାରୋପ ଉତ୍ସବରେ ହେମନ୍ତ କୁମାର ମୁଣ୍ଡ, ଦୁର୍ଗାପ୍ରସାଦ ନାଏକ, ସୁଶାନ୍ତ କୁମାର ସାହୁ, ମଦେଶ୍ୱର ରଣା ଓ ଶ୍ରବଣ କୁମାର ଉପସ୍ଥିତ ଥିଲେ । ପ୍ରତ୍ୟେକ ବିଭାଗର ୧୩୨ ପ୍ରତିଭାଗୀ ପ୍ରଥମ, ଦ୍ୱିତୀୟ, ତୃତୀୟ ଭାବେ ପୁରସ୍କୃତ ହୋଇଥିଲେ । ଶିଶୁ ବାଟିକାର ସମସ୍ତ ଶିଶୁଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବ ରେ ବିଜ୍ଞାନ ଗୁରୁଜୀ ଶ୍ରୀ ଲଲାଟେନ୍ଦୁ ଘି ବୃତ୍ତ କଥନ, ବିରଞ୍ଚି ନାରାୟଣ କୈବର୍ତ୍ତ ଅତିଥି ପରିଚୟ, ହେମନ୍ତ ପ୍ରଧାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉମାକାନ୍ତ ଗୁରୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ରାମ କିଶୋର ଜଗରିଆ, ଫଗନୁ ନାଏକ, ଦାମୋଦର ଟୋଳଟିଆ, ବସନ୍ତ ନାଏକ, ସୁଧିର ନେଗୀ, ହରିଶଙ୍କର ପଟ୍ଟନାୟକ, ଦୁଷ୍ମନ୍ତ ଖତିକାର, ସ୍ମିତା ବିଶ୍ୱାଳ, ରେଣୁବାଳା ମିଶ୍ର, ଦ୍ୱିାନୀ ଧଙ୍ଗଡାମାଝୀ ତଥା ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମାଙ୍କ ଦ୍ୱାରା ବିଜ୍ଞାନ ମେଳାଟି ସାଫଲ୍ୟମଣ୍ଡିତ ହୋଇଥିଲା ।

## ଗୁରୁପୂର୍ଣ୍ଣିମା ଉତ୍ସବରେ ଗୁରୁଜୀ ତଥା ସାହିତ୍ୟିକ ପ୍ରସନ୍ନ କୁମାର ମିଶ୍ର ସମ୍ମାନିତ



ବଲାଙ୍ଗୀର (ଅମୃତ ମିଡିଆ) : ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ଅଧ୍ୟାତ୍ମିକ ଭାବ ଜାଗରଣ ତଥା ପ୍ରଚାର ପ୍ରସାର ନିମିତ୍ତ ସମର୍ପିତ ସଂଗଠନ 'ଭାଗବତ ଚେତନା ପରିଷଦ' ବାନ୍ଧନଘୋର ପକ୍ଷରୁ ବାରପୁଡୁଗିଆ ଶିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ତଥା ଗ୍ରାମବାସୀଙ୍କ ସହଯୋଗ ରେ ପବିତ୍ର ଆଷାଢ ଗୁରୁପୂର୍ଣ୍ଣିମା ଉତ୍ସବ ଆୟୋଜିତ ହୋଇଯାଇଅଛି । ବିଶିଷ୍ଟ ସମାଜସେବୀ ତଥା ଜିଲ୍ଲା ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ଆବାହକତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ବାରପୁଡୁଗିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା ଏକ୍କା ସଭାପତିତ୍ୱ କରିଥିଲେ । ପ୍ରଥମ ଗୁରୁ ବନ୍ଦନା ପରେ ପରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଙ୍କୁ ଫୁଲ ଚନ୍ଦନ ଦୀପ ଉତ୍ତରୀୟ ଦେଇ ଗୁରୁପୁଜନ କରାଯାଇଥିଲା । ପରେ ପରିଷଦ ପକ୍ଷରୁ ସ୍ଥାନୀୟ ଅବସରପ୍ରାପ୍ତ ଗୁରୁଜୀ ତଥା ସାହିତ୍ୟିକ କଳାପ୍ରେମୀ ପ୍ରଶନ୍ନ କୁମାର ମିଶ୍ର ଓ ପରଂପରା କ୍ରମେ ପାଦଧୋତ ପୂର୍ବକ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ଭଗବତ ଚେତନା ପରିଷଦର ସଭାପତି ମଳୟ ଆନନ୍ଦ କୁମାର ତ୍ରିପାଠୀଙ୍କ ତତ୍ୱାବଧାନରେ ସଂପାଦକ ମନ୍ମୟ ତ୍ରିପାଠି, କାର୍ତ୍ତିକ ସାହୁ, ନିଳାମ୍ବର ନାଏକ, ରଂଜିତ ବେହେରା, ନେପାଳ ପ୍ରଧାନ ପ୍ରମୁଖ ଗୁରୁଜୀ ମିଶ୍ରଙ୍କୁ ମାନପତ୍ର ଦେଇ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନିତ କରିଥିଲେ । ଶ୍ରୀ ମିଶ୍ର ତିନି ଗୋଟି ଭଜନ ପୁସ୍ତକ ଭକ୍ତିପୁଷ୍ପାଞ୍ଜଳି, ଭକ୍ତି ମଂଜରୀ ଓ ଭକ୍ତି ଚନ୍ଦନ ପ୍ରକାଶ କରିଥିବା ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅମୃତା କର, ନିର୍ଝରିକା ନାୟକ, ଲିଲି ପଣ୍ଡା, ରବିଚନ୍ଦ୍ର ଧରୁଆ, ଉମେଶ ନାଗ, ସୁମନ୍ତ ସାହୁ, ଗୋବର୍ଦ୍ଧନ ଭୋଇ, ସୁମନ୍ତ କୁମାର ନାଗ, ଜତିନ୍ଦ୍ର ସାହୁ ପ୍ରମୁଖ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରମୋଦ କର୍ମୀ ଧନ୍ୟବାଦ ଜ୍ଞାପନ କରିଥିଲେ । ସଦାନନ୍ଦ ମହଲା, ପରମେ ନାଏକ, ବିକାଶ ନାଏକ, ସଂଜୟ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

## କୁମିଆପାଲିରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ବଲାଙ୍ଗୀର (ଅମୃତ ମିଡିଆ) :** ଲୋୟର୍ ସୁକତେଲ୍ ପ୍ରକଳ୍ପ ବିସ୍ଥାପିତ ଗ୍ରାମ କୁମିଆପାଲିରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ଲୋୟର୍ ସୁକତେଲ୍ ପ୍ରକଳ୍ପର ଶେଷ ବିସ୍ଥାପିତ ଗ୍ରାମ କୁମିଆପାଲିକୁ ନେଇ ପୁଣି ତେଜିଛି ଚର୍ଚ୍ଚା । କିଛିଦିନ ପୂର୍ବେ ଗାଁର ୮୪ଟି ଆଦିବାସୀ ବିସ୍ଥାପିତ ପରିବାର ଉଚିତ କ୍ଷତିପୂରଣ ଓ ଥଇଥାନ ଦାବିରେ ଧନୁତୀର ଧରି ଆନ୍ଦୋଳନରେ ବସିଥିଲେ । ପ୍ରଶାସନ ସହ ଆଲୋଚନା ପରେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ବେଳେ ଜଳଭଣ୍ଡାରର ପାଣି ଗାଁକୁ ପଶିବା ଆରମ୍ଭ ହୋଇଛି । ଏପରି ପରିସ୍ଥିତିରେ ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ନିର୍ଦ୍ଦେଶରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କୁମିଆପାଲି ପହଞ୍ଚି ବିସ୍ଥାପିତ ପରିବାରଙ୍କ ସହ ଆଲୋଚନା କରିଛି । ଦଳ ପକ୍ଷରୁ ବିସ୍ଥାପିତଙ୍କ ଦାବିକୁ ଯୁକ୍ତିସଙ୍ଗତ ଓ ନ୍ୟାୟସଂଗତ ବୋଲି କହି ରାଜ୍ୟ ସରକାରଙ୍କୁ ତୁରନ୍ତ ଉଚିତ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି ।



## ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା ଧର୍ମଗଡ ଠାରେ ୮୦ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଧର୍ମଗଡ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଆଇଏଏସଙ୍କ ଅଧ୍ୟକ୍ଷତାରେ ଧର୍ମଗଡ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଦିବସ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଯ୍ୟ ପୂର୍ଣ୍ଣ ବାତାବରଣ ମଧ୍ୟରେ ପାଳନ କରିବା ସମସ୍ତଙ୍କର ସହଯୋଗ କାମନା କରାଯାଇଥିଲା । ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା କରାଗଲା । ସକାଳ ଘ୯–୧୫ ୯–୧୫ ମିନିଟ୍ ସମୟରେ ଧର୍ମଗଡ କଳାହାଣ୍ଡି ଉତ୍ସବ ପଡ଼ିଆ ଠାରେ ସ୍ୱାଧୀନତ ଦିବସର ମୁଖ୍ୟ ଅତିଥି ଧର୍ମଗଡ ଉପଜିଲ୍ଲାପାଳ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବେ ।ଉକ୍ତ ଦିନ ପ୍ରାତଃ ସମୟରେ ସହରରେ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ ଗାନ କରାଯିବ ଓ ସହରରେ ଥିବା ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତିରେ ସକାଳ ୭ ଘଣ୍ଟା ସୁଦ୍ଧା ମାଲ୍ୟାର୍ପଣ କରାଯିବ । ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବେସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନମାନଙ୍କରେ ସକାଳ ଘ୭–୩୦ମି ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ପ୍ୟାରେଡ୍ ପଡିଆ ସମତୁଲ କରିବା, ବ୍ୟାରିକେଡ଼ ଓ ଟେଣ୍ଟ ନିର୍ମାଣ, ନିମନ୍ତ୍ରିତ ଅତିଥିଙ୍କ ବସିବା ପାଇଁ ଚୌକି ଯୋଗାଣ ଆଦି ବ୍ୟବସ୍ଥା ପୂର୍ତ୍ତ ବିଭାଗ କରିବେ । ଶାନ୍ତି ଶୃଙ୍ଖଳା ରକ୍ଷା, ପ୍ୟାରେଡ୍ ଅଭ୍ୟାସ ଓ ସ୍ୱାଧୀନତା ଦିବସ ପ୍ୟାରେଡ୍ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଅନୁରୋଧ କରାଗଲା । ପ୍ୟାରେଡ୍ ପଡିଆ ପରିଷ୍କାର ପରିଚ୍ଛନ୍ନ ରଖିବା, ପତାକା ମଞ୍ଚ ସାଜସଜ୍ଜା, ପାନୀୟ ଜଳ ଯୋଗାଣ, ଆଶୁ ଚିକିତ୍ସା ଓ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା କରାଗଲା । ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରାଥମିକ, ମାଧ୍ୟମିକ, ହାଇସ୍କୁଲ ଓ କଲେଜ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଓ ଅପରାହ୍ନ ରେ ପ୍ରଦର୍ଶନୀ ଫୁଟବଲ୍ ପ୍ରତିଯୋଗିତା ଆୟୋଜନ କରିବା ସ୍ଥିର କରାଗଲା । ଏହି ବୈଠକରେ ଡେପୁଟି କଲେକ୍ଟର ଅମିତ କୁମାର ବେହେରା,ସହ ଉପଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀ, ତହସିଲଦାର କୀର୍ତି ଚନ୍ଦ୍ର ପ୍ରଧାନ, ଏନଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସିଂ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ପ୍ରତିନିଧି ତଥା ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ସହ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥଲେ ଓକାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।





### ୪୦.୯୪ ଲକ୍ଷ ଟଙ୍କା ଆର୍ଥିକ ଅନିୟମିତତା ମାମଲା

# ବେତନଟୀ ଲ୍ୟାମ୍ପ୍‌ସର ପୂର୍ବତନ ଏମ୍‌ଡି ଗିରଫ

**ବାରିପଦା(ଅମୃତମିଡିଆ):** ବେତନଟୀ ଲ୍ୟାମ୍ପ୍‌ସ ର ୪୦ ଲକ୍ଷ ୯୪ ହଜାର ୩୦୬ ଟଙ୍କା ଆର୍ଥିକ ଅନିୟମିତତା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସଂସ୍ଥାର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ (ଏମଡି) ହିମାଂଶୁ ଦାସଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି । ତାଙ୍କୁ ବାରିପଦାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି । ଭିଜିଲାନ୍ସ ସୂତ୍ରରୁ ପ୍ରକାଶ ଯେ, ୨୦୧୭-୧୮ ଆର୍ଥିକ ବର୍ଷରେ ବେତନଟୀ ଲ୍ୟାମ୍ପ୍‌ସର ଏମଡି ଭାବେ କାର୍ଯ୍ୟରତ ଥିବା ସମୟରେ ହିମାଂଶୁ ଦାସ



ଚାଷୀମାନଙ୍କ ଠାରୁ କୃଷି ଓ ଫସଲ ଋଣ ପରିଶୋଧ, ସଦସ୍ୟ ଶେୟାର ପୁଞ୍ଜି, ଆବେଦନ ଫି ଏବଂ ପ୍ରଶାସନିକ ଶୁଳ୍କ ବାବଦରେ ବିପୁଳ ପରିମାଣର ଅର୍ଥ ଆଦାୟ କରିଥିଲେ । ସେ ଏହି ଅର୍ଥ ଗ୍ରହଣ ପାଇଁ ଚାଷୀମାନଙ୍କୁ ରସିଦ ମଧ୍ୟ ପ୍ରଦାନ କରିଥିଲେ । ତେବେ ସଂଗୃହୀତ ଅର୍ଥକୁ ସୋସାଇଟିର ଖାତାରେ ଜମା ନକରିବା ସହିତ ସେ ଦିନିକିଆ ହିସାବ ପୁସ୍ତକରେ ଏହାର କୌଣସି ଉଲ୍ଲେଖ କରିନଥିଲେ । ଫଳରେ ସେ ମୋଟ ୪୦.୯୪ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ତଦନ୍ତରୁ ଜଣାପଡ଼ିଛି । ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ନଂ-୧୨, ତାରିଖ ୩୦/୦୭/୨୦୨୬ ମୂଳେ ଦୁର୍ନୀତି ନିବାରଣ ଆଇନ ଓ ଭାରତୀୟ ଦଣ୍ଡବିଧିର ସମ୍ପୃକ୍ତ ଧାରାରେ ମାମଲା ରୁଜୁ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ହିମାଂଶୁ ଦାସଙ୍କୁ ୪ ଏପ୍ରିଲ ୨୦୨୨ରେ ସରକାରୀ ସେବାରୁ ବରଖାସ୍ତ କରାଯାଇଥିଲା । ଭିଜିଲାନ୍ସ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଥିବାର ପ୍ରକାଶ ।

### ମରଣଯନ୍ତା ପାଲଟିଛି ବୁଧୁସାହି-କାଳିଆଦୁମା ରାସ୍ତା

# କାଦୁଅ ରାସ୍ତାରେ ଖସି ଭିନ୍ନକ୍ଷମ ବ୍ୟକ୍ତି ଗୁରୁତର



**ବାରିପଦା /ସାହାରପଡା(ଅମୃତମିଡିଆ):** କେନ୍ଦୁଝର ଜିଲ୍ଲା, ସାହାରପଡା ବ୍ଲକ ମାଛଗଡ଼ ପଞ୍ଚାୟତର ବୁଧୁସାହି-କାଳିଆଦୁମା ସଂଯୋଗକାରୀ ରାସ୍ତାର ବେହାଲ ଅବସ୍ଥା ପୁଣିଥରେ ଚର୍ଚ୍ଚାର କାରଣ ପାଲଟିଛି । ଲଗାଣ ବର୍ଷା ପରେ ସମ୍ପୂର୍ଣ୍ଣ ରାସ୍ତା କାଦୁଅରେ ପରିଣତ ହୋଇଥିବାରୁ ପ୍ରତିଦିନ ଯାତାୟାତ କରୁଥିବା ଶହ ଶହ ଲୋକ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଶନିବାର ପ୍ରତାପ ମହାନ୍ତ ନାମକ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଏହି ରାସ୍ତା ଦେଇ ଯାଉଥିବା ବେଳେ କାଦୁଅରେ ଖସିପଡ଼ି ଆହତ ହୋଇଥିଲେ । ଖବର ପାଇ ମାଛଗଡ଼ ପଞ୍ଚାୟତର ସମିତି ସଭ୍ୟ ଟିପୁ ନାଥ ହୋ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ସହାୟତା କରିବା ସହ ହାତ ଧରି ସୁରକ୍ଷିତ ଭାବେ ରାସ୍ତା ପାର କରାଇଥିଲେ । ତାଙ୍କ ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି । ଏହି ଘଟଣା ପରେ ରାସ୍ତାର ଦୟନୀୟ ଅବସ୍ଥାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବର୍ଷ ବର୍ଷ ଧରି ରାସ୍ତା ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବାରୁ ପ୍ରତିଦିନ ଦୁର୍ଘଟଣାର ଆଶଙ୍କା ବଢୁଛି । ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ, ଭିନ୍ନକ୍ଷମ ଓ ରୋଗୀମାନେ ଏହି ରାସ୍ତାରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି । ତୁରନ୍ତ ଏହି ରାସ୍ତା କୁ ପିଚୁ ରାସ୍ତା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# କପ୍ତିପଦା ଏନଏସିର ନଗରପାଳ ପଦବୀ ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ଦାବି

**ବାରିପଦା(ଅମୃତମିଡିଆ):** ନୂତନ ଭାବେ ଘୋଷଣା ହୋଇଥିବା କପ୍ତିପଦା ଏନ.ଏ.ସି. ଅନ୍ତର୍ଗତ ବିଭିନ୍ନ ୱାର୍ଡର ଅଧିବାସୀ ମାନେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି କପ୍ତିପଦା ଏନ.ଏ.ସିର ନଗରପାଳ ପଦବୀ ସାଧାରଣ ବର୍ଗ ପାଇଁ ସଂରକ୍ଷିତ କରାଯିବା ନିମନ୍ତେ ଦାବୀ କରିଛନ୍ତି । ଦାବିପତ୍ର ମୁତାବକ ଯେଉଁ ଅଂଚଳ ଗୁଡ଼ିକୁ ସଂଯୋଗ କରି ନୂତନ ଭାବେ କପ୍ତିପଦା ଏନ.ଏ.ସି. ଗଠିତ ହୋଇଛି, ସେଥିମଧ୍ୟରୁ ପ୍ରାୟ ୬୦ ଶତକଡ଼ାରୁ ଊର୍ଦ୍ଧ୍ୱ ସାଧାରଣ ବର୍ଗର ଲୋକବାସ କରନ୍ତି । ସରକାରୀ ହିସାବ ଅନୁସାରେ କପ୍ତିପଦା ଏନ.ଏ.ସି. ଅନ୍ତର୍ଗତ ୧୫ଟି ୱାର୍ଡରେ ମୋଟ ଲୋକ ସଂଖ୍ୟା ୧୯,୫୩୨ ଜଣ ମଧ୍ୟରୁ ତଫସିଲଭୁକ୍ତ ଜାତିର ସଂଖ୍ୟା ୬,୯୪୨ ଓ ତଫସିଲଭୁକ୍ତ ଜନଜାତିର ସଂଖ୍ୟା ୧,୯୯୬ ହୋଇଥିବାବେଳେ ସାଧାରଣ ବର୍ଗର ଲୋକଙ୍କ ସଂଖ୍ୟା ୧୦,୫୯୪ ରହିଛି । ପ୍ରଥମଥର ପାଇଁ ଏନ.ଏ.ସି. ଗଠନ ହୋଇ ପ୍ରତିନିଧି ନିର୍ବାଚନ ହେଉଥ?ିବା ବେଳେ ନଗରପାଳ ପଦ ସାଧାରଣ ବର୍ଗ ପାଇଁ ଉନ୍ମୁକ୍ତ ରଖାଯିବା ଉଚିତ । ବିଭିନ୍ନ ୱାର୍ଡ କାଉନ୍ସିଲର ପଦବୀ ଗୁଡ଼ିକ ଆପାତତଃ ସ୍ଥିର ହୋଇ ସାରିଥିବା ବେଳେ କେବଳ ନଗରପାଳ ପଦବୀରେ ଜଣେ ସାଧାରଣ ବର୍ଗର ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଗଲେ ନିଶ୍ଚିତ ସହରାଂଚଳ ବିକାଶ



ହେବ ବୋଲି କୁହାଯାଇଛି । ତେବେ ଶତାଧିକ ଏନଏସି ବାସିନ୍ଦାଙ୍କ ସ୍ୱାକ୍ଷରିତ ଦାବିପତ୍ର ଦିଲ୍ଲୀପ କୁମାର ଦାସ, ସନ୍ଦୀପ କୁମାର ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ପ୍ରଦାନ କରିଥିବା ବେଳେ ଏହାର କପି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଏବଂ ନଗର ଉନ୍ନୟନ ବିଭାଗର ଶାସନ ସଚିବଙ୍କୁ ପ୍ରେରଣ କରିଛନ୍ତି ।

# ଶିକ୍ଷୟିତ୍ରୀ ମୀନାକ୍ଷୀ ନନ୍ଦୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା,ମୋରଡା ବ୍ଲକ ଅଧୀନ ଚିତ୍ରଡା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନାକ୍ଷୀ ନନ୍ଦୀଙ୍କୁ ଆଜି ବିଦ୍ୟାଳୟ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶିକ୍ଷକ ଅରୁଣ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ନନ୍ଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନରେ କିପରି ଆଗକୁ ବଢିବେ ବାର୍ତ୍ତା ନେଇ ଭାବବିହ୍ୱଳ ହୋଇ ପଡ଼ିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତରୁଣ



କୁମାର ମହାକୁଡ଼ ନନ୍ଦୀଙ୍କ ସମୟାନୁବର୍ତ୍ତିତା ଓ ଧୈର୍ଯ୍ୟକୁ ବେଶ୍ ପ୍ରଶଂସା କରିଥିଲେ । ଶିକ୍ଷକ ରାଜୀବ କୁମାର ଜେନା ମାନପତ୍ର ପାଠ କରିଥିବା ବେଳେ ବିଦାୟୀ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ରାଜୀବ ସାହୁ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦମୂଳକ ବାର୍ତ୍ତା ପ୍ରଦାନ କରିଥିଲେ ।

# କେନ୍ଦୁଜିଆଣୀରେ ବିଦେଶୀ ମଦ ଦୋକାନକୁ ବିରୋଧ

**ବାରିପଦା(ଅମୃତମିଡିଆ):** ଠାକୁରମୁଣ୍ଡା ବ୍ଲକ, କେନ୍ଦୁଜିଆଣୀଠାରେ ଚାଲିଥିବା ଠିପି ବନ୍ଦ



ବିଦେଶୀ ମଦ ଦୋକାନକୁ ନେଇ ଜୋରଦାର ବିରୋଧ ହୋଇଛି । ଗ୍ରାମବାସୀମାନେ ଆସି ଠାକୁରମୁଣ୍ଡା ଥାନାରେ ପହଞ୍ଚି ପ୍ରତିବାଦ ଜଣାଇବା ସହିତ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ଅଧିକାରୀଙ୍କୁ ଅବଗତ କରିଛନ୍ତି । ଅଭିଯୋଗରୁ ପ୍ରକାଶଯେ, କେନ୍ଦୁଜିଆଣୀରେ ଗୋଟିଏ ବିଦେଶୀ ମଦ ଦୋକାନ ଖୋଲାଯାଇଛି । ମାତ୍ର ଯେଉଁ ଜାଗାରେ କରାଯାଇଛି ତାହା ଜନବସତି ମଧ୍ୟରେ ଏବଂ ନିକଟରେ ସ୍କୁଲ, ଅନ୍ୟାନ୍ୟ ଅନୁଷ୍ଠାନ ଆଦି ରହିଛି । ତେଣୁ ଅବକାରୀ ବିଭାଗ ନୀତି ନିୟମ ଅନୁସାରେ ତାକୁ ଅନ୍ୟତ୍ର କରାଯିବାକୁ ଲୋକେ ଦାବି କରିଛନ୍ତି । ଗ୍ରାମବାସୀଙ୍କ ଅନୁସାରେ ଜନବସତି, ଲକ୍ଷ୍ମୀ ମଣ୍ଡପ, ଆଦିବାସୀ ସାଂସ୍କୃତିକ କେନ୍ଦ୍ର ଏବଂ ବିଭିନ୍ନ କାର୍ଯ୍ୟାଳୟ ଠାରୁ ମାତ୍ର ୨୦ ମିଟର ଦୂରରେ ରହିଛି । ରାଜ୍ୟ ରାଜପଥ ୫୩ ନଂ ରୁ ମାତ୍ର ୩୦ ରୁ ୪୦ ମିଟର ଦୂରରେ ଏବଂ ସ୍କୁଲ, ମନ୍ଦିର, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ରହିଛି । ଏସବୁ ସ୍ଥାନରୁ ଅନ୍ତତଃ ୫୦୦ ମିଟର ଦୂରରେ ଖୋଲିବାକୁ ନିୟମ ଥିବାବେଳେ ଏଠାରେ ଉଲଂଘନ କରାଯାଉଛି । ତେବେ ଜନବସତି ଠାରୁ ଏହାକୁ ନଉଠାଇଲେ ଆଗକୁ ଆନ୍ଦୋଳନ କରିବେ ବୋଲି ୩୦ ତାରିଖ ଥାନାକୁ ଆସି ଗ୍ରାମବାସୀ ମାନେ ଅଭିଯୋଗ କହିଛନ୍ତି ।

# ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



**ବାରିପଦା / କରଞ୍ଜିଆ (ଅମୃତମିଡିଆ):** କରଞ୍ଜିଆ ବ୍ଲକ, କୁଳିପୋଷି ପଂଚାୟତ ଅନ୍ତର୍ଗତ କାଦଡିହା ସ୍ଥିତ ରଘୁନାଥ ଉଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ତପନ କୁମାର ବେହେରାଙ୍କୁ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଆଜି ପୂର୍ବାହ୍ନରେ ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ଜନ୍ମେଜୟ ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷା ଡ଼ଃ ଜ୍ୟୋତିର୍ମୟୀ ତ୍ରିପାଠୀ ଯୋଗ ଦେଇ ଶ୍ରୀ ବେହେରାଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ଅନୁଷ୍ଠାନକୁ ସୁଚାରୁ ରୂପେ ଆଗେଇନେବେ ବୋଲି ଆଶା ପ୍ରକାଶ କରିଥିଲେ । ଅନୁଷ୍ଠାନର କର୍ମଚାରୀ ମାନଙ୍କ ମଧ୍ୟରେ ଅଧ୍ୟାପକ ବିଭୁତି ଭୂଷଣ ମହାନ୍ତ,ଅଯୋଧ୍ୟାନାଥ ମହାନ୍ତ, ଡ଼ଃ ମନୋଜ ସାମଲ, ଜ୍ୟୋତିର୍ମୟ ଦାସ, ରଞ୍ଜନ ବେହେରା, ଅଧ୍ୟାପିକା ଇସ୍ମିତା ବେହେରା, ମିତାରାଣୀ ମହାରଣା, ପଦ୍ମାବତୀ ମହାନ୍ତ, ତପନ ମହାନ୍ତ, ପଦ୍ମଲୋଚନ ମହାନ୍ତ ତପନ ଶତପଥି, ଦୀନବନ୍ଧୁ ମହାନ୍ତ, ଖଗେଶ୍ୱର ମହାନ୍ତ ବିରଞ୍ଚି ନାଏକ ପ୍ରମୁଖ ନୂତନ ଅଧ୍ୟକ୍ଷଙ୍କୁ ଅଭିନନ୍ଦନ ଜଣାଇଥିଲେ । ନିମନ୍ତିତ ଅତିଥି ଭାବେ ପୂର୍ବତନ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୋହିଦାସ ମହାନ୍ତ ଯୋଗ ଦେଇ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ନୂତନ ଅଧ୍ୟକ୍ଷ ଶ୍ରୀ ବେହେରା ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ଅନୁଷ୍ଠାନର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ବଜ୍ରପାତରେ ଯୁବକ ଆହତ

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ମୋରଡା ବ୍ଲକ ଅଞ୍ଚଳରେ ବଜ୍ରପାତରେ ଜଣେ ଯୁବକ ଆହତ ହୋଇଛନ୍ତି । ଆହତ ଜଣକ ହେଲେ ପଶ୍ଚିମବଙ୍ଗ ନେକ୍ରାଶୋଳ ଗ୍ରାମର ଅସିତ କୁମାର ମହାତ । ସୂଚନା ଅନୁଯାୟୀ, ଅସିତ ଆଜି ଅପରାହ୍ନରେ ବାରିପଦାରୁ ଘରକୁ ବାଇକ ଯୋଗେ ଫେରୁଥିବା ସମୟରେ ବର୍ଷା ହେବାରୁ ମୋରଡା ବ୍ଲକ ଅଧୀନ ଆଣ୍ଡୁଆ-ଅସ୍ତିଆ ନିକଟ ଆମ୍ବ ବଗିଚା ନିକଟରେ ଅଟକି ଯାଇଥିଲେ । ଏହି ସମୟରେ ବଜ୍ରପାତ ଘଟିବାରୁ ଅସିତ ଆହତ ହେବା ସହିତ ନିକଟରେ ଥିବା ଜଣେ ମହିଳା ମଧ୍ୟ ସାମାନ୍ୟ ଆଘାତ ପାଇଥିଲେ । ତେବେ ରାସ୍ତାରେ ଯାଉଥିବା ଜଣେ ଯୁବକ ନିଜ ଅଟୋରେ ଅସିତ ଏବଂ ମହିଳାଙ୍କୁ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ ।



# 'ନର୍ଭୀକତାର ସହ ବାଟ ଚାଲିବାର କୌଶଳ ଶିଖାଇଥାଏ ଆତ୍ମରକ୍ଷା ତାଲିମ'

**ବାରିପଦା /ଉଦଳା(ଅମୃତମିଡିଆ):** ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟରେ ଥିବା ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ ପକ୍ଷରୁ +୩ରେ ଅଧ୍ୟୟନରତ ଛାତ୍ରୀ ମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଗତ ଜୁଲାଇ ୨୧ ତାରିଖ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିର ୩୧ ତାରିଖ ଶୁକ୍ରବାର ଦିନ ଉଦ୍?ଯାପିତ ହୋଇ ଯାଇଛି । ଦିର୍ଘ ୧୦ ଦିନ ଧରି ଚାଲିଥିବା ଏହି ତାଲିମ ଶିବିରରେ ପ୍ରଶିକ୍ଷିକା ଭାବରେ ପଲ୍ଲବି ନାୟକ ଓ ଦୁଲାରି ଟୁଡୁ ଯୋଗଦେଇଥିବା ବେଳେ ୭୫ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଉଦ୍?ଯାପନ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଅଧ୍ୟକ୍ଷତା କରିବା ସହ ଆତ୍ମରକ୍ଷା ତାଲିମ ନିର୍ଭିକତାର ସହ ବାଟଚାଲିବାର କୌଶଳ କିପରି ଶିଖାଇଥାଏ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ




ମଧ୍ୟରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ଼କ୍ଟର ନିରଂଜନ ପାଠୀ, ଆଭ୍ୟନ୍ତରିଣ ଅଭିଯୋଗ କମିଟିର ସଭାପତି ଅଧ୍ୟାପିକା ଡ଼କ୍ଟର ଶୁଭଦର୍ଶନି ମହାନ୍ତି ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଏହି ତାଲିମ କିପରି ସାରା ଜୀବନ ଦରକାରରେ ଆସିବ କହିବା ସହ ଏହାକୁ ନିୟମିତ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଏହାପରେ ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ବଂଟନ ପର୍ବ ଆରମ୍ଭ ହୋଇଥିଲା । ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ ଦାୟିତ୍ୱରେ ଥିବା ଅଧ୍ୟାପିକା ସ୍ୱାତି ସୁଚରିତା ପଣ୍ଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡ଼କ୍ଟର କମଳିନି ପଣ୍ଡା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେବା ସହ ଉଦ୍?ଯାପନ ଉତ୍ସବର ଯବନିକା ପକାଇଥିଲେ ।

### ୨୫ଟି ବ୍ଲକର ୫୫ଟି ଗ୍ରାମପଞ୍ଚାୟତ ଓ ୭୬ଟି ଗ୍ରାମ ବନ୍ୟା ଓ ଜଳବନ୍ଦୀ ସ୍ଥିତିର ସମ୍ମୁଖୀନ

# ବର୍ଷା ଓ ବନ୍ୟା ପ୍ରଭାବରେ ୩୨୫ଟି ଘର, ୫ଟି ଝାଟିମାଟି ଘର ଏବଂ ୧୬ଟି ଗୁହାଳ କ୍ଷତିଗ୍ରସ୍ତ

## ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା କ୍ଷୟକ୍ଷତି

**ବାରିପଦା(ଅମୃତମିଡିଆ):** ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି । ଜିଲ୍ଲାର ମୋଟ ୨୫ଟି ବ୍ଲକ ପ୍ରଭାବିତ ହୋଇଥିବାବେଳେ ୫୫ଟି ଗ୍ରାମପଞ୍ଚାୟତ ଓ ୭୬ଟି ଗ୍ରାମ ବନ୍ୟା ଓ ଜଳବନ୍ଦୀ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି. ବଡ଼ସାହି, ବେତନଟୀ, ବାରିପଦା, ବାଙ୍ଗିରିପୋଷି, ବହଳଦା, ବିଶୋଇ, ଖୁଣ୍ଟା, କପ୍ତିପଦା, କୁସୁମୀ, କୁଳିଅଣା, କରଞ୍ଜିଆ, ଠାକୁରମୁଣ୍ଡା, ତିରିଂ, ଉଦଳା, ରାସଗୋବିନ୍ଦପୁର, ଶାମାଖୁଣ୍ଟା, ଜାମଦା, ଯଶିପୁର,



ସୁଳିଆପଦା, ରାଇରଙ୍ଗପୁର, ସୁକ୍ରୁଳି, ରରୁଆଁ, ମୋରଡା ଓ ବିଜାତଳା ବ୍ଲକ ଅଧିକ ପ୍ରଭାବିତ ହୋଇଛନ୍ତି । ଉଦଳା ଏନଏସିର ୬ଟି ୱାର୍ଡ ମଧ୍ୟ ବର୍ଷା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛି । ପ୍ରଶାସନ ପକ୍ଷରୁ ୩୭ଟି ଆଶ୍ରୟସ୍ଥଳୀ ଖୋଲା ଯାଇଥିବା ବେଳେ ବଡ଼ସାହି ବ୍ଲକରେ ୪ଟି ମାଗଣା ରନ୍ଧନ କେନ୍ଦ୍ର ଚାଲୁ କରାଯାଇଛି । ବର୍ଷା ଓ ବନ୍ୟା ପ୍ରଭାବରେ ୩୨୫ଟି ଘର, ୫ଟି ଝାଟିମାଟି ଘର ଏବଂ ୧୬ଟି ଗୁହାଳ ଆଂଶିକ କିମ୍ବା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା ସହ ଆବଶ୍ୟକ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବାର ଜଣାଯାଇଛି ।

# ଜିଲ୍ଲାସ୍ତରୀୟ ଭାଷା ଓ ଗଣିତ କାର୍ଯ୍ୟକ୍ରମ 'ଉଡାନ - ୩



**ବାରିପଦା(ଅମୃତମିଡିଆ):** ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉ.ପ୍ରା ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ଭାଷା ଓ ଗଣିତ ଭିତ୍ତିକ କାର୍ଯ୍ୟକ୍ରମ 'ଉଡ଼ାନ - ୩' ଅନୁଷ୍ଠିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ପିଲାଙ୍କ ଭବିଷ୍ୟତ ଗଠନରେ ପ୍ରାଥମିକ ଶିକ୍ଷାରେ ଭାଷା ଓ ଗଣିତ ଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ପେଡାଗଜି ସଂଯୋଜକ ଶୈଳବାଳା ବେହେରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ , ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସ, କୁଳିଅଣା ବ୍ଲକ ବି ଆର ସି ସି ସରସ୍ୱତୀ ସିଂ, ଡାଏଟର ଶିକ୍ଷକ ପ୍ରଶିକ୍ଷକ ଜଗେଶ୍ୱର ଘୋଷ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ବାରିପଦା ବ୍ଲକ ର ସମସ୍ତ ସି ଆର ସି ସି ମଧ୍ୟ ଅଂଶଗ୍ରହଣ କରିଥିଲେ ଓ ଏଥିରେ ୪ ଟି ବିଭାଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା ଓ ତର୍କ ପ୍ରତିଯୋଗିତାରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ରୀ ଶିବାନୀ ସୋନାଲୀ ସାହା ପ୍ରଥମ, ସୁନ୍ଦର ହସ୍ତାକ୍ଷରରେ ବିଜୟରାମଚନ୍ଦ୍ରପୁର ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ରୀ ସୋନାଲୀ ପାଣ୍ଡିଆ, ଏବଂ କୁଇଜ ରେ ପ୍ରିୟାଂଶୀ ମହାନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଓ ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ହଷ୍ଟେଲର ପାର୍ଟ ଟାଇମ ଟିଚର ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧନେଶ୍ୱର ଷଣ୍ଢଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା(ଅମୃତମିଡିଆ):** ସମାଜସେବୀ ଧନେଶ୍ୱର ଷଣ୍ଢଙ୍କ ଦ୍ୱାଦଶାହ ଅବସରରେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ତାଙ୍କ ଜନ୍ମସ୍ଥାନ ପରିପାଙ୍ଗରା ଗ୍ରାମସ୍ଥିତ ବାସଭବନରେ ଅନୁଷ୍ଠିତ ସ୍ମୃତିସଭାରେ ପବିତ୍ର କୁମାର ଷଣ୍ଢ, ପୂର୍ବତନ ସରପ ଦେବେନ୍ଦ୍ର କୁମାର ଜେନା, ହାତୀନା ପଂଚାୟତ ସରପଂଚ ସମୀର ସେଠୀ, କାଳନ୍ଦୀ ବେହେରା, ଅନାଦୀ ଚରଣ ଜେନା, ଶରତ ଷଣ୍ଢ, ଜାମିନୀ କାନ୍ତ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଷଣ୍ଢଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ବିଦ୍ୟୁତ୍ ବିଭାଗର ଲାଇନମ୍ୟାନ୍ ସନ୍ନ୍ୟାସୀ ମୁର୍ମୁ ସମ୍ମାନିତ

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ବିଦ୍ୟୁତ ବିଭାଗ ସେକ୍ସନ-୨ରେ କାର୍ଯ୍ୟରତ ଲାଇନମ୍ୟାନ 'ଏ' ସନ୍ନ୍ୟାସୀ ମୁର୍ମୁଙ୍କ ଅବସର ଉପଲକ୍ଷେ ଗତ ୩୧ ଜୁଲାଇ (ଶୁକ୍ରବାର) ରାଇରଙ୍ଗପୁର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାଦର ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ନିର୍ବାହୀ ଯନ୍ତ୍ରୀ ଇଂ. ଆଶୁତୋଷ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଡେପୁଟି ମ୍ୟାନେଜର (କମର୍ସ) ଶ୍ରୀ ଚିତ୍ତରଞ୍ଜନ ମହାପାତ୍ର, ସହକାରୀ ଯନ୍ତ୍ରୀ ଇଂ. ଏମ୍. ପ୍ରସାଦ ରାଓ, କନିଷ୍ଠ ଯନ୍ତ୍ରୀ ଇଂ. ଅଜିତ କୁମାର ସାମଲଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ । ବକ୍ତାମାନେ ଶ୍ରୀ ମୁର୍ମୁଙ୍କ ଦୀର୍ଘ କର୍ମଜୀବନ, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ବିଦ୍ୟୁତ ବିଭାଗ ପ୍ରତି ତାଙ୍କର ଉତ୍ସର୍ଗୀକୃତ ସେବାଭାବର ଉଚ୍ଚ ପ୍ରଶଂସା କରିଥିଲେ । ସେମାନେ କହିଥିଲେ ଯେ, ତାଙ୍କର କାର୍ଯ୍ୟଶୈଳୀ ଓ ନିଷ୍ଠା ଆଗାମୀ



ପିଢ଼ିର କର୍ମଚାରୀଙ୍କ ପାଇଁ ପ୍ରେରଣାଦାୟକ ହୋଇ ରହିବ । ସନ୍ନ୍ୟାସୀ ମୁର୍ମୁ ୧୯୮୧ ମସିହାରେ ବିଦ୍ୟୁତ୍ ବିଭାଗରେ ଏନ୍‌ଏମ୍‌ଆର ଭାବେ ନିଜ କାର୍ଯ୍ୟଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ୧୯୯୫ ମସିହାରେ ହେଲ୍ପର ପଦବୀରେ ନିୟମିତ ନିଯୁକ୍ତି ପାଇ ନିଷ୍ଠାର ସହ କାର୍ଯ୍ୟ କରିଥିଲେ । ଦୀର୍ଘ ୪୫ ବର୍ଷର ସଫଳ ସେବା ପରେ ସେ ୩୧ ଜୁଲାଇ ୨୦୨୬ ତାରିଖରେ ଲାଇନମ୍ୟାନ 'ଏ' ପଦବୀରୁ ଅବସର ଗ୍ରହଣ କରିଥିଲେ । ଏହି ଅବସରରେ ଶ୍ରୀ ମୁର୍ମୁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ସ୍ମାରକ ଉପହାର ପ୍ରଦାନ କରାଯାଇଥିଲା । ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ତାଙ୍କର ସୁସ୍ୱାସ୍ଥ୍ୟ, ଦୀର୍ଘାୟୁ ଏବଂ ସୁଖମୟ ଅବସର ଜୀବନ କାମନା କରିଥିଲେ । ସଭା ଶେଷରେ ସୀମନ୍ତ ରଶ୍ମି ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟାଞ୍ଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକର ବିଭିନ୍ନ ଅଂଚଳ ବନ୍ୟା ଘେରରେ ଜଳବନ୍ଦୀ ହୋଇ ରହିଥିବା ବେଳେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ବନ୍ୟାଂଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି । ଶନିବାର ଦିନ ଡାକ୍ତର ଟିଟି ମିଶ୍ର, ଡାକ୍ତର ସୁଧାଂଶୁବାଳା ବେହେରା, ଫାର୍ମାସିଷ୍ଟ ସୌମ୍ୟରଞ୍ଜନ ଜେନା, ସ୍ୱାସ୍ଥ୍ୟକର୍ମୀ ଶରତ ଚନ୍ଦ୍ର ଦାସ ଓ ରିତା ମଞ୍ଜରୀ ନାୟକ, ଆଶା କର୍ମୀ ସ୍ୱର୍ଣ୍ଣଲତା ରାଉତ ଓ ରୀନାରାଣୀ ବିଶ୍ୱାଳ ବନ୍ୟା ପ୍ଲାବିତ ଜଳବନ୍ଦୀ ଗ୍ରାମ କଟକଣା ଓ ନଳଦିଆ ଗ୍ରାମରେ ପ୍ରଭାବିତ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ ।ଲୋକମାନେ ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର କରିବାକୁ ପରାମର୍ଶ ଦେବା ସହ ବିଭିନ୍ନ ରୋଗର ପ୍ରତିଷେଧକ



ବ୍ୟବସ୍ଥା ଗ୍ରହଣ କରିବାକୁ କହିଥିଲେ । ଆବଶ୍ୟକ ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଯୋଗାଯୋଗ କରି ନିଜେ ସୁସ୍ଥ ରହିବା ସହ ପରିବାର ତଥା ଗ୍ରାମର ସମସ୍ତଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

# ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଅଧକ୍ଷଙ୍କୁ ଷଷ୍ଟିପୂର୍ତ୍ତି ମେଲାଣି ସମ୍ବର୍ଦ୍ଧନା

**ବ୍ରହ୍ମପୁର (ଅମୃତ ମିଡିଆ):** ଷଷ୍ଟିପୂର୍ତ୍ତି ସେବାନିବୃତ୍ତି ପରିପ୍ରେକ୍ଷୀରେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର୍ ଦେବରାଜ ସ୍ୱାଇଁଙ୍କୁ ଅଧାପକ, ଅଧାପିକା ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ତରଫରୁ ଉଚ୍ଛ୍ୱସିତ ମେଲାଣି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶୁକ୍ରବାର ପୂର୍ବାହ୍ଣରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ସ୍ନାତକୋତ୍ତର ଇଂରାଜୀ ବିଭାଗ ମୁଖ୍ୟ ଡ. ଆନନ୍ଦ ସେଠୀ ପୌରୋହିତ୍ୟ କରିଥିଲେ । ଆମନ୍ତ୍ରିତ ଅତିଥି ରୂପେ ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ପରିଦର୍ଶୀ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା ଯୋଗଦେଇ ସହାଧାୟୀ ବନ୍ଧୁ ତଥା ବିଦାୟୀ ଅଧକ୍ଷ ଡ. ସ୍ୱାଇଁଙ୍କ ଛାତ୍ରାବସ୍ଥାରୁ ଅଧାପକ ଓ ଅଧାପକରୁ ଅଧକ୍ଷ ପଦ ଅଳଙ୍କରଣ ପର୍ଯ୍ୟନ୍ତ ତାଙ୍କର ସାଧନାନିଷ୍ଠ ଶୈକ୍ଷିକ ଜୀବନ ସଂପର୍କରେ ଆଲୋକପାତ କରିବା ସହ ତାଙ୍କୁ ଜଣେ ସଦାସ୍ମିତ, ପରିହାସପ୍ରିୟ, ଖୋଲା ହୃଦୟର ମଣିଷ ଓ ଇତିହାସର ଛାତ୍ରବତ୍ସଳ ଗୁଣୀ ଅଧାପକ ରୂପେ ଅଭିହିତ କରିଥିଲେ । ସ୍ଥାନୀୟ ଶଶିଭୂଷଣ ରଥ ସରକାରୀ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ତେଲୁଗୁ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର୍ ଡ. କେ. ନାରାୟଣ ରାଓ ଅନ୍ୟତମ ଅତିଥି ରୂପେ ବିଦାୟୀ ଅଧକ୍ଷ ଡ. ସ୍ୱାଇଁଙ୍କ ଜୀବନାଦର୍ଶ ଓ ମହନୀୟ ଗୁଣାବଳୀ



ସଂପର୍କରେ କହିଥିଲେ ।

ଆରମ୍ଭରେ ଉତ୍ସବର ସଭାପତି ଡ. ଆନନ୍ଦ ସେଠୀ ପ୍ରାକ୍-ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ମୁଖ୍ୟ କମଳାକାନ୍ତ ନାୟକ ଓ ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ବେହେରା ପ୍ରମୁଖ ମଞ୍ଚମଣ୍ଡନ କରିବା ସହ ଇତିହାସ ବିଭାଗର ଜଣେ କୃତବିଦ୍ୟ ଅଧାପକ ଓ ବିଦ୍ୱାନ୍ ବିଶାରଦ ରୂପେ ଡ. ସ୍ୱାଇଁଙ୍କୁ ବର୍ଣ୍ଣନା କରିବା ସହ କଥା ଓ ଲେଖାରେ ଅଭିଜାତ ବିଦଗ୍ଧ ଇଂରାଜୀ ଭାଷା ପ୍ରୟୋଗରେ ପାରଦର୍ଶିତା ବିଷୟ ଉଲ୍ଲେଖ କରିଥିଲେ ।

ଏହି ଅବସରରେ ଅଧକ୍ଷ ଡ. ସ୍ୱାଇଁଙ୍କୁ ଅଙ୍ଗବସ୍ତ୍ର, ଉପହାର, ଚାରାଗଛ ଓ ପ୍ରଶସ୍ତିପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଡ. ମଧୁସ୍ମିତା ଦାସ, ଓଡ଼ିଆ ବିଭାଗ ମୁଖ୍ୟ ଡ. ରବୀନ୍ଦ୍ର କୁମାର ପଣ୍ଡା, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ରୋଶନୀ ସାହୁ, ରସାୟନବିଜ୍ଞାନ ବିଭାଗ ମୁଖ୍ୟ ଡ. ବନଲତା ସାହୁ, ଅର୍ଥନୀତି ବିଭାଗ ମୁଖ୍ୟ ଡ. ଶିବାନୀ ମିଶ୍ର, ଉଦ୍ଭିଦବିଜ୍ଞାନ ବିଭାଗ ମୁଖ୍ୟ ଡ. ମାଲା ମିଲିୟନ୍, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ଚିତ୍ତରଞ୍ଜନ ମହାନ୍ତି, ବାଣିଜ୍ୟ ବିଭାଗ ସହକାରୀ ପ୍ରଫେସର୍ ଶଙ୍କର ପ୍ରସାଦ ମହାପାତ୍ର, ଗଣିତ ବିଭାଗ ସହକାରୀ ପ୍ରଫେସର୍ ଡ. ସୁଧାନନ୍ଦ ମହାରଣା, ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ସୁଶାନ୍ତ କୁମାର ପରିଡ଼ା, ଡ. ଶୁଭଶ୍ରୀ ଅପରାଜିତା, ଡ. ସୁଶାନ୍ତ କୁମାର୍ ୱେରୋ, କାର୍ଯ୍ୟାଳୟ ମୁଖ୍ୟ ବାଲ୍ମୀକି ସାହୁ, ଡ. ମଧୁମିତା ନାୟକ, ଡ. ଅଚ୍ୟୁତ ବିଶ୍ୱାଳ, ଡ. ଅଶ୍ୱିନ କୁମାର ରାଉତ, ଅଧାପିକା ସ୍ନେହାସିନୀ ପ୍ରଧାନ, ଡ. ବନଜ କୁମାର ନାୟକ, ଅତିଥି ଅଧାପକ ଟି. ସୀମାଞ୍ଚଳ ପାତ୍ର, ଅତିଥି ଅଧାପକ ଟି. ଗଣେଶ ପ୍ରମୁଖ ବ୍ୟକ୍ତିତ୍ୱର ନାନା ଦିଗ ସଂପର୍କରେ କହିବା ସହ ଡ. ସ୍ୱାଇଁଙ୍କ ଦୀର୍ଘ ନିରାମୟ, ନୀରୋଗ, ସୁଖଶାନ୍ତିପ୍ରଦ ଉତ୍ତର ଜୀବନ କାମନା କରିଥିଲେ । ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ମେହେର ସଂଗୀତ ଗାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘଟଗାଁରେ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



**ଘଟଗାଁ (ଅମୃତ ମିଡିଆ):** ଆଗାମୀ ସ୍ୱାଧୀନତା ଦିବସକୁ ସୂଚାରୁରୂପେ ପାଳନ କରିବା ପାଇଁ ଆଜି ଘଟଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଘଟଗାଁ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିଲା ।କମିଟିର ସଭାପତି ତଥା ତହସିଲଦାର ଚାରୁଲତା ସିଂ ଏବଂ ବିଡିଓ ଖଗେଶ୍ୱର ବରାଳଙ୍କ ମିଳିତ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ତଥା ଏବିଡିଓ ଚିତ୍ତରଞ୍ଜନ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଦିବସର ସଫଳ ଆୟୋଜନ ନେଇ ବିସ୍ତୃତ ଆଲୋଚନା କରିଥିଲେ । ଜାତୀୟ ଦିବସରେ ପତାକା ଉତ୍ତୋଳନ ପାଇଁ ସଠିକ୍ ସମୟ ନିର୍ଦ୍ଧାରଣ କରାଯାଇଛି । ଉତ୍ସବକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ କମିଟି ଏବଂ ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱନ୍ୟାସ କରାଯାଇଛି । ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣରେ ଆକର୍ଷଣୀୟ ପରେଡ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବାଷଣ ପାଇଁ ମତପ୍ରକାଶ ପାଇଛି ।ଉତ୍ସବସ୍ଥଳୀର ସଫେଇ କାର୍ଯ୍ୟ ଏବଂ ଗତ ବର୍ଷର ଆୟ-ବ୍ୟୟ ବିବରଣୀ ସମ୍ପର୍କରେ ମଧ୍ୟ ବିଚାରବିମର୍ଶ ହୋଇଥିଲା । ଏହି ବୈଠକରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ଅଞ୍ଚଳର ବୁଦ୍ଧିଜିବୀ, ଶିକ୍ଷକ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଉତ୍ସବକୁ ଅଧିକ ଆକର୍ଷଣୀୟ ଓ ସଫଳ କରିବା ଦିଗରେ ନିଜର ପରାମର୍ଶ ପ୍ରଦାନ କରିଥିଲେ ।

# ବବ୍ରୁବାହନ ସାହୁ ଘଟଗାଁ ବନାଞ୍ଚଳର ନୂତନ ରେଞ୍ଜର

**ଘଟଗାଁ (ଅମୃତ ମିଡିଆ):** ଘଟଗାଁ ବନାଞ୍ଚଳର ନୂତନ ବନାଞ୍ଚଳ ଅଧିକାରୀ ଭାବେ ଶ୍ରୀ ବବ୍ରୁବାହନ ସାହୁ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବତନ ରେଞ୍ଜର ସରୋଜ ମିଶ୍ରଙ୍କର ଆଠମଲ୍ଲିକ ଡିଭିଜନକୁ ବଦଳି ହୋଇଥିବାବେଳେ, ତାଙ୍କ ସ୍ଥାନରେ ଆଠମଲ୍ଲିକ ଡିଭିଜନରୁ ବାବୃବାହାନ ସାହୁ ଘଟଗାଁକୁ ସ୍ଥାନାନ୍ତରିତ ହୋଇ ଆସିଛନ୍ତି । ନୂତନ ରେଞ୍ଜର ଶ୍ରୀ ସାହୁ କହିଛନ୍ତି ଯେ, ଘଟଗାଁ ଅଞ୍ଚଳରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରାଯିବ । ବିଶେଷ କରି ଜଙ୍ଗଲଜାତ ଦ୍ରବ୍ୟର ଚୋରା ଚାଲାଣ ଏବଂ ବିଭିନ୍ନେ ଚୋରା କାରବାରକୁ ଦମନ କରିବା ପାଇଁ ବିଭାଗ ପକ୍ଷରୁ କଠୋର ପଦକ୍ଷେପ ନିଆଯିବ । ଏହି ଅଞ୍ଚଳରେ ବେଆଇନ କାଠ ଚାଲାଣ ରୋକିବା ଏବଂ ସାଧାରଣ ଲୋକଙ୍କ ସହ ସମନ୍ୱୟ ରକ୍ଷା କରି ବନୀକରଣ କାର୍ଯ୍ୟକୁ ଆଗକୁ ବଢ଼ାଇବା ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

# ଅବକାରୀ ବିଭାଗର ଚଢ଼ଉ...

## ବେଆଇନ ଗଞ୍ଜେଇ, ମଦ ଜବତ; ୩ ଗିରଫ

**ଭଞ୍ଜନଗର (ଅମୃତ ମିଡିଆ):** ଅବକାରୀ ବିଭାଗର ଚଢାଉ । ଗୋଟିଏ ଦାମୀ କାର୍ ସହ ୫୦ କିଲୋ ଗଞ୍ଜେଇ ଜବତ କରି, ଜଣକୁ ଗିରଫ କରିଛି ଭଂଜନଗର ଅବକାରୀ ବିଭାଗ । ଏହା ସହ ଦେଶୀ ଚୋରା ମଦ କାରବାର ରେ ସଂପୃକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ଦୁଇଟି ବାଇକ୍ ଏବଂ ୧୨୦ ଲିଟର ମଦ ଜବତ ହୋଇଛି । ଏନେଇ ଭଞ୍ଜନଗର ଅବକାରୀ ବିଭାଗ ଓଆଇସି ବିଭୁ ପ୍ରସାଦ ସାହୁ ସୂଚନା ଦେଇଛନ୍ତି । ଖବର ପ୍ରକାରେ, ଖାରିଗୁଡା ଟୋଲଗେଟ ନିକଟରେ ପେଟ୍ରୋଲିଂ ବେଳେ ଏକ କାର ଦ୍ରୁତ ଗତିରେ ଆସୁଥିବା ବେଳେ ଅବକାରୀ ବିଭାଗ କୁ ଦେଖି ଖସିଯିବାକୁ ଚେଷ୍ଟା କରିଥିଲେ । ସନ୍ଦେହରେ ଗାଡ଼ିକୁ ଅଟକାଇ ଯାଞ୍ଚ ବେଳେ, ସେଥିରୁ ୫୦ କିଲୋ ଗଞ୍ଜେଇ ଥିବା ଜଣାପଡିଥିଲା । ସଂପୃକ୍ତ ଡ୍ରାଇଭରକୁ ଘଟଣା ସ୍ଥଳରୁ ଗିରଫ କରାଯାଇଥିଲା । ଅଭିଯୁକ୍ତ ଜଣକ ଜି. ଉଦୟଗିରି ଥାନା ଅଞ୍ଚଳର ସୋନୁ କୁମାର ନାୟକ । ସେହିପରି ବ୍ରାହ୍ମଣପଦର ଗାଁ ରୁ ବାଇକ ସହ ଜଣେ ବ୍ୟକ୍ତିଙ୍କ ଠାରୁ ୬୦ ଲିଟର ଦେଶୀ ମହୁଲି ମଦ ଏବଂ ଆଉ ଜଣେ



ବ୍ୟକ୍ତିଙ୍କ ଠାରୁ ମଧ୍ୟ ୬୦ ଲିଟର ଦେଶୀ ମଦ ଓ ବାଇକ ଜବତ ହୋଇଛି । ଗିରଫ ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଓଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି । ଚଢାଉରେ ଭଞ୍ଜନଗର ଅବକାରୀ ଥାନାର ଏଏସଆଇ ବହୁମୂଲ୍ୟ ପରିଛା, ମନୋରଞ୍ଜନ ସେଠୀ ଏବଂ ନରେନ୍ଦ୍ର ଶବର ପ୍ରମୁଖ ସାମିଲ ହୋଇଥିଲେ ।

# ସୁବାସିନୀ ପଟ୍ଟନାୟକ ଗଞ୍ଜାମ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତ

**ବ୍ରହ୍ମପୁର (ଅମୃତ ମିଡିଆ):** ସର୍ବ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ



ଶ୍ରୀମତୀ ଅଲକା ଲାମ୍ବାଙ୍କ ଅନୁମୋଦନ କ୍ରମେ ଓଡିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଗଞ୍ଜାମ ଜିଲ୍ଲା( ପୂର୍ବ )ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ସୁବାସିନୀ ପଟ୍ଟନାୟକଙ୍କୁ ନିଯୁକ୍ତ କରିଛନ୍ତି । ଏଥିପାଇଁ ଶ୍ରୀମତୀ ପଟ୍ଟନାୟକ ଓଡିଶା କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସ, ଓଡିଶା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତି ଓ ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି (ପୂର୍ବ )ରଶ୍ମି ରଞ୍ଜନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ଗୁରୁ ଦାୟିତ୍ୱ ଦେଇଥିବାରୁ ସମସ୍ତଙ୍କ ନିକଟରେ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ଭଞ୍ଜନଗର (ଅମୃତ ମିଡିଆ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଡିହପଡାଳ ଠାରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ଉମାକାନ୍ତ ମିଶ୍ର ଯୋଗ ଦେଇ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଜ୍ୟୋତି ରଞ୍ଜନ ବିଷୋୟୀ,ଉପ ସଭାପତି ଆଦିତ୍ୟ ପ୍ରଧାନ ,ଯୁଗ୍ମ ସମ୍ପାଦକ ଗଙ୍ଗା ଧର ଦାସ ପ୍ରମୁଖ ଯୋଗଦେଇଥିଲେ । ବିଚାରକ ଭାବରେ ,ବାଲ୍ମୀକି ସେଠୀ,ବଳରାମ ଦାସ,ବିଭୁ ପ୍ରସନ୍ନ ମେହେର ,ସୁବାସ ଚନ୍ଦ୍ର ମଲ୍ଲିକ,ରାଧା କୃଷ୍ଣ ନାୟକ,ଝରଣା ରାଣୀ ପଣ୍ଡା,ଅମୂଲ୍ୟ ମିଶ୍ର,ଗୋପାଳ କୃଷ୍ଣ



ମିଶ୍ର,ପବିତ୍ର ତ୍ରିପାଠୀ,ଉତ୍ତମ କୁମାର ମହାରଣା ଯୋଗଦେଇ ପ୍ରକଳ୍ପ ସବୁ ବୁଲି ଦେଖିଥିଲେ । ପ୍ରାଥମିକ ବର୍ଗ, ଶିଶୁ ବର୍ଗ,ବାଲ ବର୍ଗ, କିଶୋର ବର୍ଗ ରୁ ମୋଟ ୨୧୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ବିଜ୍ଞାନ ମେଳା ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପ ଗୁଡିକ ବେଲଗୁଣ୍ଠା ଠାରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ସଙ୍କୁଳ ସ୍ତରୀୟ ବିଜ୍ଞାନ ମେଳା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବେ ।ବିଜ୍ଞାନ ପ୍ରମୁଖ ଚିତ୍ତରଞ୍ଜନ ମିଶ୍ର ବିବରଣୀ ପଠନ କରିଥିଲେ । ପ୍ରଧାନଆଚାର୍ଯ୍ୟ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଢେଙ୍କିକୋଟ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ବଂଚାୟତ କପାସପଡା ସରକାରୀ ମା ତାରିଣୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭଗବତୀ କରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ବିଦ୍ୟାଳୟ ପକ୍ଷରୁ ଦିଆଯାଇଛି । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧରନାଥଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ମହାନ୍ତ, ଘଟଗାଁ ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ରମେଶ ଚନ୍ଦ୍ର ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲକ୍ଷ୍ମୀରାଣୀ ମାଟିଆ ପ୍ରମୁଖ ଯୋଗଦେ ସମ୍ବର୍ଦ୍ଧିତ କରିଥିଲେ ।

# ଉଚ୍ଚସ୍ତରୀୟ ପ୍ରତିନିଧି ଦଳଙ୍କ ବୈତରଣୀ ଭିତ୍ତିଭୂମି ସ୍ଥିତି ଅନୁଧ୍ୟାନ



**ପାଟଣା (ଅମୃତ ମିଡିଆ):** କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡ଼ା ପଞ୍ଚାୟତର ନୂଆପଡ଼ାଠାରେ ବୈତରଣୀ ନଦୀ ଉପରେ ବ୍ୟାରେଜ ନିର୍ମାଣ ଦାବିକୁ ନେଇ ସରକାରୀ ପଦକ୍ଷେପ ଆଗକୁ ବଢ଼ିଛି । ଏହି ପ୍ରସ୍ତାବିତ ପ୍ରକଳ୍ପର ସମ୍ଭାବ୍ୟ ସ୍ଥାନ ଓ ଭିତ୍ତିଭୂମିର ସ୍ଥିତି ଅନୁଧ୍ୟାନ ପାଇଁ ଜଳସମ୍ପଦ ବିଭାଗ, ଉଦଳା ଜଳସେଚନ ବିଭାଗର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶୁକ୍ରବାର ନୂଆପଡ଼ା ଗସ୍ତ କରିଥିଲେ ।

ପାଟଣା ଅଞ୍ଚଳରେ ଜଳସଂରକ୍ଷଣ, ଚାଷ ପାଇଁ ସେଚନ ବ୍ୟବସ୍ଥାର ଉନ୍ନତି ଏବଂ ଭୂତଳ ଜଳସ୍ତର ବୃଦ୍ଧି ଉଦ୍ଦେଶ୍ୟରେ ଏଠାରେ ବ୍ୟାରେଜ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି । ନିକଟ ଅତୀତରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ବିଧାନସଭାରେ ଏନେଇ ପ୍ରଶ୍ନ ପଚାରିବା ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ ।

ଉଚ୍ଚସ୍ତରୀୟ କମିଟି ସହ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବିଧାୟକଙ୍କ ପାଟଣା ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ, ବ୍ୟାରେଜ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ଦାବି ରଖୁଥିବା ଯୁଗଳ କିଶୋର ଦାଶ, ଟାଙ୍ଗରପଡ଼ା ସରପଞ୍ଚ ଅନିରୁଦ୍ଧ ନାଏକ ପ୍ରମୁଖ ପ୍ରତିନିଧି ଦଳକୁ ବ୍ୟାରେଜ ନିର୍ମାଣର ଆବଶ୍ୟକତା, ସମ୍ଭାବ୍ୟ ଲାଭ ଓ ସର୍ଜମିନ ସ୍ଥିତି ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ ।

ଉଚ୍ଚସ୍ତରୀୟ ପ୍ରତିନିଧି ଦଳରେ ଉଦଳା ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ (ଏସଇ) ରଞ୍ଜିତ କୁମାର ମଢେଇ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଦାଶିବ ସୋରେନ, ସହକାରୀ ଯନ୍ତ୍ରୀ ସୁନାରାମ ସିଂହ ଏବଂ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇ ସମ୍ଭାବ୍ୟ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିଲେ ।

ସ୍ଥାନୀୟ ଲୋକଙ୍କ ଆଶା, ଏହି ସର୍ଭେ ପରେ ବ୍ୟାରେଜ ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ଏବଂ ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ପାଟଣା ଅଞ୍ଚଳର କୃଷିରେ ସବୁଜ ବିପ୍ଳବ,ଜଳସଂରକ୍ଷଣ ଓ ସାମଗ୍ରିକ ବିକାଶରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପାଟଣା ବିଧାୟକ ନାଏକ କହିଛନ୍ତି ।

# ବ୍ରହ୍ମପୁର କାର୍ଯ୍ୟାଳୟରେ ଭାରତୀୟ ନ୍ୟାୟସଂହିତା ସମ୍ପର୍କିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ବ୍ରହ୍ମପୁର (ଅମୃତ ମିଡିଆ):** ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସ ୪ ଓ ୫ ତାରିଖରେ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସୁଥିବା ପରିପ୍ରେକ୍ଷୀରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାନ୍ୟବର ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବା ଠାରୁ ଆରମ୍ଭ କରି ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ଓ ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା ।

ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଥିଲେ ଯେ, ମାନ୍ୟବର ରାଷ୍ଟ୍ରପତିଙ୍କ ଗଞ୍ଜାମ ଆଗମନ ଜିଲ୍ଲାବାସୀ ଏବଂ ଜିଲ୍ଲା ପ୍ରଶାସନ ପାଇଁ ଗର୍ବ ଓ ଗୌରବର ବିଷୟ । ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମସ୍ତ ପ୍ରସ୍ତୁତି ଜାରି ରହିଥିବା ବେଳେ ଖୁବ୍ ଶୀଘ୍ର ପୂର୍ଣ୍ଣାଙ୍ଗ ରିହର୍ସାଲ ଅନୁଷ୍ଠିତ ହେବ । ମାନ୍ୟବର ରାଷ୍ଟ୍ରପତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯେଉଁ ରୁଟ୍ ?ରେ ଯାତାୟାତ କରିବେ, ସେହି ରାସ୍ତାର ପରିଷ୍କାର-ପରିଚ୍ଛନ୍ନତା, ରାସ୍ତାକଡ଼ ଜବରଦଖଲ ଉଚ୍ଛେଦ, ଅସ୍ଥାୟୀ ଭେଣ୍ଡିଂ ଦୋକାନଗୁଡ଼ିକର ସ୍ଥାନାନ୍ତରଣ ଆଦି ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେବା ସହ ଏଥିପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି । ମାନ୍ୟବର ରାଷ୍ଟ୍ରପତିଙ୍କ ସହ ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମ୍ଭାବ୍ୟ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା ଶ୍ରବଣା ବିବେକ ଏମ୍. ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି ସୂଚନା ଦେଇଥିଲେ । ଖୁବ୍ ଶୀଘ୍ର ଟ୍ରାଫିକ୍ ଆଡଭାଇଜରୀ ଜାରି କରାଯିବ ବୋଲି ମଧ୍ୟ ସେମାନେ କହିଥିଲେ । ଜିଲ୍ଲାପାଳ ବିଭିନ୍ନ ବିଭାଗକୁ ନ୍ୟସ୍ତ ଦାୟିତ୍ୱଗୁଡ଼ିକୁ ଯୁଦ୍ଧକାଳୀନ




ଭିତ୍ତିରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ମିନିଟ ସମୟରେ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବେ । ସେଠାରୁ ତପ୍ତପାଣି ଅଭିମୁଖେ ଯାତ୍ରା କରି ଅପରାହ୍ନ ପ୍ରାୟ ୩ଟା ୧୦ ମିନିଟ ସମୟରେ ମା' କନ୍ଧୁଣୀ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ପୂଜାର୍ଚ୍ଚନା ପରେ ସେ ଆର୍ମି ଏଡି କଲେଜରେ ରାତ୍ରିଯାପନ କରିବେ । ପରଦିନ ପୂର୍ବାହ୍ନ ପ୍ରାୟ ୧୦ଟା ୨୦ ମିନିଟ ସମୟରେ ଟ୍ରେନ୍ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ । ବୈଠକରେ ରେଳ ଷ୍ଟେସନର ପରିବେଶ ଓ ପରିମଳ ବ୍ୟବସ୍ଥା, ପାରମ୍ପରିକ ଲୋକନୃତ୍ୟ ପରିବେଷଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା, ସୁରକ୍ଷା ବ୍ୟବସ୍ଥା, ବ୍ୟାରିକେଡିଂ, ଅସ୍ଥାୟୀ ଓ ସ୍ଥାୟୀ ଶୌଚାଳୟର ସୁବନ୍ଦୋବସ୍ତ, ବ୍ୟାଗେଜ୍ ସ୍ଥାନାନ୍ତରଣ, ଅଫିସିଆଲ ପାସ୍, ଆମ୍ବୁଲାନ୍ସ, ପାର୍କିଂ, ଅଗ୍ନି ନିରାପତ୍ତା, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ନେଟୱର୍କ ସଂଯୋଗ ସୁନିଶ୍ଚିତ କରିବା ଏବଂ ସାମୟିକ ରୋଡ୍ ବ୍ରେକର ଅପସାରଣ ସମେତ ସମସ୍ତ ପ୍ରସଙ୍ଗରେ ସବିଶେଷ ଆଲୋଚନା ହୋଇଥିଲା । କାର୍କେଡ୍ ବ୍ୟବସ୍ଥା, ମାନ୍ୟବର ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କାର୍କେଡ୍, ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଏବଂ ପାସ୍ ପ୍ରଦାନକୁ ସୀମିତ ରଖିବା ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବୈଠକ ପରେ ଜିଲ୍ଲାପାଳଙ୍କ ସହ ଗଞ୍ଜାମ ଓ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ଅଧିକାରୀ ବ୍ରହ୍ମପୁର ରେଳ ଷ୍ଟେସନ, ତପ୍ତପାଣି ଓ ଧବଳେଶ୍ୱର ମନ୍ଦିର ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିଥିଲେ । ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ପୁନର୍ବାର ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଆକବରମ ଏସ ରେଡ୍ଡି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ।। ୧୨୩ ଦିନରେ ନୀରବ ସତ୍ୟାଗ୍ରହ ।।

# ଦର୍ଶନ ଅଧିକାର ପାଇଁ ଅହିଂସାପୂର୍ଣ୍ଣ ପଦଯାତ୍ରା





**ପୁରୀ (ବ୍ୟୁରୋ):** ପୁରୀବାସୀଙ୍କ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅଧିକାର ପୁନଃସ୍ଥାପନ ଦାବିରେ ଚାଲିଥିବା ନୀରବ ସତ୍ୟାଗ୍ରହ ପଦଯାତ୍ରା ଆଜି କ୍ରମାଗତ ୧୨୩ ଦିନରେ ପହଞ୍ଚିଛି। ଏତେ ଦୀର୍ଘ ସମୟ ଧରି ଶାନ୍ତିପୂର୍ଣ୍ଣ, ଅହିଂସାପୂର୍ଣ୍ଣ ଓ ସାମ୍ବିଧାନିକ ଉପାୟରେ ଆନ୍ଦୋଳନ ଚାଲିଥିଲେ ମଧ୍ୟ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ୟାର ସମାଧାନ ପାଇଁ କୌଣସି ସ୍ପଷ୍ଟ କିମ୍ବା ସକାରାତ୍ମକ ପଦକ୍ଷେପ ନିଆଯାଇ ନାହିଁ। ଏହି ନୀରବତା ପୁରୀବାସୀଙ୍କ ଭାବାବେଗ ଓ ନ୍ୟାୟସଙ୍ଗତ ଦାବି ପ୍ରତି ଅବହେଳାର ପରିଚୟ ବୋଲି ସତ୍ୟାଗ୍ରହୀମାନେ ମତ ପ୍ରକାଶ କରିଛନ୍ତି। ସତ୍ୟାଗ୍ରହୀମାନଙ୍କ କହିବା ଅନୁସାରେ, ଯେଉଁ ସରକାର ଓ ପ୍ରଶାସନ ଲୋକଙ୍କ କଥା ଶୁଣିବାର ପ୍ରତିଶ୍ରୁତି ଦେଇଛନ୍ତି, ସେହି ସରକାର ୧୨୩ ଦିନ ଧରି ଚାଲିଥିବା ଏକ ଅହିଂସାପୂର୍ଣ୍ଣ ଜନ ଆନ୍ଦୋଳନ ପ୍ରତି ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ପୁରୀବାସୀଙ୍କ ଦୀର୍ଘଦିନର ପରମ୍ପରାଗତ ଦର୍ଶନ ବ୍ୟବସ୍ଥା ପୁନଃସ୍ଥାପନ ପାଇଁ ଆବଶ୍ୟକ ସଂଳାପ କିମ୍ବା ପଦକ୍ଷେପ ଗ୍ରହଣ ନକରିବାରୁ ଅସନ୍ତୋଷ ବଢ଼ିଚାଲିଛି। ଆଜି ସତ୍ୟାଗ୍ରହୀମାନେ ମହାପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରି କହିଥିଲେ, 'ହେ କାଳିଆ ସାଆନ୍ତ ! ଆମର ସଂଗ୍ରାମ କାହା ବିରୋଧରେ ନୁହେଁ, ଅନ୍ୟାୟ ବିରୋଧରେ। ସତ୍ୟ ଓ ନ୍ୟାୟର ବିଜୟ ହେଉ, ପୁରୀବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ଶୀଘ୍ର ପୁନଃସ୍ଥାପିତ ହେଉ।' ଆଜିର ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, କାହ୍ନୁଚରଣ ପ୍ରଧାନ, ଅଭିମନ୍ୟୁ ରାୟଗୁରୁ, ବିଭୁଦତ୍ତ ମିଶ୍ର, ପ୍ରଣତୀ ରାୟ, ଅରୁଣା ପଟ୍ଟନାୟକ, ଛବିରାଣୀ ମହାରଣା, ବନିତା ଦିକ୍ଷୀତ, କଳ୍ପନା ତ୍ରିପାଠୀ, ମମତା ସ୍ୱାଇଁ, ଶିଶିରକାନ୍ତ ଶତପଥୀ, ନୃସିଂହନାଥ ନାୟକ, ସୁବାଷ ପଟ୍ଟନାୟକ, ଯାଦବାନନ୍ଦ ରାୟ, ସନ୍ତୋଷ ସେନାପତି, ଗଦାଧର ମହାରଣା, ପତିତପାବନ ସାମନ୍ତରାୟ, ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଜର ସମର୍ଥନ ଜଣାଇଥିଲେ। ପଦଯାତ୍ରାର ଆବାହକ ଶ୍ରୀ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, 'ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନଙ୍କ ନୀରବତା ଆମକୁ ନିରାଶ କରିଛି, କିନ୍ତୁ ଆମର ସଂକଳ୍ପକୁ ଦୁର୍ବଳ କରିପାରିନାହିଁ। ପୁରୀବାସୀଙ୍କ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ଅଧିକାର କୌଣସି ଦୟା କିମ୍ବା ଅନୁଗ୍ରହର ବିଷୟ ନୁହେଁ; ଏହା ସେମାନଙ୍କ ଐତିହାସିକ ଓ ପରମ୍ପରାଗତ ଅଧିକାର। ସରକାର ଓ ପ୍ରଶାସନ ଏହି ଦାବିକୁ ଆଉ ବିଳମ୍ବ ନକରି ତୁରନ୍ତ ସମାଧାନ କରନ୍ତୁ। ଯେପର୍ଯ୍ୟନ୍ତ ପୁରୀବାସୀଙ୍କ ଅଧିକାର ପୁନଃସ୍ଥାପିତ ନହେବ, ସେପର୍ଯ୍ୟନ୍ତ ଆମର ନୀରବ ସତ୍ୟାଗ୍ରହ ଓ ଗଣ ଜାଗରଣ ଅବିରତ ଜାରି ରହିବ।



## ସବୁ ନିଯୋଗଙ୍କୁ ଶ୍ରୀମନ୍ଦିର ପ୍ରଶାସକଙ୍କ ସାଧୁବାଦ

**ପୁରୀ (ବ୍ୟୁରୋ):** ଘୋଷଯାତ୍ରା – ୨୦୨୬ର ସୂଚାରୁ ଓ ଶୃଙ୍ଖଳିତ ସମାପନ ପାଇଁ ସବୁ ନିଯୋଗର ସଭାପତି ଓ ସମ୍ପାଦକଙ୍କ ଜରିଆରେ ସେବକ ବନ୍ଧୁମାନଙ୍କୁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହାର୍ଦ୍ଦିକ କୃତଜ୍ଞତା ଓ ସାଧୁବାଦ ଜଣାଇଛନ୍ତି। ମୁଖ୍ୟ ପ୍ରଶାସକ କହିଛନ୍ତି, ନୀଳାଦ୍ରିଶଙ୍କ ଅପାର କୃପାରୁ ଶ୍ରୀକ୍ଷେତ୍ରରେ ଚଳିତବର୍ଷ ରଥଯାତ୍ରା ବେଶ୍ ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହୋଇଯାଇଛି। ଗତ କିଛିମାସର ପ୍ରସ୍ତୁତି ପର୍ବର ପୃଷ୍ଠାଗୁଡ଼ିକୁ ଓଲଟାଇଲେ ଅନୁଭବ ହୁଏ ଯେ, ପ୍ରତିବର୍ଷ ଭଳି ଏଥର ମଧ୍ୟ ରଥଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟରେ ଥିଲା ଏକ ରୋମାଞ୍ଚକର ଅନୁଭୂତି, ନୂତନ ଆହ୍ୱାନ ଏବଂ ଭକ୍ତିର ପୁଲକ। ରଥାରୂଢ଼ ମହାପ୍ରଭୁଙ୍କୁ ଚର୍ମଚକ୍ଷୁରେ ଦେଖି ଭକ୍ତଜନ ଭକ୍ତିରସରେ ଭିଜିଛନ୍ତି, ଆହ୍ଲାଦିତ ହୋଇଛନ୍ତି। କଳା ଶ୍ରୀମୁଖରେ ରଙ୍ଗାଧର ଦର୍ଶନ କରି ରଥଦଉଡ଼ି ଟାଣିବା ବେଳେ ଅଗଣିତ ଶ୍ରଦ୍ଧାଳୁଙ୍କ ଆଖିରେ ଯେଉଁ ଧାର ଧାର ଅଶ୍ରୁ ଓ ଆତ୍ମତୃପ୍ତି ଦେଖିବାକୁ ମିଳିଥିଲା, ତାହା ପଛରେ ରହିଥିଲା ସମସ୍ତ ସେବାୟତଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ସମର୍ପଣ ମନୋଭାବ ବୋଲି ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି।

# ପୁରୀରେ ପୁଣି ଗଡ଼ିଲା ମୁଣ୍ଡ

## ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା



**ପୁରୀ (ବ୍ୟୁରୋ):** ପୁରୀରେ ପୁଣି ଗଡ଼ିଲା ମୁଣ୍ଡ । ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ଦୁର୍ବୃତ୍ତ। ହସ୍ପିଟାଲରେ ଯୁବକଙ୍କୁ ମୃତ ଘୋଷଣା କଲେ ଡାକ୍ତର। ମୃତ ଯୁବକ ଜଣକ ହେଲେ ଚନ୍ଦନପୁର ଦାମୋଦରପୁର ମହାରଣା ସାହିର କାଳିଆ ମଲ୍ଲିକ। ଚନ୍ଦନପୁର ଦାମୋଦରପୁର ବଜାରରେ ଘଟିଛି ହତ୍ୟାକାଣ୍ଡ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା ସନ୍ଦେହ। ଚନ୍ଦନପୁର ଥାନା ପୋଲିସର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଗତ କିଛି ମାସ ମଧ୍ୟରେ ପୁରୀ ସହରରେ ଅନେକ ହତ୍ୟା ସମ୍ପର୍କିତ ମାମଲା ସାମ୍ନାକୁ ଆସିଛି। ଗତ ଜୁନ୍ ମାସରେ ପୁରୀର ବଳିଆପଣ୍ଡା ଅଞ୍ଚଳରେ ପବିତ୍ର ନାୟକ (୨୫) ନାମକ ଜଣେ ହୋଟେଲ ମାଲିକଙ୍କୁ ନିର୍ମମଭାବେ ହତ୍ୟା କରାଯାଇଥିଲା। ଗ୍ରାହକ ସେବା ଏବଂ ବ୍ୟବସାୟିକ ବିବାଦକୁ ନେଇ ଓୟୋ ସହ ଜଡ଼ିତ ଚନ୍ଦନ ପଲାଇ ଓ ତାର ସହଯୋଗୀମାନଙ୍କ ସହ ଝଗଡ଼ା ହୋଇଥିଲା। ଏହାପରେ ପବିତ୍ରଙ୍କୁ ହତ୍ୟା କରାଯାଇଥିଲା। ଘଟଣାର ମାତ୍ର କେଇ ଘଣ୍ଟା ମଧ୍ୟରେ ପୁରୀ ପୋଲିସ ମୁଖ୍ୟ ଅଭିଯୁକ୍ତ ଚନ୍ଦନ ପଲାଇକୁ ମାତା ମଠ ରୋଡ୍‌ରେ ଏନକାଉଣ୍ଟର କରି ଗିରଫ କରିଥିଲା । ସେହିପରି ମାର୍ଚ୍ଚ ୨୦୨୬ରେ ହତ୍ୟାକାଣ୍ଡ ନ ହେଲେ ମଧ୍ୟ ଏକ ବଡ଼ ଅପରାଧିକ ଘଟଣାରେ ମୃତ୍ୟୁଞ୍ଜୟ ଭାରିମଲ ନାମକ ଜଣେ ଯୁବକଙ୍କୁ ଜନଗହଳି ପୂର୍ଣ୍ଣ ବଜାରରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ପୂର୍ବ ଅପରାଧିକ ଶତ୍ରୁତା ଯୋଗୁଁ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିବା ସହ ବହୁ ଦୂର ଘୋଷାଡ଼ି ନେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେହି ସମାନ ମାସରେ ପୁରୀରେ ପରକିୟା ପ୍ରୀତିକୁ ନେଇ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଅତିନୃଶଂସ ଭାବେ ଯୁବକକୁ ହାଣି ହତ୍ୟା କରାଯାଇଥିଲା। ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଟକଟା ଧୋବାଖାଲର ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଖବରପାଇ ଘଟଣାସ୍ଥଳରେ ସମୁଦ୍ରକୂଳ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବିଗତ କିଛି ମାସ ଭିତରେ ପୁରୀ ଭଳି ତୀର୍ଥସ୍ଥାନରେ ଏଭଳି ହିଂସାତ୍ମକ ଘଟଣା ଘଟିବାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଥିଲା। ଅପରାଧୀମାନେ ବେଖାତିର ଭାବେ ହିଂସା ଘଟାଉଥିବା ସ୍ଥାନୀୟ ଲୋକେ ପ୍ରତିକ୍ରିୟା ରଖିଥିଲେ।

# ଚଳିତ ବନ୍ୟାରେ ପୁରୀ ଜିଲ୍ଲାର ୧୭୨୨୧ ବ୍ୟକ୍ତି ପ୍ରଭାବିତ



**ପୁରୀ (ବ୍ୟୁରୋ):** ଚଳିତ ବନ୍ୟାରେ ପୁରୀ ଜିଲ୍ଲାର ନିମାପଡା, ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକ ର ମୋଟ ୧୦ ଟି ପଞ୍ଚାୟତ ର ୧୫ ଟି ଗ୍ରାମ ପ୍ରଭାବିତ ହୋଇଛି ।ଏଥିରେ ମୋଟ ୧୭୨୨୧ ଜଣ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି ବୋଲି ଜିଲ୍ଲା ଜରୁରୀ ବିଭାଗ ସୂଚନା ଦେଇଛନ୍ତି। ଜିଲ୍ଲା ଜରୁରୀ ବିଭାଗର ତଥ୍ୟ ଅନୁସାରେ ନିମାପଡା ବ୍ଲକର ଶଗଡା ପଞ୍ଚାୟତ, ପିପିଲି ବ୍ଲକ ର ପୁବା ଶାସନ, କଣ୍ଟି, ପୋପରଙ୍ଗା ଓ ଭାରତୀପୁର ପଞ୍ଚାୟତ, କଣାସ ବ୍ଲକର ବଡାଶ, ଦୋକନ୍ଦା, ପାଣ୍ଡିଆକେରା ଓ ଗଡବଳଭଦ୍ରପୁର ପଞ୍ଚାୟତ ଏବଂ ଡେଲାଙ୍ଗ ବ୍ଲକର ସିଂହବରହମପୁର ପଞ୍ଚାୟତର ୧୭୨୨୧ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି। ପ୍ରଭାବିତମାନଙ୍କ ମଧ୍ୟରେ ୪୬ କ୍ୟୁଣ୍ଟାଲ ଚୁଡା ଓ ୫.୩ କ୍ୟୁଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। କୃଷି ବିଭାଗର ପ୍ରାଥମିକ ରିପୋର୍ଟ ଅନୁସାରେ ପ୍ରାୟ ୩୧୦୦ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି ।ଚିକିତ୍ସା ସୁବିଧା ପାଇଁ କଣାସ ବ୍ଲକରେ ଗୋଟିଏ ମେଡ଼ିକାଲ ଟିମ ମୁତୟନ କରାଯାଇଛି ।ବନ୍ୟା ର ମୁକାବିଲା ପାଇଁ ପୂର୍ବରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏକ ଆଭାସୀ ବୈଠକ ମାଧ୍ୟମରେ ସମସ୍ତ ବିଡ଼ିଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଆବଶ୍ୟକ ସ୍ଥଳେ ଖାଲୁଆ ଅଞ୍ଚଳ ରୁ ଲୋକମାନଙ୍କୁ ଉଦ୍ଧାର କରି ନିରାପଦ ଆଶ୍ରୟ ସ୍ଥଳରେ ରଖିବା, ଖାଦ୍ୟ, ପାନୀୟ ଜଳ, ଚିକିତ୍ସା ପ୍ରଦାନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥଲେ ।ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରେ ରହିଛି ।ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି ଓ ବନ୍ୟା ର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ସୂଚନା ଦେବା ସହ ଅଯଥା ଭୟଭୀତ ନ ହେବାକୁ ଅନୁରୋଧ କରିଛନ୍ତି ।ଅପରପକ୍ଷରେ ଜଳସ୍ତର ହ୍ରାସ ପାଉଛି ବୋଲି ଜଳସେଚନ ବିଭାଗ ସୂଚନା ଦେଇଛନ୍ତି।

# ନୂତନ ଶ୍ରମଆଇନ ସମ୍ପର୍କରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଓ ଆଲୋଚନାଚକ୍ର




**ପୁରୀ (ବ୍ୟୁରୋ):** ସ୍ଥାନୀୟ ଗାନ୍ଧୀ ଲେବର ଫାଉଣ୍ଡେସନ ସଭା କକ୍ଷରେ ଭାରତ ସରକାରଙ୍କ ନୂତନ ଶ୍ରମ ଆଇନ ସମ୍ପର୍କରେ ଏକ ବିଶେଷ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଓ ଆଲୋଚନା ଚକ୍ର ଓଡ଼ିଶା କୋଲିଆରୀ ମଜଦୁର ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ।ଭାରତୀୟ ଜାତୀୟ ଟ୍ରେଡ ୟୁନିଅନ କଂଗ୍ରେସର ଉପସଭାପତି ତଥା ଓଡ଼ିଶା ଜାତୀୟ ଟ୍ରେଡ ୟୁନିଅନର ସଭାପତି ପ୍ରାକ୍ତନ ପାର୍ଲିଆମେଣ୍ଟ ସଦସ୍ୟ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ ଏହି ଉତ୍ସବ ଉଦ୍‌ଘାଟନ କରି ନୂତନ ଶ୍ରମ ଆଇନର ଉପାଦେୟତା ସମ୍ପର୍କରେ ପ୍ରତିଭାଗୀ ମାନଙ୍କୁ ସୂଚାଇଥିଲେ। ଭାରତ ସରକାରଙ୍କ ପୂର୍ବତନ ନିର୍ଦ୍ଦେଶକ ମାନସ ରଂଜନ ମହାପାତ୍ର ଏହି ସଭାରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଶ୍ରମିକ ଏକତା ଉପରେ ଗୁରୁତ୍ୱ ଦେଇଥିଲେ ।ପୂର୍ବତନ ବାଚସ୍ପତି, ମନ୍ତ୍ରୀ ତଥା ଓଡ଼ିଶା କୋଲିଆରୀ ମଜଦୁର ସଂଘର ସଭାପତି କିଶୋର ଚନ୍ଦ୍ର ପଟେଲ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ନୂତନ ଶ୍ରମ ଆଇନର ତ୍ରୁଟି ସମ୍ପର୍କରେ ଏହି ଦୁଇ ଦିନିଆ ଅଧିବେଶନରେ ଆଲୋଚନା କରାଯିବ। ପରିଶେଷ ରେ ସଂଘର ଉପସଭାପତି ଓମ୍ ପ୍ରକାଶ ସିଂହ ଅତିଥି ଓ ପ୍ରତିଭାଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ସଭାକୁ ଓଡ଼ିଶା କୋଲିଆରୀ ମଜଦୁର ସଂଘର ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

# ମଙ୍ଗଳାଙ୍କ ମୁଖସ୍ଥାପନ ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



**ପୁରୀ (ବ୍ୟୁରୋ):** ପୁରୀ ମଙ୍ଗଳାଘାଟ ସ୍ଥିତ ପାଇକ ସାହିରେ ମା' ମଙ୍ଗଳାଙ୍କ ମୁଖ ସ୍ଥାପନା ଦିବସ ଅବସରରେ ପଞ୍ଚ କୁଣ୍ଡିୟ ମହାଯଜ୍ଞ ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱର ମଙ୍ଗଳ ଚିନ୍ତନ, ସମାଜର କଲ୍ୟାଣ ଓ ଗ୍ରାମର ମଙ୍ଗଳ ମନାସି ମା ମଙ୍ଗଳାଙ୍କ ପୀଠ ପରିସରରେ ମାଙ୍କ ଜନ୍ମ ଶତବାର୍ଷିକୀରେ ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବ ଭକ୍ତିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଦେବପୂଜନ, ଅଙ୍କୁରା ରୋପଣ, କଳସ ଯାତ୍ରା, ସାଲ ପୂଜା, ଓ ପ୍ରାଣ ପ୍ରତିଷ୍ଠା ସହ ଘଣ୍ଟ ଘଣ୍ଟା ବାଦ୍ୟର ପ୍ରକମ୍ପିତ ହେଉଛି ମନ୍ଦିର ପରିସର । ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣ ଧ୍ୱନୀରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମା' ମଙ୍ଗଳାଙ୍କୁ ଦର୍ଶନ କରିବା ସହ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଲାଭ କରିଛନ୍ତି । ପାର୍ବତୀ ସାଗରରୁ ବାଦ୍ୟ ଓ ଘଣ୍ଟ ଘଣ୍ଟୁଆଙ୍କ ସହ ୫୧ ଜଣ ମହିଳା ଓ ୧୦ ଜଣ ପୁରୁଷ ପାଣିଭରା କଳସ ମୁଣ୍ଡାଇ ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ କଳସ ରଖିଥିଲେ । କଳସ ସ୍ଥାପନ, ସୂର୍ଯ୍ୟ ପୂଜା, ବରୁଣ ପୂଜା, ସହ ଶହେ ଆଠ ଦୀପ ଦ୍ୱାରା ଦୀପଯଜ୍ଞ ଆରମ୍ଭ ହୋଇ ଶନିବାର ଯଜ୍ଞର ବିଭିନ୍ନ ସଂସ୍କାର ସମାପନ ହୋଇ ପୂର୍ଣ୍ଣାହୂତି କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି । ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହେଉଛି ମା' ମଙ୍ଗଳାଙ୍କ ମନ୍ଦିର । ସୁଗନ୍ଧିତ ପୁଷ୍ପ ଓ ଅର୍ଘ୍ୟର ବାସ୍ନାରେ ମହକୁଛି ଯଜ୍ଞ ପରିସର । ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପ୍ରଜ୍ଞାସୁ ମହାନ୍ତି କର୍ତ୍ତୀ ଭାବେ ରୋଜାଲିନ ମହାନ୍ତି, ସେହିପରି ବିଜ୍ଞାସୁ ମହାନ୍ତି ତାଙ୍କ ଧର୍ମପତ୍ନୀ କାମିନୀ ମହାନ୍ତି, ଦେବେନ୍ଦ୍ର ପରିଡା ତାଙ୍କ ଧର୍ମପତ୍ନୀ ସତ୍ୟଭାମା ପରିଡା, ବିଶ୍ୱନାଥ ସ୍ୱାଇଁ ତାଙ୍କ ଧର୍ମପତ୍ନୀ ପ୍ରଭାତି ସ୍ୱାଇଁ ଓ କିଶୋର ସ୍ୱାଇଁ ତାଙ୍କ ଧର୍ମପତ୍ନୀ ମିଲି ସ୍ୱାଇଁ ପଞ୍ଚ କୁଣ୍ଡିୟ ମହାଯଜ୍ଞରେ କର୍ତ୍ତା କର୍ତ୍ତୀ ଭାବେ କାର୍ଯ୍ୟ କରିଥିଲେ। ଲକ୍ଷ୍ମୀଧର ପରିଡା, ସୁରେଶ ପରିଡା, ସୁଭ୍ରଦିପ ମହାନ୍ତି, ମହେଶ୍ୱର ସ୍ୱାଇଁ କିଶୋର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପାଇକ ସାହି ବାସିନ୍ଦା ମାନେ ସହଯୋଗ କରିଥିଲେ । ଶତାଧିକ ଭକ୍ତ, ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଧାର୍ମିକ ପ୍ରବଚନ କାର୍ଯ୍ୟରେ ଯୋଗଦେଇ ଦେଇଥିଲେ । ଜଗତର ମଙ୍ଗଳ କାମନା ପାଇଁ ଆୟୋଜକ ମାନେ ପ୍ରାର୍ଥନା କରିଛନ୍ତି ।

# ସ୍ୱର୍ଗତ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ସ୍ମୃତିସଭା

**ପୁରୀ (ବ୍ୟୁରୋ):** ପୁରୀ ଆର୍ଟିଷ୍ଟ ଆସୋସିଏସନର ବରିଷ୍ଠ ସଭ୍ୟ ଦିବଂଗତ ଲକ୍ଷ୍ମୀନାରାୟଣ ପଣ୍ଡା(ଉଖୁନା)ଙ୍କ ଅକାଳ ବିୟୋଗରେ ଆସୋସିଏସନ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିସଭା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଆତ୍ମାର ସଦଗତି କାମନା କରିବା ସହ ଅନୁଷ୍ଠାନ ପ୍ରତି ଥିବା ତାଙ୍କର ଅତୁଳନୀୟ ଅବଦାନରେ ସ୍ମୃତିଚାରଣ କରିଥିଲେ । ସୂଚନା ଯୋଗ୍ୟ ଯେ ସ୍ୱର୍ଗତ ପଣ୍ଡାଙ୍କର ଗତ ରବିବାର ଅଧର ଦ୍ୱାଦଶୀ ଦିନ ନିଜ ବାସଭବନ ବାଲିସାହି ଠାରେ ହୃଦଘାତ କାରଣରୁ ଅକାଳ ବିୟୋଗ ଘଟିଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ଭରତ କୁମାର ନାୟକ, ରାମକୃଷ୍ଣ



ମହାପାତ୍ର, କୃଷ୍ଣଚନ୍ଦ୍ର ସାହୁ, ଗଣେଶ୍ୱର ମହାପାତ୍ର, ପ୍ରଦୀପ କୁମାର ପ୍ରଧାନ, ବିକାଶ ଦତ୍ତ, ହରେକୃଷ୍ଣ ମିଶ୍ର, ପ୍ରତାପ କୁମାର ସାହୁ, ଅନୂପ ପଟ୍ଟନାୟକ, ପ୍ରସନ୍ନ କୁମାର ମିଶ୍ର, ଚକ୍ରଧର ମହାପାତ୍ର, ଲକ୍ଷ୍ମୀଧର ପୂଜାପଣ୍ଡା, ଡାକ୍ତର ରାଧେଶ୍ୟାମ ରଥ, କୃଷ୍ଣଚନ୍ଦ୍ର ମହାନ୍ତି, ଭାରତୀ ମହାପାତ୍ର, ସବିତା ହରିଚନ୍ଦନ, ମଧୁସୂଦନ ପୂଜାପଣ୍ଡା, ଶ୍ୟାମପ୍ରକାଶ ସେନାପତି, ବିକ୍ରମ କୁମାର ସାହୁ, ବିଭୂତି ମିଶ୍ର, ସନ୍ଦିପ୍ତ ଦାଶ, ଶାମଲ ଚକ୍ରବର୍ତ୍ତୀ, ବିଦ୍ୟାଧର ମହାରଣା ,ସୁମତା ମିଶ୍ର ଓ ବେଣୁଧର ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାର ସଦଗତି ସହ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା



**ପୁରୀ (ବ୍ୟୁରୋ):** ପୁରୀ ଘୋଡାବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶନିବାର ପୂର୍ବାହ୍ନରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସସିବି ମେଡିକାଲ କଲେଜ କଟକ ଶଲ୍ୟ ବିଭାଗର ଅବସରପ୍ରାପ୍ତ ଡାକ୍ତର ପ୍ରଫେସର ଡକ୍ଟର ଶ୍ରୀକାନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଭାଗ ଓଡ଼ିଶା ପୁରୀ ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ପୂର୍ବକ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କହିଲେ ଶିଶୁମାନଙ୍କୁ ବୈଜ୍ଞାନିକ ମନସ୍କ କରିବା ସହିତ ଭବିଷ୍ୟତରେ ଏକ ବୈଜ୍ଞାନିକ ହୋଇ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଅରବିନ୍ଦ ଶତପଥୀ, ସଭାପତି ଡଃ ଅଭିମନ୍ୟୁ ଭୂୟାଁଙ୍କ ସମେତ ପରିଚାଳନା ସମିତିର ସମସ୍ତ କର୍ମକର୍ତ୍ତା ଓ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ଅଧକ୍ଷ ଅରବିନ୍ଦ ଦାସ ଉପସ୍ଥିତ ରହି ଶିଶୁମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ବାର୍ତ୍ତା ପ୍ରଦାନ କରିଥିଲେ । ବୈଜ୍ଞାନିକ ଜୀବନ କଥନ, ବୈଜ୍ଞାନିକ ଫଟୋଚିତ୍ର ସଂଗ୍ରହ, ବିଜ୍ଞାନ ଭିତ୍ତିକ ପ୍ରୟୋଗ, ବିଜ୍ଞାନ ପ୍ରଶ୍ନମଂଚ, ବିନା ମୂଲ୍ୟ ବା ସ୍ୱଳ୍ପ ମୂଲ୍ୟରେ ଉପକରଣ ପ୍ରସ୍ତୁତି ବିଜ୍ଞାନ ସମ୍ବନ୍ଧୀୟ ନାଟକ ଆଦି ପ୍ରତିଯୋଗିତା ରେ ୨୬୩ ଜଣ ଶିଶୁ ଭାଇଭଉଣୀ ଅଂଶ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୬୦ ଜଣ ଶିଶୁ ପ୍ରତିଯୋଗୀ ପୁରସ୍କାର ପାଇଁ ବିବେଚିତ ହେବା ସହିତ ସଙ୍କୁଳ ସ୍ତରୀୟ ଜ୍ଞାନବିଜ୍ଞାନ ମେଳାକୁ ଉତ୍ତୀର୍ଣ୍ଣ ହୋଇଥିଲେ । ଦ୍ୱିତୀୟ ପର୍ଯ୍ୟାୟ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ଅଧକ୍ଷ ଗୁରୁଚରଣ ନାୟକ ଉପସ୍ଥିତ ରହି ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟ ବିଜ୍ଞାନ ବିଭାଗର ବରିଷ୍ଠ ଆଚାର୍ଯ୍ୟ ଅନଙ୍ଗ ଉଦୟ ବଳ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ଶେଷରେ ବିଦ୍ୟାଳୟର ସମ୍ପାଦକ ଅରବିନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ସେବକ ସେବିକା ମାନେ ଜ୍ଞାନବିଜ୍ଞାନ ମେଳାରେ ସହଯୋଗ କରିଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନର ସଂଶୋଧିତ କାର୍ଯ୍ୟସୂଚୀ ଧାର୍ଯ୍ୟ

**ପୁରୀ (ବ୍ୟୁରୋ):** ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ୨୦୨୬ ପାଇଁ ସଂଶୋଧିତ କାର୍ଯ୍ୟସୂଚୀ ଭାରତର ନିର୍ବାଚନ ଆୟୋଗ ଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ସଂଶୋଧିତ କାର୍ଯ୍ୟ ସୂଚୀ ଅନୁସାରେ ଦାବି ଓ ଆପତ୍ତି ଦାଖଲ ଜୁଲାଇ ୫ ରୁ ଅଗଷ୍ଟ ୧୯ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।ପୂର୍ବରୁ ଦାବି ଓ ଆପତ୍ତି ଦାଖଲ ର ସମୟ ସୀମା ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା ।ସଂଶୋଧିତ କାର୍ଯ୍ୟ ସୂଚୀ ଅନୁସାରେ ନୋଟିସ ପ୍ରଦାନ, ଦାବି ଓ ଆପତ୍ତି ର ଶୁଣାଣି, ନିଷ୍ପତ୍ତି ଜୁଲାଇ ୫ ତାରିଖରୁ ସେପ୍ଟେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ନୋଟିସ ପ୍ରଦାନ, ଦାବି ଓ ଆପତ୍ତି ସମାଧାନ ର ଶେଷ ସମୟ ସୀମା ଜୁଲାଇ ୫ ତାରିଖ ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ରହିଥିଲା ।ପୂର୍ବରୁ ଭୋଟର ତାଲିକା ର ଚୁଡାନ୍ତ ପ୍ରକାଶନ ତାରିଖ ସେପ୍ଟେମ୍ବର ୬ ତାରିଖ ଥିବା ବେଳେ ସଂଶୋଧିତ କାର୍ଯ୍ୟ ସୂଚୀ ଅନୁସାରେ ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ ସେପ୍ଟେମ୍ବର ୨୧ ତାରିଖକୁ ଧାର୍ଯ୍ୟ କରାଯାଇଛି ବୋଲି ପୁରୀ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ଅବଗତ କରାଇଛନ୍ତି।

# ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜ୍ଞାନ ବିଜ୍ଞାନ ମେଳା



**ପୁରୀ (ବ୍ୟୁରୋ):** ଶନିବାର ପ୍ରାତଃ ୯ଘଟିକା ସମୟରେ ସ୍ଥାନୀୟ ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୦ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଚାଳିତ ମହାବିଦ୍ୟାଳୟ ଫିଜିକ୍ସ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଶ୍ରୀଯୁକ୍ତ ଜନ୍ମେଶ୍ୱର ଖୁଣ୍ଟିଆ ଫୁଲତୋଡ଼ା ଓ ଉତରିୟ ପ୍ରଦାନ କରି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମହାନ୍ତି ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟପ୍ରଦାନ କରିଥିବା ବେଳେ ଶିକ୍ଷା ବିକାଶ ସମିତିଙ୍କ ପୁରୀ ଜିଲ୍ଲା ସହ ପ୍ରମୁଖ ଶ୍ରୀଯୁକ୍ତ ଦୀନବନ୍ଧୁ ତ୍ରିପାଠୀ ପରିଚାଳନା ସମିତିର ଉପସଭାପତି ଶ୍ରୀଯୁକ୍ତ ଶିବପ୍ରସାଦ ମିଶ୍ର ଛାତ୍ର ବିଜ୍ଞାନ ସଂସଦ ର ସମ୍ପାଦକ ଶ୍ରୀମାନ ମାରୁତି ମହାପାତ୍ର ,ସଭାପତି ଶ୍ରୀମାନ ବଦ୍ରୀ ବିଶାଲ କର ଓ ସଦସ୍ୟା ଶ୍ରୀ କ୍ରିଷ୍ଣା ଦାସ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଶ୍ରୀମାନ ବଦ୍ରୀବିଶାଳ କର ସଭାକାର୍ଯ୍ୟ ପରିଚାଳନା କରିଥିଲେ ।ଶ୍ରୀମାନ ମାରୁତି ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସଦସ୍ୟା ସୁଶ୍ରୀ କ୍ରିଷ୍ଣା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ବ୍ୟକ୍ତିଗତ ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ଶିଶୁ ବାଲ ଓ କିଶୋର ଏହିପରି ତିନୋଟି ବର୍ଗରେ ବିଜ୍ଞାନ ପ୍ରକଳ୍ପ ପ୍ରୟୋଗ ଚାର୍ଟ ,ପତ୍ରବାଚନ, ଗଣିତ ପ୍ରକଳ୍ପ ,ପ୍ରୟୋଗ ଚାର୍ଟ ଓ ପତ୍ରବାଚନ, ସଂସ୍କୃତ ଜ୍ଞାନ ପତ୍ରବାଚନ, ମୂର୍ତି କଳା ଆଦି ବିଷୟରେ ପ୍ରାୟତଃ ୧୩୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜର ପ୍ରକଳ୍ପ ଆଦି କାର୍ଯ୍ୟକୁ ପ୍ରଦର୍ଶନ କରିଥିଲେ ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରକଳ୍ପ ଗୁଡିକୁ ଦେଖିବା ନିମନ୍ତେ ବହୁ ସଂଖ୍ୟାରେ ଶିଶୁ ଓ ଅଭିଭାବକ ଏବଂ ଅଭିଭାବିକା ମାନଙ୍କର ଆଗ୍ରହ ଓ ଉତ୍ସାହ ପରିଲକ୍ଷିତ ହୋଇଥିଲା।

## ନଦୀବନ୍ଧ ସ୍ଥିତି ଅନୁଧ୍ୟାନ କଲେ ଅଧିକାରୀ

**ପୁରୀ (ବ୍ୟୁରୋ):** ଭାର୍ଗବୀ ନଦୀର ଜଳସ୍ତର ବିପଦସଙ୍କେତ ତଳେ ପ୍ରବାହିତ ହେଉଥିଲାବେଳେ ଶୁକ୍ରବାର ବିପଦ ସଙ୍କେତ ଟପିଛି। ବଳଙ୍ଗା ଠାରେ ବିପଦ ସଂକେତ ୧୦.୪୨ ମିଟର ହୋଇଥିବା ବେଳେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୧୧.୩୯ ମିଟର ରହିଛି। ପ୍ରାୟ ଏକ ମିଟର ଉଚ୍ଚରେ ଜଳ ପ୍ରବାହିତ ହେଉଛି। ଜଳସ୍ତର ବଢୁଥିବାରୁ ନଦୀତଟବର୍ତ୍ତୀ ଗ୍ରାମର ଲୋକେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ଭୟଭୀତ ଅବସ୍ଥାରେ ରହିଛନ୍ତି। ପୂର୍ବାହ୍ନରେ ବନ୍ୟା ନୋଡାଲ ଅଫିସର ରମେଶ ସେଠୀଙ୍କ ସମେତ ନିମାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ, ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଅଧିକାରୀ ଅଜୟ କୁମାର ପ୍ରଧାନ, ନଦୀବନ୍ଧ ଯନ୍ତ୍ରୀ ପ୍ରକାଶ କୁମାର ମହାନ୍ତି ପ୍ରମୁଖ ନଦୀବନ୍ଧର ସ୍ଥିତି ଯାଞ୍ଚ କରିଛନ୍ତି।

# ଫୁଲ ଚାଷ

ଫୁଲ ଚାଷ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ସମୃଦ୍ଧ କରିଥାଏ ଏବଂ ବୈଜ୍ଞାନିକ ଏବଂ କଳାକାର ଉଭୟଙ୍କ ପାଇଁ ଏକ ଆକର୍ଷଣୀୟ ଶିଳ୍ପ। ଫୁଲ ଚାଷ ଶବ୍ଦଟି ଲାଟିନ୍ ରୁ ଆସିଛି, ଏବଂ ଏହାର ଅର୍ଥ 'ଫୁଲ ଚାଷ କରିବା' ।

ଫୁଲ ଚାଷ ବ୍ୟବସାୟଗୁଡ଼ିକ ପାଇକାରୀ ଫୁଲ ବଜାର, ଫୁଲ ବିକ୍ରେତା ଏବଂ ଖୁଚୁରା ଦୋକାନ ଭଳି ବଜାରର ମିଶ୍ରଣ ପାଇଁ ଏବଂ କିଛି କ୍ଷେତ୍ରରେ ରପ୍ତାନି ପାଇଁ ତାଜା ଏବଂ ଶୁଖିଲା ଫୁଲ ଏବଂ ପତ୍ର ଉତ୍ପାଦନ କରନ୍ତି। ଚାଷ ହେଉଥିବା ବିଭିନ୍ନ ଫୁଲ ଏବଂ ପତ୍ରର ବିସ୍ତୃତ ପରିସରରେ ଗୋଲାପ, କାର୍ନେଶନ୍, ଅର୍କିଡ୍, ଦେଶୀ ଫୁଲ, ବଲ୍ବ ଏବଂ ବାର୍ଷିକ ଫୁଲ ଏବଂ ଉଷ୍ଣକଟିବନ୍ଧୀୟ ଫୁଲ ଅନ୍ତର୍ଭୁକ୍ତ ହୋଇପାରେ। କିଛି ଫୁଲ ଫାର୍ମ ସେମାନଙ୍କର ଆବଶ୍ୟକୀୟ ତେଲ ପାଇଁ ଖୋଲା ପଡ଼ିଆରେ ଫୁଲ ମଧ୍ୟ ଚାଷ କରେ।

ବର୍ଷସାରା ଫୁଲର ଚାହିଦା ରହିଥାଏ ଏବଂ ବର୍ଷର ବିଶେଷ ସମୟରେ, ଯେପରିକି ଭାଲେଣ୍ଟାଇନ୍ସ ମାତୃ ଦିବସ, ଇଷ୍ଟର, ଖ୍ରୀଷ୍ଟମାସ, ଇତ୍ୟାଦିରେ ସର୍ବାଧିକ ଆବଶ୍ୟକତା ରହିଥାଏ। ବିଶେଷ ପର୍ବଗୁଡ଼ିକ ପ୍ରାୟତଃ ଆବଶ୍ୟକ ଫୁଲର ପ୍ରକାରକୁ ପ୍ରଭାବିତ କରିଥାଏ ଯେପରିକି ଭାଲେଣ୍ଟାଇନ୍ସ ଦିବସ ପାଇଁ ଲାଲ ଗୋଲାପ। ଫୁଲ ଚାଷରେ ସମସ୍ତ କଟା ଫୁଲ, ଫୁଲ ବିହନ ଏବଂ ଚାରାର ପ୍ରଚାର, ଚାଷ ଏବଂ ବିପଣନ, ବଲବ୍ ଚାଷ, ନର୍ସରୀ କାର୍ଯ୍ୟ, ଉଦ୍ଭିଦର ରାସାୟନିକ ସୁରକ୍ଷା, ଅମଳ ପରବର୍ତ୍ତୀ ସଂରକ୍ଷଣ ଏବଂ ପରିଚାଳନା ଏବଂ ସଂରକ୍ଷଣକାରୀ ଦ୍ରବ୍ୟର ବ୍ୟବହାର ଅନ୍ତର୍ଭୁକ୍ତ। ଫୁଲ ଚାଷ କ୍ଷେତ୍ରରେ ନିୟୋଜିତ ବ୍ୟକ୍ତିମାନେ ନିମ୍ନଲିଖିତ କିଛି କରିବାର ସମ୍ଭାବନା ଅଛି:-

ବାଣିଜ୍ୟିକ ଫୁଲ, ଫୁଲ ବିହନ, ପତ୍ର ଏବଂ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ଚାଷ ଏବଂ ଅମଳ ।

**ତୈଳ ଫସଲ-** କ୍ଷେତ ଏବଂ ନିୟନ୍ତ୍ରିତ ବଢୁଥିବା ପରିବେଶର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଅମଳ ପରବର୍ତ୍ତୀ ଚିକିତ୍ସା ଏବଂ ଉଦ୍ଭିଦ ଉତ୍ପାଦର ଉତ୍ପାଦନ ବାଣିଜ୍ୟିକ ଫୁଲ, ଫୁଲ ବିହନ, ପତ୍ର ଏବଂ ଅତ୍ୟାବଶ୍ୟକୀୟ ତୈଳ ଫସଲର ଜଙ୍ଗଲୀ ଅମଳ ଏବଂ ପ୍ରକ୍ରିୟାକରଣ-: ଫୁଲ ଉତ୍ପାଦନର ଏକ ଅନୁପାତ ଗ୍ରୀନହାଉସରେ ହୁଏ। ଗ୍ରୀନହାଉସ ଉତ୍ପାଦନ ବ୍ୟତୀତ, ଫୁଲ ଚାଷରେ ଔଷଧୀୟ ଉଦ୍ଭିଦ ଏବଂ ଫୁଲର ବାହ୍ୟ ଉତ୍ପାଦନ ଏବଂ କଟା ଫୁଲର କ୍ଷେତ୍ର ଉତ୍ପାଦନ ଅନ୍ତର୍ଭୁକ୍ତ।

ଫୁଲ ଚାଷ କିମ୍ବା ଫୁଲ ଚାଷ ଯେଉଁମାନେ ଫୁଲ ଏବଂ ପତ୍ରକୁ ବିକ୍ରୟ ପାଇଁ ଚାଷ, ଅମଳ ଏବଂ ପ୍ରସ୍ତୁତ କରିବା ସହିତ ବାହାର କାମ କରିବାକୁ



ଚାହାଁନ୍ତି ସେମାନଙ୍କ ପାଇଁ ଏକ ଆକର୍ଷଣୀୟ ଏବଂ ରୋମାଞ୍ଚକର କ୍ୟାରିଅର ପ୍ରଦାନ କରିପାରେ। ଫୁଲ ଚାଷ ମଧ୍ୟରେ କ୍ୟାରିଅର ପସନ୍ଦଗୁଡ଼ିକ ବିବିଧ, ଚ୍ୟାଲେଞ୍ଜିଂ ଏବଂ ଲାଭଜନକ।

ବାଣିଜ୍ୟିକ ଚାଷୀ ଗବେଷଣା ଏବଂ ଶିକ୍ଷାଦାନ ତଥାପି, ଫୁଲ ଚାଷରେ ଏକ କ୍ୟାରିଅର ଆପଣଙ୍କୁ ଫୁଲ ଉତ୍ପାଦନ, ବଣ୍ଟନ, ଡିଜାଇନ୍, ଖୁଚୁରା ବିକ୍ରୟ, କାର୍ଯ୍ୟ, ମାର୍କେଟିଂ, ପ୍ରକାଶନ, ଆମଦାନୀ, ଗବେଷଣା, ଶିକ୍ଷାଦାନ, ଗ୍ରୀନହାଉସ୍ ଡିଜାଇନ୍ ଏବଂ ଇଞ୍ଜିନିୟରିଂ, ଜଳବାୟୁ ନିୟନ୍ତ୍ରଣ ପ୍ରଣାଳୀ ଇଞ୍ଜିନିୟରିଂ, ମୃତ୍ତିକା ବିଶ୍ଳେଷଣ, ବିକ୍ରୟ କିମ୍ବା କୀଟପତଙ୍ଗ ପରିଚାଳନାରେ ଜଡିତ ହୋଇପାରେ। ଏହା ସହିତ ନିଯୁକ୍ତିଦାତାମାନଙ୍କୁ ଅଫିସ୍ ପରିଚାଳନା, ମାନବ ସମ୍ବଳ, ବହିରକ୍ଷଣ, ଆକାଉଣ୍ଟିଂ ଏବଂ କମ୍ପ୍ୟୁଟର ସିଷ୍ଟମ୍ ଭଳି ସହାୟକ ଦକ୍ଷତା ଥିବା ଲୋକଙ୍କ ଆବଶ୍ୟକତା ଅଛି। ଆଜିର ଫୁଲ ଚାଷ ଚାକିରି ବଜାରରେ ସବୁଠାରୁ ସଫଳ ବ୍ୟକ୍ତି ପ୍ରଶିକ୍ଷିତ ବୃତ୍ତିଗତ ହେବେ ଯାହାଙ୍କ ପାଖରେ ଦୃଢ଼ ବ୍ୟବସାୟିକ ଦକ୍ଷତା ଏବଂ ଉଦ୍ୟାନ କୃଷି ଜ୍ଞାନ ଅଛି।

**କ୍ୟାରିଅର :-** ଫୁଲ ଚାଷରେ କ୍ୟାରିଅର ବିକଳ୍ପଗୁଡ଼ିକ ତାଲିମ ଏବଂ ଯୋଗ୍ୟତା ସହିତ ଜଡିତ ଏବଂ ନିୟନ୍ତ୍ରିତ। କିଛି ଛାତ୍ର ସାଧାରଣ ଉଦ୍ୟାନ କୃଷି କିମ୍ବା ନର୍ସରୀ କାର୍ଯ୍ୟ କିମ୍ବା ଅଧ୍ୟୟନ ସହିତ ଆରମ୍ଭ କରିବେ, ତା'ପରେ ଶିଳ୍ପ ମଧ୍ୟରେ ବିଶେଷଜ୍ଞ ତାଲିମ କିମ୍ବା କ୍ଷୁଦ୍ର ବିଶେଷଜ୍ଞ ଅଧ୍ୟୟନ ପାଠ୍ୟକ୍ରମ ପାଇବେ। ଅନ୍ୟମାନେ ଡିଗ୍ରୀ ସ୍ତରରେ ଅଧ୍ୟୟନ କରିବେ, ଉଦ୍ୟାନ କୃଷି ପରି ବିଷୟ, କିମ୍ବା ଫୁଲ ଉତ୍ପାଦନ ଷ୍ଟ୍ରିମ୍ ବିକଳ୍ପ ସହିତ ଉଦ୍ୟାନ କୃଷି, କିମ୍ବା ଫୁଲ ଚାଷରେ ସ୍ନାତକ ଡିଗ୍ରୀ ବୃଦ୍ଧି ପାଇବ। କିଛି ଶିଳ୍ପ ସଂସ୍ଥା କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଉଦ୍ୟାନ କୃଷି / ଫୁଲ ଚାଷ ବୃତ୍ତି ପ୍ରଦାନ କରନ୍ତି। ଏକକାଳୀନ କାର୍ଯ୍ୟ ଅଭିଜ୍ଞତା ପ୍ରଦାନ କରିପାରୁଥିବା ପାଠ୍ୟକ୍ରମଗୁଡ଼ିକ ଅମୂଲ୍ୟ।

## ଗୋଲାପ ଫୁଲ ଚାଷରେ କ୍ୟାରିଅର

**ଫୁଲ ଚାଷରେ ଏକ ଦୃଢ଼ ବାଣିଜ୍ୟିକ ସମ୍ଭାବନା ପ୍ରଦାନ କରେ, ଖୋଲା କ୍ଷେତରେ ପ୍ରତି ଏକର ପାଇଁ ୩ ରୁ ୫ ଲକ୍ଷ ଏବଂ ପଲିହାଉସ ଭିତରେ ପ୍ରତି ଏକର ପାଇଁ ୬ ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ନିଟ୍ ଲାଭ ଦେଇଥାଏ। ସଫଳତା ପାଇଁ ସଠିକ୍ ଚାଷ ପଦ୍ଧତି ବାଛିବା, ମାଟି ପାରାମିଟରଗୁଡ଼ିକୁ ସତର୍କତାର ସହିତ ପରିଚାଳନା କରିବା ଏବଂ ଉଚ୍ଚ-ମୂଲ୍ୟର ବଜାର କ୍ଷେତ୍ରଗୁଡ଼ିକୁ ଲକ୍ଷ୍ୟ କରିବା ଆବଶ୍ୟକ।**







**ପ୍ରଣାଳୀ ଏବଂ ମାଟି ସେଟଅପ୍ ଖୋଲା କ୍ଷେତ୍ର ବନାମ ପଲିହାଉସ୍:** ଖୋଲା ଚାଷ ସ୍ଥାନୀୟ ଫୁଲ ବଜାର ପାଇଁ ଉପଯୁକ୍ତ, ଯେତେବେଳେ ଜଳବାୟୁ-ନିୟନ୍ତ୍ରିତ ପଲିହାଉସ୍ ଅଧିକ ବଜାର ମୂଲ୍ୟ ସହିତ ପ୍ରିମିୟମ୍ ଲମ୍ବା-କାଣ୍ଡ କଟା ଗୋଲାପ (ଡଚ୍ ଗୋଲାପ ପରି) ଉତ୍ପାଦନ କରେ। ମାଟି କ୍ଷାରୀ ସ୍ତର: ସର୍ବୋତ୍ତମ ପୋଷକ ତତ୍ତ୍ୱ ଶୋଷଣ ପାଇଁ ୫.୫ ରୁ ୬.୫ ର ସାମାନ୍ୟ ଏସିଡିକ୍ ପରିସର ବଜାୟ ରଖନ୍ତୁ। ମାଟି ଗଠନ: ପ୍ରତି ଏକର ପାଇଁ ୧୦,୦୦୦ କିଲୋଗ୍ରାମ ଫାର୍ମ ୟାର୍ଡ ସାର, ୨,୫୦୦ କିଲୋଗ୍ରାମ ଭର୍ମି କମ୍ପୋଷ୍ଟ ଏବଂ ୮,୦୦୦ କିଲୋଗ୍ରାମ ଚାଉଳ ଗୁଣ୍ଡ ସହିତ ସମୃଦ୍ଧ ଭଲ ନିଷ୍କାସନ ହୋଇଥିବା ଦୋରସା ମାଟି ବ୍ୟବହାର କରନ୍ତୁ ଯାହା ଦ୍ୱାରା ପୋରୋସିଟି ସର୍ବାଧିକ ହେବ। ଚାଷ ଚୟନ ଏବଂ ମୂଲ୍ୟ ପ୍ରବାହ ଫୁଲ କାଟିବା: ହାଇବ୍ରିଡ୍ ଟା (ଯଥା, ଗ୍ରାଣ୍ଡ ଗାଲା, ତାଜମହଲ) ବିବାହ, ଇଭେଣ୍ଟ ଡେକୋରେଟର୍ ଏବଂ କର୍ପୋରେଟ୍ ଉପହାର ପାଇଁ ଲକ୍ଷ୍ୟ କରାଯାଏ। ଶିଳ୍ପ ପ୍ରକ୍ରିୟାକରଣ: ରୋଜା ଡାମାସ୍କେନା (ଡାମାସ୍କ ଗୋଲାପ) ଗୋଲାପ ଜଳ, ଅଟାର, ଗୁଲକନ୍ଦ ଏବଂ ଆବଶ୍ୟକୀୟ ତେଲ ଉତ୍ପାଦନ ପାଇଁ ଚାଷ କରାଯାଏ। ମୂଲ୍ୟଯୁକ୍ତ **ଉତ୍ପାଦ:** ସରବତ, ସାବୁନ ଏବଂ ଜୈବିକ କେଶ ତେଲ ପରି ଦ୍ୱିତୀୟକ ଦ୍ରବ୍ୟରେ ଅତିରିକ୍ତ ପାଖୁଡା ପ୍ରକ୍ରିୟାକରଣ କରି ରାଜସ୍ୱ ପ୍ରବାହକୁ ବିବିଧ କରନ୍ତୁ।

ଅମଳ ଏବଂ କାର୍ଯ୍ୟକ୍ଷମ ସର୍ବୋତ୍ତମ ଅଭ୍ୟାସ ଅମଳ ସମୟ: ସତେଜ ବୃଦ୍ଧିକୁ ଉତ୍ସାହିତ କରିବା ପାଇଁ ୪୫ ଡିଗ୍ରୀ କୋଣରେ ସଫା, ତୀକ୍ଷ୍ଣ ଉପକରଣ ବ୍ୟବହାର କରି ସକାଳ କିମ୍ବା ବିଳମ୍ବିତ ସନ୍ଧ୍ୟାରେ ଫୁଲ କାଟିବା।

**ଅମଳ ପରବର୍ତ୍ତୀ ଯତ୍ନ:** ତୁରନ୍ତ କଟା ଡାଳକୁ ସଫା ଥଣ୍ଡା ପାଣିରେ ରଖନ୍ତୁ ଏବଂ ବାଣିଜ୍ୟିକ ବଣ୍ଟନ ପାଇଁ ଫୁଲଦାନିର ଜୀବନକୁ ବୃଦ୍ଧି କରିବା ପାଇଁ ଏକ କଠୋର ଥଣ୍ଡା ଶୃଙ୍ଖଳା ପରିଚାଳନା କରନ୍ତୁ।






# ବନ୍ୟାରେ ଅଧିକ ପ୍ରଭାବିତ ଗୃହପାଳିତ ପଶୁ



**ଭୁବନେଶ୍ୱର(ବ୍ୟୁରୋ):** ବନ୍ୟାରେ ୯ ଜିଲ୍ଲାର ୪ ଲକ୍ଷ ୮୮ ହଜାର ୮୬୮ ପଶୁ ପ୍ରଭାବିତ ହୋଇଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପଶୁଙ୍କ ଚିକିତ୍ସା ପାଇଁ ବିଭାଗ ତରଫରୁ ୫୮ଟି ଭେଟନାରୀ ରାପିଡ୍ ଟିମ୍ ମୁତୟନ ହୋଇଛନ୍ତି। ୨୪୫ ସ୍ଥାନରେ ହେଲ୍ଥ କ୍ୟାମ୍ପ ହୋଇଛି। ୧୫ ହଜାର ପଶୁଙ୍କୁ ଚିକିତ୍ସା ସହ ୨୬୩ ମେଟ୍ରିକ ଟନ ଖାଦ୍ୟ ଯୋଗାଇ ଦିଆଯାଇଛି। ୧୯୬୨ ହେଲ୍ପ ଲାଇନ୍ ନମ୍ବର ଜାରି ହୋଇଥିବା ବେଳେ ଏହା ୨୪ ଘଣ୍ଟା ଖୋଲା ରହିଛି। ବନ୍ୟାରେ ଗୃହପାଳିତ ପଶୁ ଫସିଥିଲେ ଟିମ୍ ଯାଇ ଉଦ୍ଧାର କରିବେ ବୋଲି ମନ୍ତ୍ରୀ କହିଛନ୍ତି। ଜୁଲାଇ ୩୧ ସୁଦ୍ଧା ପଶୁ ସମ୍ପଦ ଓ ପ୍ରାଣୀ ଚିକିତ୍ସା ବିଭାଗର ତଥ୍ୟ ଅନୁସାରେ ରାଜ୍ୟର ୯ଟି ଜିଲ୍ଲାର ୪୫ଟି ବ୍ଲକର ୩୯୮ଟି ଗ୍ରାମ ପଞ୍ଚାୟତ ଏବଂ ୧,୩୪୧ଟି ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି। ବନ୍ୟାରେ ମୋଟ ୪ ଲକ୍ଷ ୮୮ ହଜାର ୮୬୮ଟି ପଶୁ ପ୍ରଭାବିତ ହୋଇଛନ୍ତି। ଏଥିରେ ୩ ଲକ୍ଷ ୧୧ ହଜାର ୫୧୨ଟି ବଡ଼ ପଶୁ ଏବଂ ୧ ଲକ୍ଷ ୭୭ ହଜାର ୩୫୬ଟି ଛୋଟ ପଶୁ ରହିଛନ୍ତି। ଏହାଛଡ଼ା ୨ ଲକ୍ଷ ୩୩ ହଜାର ୭୬୩ଟି କୁକୁଡ଼ା ମଧ୍ୟ ବନ୍ୟାର ପ୍ରଭାବରେ ଆସିଛନ୍ତି। ପଶୁମାନଙ୍କ ସୁରକ୍ଷା ପାଇଁ ୫୮ଟି ରାପିଡ୍ ରେସପନ୍ସ ଟିମ୍ ଗଠନ କରାଯାଇଛି। ୨୪୫ଟି ପଶୁ ଚିକିତ୍ସା ଶିବିର ମାଧ୍ୟମରେ ୧୫ ହଜାର ୧୭୯ଟି ପଶୁଙ୍କ ଚିକିତ୍ସା କରାଯାଇଛି। ବନ୍ୟା ପୂର୍ବରୁ ୬ ଲକ୍ଷ ୪୬ ହଜାର ୮୨୫ଟି ଏବଂ ବନ୍ୟା ପରେ ୧୧ ହଜାର ୮୦୦ଟି ଟିକା ପ୍ରଦାନ କରାଯାଇଛି। ପ୍ରଭାବିତ ଜିଲ୍ଲାଗୁଡ଼ିକୁ ୮୦୦ ମେଟ୍ରିକ୍ ଟନ୍ ଗୋ-ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୭୩.୨ କ୍ୱିଣ୍ଟାଲ ସବୁଜ ଘାସ ଏବଂ ୧୩.୯ କ୍ୱିଣ୍ଟାଲ ଶୁଖିଲା ଘାସ/ନଡ଼ା ବଣ୍ଟନ କରାଯାଇଛି। ତେବେ ବନ୍ୟାରେ ୫ଟି ବଡ଼ ପଶୁ, ୧୨୦ଟି ଛୋଟ ପଶୁ ଓ ୮୦ ହଜାର ୯୦୦ଟି କୁକୁଡ଼ାର ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ରାଜ୍ୟରେ ବନ୍ୟା ପ୍ରଭାବ କେବଳ ଲୋକଙ୍କ ଜୀବନରେ ସୀମିତ ରହିନାହିଁ, ପଶୁପକ୍ଷୀଙ୍କ ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ପଶୁ ସମ୍ପଦ ବିଭାଗର ସର୍ବଶେଷ ରିପୋର୍ଟ ଅନୁଯାୟୀ, ଲକ୍ଷାଧିକ ପଶୁ ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ସୁରକ୍ଷା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ ଓ ଚିକିତ୍ସା କାର୍ଯ୍ୟ ଚାଲିଛି।

# ବିପଦସଂକେତ ତଳେ କୁଆଖାଇ, ଦୟା ଓ କୁଶଭଦ୍ରା



**ଭୁବନେଶ୍ୱର(ବ୍ୟୁରୋ):** ଲଗାଣ ବର୍ଷା ପରେ ଉପରମୁଣ୍ଡର ବନ୍ୟାଜଳ ତଳିଆ ଅଞ୍ଚଳକୁ ବୁଡ଼ାଇବାରେ ଲାଗିଛି। ମହାନଦୀର ଜଳସ୍ତର ବୃଦ୍ଧି ପରେ ଏହାର ଶାଖା ନଦୀ କୁଆଖାଇ, କୁଶଭଦ୍ରା ଓ ଦୟାର ଜଳସ୍ତର ବଢ଼ିଛି। କିନ୍ତୁ ତିନିନଦୀର ଜଳସ୍ତର ବିପଦସଂକେତ ତଳେ ରହିଛି। ସର୍ବାଧିକ ବନ୍ୟାଜଳ ଦୟା ଦେଇ ପ୍ରବାହିତ ହେଉଛି। ଆଜି ଅପରାହ୍ଣ ସୁଦ୍ଧା କୁଆଖାଇ ଓ କୁଶଭଦ୍ରାରେ ବିପଦସଂକେତର ୨ ଫୁଟ ତଳେ ବନ୍ୟାଜଳ ପ୍ରବାହିତ ହେଉଛି। ଦୟାନଦୀରେ ବିପଦସଂକେତର ଦେଢ଼ ଫୁଟ ତଳେ ବନ୍ୟାଜଳ ପ୍ରବାହିତ ହେଉଛି। ଉପରମୁଣ୍ଡର ବନ୍ୟାଜଳ ଅପେକ୍ଷା ଏବେ ପଛୁଆ ବନ୍ୟାଜଳ ନଦୀକୂଳିଆ ଅଞ୍ଚଳବାସୀଙ୍କ ଚିନ୍ତାବଢ଼ାଇଛି। ପୂର୍ଣ୍ଣିମା ପରବର୍ତ୍ତୀ ସମୟରେ, ସମୁଦ୍ରର ଉଚ୍ଚ ଜୁଆର କାରଣରୁ ବନ୍ୟାଜଳ ଚିଲିକା ଦେଇ ସମୁଦ୍ରକୁ ନିଷ୍କାସିତ ହୋଇପାରୁନି। ଯେତିକି ବନ୍ୟାଜଳ ଆସୁଛି, ସେତିକି ପରିମାଣରେ ସମୁଦ୍ରକୁ ଯାଉନି। ଏହି ବନ୍ୟାଜଳ ନିଷ୍କାସନ ହୋଇ ନପାରିବା କାରଣରୁ ପଛୁଆ ପାଣି ବଢ଼ିବାରେ ଲାଗିଛି। ମହାନଦୀର ବନ୍ୟାଜଳ କୁଆଖାଇ, ଦୟା ଦେଇ ପ୍ରବାହିତ ହୋଇ ଚିଲିକାରେ ମିଶିବା ପରେ ପୁରୀଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ?ର ବଡ଼ଗୋଠ ଦେଇ ସମୁଦ୍ରକୁ ନିଷ୍କାସିତ ହୋଇଥାଏ। ଖୋର୍ଦ୍ଧା ଜିଲ୍ଲା ମଲାଗୁଣିଠାରେ ବି ବନ୍ୟାଜଳ ଚିଲିକାକୁ ନିଷ୍କାସିତ ହୋଇଥାଏ। କୁଶଭଦ୍ରା ଜଳ ପୁରୀ ଜିଲ୍ଲାର ନିମାପଡ଼ା, ଗୋପ ଦେଇ ଲିଆଖିଆଠାରେ ସମୁଦ୍ରରେ ମିଶିଛି। ଏହି ବାଟ ଦେଇ କୁଶଭଦ୍ରା ଜଳ ନିଷ୍କାସିତ ହୋଇଥାଏ। କିନ୍ତୁ ପୂର୍ଣ୍ଣିମା କାରଣରୁ ଏବେ ବି ସମୁଦ୍ରରେ ଉଚ୍ଚ ଜୁଆର ଲାଗି ରହିଛି। ଏଣୁ ତଳମୁଣ୍ଡରେ ବନ୍ୟାଜଳ ନିଷ୍କାସନ ହୋଇ ନପାରି ନଦୀର ଜଳସ୍ତର ବଢ଼ାଉଛି। ବନ୍ୟାଜଳ କାରଣରୁ କୁଆଖାଇ, କୁଶଭଦ୍ରା ଓ ଦୟା କୂଳବର୍ତ୍ତୀ ଅଞ୍ଚଳର ଚାଷବାସ ଗୁରୁତର ପ୍ରଭାବିତ ହୋଇଛି। ବିଶେଷ କରି ପନିପରିବା ଚାଷୀମାନେ ବ୍ୟାପକ କ୍ଷତି ସହିଛନ୍ତି। ଚାଷୀମାନେ ଏକର ଏକର ଜମିରେ ପୋଟଳ, କଲରା, ଜହ୍ନି, ଭେଣ୍ଡି, ବାଇଗଣ ଆଦି ଚାଷ କରିଥିଲେ। ସବୁକିଛି ବନ୍ୟାଜଳରେ ବୁଡ଼ିଯାଇଛି। ବାଲିଅନ୍ତା, ବାଳକାଟିର ତଳିଆ ଅଞ୍ଚଳର କିଛି ଗାଁରେ ବି ପାଣି ପଶିଛି। ଶେଷଥର ୨୦୧୧ ମସିହାରେ ବଡ଼ ବନ୍ୟା ଦେଖାଦେଇଥିଲା। ସେ ସମୟରେ ସର୍ବାଧିକ ବନ୍ୟାଜଳ କୁଆଖାଇ, କୁଶଭଦ୍ରା ଓ ଦୟାରେ ପ୍ରବାହିତ ହୋଇଥିଲା। ଏହାପରଠାରୁ କେବେ ବି ବନ୍ୟାଜଳ ଏହି ସ୍ତର ଛୁଇଁନି। ପ୍ରାଚୀ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ. କଲ୍ୟାଣ ମିଶ୍ର କହିଛନ୍ତି, କୁଆଖାଇ, ଦୟା ଓ କୁଶଭଦ୍ରାରେ ବନ୍ୟାଜଳ ୯ଲକ୍ଷ କ୍ୟୁସେକ୍ ଡେଇଁଲେ ବିପଦ। କିନ୍ତୁ ଆଜି ଅପରାହ୍ଣ ସୁଦ୍ଧା ୮ଲକ୍ଷ ୨୮ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ବର୍ତ୍ତମାନ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ୧୬ ନମ୍ବର ଜାତୀୟ ରାଜପଥଠାରୁ ୫.୮୦ କିଲୋମିଟର ଦୂର ପ୍ରତାପନଗରଠାରେ କୁଆଖାଇ ବିପଦସଂକେତ ଜଳସ୍ତର ୨୧.୫୫ ମିଟର ଥିବାବେଳେ ଆଜି ଅପରାହ୍ଣ ୩ଟା ସୁଦ୍ଧା ଏଠାରେ ୧୯.୮୧ ମିଟର ଜଳ ପ୍ରବାହିତ ହେଉଛି। ସେହିଭଳି ଦୟାରେ ସାମନ୍ତରାପୁରଠାରେ ବିପଦସଂକେତ ୧୬.୪୦ ମିଟର ଥିବାବେଳେ ୧୫.୨ ମିଟର ଜଳ ପ୍ରବାହିତ ହେଉଛି। କୁଶଭଦ୍ରାରେ ବିପଦସଂକେତ ଜଳସ୍ତର ୧୮.୨୫ ମିଟର ହୋଇଥିବାବେଳେ ୧୬.୩ ମିଟର ଜଳ ପ୍ରବାହିତ ହେଉଛି। ଇଂ. ମିଶ୍ର କହିଛନ୍ତି, ଏବେ ହାତୀ ନଦୀର ଜଳ ପ୍ରବାହିତ ହେଉଛି। ହୀରାକୁଦ ଜଳ ଆସିବାକୁ ଆହୁରି ୩୬ରୁ ୪୮ ଘଣ୍ଟା ଲାଗିଯିବ। ସେତେବେଳକୁ ପଛୁଆ ଜଳ କମିଯାଇଥିବ ଓ ଜଳସ୍ତର ଆହୁରି ତଳକୁ ଖସି ଯାଇଥିବ। ଏଣୁ ନଦୀକୂଳିଆ ଅଞ୍ଚଳ ପାଇଁ ସେଭଳି କିଛି ବିପଦ ନାହିଁ ବୋଲି ସେ କହିଛନ୍ତି। ସହକାରୀ ଯନ୍ତ୍ରୀ ଇଂ. ବସନ୍ତ ସାହୁ କହିଛନ୍ତି, ଦୟାରେ ଜଳସ୍ତର ବିପଦସଂକେତ ତଳେ ରହିଛି, କିନ୍ତୁ ପାଣି ନିଷ୍କାସନ ବଡ଼ ସମସ୍ୟା ହୋଇଛି। ଧୀରେ ଧୀରେ ଜଳ ନିଷ୍କାସିତ ହେଉଛି। ତଥାପି ହୀରାକୁଦ ଜଳ ଆସିଲା ବେଳକୁ ସ୍ଥିତି ସ୍ୱାଭାବିକ ହୋଇଯାଇଥିବ ବୋଲି ଇଂ. ସାହୁ କହିଛନ୍ତି।

## ପ୍ରେମ ସମ୍ପର୍କ ହେଲା କାଳ

# ଖଣ୍ଡାରେ ହାଣିଦେଲେ, ରକ୍ତରେ ଭିଜିଲା ଦୋକାନ ଘର





**ଭୁବନେଶ୍ୱର(ବ୍ୟୁରୋ):** ଶ୍ରୀଲିଙ୍ଗରାଜ ଥାନା ଅଧୀନ ଗ୍ୟାରେଜ ଛକ ଗାୟତ୍ରୀ ବସ୍ତିରେ ପାନଦୋକାନୀ ତଥା ଶିଶୁପାଳଗଡ଼ ମହାବୀର ଲେନ୍ ଅଞ୍ଚଳର ଜୀତେନ୍ଦ୍ର କାଣ୍ଡି ଓରଫ ଜିତୁ(୩୨)ଙ୍କୁ ୫/୫ ଜଣ ଦୁର୍ବୃତ୍ତ ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ହାଣି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଶ୍ରୀଲିଙ୍ଗରାଜ ଥାନା ପୁଲିସ ଦୋକାନ ଭିତରୁ ଜିତୁଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ ପରେ ବ୍ୟବଚ୍ଛେଦ ପାଇଁ ମୃତଦେହୁ କ୍ୟାପିଟାଲ୍ ହସ୍ପିଟାଲ୍ ପଠାଯାଇଛି। ସେହିପରି ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ଜଣଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ବଶିଷ୍ଠନଗର କେନାଲ୍ ରୋଡ୍ ଅଞ୍ଚଳର ଶୁଭମ ଦାସ(୧୯) ଓ ଗାୟତ୍ରୀ ବସ୍ତିର ବିଶ୍ୱନାଥ ବେହେରା ଓରଫ ବାବୁନା(୨୪)। ପୁଲିସ ସେମାନଙ୍କଠାରୁ ଗୋଟିଏ କଟୁରି ଓ ଅନ୍ୟ ମାରଣାସ୍ତ୍ର ଜବତ କରିଛି। ଅନ୍ୟପଟେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସ୍ଥିତି ଲାଗିରହିଥିବାରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଜିତୁଙ୍କ ୨ବର୍ଷର ଝିଅ ଥିବା ବେଳେ ନିଶା କାରବାର କରୁଥିବା ବସ୍ତିର ଜଣେ ମହିଳାଙ୍କ ଝିଅ ସହ ତା'ର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯାହାକୁ ନେଇ ବାବୁନା, ଶୁଭମ ଓ ଅନ୍ୟମାନଙ୍କ ସହ ବିବାଦ ଦେଖାଦେଇଥିଲା। ଏମିତିକି ୧୦ଦିନ ତଳେ ସେମାନଙ୍କ ଭିତରେ ଭୀଷଣ ଝଗଡ଼ା ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ଭିତରେ ବୁଝାମଣା ହୋଇଥିଲା। ଉପରକୁ ଦେଖାଦେଉଥିବା ବୁଝାମଣା ଭିତରେ ଭିତରେ ତୀବ୍ର ରୂପ ନେଇଥିଲା। ଗୁରୁବାର ରାତି ପାଖାପାଖି ୧୦ଟା ସମୟରେ ଜିତୁ ବସ୍ତିର ପାନଦୋକାନକୁ ଆସିଥିବା ବେଳେ ସେଠାରେ ଥିବା ବାବୁନା, ଶୁଭମ, ଗଙ୍ଗାଧର, ଚଗୁ, ଗୋପାଳ ସହ ଯୁକ୍ତିତର୍କ ହୋଇଥିଲା। ପାଟିତୁଣ୍ଡ ପରେ ଜିତୁ ସେଠାରୁ ପଳାଇଥିଲା। ଅଭିଯୁକ୍ତମାନେଜିତୁଙ୍କୁ ହତ୍ୟା କରିବା ଯୋଜନା ମୁତାବକ ଜିତୁଙ୍କୁସମାଧାନ ପାଇଁ ଫୋନ୍ କରିଡାକିଥିଲେ। ଜିତୁ ସେମାନଙ୍କ ଚାଲ୍ ବୁଝି ନପାରି ପହଞ୍ଚିବା ପରେ ସମସ୍ତେ ପାନଦୋକାନରେ ମିଶି ମଦ ପିଇଥିଲେ। ଜିତୁଙ୍କୁ ଅଧିକ ମଦ ପିଆଇବା ପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ନିଶାରେ ଚୁର ଥିବା ଜିତୁ ଜୀବନ ବିକଳରେ ଦୌଡ଼ିଥିଲେ ବି ଅଭିଯୁକ୍ତ ତାଙ୍କୁ ଛାଡ଼ିନଥିଲେ। ଗୋଡ଼ାଇ ଗୋଡ଼ାଇ ଖଣ୍ଡା, କଟୁରୀ ଆଦି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଜିତୁ ତଳେ ପଡ଼ିଯିବା ପରେ ପଥରରେ ମୁଣ୍ଡକୁ ଛେଚି ଅଭିଯୁକ୍ତମାନେ ସେଠାରୁ ବଶିଷ୍ଠନଗରକୁ ଯାଇ ଏକ ଘରେ ଲୁଚିଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକ ଜିତୁଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ପୁଲିସକୁ ଜଣାଇଥିଲେ। ଲିଙ୍ଗରାଜ ଥାନା ପୁଲିସ ସେଠାରେ ପହଞ୍ଚି ମୃତଦେହକୁ ଜବତ କରି ଖୋଳତାଡ଼ ଆରମ୍ଭ କରିଥିଲା। ପରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶୁଭମ ଓ ବାବୁନାକୁ ଗିରଫ କରିଥିଲା। ହତ୍ୟାକାଣ୍ଡକୁ ନେଇ ଲିଙ୍ଗରାଜ ଥାନା ଅଞ୍ଚଳରେ ଦିନ ତମାମ ଉତ୍ତେଜନା ଲାଗି ରହିଥିଲା। ଜିତୁଙ୍କ ପରିବାରଙ୍କୁ କ୍ଷତିପୂରଣ ସହ ନିଶା ବେପାରୀଙ୍କ ଘର ଓ ବସ୍ତି ଭାଙ୍ଗିବା ଦାବିରେ ସ୍ଥାନୀୟ ଲୋକେ ରାସ୍ତାରେ ମୃତଦେହ ରଖି ଧାରଣାରେ ବସିଥିଲେ। ଅପରାହ୍ଣ ୩ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଧାରଣାରେ ବସିବା ପରେ ଡିସିପି ଜଗମୋହନ ମୀନା, ଏସିପି ଓ ଥାନା ଅଧିକାରୀ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ଦିଆଯିବା ସହ ସମସ୍ତ ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ପରେ ଉତ୍ତ୍ୟକ୍ତଲୋକ ରାସ୍ତାରୁ ହଟିଥିଲେ।

# କମିଛି ଲଗାଣ ବର୍ଷା, ସରୁନି ବନ୍ୟାର ଦୁର୍ଦ୍ଦଶା

**ଭୁବନେଶ୍ୱର(ବ୍ୟୁରୋ):** ଧିରେ ଧିରେ କମୁଛି ପାଣି ହେଲେ କମୁନି ବିପଦ । ବନ୍ୟାରେ ନଈ କୂଳିଆଙ୍କ ଅବସ୍ଥା ନ କହିଲେ ଭଲ । ଆଠଗଡ଼ରେ କମିଛି ବନ୍ୟାର ପ୍ରକୋପ । କିନ୍ତୁ ବଢ଼ିଛି ଲୋକଙ୍କ ଦୁର୍ଦ୍ଦଶା । ଅନେକ ଅଞ୍ଚଳ ପାଣି ଘେରରେ ଥିବା ବେଳେ ଚାଷ ଜମି ଗୁଡ଼ିକରେ ଲହଡ଼ି ମାରୁଛି ପାଣି । ଫଳରେ ପନିପରିବା ଚାଷ ନଷ୍ଟ ହେବାକୁ ବସିଛି । ଯାହାକୁ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି । ତିଗିରିଆ ବ୍ଲକର ଅନେକ ଗାଁ ପ୍ରଭାବିତ ହୋଇଛି । କଟକ-ସମ୍ବଲପୁର ରାସ୍ତାର ନିଧିପୁର ଗଡାରେ ଦୁଇ ଫୁଟ୍ ର ପାଣି ଚାଲୁଛି । ଫଳରେ ଏହି ରାସ୍ତାରେ ଗାଡ଼ ହୋଇ ଯାତାୟତ ବାଧାପ୍ରାପ୍ତ ହୋଇଛି । ମହାନଦୀରେ ବନ୍ୟା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । ଚାଷ ଜମିରେ ୩ ରୁ ୪ ଫୁଟ ପାଣି ଜମି ରହିଛି । ଓଡ଼ିଶାର ପରିବା ହାଣ୍ଡି କୁହା ଯାଉଥିବା ବାଙ୍କୀରେ ପନିପରିବା ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ଅମଳ ହେବାକୁ ଥିବା ପରିବା ପଚି ନଷ୍ଟ ଯାଇଛି । ଯାହା ଆଗକୁ ଓଡ଼ିଶା ପରିବା ବଜାର ଚିନ୍ତା ବଢ଼ାଇବ । ପରିବା ବଜାରରେ ଲାଗିବ ନିଆଁ । ଚାଲିଛି ଶ୍ରାବଣ ମାସ, ଏତିକି ବେଳେ ପରିବା ଦର ବଢ଼ିଲେ ଖାଉଟିଙ୍କ ପକେଟ୍ କୁ ବାଧିବ । ଚିନି ରୁ ଚାଉଳ ସବୁ କିଛିର ଦର ଉପର ମୁହାଁ ହୋଇ ଥିବା ବେଳେ ପନିପରିବା ଦର ମଧ୍ୟ ହୁ ହୁ ହୋଇ ବଢି ଚାଲିଛି । ରାଜ୍ୟରେ ବନ୍ୟା ସ୍ଥିତି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ଦର ବୃଦ୍ଧି ସାଧାରଣ ଜନତାଙ୍କ ପାଇଁ ବୋଝ ଉପରେ ଲଳିତ ବିଡ଼ା ସମାନ ହୋଇଛି ।

# ବିଲ୍ଡରଙ୍କ ଘରୁ ୨ କୋଟିରୁ ଅଧିକ ଟଙ୍କା ଓ ସୁନା ଲୁଟ୍



**ଭୁବନେଶ୍ୱର(ବ୍ୟୁରୋ):** ପୁଲିସକୁ ଖୋଲା ଚ୍ୟାଲେଞ୍ଜ। ରାଜଧାନୀରେ ବଡ଼ ଧରଣର ଲୁଟ୍ । ଜଣେ ବିଲ୍ଡରଙ୍କ ଘରୁ ବଡ଼ ଧରଣର ଡକାୟତି। ପ୍ରାୟ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା , କ୍ୟାସ, ଦାମୀ ଘଣ୍ଟା , ହୀରା ଖଚିତ ବ୍ରେସଲେଟ ଲୁଟି ନେଇଛନ୍ତି ଲୁଟେରା । ଲୁଟ୍ ସହ ଘରେ ଲାଗିଥିବା ଉଉଞ୍ଚଠର ହାର୍ଡଡିସ୍କକୁ ନେଇଯାଇଛନ୍ତି ଲୁଟେରା । ଗତକାଲି ରାତି ୧୦ ରୁ ୧୧ ଟା ଭିତରେ ହୋଇଛି ଲୁଟ୍ ।ଘଟଣାସ୍ଥଳରେ ଲକ୍ଷ୍ମୀସାଗର ପୁଲିସ ପହଞ୍ଚି ଛାନ୍ଭିନ୍ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଅଞ୍ଚଳରେ ବିଲ୍ଡର ପ୍ରୀତମ ଜେନାଙ୍କ ଘରେ କଳାକନା ବୁଲାଇଛନ୍ତି ଲୁଟେରା । ଘର କବାଟ ଭାଙ୍ଗି ପ୍ରବେଶ କରିଥିଲେ। ପରେ ଆଲମିରାକୁ ତାଡ଼ି ସୁନା ଗହଣା , କ୍ୟାସ, ଦାମୀ ଘଣ୍ଟା , ହୀରା ଖଚିତ ବ୍ରେସଲେଟ ଲୁଟ କରି ନେଇଛନ୍ତି। ଖାଲି ସେତିକି ନୁହେଁ ଲୁଟର କିଛି ସୁରକ ଛାଡ଼ି ନାହାନ୍ତି। ଗଲା ବେଳେକୁ ସାଙ୍ଗରେ ସିସିଟିଭ ହାର୍ଡଡିସ୍କ ମଧ୍ୟ ଲୁଟି ନେଇଛନ୍ତି। ତେବେ କମିଶନରେଟ୍ ପୁଲିସ ଏତେ ପ୍ରହରା ସତ୍ତ୍ୱେ କିପରି ଭାବେ ଲୁଟ ହେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ଜୀ ସାର୍ଥକ'ରେ ଓଡ଼ିଆ ଚଳଚ୍ଚିତ୍ର ଦେଖନ୍ତୁ 'ଡଟ୍‌ପେନ୍'




**ଭୁବନେଶ୍ୱର(ବ୍ୟୁରୋ):** ଚଳଚ୍ଚିତ୍ର ହେଉଛି ସମାଜ ଓ ମାନବୀୟ ସମ୍ପର୍କର ଏକ ଜୀବନ୍ତ ଦର୍ପଣ। ଏହି ପରିପ୍ରେକ୍ଷୀରେ ଓଲିଉଡରେ ଏପରି ଅନେକ ଚଳଚ୍ଚିତ୍ର ନିର୍ମାଣ ହୋଇଛି, ଯାହା ଦର୍ଶକଙ୍କ ହୃଦୟକୁ ଛୁଇଁପାରିଛି। ସେହିପରି ଏକ ଚର୍ଚ୍ଚିତ ତଥା ଆବେଗପୂର୍ଣ୍ଣ ଚଳଚ୍ଚିତ୍ର ହେଉଛି 'ଡଟ୍‌ପେନ୍'। ଏହା କେବଳ ଏକ ସାଧାରଣ କାହାଣୀ ନୁହେଁ, ଏହି କାହାଣୀ ଭଲପାଇବାରୁ ଆରମ୍ଭ ହୋଇ ପ୍ରତିଶୋଧରେ ହୁଏ ଶେଷ... ଏ କେମିତିକା ପ୍ରେମ ଆସନ୍ତା ଅଗଷ୍ଟ ୯ ତାରିଖ ରବିବାର ସନ୍ଧ୍ୟା ୬:୩୦ ରେ ଲୋକପ୍ରିୟ ଚ୍ୟାନେଲ 'ଜୀ ସାର୍ଥକ' ମାଧ୍ୟମରେ ଏହାର ୱାର୍ଲଡ ଟେଲିଭିଜନ ପ୍ରିମିୟର ହେବାକୁ ଯାଉଛି, ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏହି ଚଳଚ୍ଚିତ୍ରର ମୂଳ କାହାଣୀ ବାଦଲ ତ୍ରିପାଠୀ (ଜ୍ୟୋତି ରଞ୍ଜନ ନାୟକ) ଏବଂ ତାଙ୍କର ଅତି ଗେହ୍ଲା ଭଉଣୀ ମିତା (ଦିବ୍ୟା)ଙ୍କ ପାରିବାରିକ ସମ୍ପର୍କ ଉପରେ ଆଧାରିତ। ବାଦଲର ସମଗ୍ର ଦୁନିଆ ତା'ର ଭଉଣୀକୁ କେନ୍ଦ୍ର କରି ଗଢ଼ି ଉଠିଛି। କିନ୍ତୁ ହଠାତ୍ ଏକ ଅପ୍ରତ୍ୟାଶିତ ଦୁର୍ଘଟଣା ସେମାନଙ୍କ ଖୁସିର ସଂସାରକୁ ଉଜାଡ଼ି ଦିଏ। ଏହି ଭୟଙ୍କର ଆଘାତ ବାଦଲକୁ ଏକ ନୂଆ ରାସ୍ତା ବାଛିବାକୁ ବାଧ୍ୟ କରେ—ଯାହା ହେଉଛି ନ୍ୟାୟ ଏବଂ ପ୍ରତିଶୋଧର ରାସ୍ତା। ତା'ର ଏହି ସଂଘର୍ଷମୟ ଯାତ୍ରାରେ ଜଗୁ (ରୋହନ ଗର୍ଗ) ଯିଏ କି ମିତାର ସ୍ୱାମୀ, ବାଦଲର ଭାଗ୍ୟକୁ ଏକ ନୂଆ ମୋଡ଼ ଦେଇଥାଏ। ଏଥିସହ ମୀରା (ପ୍ରୀତି ବିଶ୍ୱାଳ), ସନ୍ତୁ (ସନ୍ତୁ ନିଜେ), ମାମୁ (ଶକ୍ତି ବରାଳ) ଏବଂ ଜଗୁଙ୍କ ମା' (ପ୍ରିୟମ୍ବଦା ଅପା)ଙ୍କ ପରି ଚରିତ୍ରମାନେ ଏହି କାହାଣୀକୁ ଆହୁରି ମଜବୁତ ଓ ଜୀବନ୍ତ କରିଛନ୍ତି। ହେଲେ ଫିଲ୍ମର ନାଁ 'ଡଟ୍‌ପେନ୍' ଏହି ପେନ୍‌ର ଗୁରୁତ୍ୱ କ'ଣ, ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ ସସପେନ୍ସ। ଆଗରୁ ଆକ୍ସନ, ଇମୋସନ ଏବଂ ପାରିବାରିକ ମୂଲ୍ୟବୋଧର ଏହି ସୁନ୍ଦର ମିଶ୍ରଣ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଥିଲା ସିନେମା ହଲ୍ ?ରେ। ଯେଉଁମାନେ ସିନେମା ହଲ୍‌ରେ ଏହି ଶ୍ରେଷ୍ଠ ଚଳଚ୍ଚିତ୍ରଟିକୁ ଦେଖିବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ପାଇଁ ଜୀ ସାର୍ଥକ ଏହି ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ଏହି ବିଶେଷ ପ୍ରସାରଣ ଉପଲକ୍ଷେ 'ଜୀ ସାର୍ଥକ'ର ଚିଫ୍ ଚ୍ୟାନେଲ ଅଫିସର ଶ୍ରୀଯୁକ୍ତ ରାହୁଲ ରାଓ ଓଡ଼ିଶାର ଅଗଣିତ ଦର୍ଶକମାନଙ୍କୁ ଏକ ଆନ୍ତରିକ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, 'ଜୀ ସାର୍ଥକ ସର୍ବଦା ଓଡ଼ିଆ ଦର୍ଶକମାନଙ୍କୁ ଉଚ୍ଚକୋଟୀର ମନୋରଞ୍ଜନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ମୋର ଓଡ଼ିଶାର ସମସ୍ତ ପରିବାରବର୍ଗଙ୍କୁ ଅନୁରୋଧ, ଆପଣମାନେ ଅଗଷ୍ଟ ୦୯ ତାରିଖ ରବିବାର ସନ୍ଧ୍ୟା ୬:୩୦ଟାରେ ସପରିବାର ଏକାଠି ବସି ଏହି ପ୍ରିମିୟରର ମଜା ନିଅନ୍ତୁ ।

# ଆବାସିକ ଘରେ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା



**ଭୁବନେଶ୍ୱର(ବ୍ୟୁରୋ):** ଆବାସିକ କୋଠାକୁ ବ୍ୟବସାୟରେ ଲଗାଇଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଦେଶ ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ଅଗଷ୍ଟ ୪ ପରବର୍ତ୍ତୀ ଶୁଣାଣି ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ନଚେତ୍ କମିସନର ବ୍ୟକ୍ତିଗତ ହାଜର ହୋଇ ଜବାବ ରଖିବେ ବୋଲି କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ଆଦେଶ ପରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଛନକା ପଶିଛି। ଯେଉଁସବୁ ଆବାସିକ କୋଠାକୁ ବ୍ୟବସାୟୀକରଣ କରାଯାଇଛି, ଖୋଳତାଡ଼ ଆରମ୍ଭ ହୋଇଛି। ବିଏମ୍‌ସି ସୁପ୍ରିମକୋର୍ଟଙ୍କୁ ସତ୍ୟପାଠରେ ମାତ୍ର ୧୫୩ଜଣଙ୍କ ତାଲିକା ଦେଇଛି। ଯେଉଁ ତାଲିକା ଦେଇଛି, ସେଥିରୁ ବି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଆବାସିକ ଘରର ଅନୁମତି ନେଇ ୨୨ଟି ଘରେ ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ବିଦ୍ୟାଳୟ ଚାଲୁଥିଲା। ବଡ଼କଥା ହେଉଛି, ୧୫୩ରୁ ୬୫ଟିର ରେକର୍ଡ ମିଳୁନି। ଘରର ପ୍ଲାନ ଅନୁମୋଦନ କାଗଜପତ୍ରକୁ ଗାଏବ୍ କରି ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ନର୍ଥ ଜୋନ୍‌ରେ ୩୯ଟି, ସାଉଥ୍ ୱେଷ୍ଟ ଜୋନ୍‌ରେ ୫୪ଟି ଓ ସାଉଥ୍ ଇଷ୍ଟ ଜୋନ୍‌ରେ ସର୍ବାଧିକ ୬୦ଟି ଆବାସିକ ଘର ବ୍ୟବସାୟରେ ଲଗାଯାଇଛି। ସାଉଥ୍ ୱେଷ୍ଟ ଜୋନ୍‌ରେ ୩ଟି ଓ ସାଉଥ୍ ଇଷ୍ଟ ଜୋନ୍‌ରେ ୯ଟି ଆବାସିକ କୋଠାରେ ଡାକ୍ତରଖାନା ଓ କ୍ଲିନିକ୍ ଚାଲିଥିଲା। ସେହିଭଳି ସାଉଥ୍ ୱେଷ୍ଟ ଜୋନ୍‌ରେ ୪ଟି ଓ ସାଉଥ୍ ଇଷ୍ଟ ଜୋନ୍‌ରେ ୩ଟି କୋଠାରେ ଶିକ୍ଷାନୁଷ୍ଠାନ ଚାଲିଥିଲା। ସାଉଥ୍ ୱେଷ୍ଟ ଜୋନ୍‌ରୁ ୩୬ଟି ଓ ସାଉଥ୍ ଇଷ୍ଟ ଜୋନ୍‌ରୁ ୪୯ଟି କୋଠାର କାଗଜପତ୍ର ମିଳୁନି। ୧୯୯୮ରୁ ନିୟମ ଅଛି, ପ୍ଲାନ ଅନୁମୋଦନ ଉଲ୍ଲଂଘନ ହେଲେ ବିଜୁଳି, ପାଣି ସଂଯୋଗ ମିଳିବନି। ତଥାପି ବର୍ଷ ବର୍ଷ ଧରି ଏମାନେ ବିଜୁଳି, ପାଣି ସଂଯୋଗ ପାଇଥିଲେ। ବିଦ୍ୟୁତ୍ କାର୍ଯ୍ୟାଳୟ ଓ ଜନସ୍ୱାସ୍ଥ୍ୟ ବିଭାଗ ମାସିକ ଟଙ୍କା ଆଦାୟ କରି ଆସୁଥିଲା ଏବଂ ଏ ବାବଦ ବିଲ୍ କାଟୁଥିଲା। ଉଭୟ ବିଡିଏ ଓ ବିଏମ୍‌ସିର ବାବୁମାନେ ଏଭଳି ଘରକୁ ଓକୁପାନ୍ସି ପ୍ରମାଣପତ୍ର ଦେଇଛନ୍ତି ଏବଂ ଆବାସିକ ଘର ହିସାବରେ ହୋଲ୍ଡିଂ ଓ ଅନ୍ୟ ଟିକସ ଆଦାୟ କରୁଥିଲେ। ଏହା ଆଧାରରେ ଆବାସିକ ଘର ଭାବେ ପାଣି, ବିଜୁଳି ଦେୟ ବି ଆଦାୟ ହେଉଥିଲା। ବିଏମ୍‌ସିର ରାଜସ୍ୱ ବିଭାଗ ରହିଛି। ଜୋନାଲ୍ ଡେପୁଟି କମିସନର, ୱାର୍ଡ ଅଫିସର ରହିଛନ୍ତି। ଏମାନେ ହୋଲ୍ଡିଂ ଟିକସ ଗ୍ରହଣ ପୂର୍ବରୁ ଘରର ସ୍ଥିତାବସ୍ଥା ରିପୋର୍ଟ ଦେବେ। ଘର ବ୍ୟବସାୟୀକରଣ ହୋଇଥିଲେ ଅଧିକ ହୋଲ୍ଡିଂ ଓ ଅନ୍ୟ ଟିକସ ଦେବେ। ଆଇନଜୀବୀ ବିମଳେନ୍ଦୁ ପ୍ରଧାନ କହିଛନ୍ତି, ସେ ନିଜେ ଏଭଳି ଅବୈଧ ନିର୍ମାଣ ଉପରେ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଗତ ମେ ୧୦ରେ ବିଏମ୍‌ସି ଏ ସଂପର୍କିତ ସତ୍ୟପାଠ ଦାଖଲ କରିଥିଲା। ପରେ ସୁପ୍ରିମକୋର୍ଟ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। କିନ୍ତୁ ବିଏମ୍‌ସି ଯେତିକି ରିପୋର୍ଟ ଦେଇଛି, ତା'ଠାରୁ ବହୁ ଅଧିକ ଏଭଳି କୋଠା ରହିଛି, ଯାହାକୁ ତାଲିକାଭୁକ୍ତ କରିବା ଜରୁରି। ଅଧିକାରୀଙ୍କ ବିରୋଧରେ ବି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ।

### ଆନ୍ଧ୍ରପ୍ରଦେଶର ଅନ୍ତର୍ଜାତୀୟ ବିମାନବନ୍ଦର ଉଦ୍‌ଘାଟନ କଲେ ମୋଦୀ

## ନୂତନ ବିମାନବନ୍ଦର ଆନ୍ଧ୍ର ବିକାଶର ରନ୍‌ୱେ

**ବିଶାଖାପାଟଣା,୧।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲ୍ଲାର ଭୋଗପୁରମରେ ଆଲୁରି ସୀତାରାମ ରାଜୁ ଅନ୍ତର୍ଜାତୀୟ ବିମାନବନ୍ଦରର ଉଦ୍‌ଘାଟନ କରିଛନ୍ତି। ଏହି ବିମାନବନ୍ଦରର ନିର୍ମାଣ ପାଇଁ ପ୍ରାୟ ୫,୦୦୦ କୋଟି ଖର୍ଚ୍ଚ ହୋଇଛି। ଆନ୍ଧ୍ରପ୍ରଦେଶ ସରକାର ଏହି ଆଧୁନିକ ବିମାନବନ୍ଦରକୁ ସମଗ୍ର ଉତ୍ତର ଆନ୍ଧ୍ର ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବନ୍ତି। ପ୍ରଧାନମନ୍ତ୍ରୀ ପ୍ରାୟ ୧୧ ଟାରେ ବିମାନବନ୍ଦର ଟର୍ମିନାଲ କୋଠାର ଉଦଘାଟନ କରିଥିଲେ। ତା'ପରେ ସେ ରାଜ୍ୟପାଳ ଏସ. ଅବଦୁଲ ନାଜିର ଏବଂ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁଙ୍କ ସହିତ ବିମାନବନ୍ଦରର ପରିଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ଏକ ଖୋଲା ଯାନରେ ସାଧାରଣ ସଭା ସ୍ଥାନରେ ପହଞ୍ଚିଥିଲେ। ୧୩,୫୦୦ରୁ ଅଧିକ ଆଦିବାସୀ ମହିଳା ଏବଂ ଛାତ୍ରଛାତ୍ରୀମାନେ ଧିମସା ନୃତ୍ୟ





ସହିତ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଭୋଗପୁରମରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି, "ବିଶ୍ୱର ସମସ୍ତ ଗଣତାନ୍ତ୍ରିକ ଦେଶ ନୂତନ ନେତୃତ୍ୱ ସନ୍ଧାନରେ ଏକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଭାରତ ଏକ ପ୍ରମାଣିତ ନେତୃତ୍ୱ ପାଇବା ପାଇଁ ଭାଗ୍ୟବାନ। ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଭାବରେ ୨୫ ବର୍ଷ ପୂରଣ କରିଛନ୍ତି ଏବଂ ଅସାଧାରଣ କାର୍ଯ୍ୟ କରିଛନ୍ତି।" ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, "ଆଜି ଆନ୍ଧ୍ର ପ୍ରଦେଶର ବିକାଶ ପାଇଁ, ସ୍ୱର୍ଣ୍ଣ ଆନ୍ଧ୍ରର ଦୃଷ୍ଟିକୋଣ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ। ଏହି ପବିତ୍ର ଅବସରରେ, ଉତ୍ତର ଆନ୍ଧ୍ରର ଏହି ପବିତ୍ର ଭୂମିରେ ଏଠାରେ ଉପସ୍ଥିତ ରହିବାର ମୁଁ ସୌଭାଗ୍ୟ ଅନୁଭବ କରୁଛି।" "ଆଜି ପ୍ରାୟ ୧୮,୦୦୦ କୋଟି ଟଙ୍କାର ବିକାଶ ପ୍ରକଳ୍ପ ଆରମ୍ଭ, ସମର୍ପିତ ଏବଂ ଶିଳାନ୍ୟାସ କରାଯାଇଛି। ବିମାନବନ୍ଦର ସହିତ ଏହି ପ୍ରକଳ୍ପଗୁଡ଼ିକ ଆନ୍ଧ୍ର ପ୍ରଦେଶର ସଡ଼କ ସଂଯୋଗ ସହିତ ମଧ୍ୟ ଜଡିତ। ଏଥିରେ ଶକ୍ତି ସୁରକ୍ଷା ସହିତ ଜଡିତ ପ୍ରକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ। ଏହି ବିକାଶଗୁଡ଼ିକ ଆନ୍ଧ୍ରର ପ୍ରଗତି ଗତିର ପ୍ରତୀକ। ଏହି ପ୍ରକଳ୍ପଗୁଡ଼ିକ ପାଇଁ ଆପଣମାନଙ୍କୁ ସମସ୍ତଙ୍କୁ ବହୁତ ବହୁତ ଶୁଭକାମନା ଜଣାଉଛି। "ଆଜି ନୂତନ ବିକାଶ ରେକର୍ଡ ସୃଷ୍ଟି ହେଉଥିବା ବେଳେ, ଧିମସା ନୃତ୍ୟର ଏକ ସାଂସ୍କୃତିକ ରେକର୍ଡ ମଧ୍ୟ ସୃଷ୍ଟି ହୋଇଛି। ୧୩,୦୦୦ ରୁ ଅଧିକ ଆଦିବାସୀ ଭଉଣୀ ଏବଂ ଝିଅଙ୍କ ପ୍ରଦର୍ଶନ, ସେମାନଙ୍କର ଉତ୍ସାହ, ସେମାନଙ୍କର ଶୃଙ୍ଖଳା ଏବଂ ଆଦିବାସୀ ସଂସ୍କୃତିର ଗର୍ବ... ଏହି ଦୃଶ୍ୟ ପ୍ରକୃତରେ ଆଶ୍ଚର୍ଯ୍ୟଜନକ ଥିଲା। ଏହା ଦେଶର ବିବିଧତା ଏବଂ ପିଢ଼ି ପରେ ପିଢ଼ି ସଂରକ୍ଷିତ ଆଦିବାସୀ ଐତିହ୍ୟକୁ ପ୍ରତିଫଳିତ କରୁଥିଲା।" ଏହି ଉପସ୍ଥାପନା ପାଇଁ ମୁଁ ଆପଣମାନଙ୍କୁ ଏବଂ ବିଶେଷକରି ମୋର ଆଦିବାସୀ ଭଉଣୀ ଏବଂ ଝିଅମାନଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି।

## ଆଣ୍ଠି ପେପର ଲିକ୍ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ



**ନୂଆଦିଲ୍ଲୀ,୧।୮:** ଆଣ୍ଠି ପେପର ଲିକ୍ ସଂଶୋଧନ ବିଲ୍ ଏହି ସପ୍ତାହରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଛି । ରାଷ୍ଟ୍ରପତିଙ୍କ ସମ୍ମତି ସହିତ, ଏହା ଏବେ ଆଇନରେ ପରିଣତ ହୋଇଛି। ନୂତନ ଆଇନ ଅନୁଯାୟୀ, ପେପର ଲିକ୍ ପାଇଁ ଦାୟୀ ବ୍ୟକ୍ତିମାନେ ତିନି ମାସ ମଧ୍ୟରେ ଦଣ୍ଡ ପାଇବେ। ପେପର ଲିକ୍ ବିରୋଧୀ ଆଇନରେ ସଂଶୋଧନ ବିଲ୍ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ଫଳସ୍ୱରୂପ, ଆଇନ ଅନୁଯାୟୀ ଦଣ୍ଡ ବ୍ୟବସ୍ଥା ଅଧିକ କଠୋର ହୋଇଯାଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ପେପର ଲିକ୍ ମାମଲାରେ ତିନି ମାସ ମଧ୍ୟରେ ରାୟ ପ୍ରଦାନ କରାଯିବ। ଦୋଷୀମାନଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ଦଶ କୋଟି ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ। ବୁଧବାର ଦିନ ସଂଶୋଧନ ବିଲ୍ ଉପରେ ଭାଷଣ ଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି ଯେ ଏହି ବିଲ୍ ପେପର୍ ଲିକ୍ ପଛରେ ଥିବା ସମଗ୍ର ନେଟୱାର୍କକୁ ଭାଙ୍ଗିବା ପାଇଁ ଲକ୍ଷ୍ୟ ରଖିଛି। ଏହା ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା, ବିଶ୍ୱସନୀୟତା ଏବଂ ନିରପେକ୍ଷତା ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି। ପ୍ରବଳ ହଟ୍ଟଗୋଳ ପରେ ଲୋକସଭାରେ ସଂଶୋଧନ ବିଲ୍ ପାସ୍ ହୋଇଥିଲା। ବିଲ୍ ପାସ୍ ହେବା ପରେ, ଶିକ୍ଷା ମନ୍ତ୍ରୀ 'ଢ' ରେ ଏକ ପୋଷ୍ଟରେ ଲେଖିଛନ୍ତି: "ଲୋକସଭା ପବ୍ଲିକ୍ ପରୀକ୍ଷା (ଅନ୍ୟାୟ ଉପାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ପାସ୍ କରିଛି, ଯାହା ପରୀକ୍ଷାରେ ଅନିୟମିତତାକୁ ମୁକାବିଲା କରିବା ପାଇଁ ଏକ ଦୃଢ଼ ଆଇନଗତ ଢାଞ୍ଚା ସୃଷ୍ଟି କରୁଛି।" ଏହି ବିଲ୍‌ରେ କଠୋର ଦଣ୍ଡ, ଫାଷ୍ଟ-ଟ୍ରାକ୍ କୋର୍ଟ, ଉନ୍ନତ ତଦନ୍ତ ପଦ୍ଧତି ଏବଂ ପରୀକ୍ଷା ଅନିୟମିତତା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ରହିଛି। ଏହାସହ ପ୍ରଶ୍ନପତ୍ର ଲିକ୍ ପଛରେ ଥିବା ସମଗ୍ର ନେଟୱାର୍କକୁ ଭାଙ୍ଗିବା ଏବଂ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା, ବିଶ୍ୱସନୀୟତା ଏବଂ ନିରପେକ୍ଷତା ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ନୂତନ ଆଇନର ମୁଖ୍ୟ ମୁଖ୍ୟ ଉଲ୍ଲେଖ ପେପର୍ ଲିକ୍ ମାମଲାଗୁଡ଼ିକର ଶୁଣାଣି ପାଇଁ ପ୍ରତ୍ୟେକ ରାଜ୍ୟରେ ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବ; ଏହି କୋର୍ଟଗୁଡ଼ିକ ପ୍ରତିଦିନ ଶୁଣାଣି କରିବେ, ବିଚାର ସମାପ୍ତ କରିବେ ଏବଂ ୯୦ ଦିନ ମଧ୍ୟରେ ରାୟ ଘୋଷଣା କରିବେ। ୨୦୨୪ଆଇନରେ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ବ୍ୟବସ୍ଥା ଥିଲା; ନୂତନ ବ୍ୟବସ୍ଥା ଅନୁଯାୟୀ, ଦଣ୍ଡ ୫ ରୁ ୧୦ ବର୍ଷ ପର୍ଯ୍ୟନ୍ତ ହୋଇପାରେ। ପେପର ଲିକ୍ ପାଇଁ ଜରିମାନା, ଯାହା ପୂର୍ବରୁ ୨୦୨୪ ଆଇନ ଅନୁଯାୟୀ ୧୦ ଲକ୍ଷ ଧାର୍ଯ୍ୟ କରାଯାଇଥିଲା, ଏବେ ୧୦ କୋଟିକୁ ବୃଦ୍ଧି କରାଯିବ। ପୂର୍ବରୁ, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ପେପର ଲିକ୍ ସମ୍ବନ୍ଧୀୟ ମାମଲା ପରିଚାଳନା କରୁଥିଲେ; ବର୍ତ୍ତମାନ, ଏପରି ମାମଲାଗୁଡ଼ିକର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ ଗଠନ କରାଯିବ। ୨୦୨୪ ଆଇନରେ ପେପର ଲିକ୍ ମାମଲାର ତଦନ୍ତ ସମାପ୍ତ କରିବା ପାଇଁ ସମୟସୀମା ନିର୍ଦ୍ଦିଷ୍ଟ କରାଯାଇ ନଥିଲେ ମଧ୍ୟ, ନୂତନ ସଂଶୋଧନ ଅନୁଯାୟୀ ତଦନ୍ତ ଦୁଇ ମାସ ମଧ୍ୟରେ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଚୁଟ୍‌କୀରେ...

### ଜାପାନରେ ୫.୮ ତୀବ୍ରତାର ଭୂମିକମ୍ପ

**ନୂଆଦିଲ୍ଲୀ,୧।୮:** ଜାପାନରେ ପ୍ରକୃତି ବିନାଶ ଜାରି ରଖିଛି । ଆଜି ଉତ୍ତର ଜାପାନର ଆଓମୋରି ପ୍ରଦେଶରେ ୫.୮ ତୀବ୍ରତାଯୁକ୍ତ ଏକ ଭୂମିକମ୍ପ ଅନୁଭୂତ ହୋଇଛି । ଜାପାନ ପାଣିପାଗ ବିଭାଗ ଅନୁଯାୟୀ, ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟା ୪୮ରେ ଆଓମୋରିର ପ୍ରଶାନ୍ତ ମହାସାଗରୀୟ ଉପକୂଳରୁ ପ୍ରାୟ ୮୦ କିଲୋମିଟର ଗଭୀରତାରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା।ଭୂମିକମ୍ପ ପରେ କୌଣସି ସୁନାମି ଚେତାବନୀ ଜାରି କରାଯାଇ ନାହିଁ । ଭୂମିକମ୍ପର କେନ୍ଦ୍ରସ୍ଥଳ ୪୧.୩ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୧୪୨.୦ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା । ୪ ଦିନ ପୂର୍ବରୁ ମଙ୍ଗଳବାର ଅପରାହ୍ନ ୪:୨୭ ମିନିଟରେ କୁମାମୋଟୋ ପ୍ରଦେଶରେ ଏକ ଶକ୍ତିଶାଳୀ ଏବଂ ବିନାଶକାରୀ ଭୂମିକମ୍ପ ହୋଇଥିଲା, ଯେଉଁଥିରେ ୩୫ ଜଣଙ୍କର ମୃତ୍ୟୁ ଘଟିଥିଲା।

### ୨୦୦ ଟଙ୍କା କମିଲା ଏଲପିଜି ସିଲିଣ୍ଡର

**ନୂଆଦିଲ୍ଲୀ,୧।୮:** ମାସ ଆରମ୍ଭକୁ ଖାଉଟିଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । କମିଲା ୧୯ କିଲୋଗ୍ରାମ ଏଲପିଜି କମର୍ସିଆଲ ଏଲପିଜି ସିଲିଣ୍ଡର ଦର । ତୈଳ ବିପଣନ କମ୍ପାନୀଗୁଡ଼ିକ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ଯଥେଷ୍ଟ ହ୍ରାସ କରିଛନ୍ତି । କୋଲକାତାରେ ୨୦୯ ଏବଂ ଦିଲ୍ଲୀରେ ୨୦୨ ଟଙ୍କା କମିଛି ଗ୍ୟାସ୍ ସିଲିଣ୍ଡରର ପ୍ରାଇସ୍ । ଦିଲ୍ଲୀରେ ୧୯ କେଜି କମର୍ସିଆଲ ଏଲପିଜି ସିଲିଣ୍ଡର ଦର ୨୭୨୮ ଟଙ୍କାକୁ ହ୍ରାସ୍ ହୋଇଛି । ସେହିପରି କୋଲକାତାରେ ୧୯ କେଜି ସିଲିଣ୍ଡର ଦର ୨୮୭୨ ଟଙ୍କା ୫୦ ପଇସା ହୋଇଛି । ୧୪ କେଜି ଘରୋଇ ଏଲପିଜି ସିଲିଣ୍ଡର ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ । ଖବର ସରବରାହ ସଂସ୍ଥା ଏଏନଆଇ ରିପୋର୍ଟରେ କୁହାଯାଇଛି ଯେ, ଏକ ବଡ଼ ହ୍ରାସ ପରେ, ତେଲ କମ୍ପାନୀଗୁଡ଼ିକ ଅଗଷ୍ଟ ୧, ୨୦୨୬ ରୁ ୧୯ କିଲୋଗ୍ରାମ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ନୂତନ ମୂଲ୍ୟ ଲାଗୁ କରିଛନ୍ତି। ଏହା ପୂର୍ବରୁ ଜୁଲାଇ ମାସରେ ମଧ୍ୟ ବାଣିଜ୍ୟିକ ଏଲପିଜି ସିଲିଣ୍ଡର ଶସ୍ତା ହୋଇଥିଲା। ସଦ୍ୟତମ ହ୍ରାସ ପରେ, ଏବେ ଦିଲ୍ଲୀରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ମୂଲ୍ୟ ୨୭୨୮ ଟଙ୍କାକୁ ହ୍ରାସ ପାଇଛି । କୋଲକାତାରେ ଏହାର ମୂଲ୍ୟ ୨୮୭୨ ଟଙ୍କା ୫୦ ପଇସା ହୋଇଛି। ଦୁଇ ମାସ ମଧ୍ୟରେ ଦିଲ୍ଲୀରେ ଏଲପିଜିର ମୂଲ୍ୟ ହ୍ରାସ (ଦିଲ୍ଲୀ ଏଲପିଜି ସିଲିଣ୍ଡର ମୂଲ୍ୟ ହ୍ରାସ) ଯୋଗୁଁ, ଏହା ଏବେ ୩୮୫.୫୦ ଟଙ୍କା ଶସ୍ତା ହୋଇଛି ।

### ମୋଦୀଙ୍କୁ ଅପଶବ୍ଦ କହିଥିବା ଯୁବତୀ ମାଗିଲେ କ୍ଷମା

**ନୂଆଦିଲ୍ଲୀ,୧।୮:** ଦିଲ୍ଲୀର ଜନ୍ତର-ମନ୍ତରରେ ସିଜେପି ପ୍ରଦର୍ଶନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ଭାଷା ପ୍ରୟୋଗ କରିଥିବା ଯୁବତୀଜଣକ ସୋସିଆଲ ମିଡିଆରେ ଭିଡିଓ ଜାରି କରି ସମଗ୍ର ଦେଶବାସୀଙ୍କଠାରୁ କ୍ଷମା ମାଗିଛନ୍ତି। ଭାଇରାଲ ହେଉଥିବା ଏହି ଭିଡିଓରେ ଯୁବତୀଜଣକ ବେଶ ଭାବୁକ ନଜର ଆସୁଛନ୍ତି ଏବଂ ନିଜ କାମ ପାଇଁ ଅନୁତାପ କରୁଛନ୍ତି। ଭିଡିଓରେ ଯୁବତୀଜଣକ ଦାବି କରିଛନ୍ତି ଯେ ତାଙ୍କର ବୟସ ମାତ୍ର ୧୫ ବର୍ଷ ଅଟେ। ସେ କହିଛନ୍ତି, 'ପ୍ରଦର୍ଶନ ସମୟରେ ମୁଁ କିଛି ଲୋକଙ୍କ ପ୍ରରୋଚନାରେ ପଡ଼ିଯାଇଥିଲି ଏବଂ ପ୍ରଧାନମନ୍ତ୍ରୀଜୀଙ୍କ ବିରୋଧରେ ବହୁତ ଭୁଲ କଥା କହିଦେଲି। ମୁଁ ଯାହା କିଛି ବି କଲି, ତାହା କ୍ଷମାଯୋଗ୍ୟ ନୁହେଁ। ମୋ ଦ୍ୱାରା ଏକ ବଡ଼ ଭୁଲ ହୋଇଯାଇଛି, ମୁଁ ଲଜ୍ଜିତ ଏବଂ ନିଜକୁ ଆଇନାରେ ମଧ୍ୟ ଦେଖିପାରୁ ନାହିଁ। ଏହା ମୋର ପ୍ରଥମ ଏବଂ ଶେଷ ଭୁଲ ଅଟେ, ଦୟାକରି ମତେ କ୍ଷମା କରିଦିଅନ୍ତୁ।'

### ହିମସ୍ଖଳନରେ ପର୍ବତାରୋହୀ ନିର୍ମଳ ପୁରଜାଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୧।୮:** ପାକ୍ ଅଧିକୃତ କାଶ୍ମୀରର ବ୍ରଡ ପିକ୍‌ରେ ପର୍ବତାରୋହଣ ସମୟରେ ହିମସ୍ଖଳନ ଯୋଗୁ ପର୍ବତାରୋହୀ ନିର୍ମଳ ପୁରଜାଙ୍କ ମୃତ୍ୟୁ ହୋଇଛି। ବିଶ୍ୱର ଦ୍ୱାଦଶ ଉଚ୍ଚତମ ପର୍ବତ ବ୍ରଡ ପିକ୍‌ରେ ହିମସ୍ଖଳନରେ ନେପାଳୀ ବଂଶୋଦ୍ଭବ ଏହି ପର୍ବତାରୋହୀଙ୍କ ମୃତ୍ୟୁ ହୋଇଥିବା 'ଏଲିଟ୍ ଏକ୍ସପେଡ୍' କମ୍ପାନି ଶନିବାର ଇନଷ୍ଟାଗ୍ରାମ ପୋଷ୍ଟରେ କହିଛନ୍ତି। ହିମସ୍ଖଳନ ଯୋଗୁ ପୁରଜା ଓ ଅନ୍ୟ ପାଞ୍ଚ ଜଣ ପର୍ବତାରୋହୀ ଶୁକ୍ରବାରଠାରୁ ନିଖୋଜ ଥିଲେ। 'ଏଲିଟ୍ ଏକ୍ସପେଡ୍' କମ୍ପାନି ଇନଷ୍ଟାଗ୍ରାମ ପୋଷ୍ଟରେ କହିଛି ଯେ, ପୁରଜାଙ୍କ ସମେତ ଅନ୍ୟ ସଦସ୍ୟଙ୍କର ମଧ୍ୟ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ତାଙ୍କ ବିଶ୍ୱସ୍ତ ଗାଇଡ ଓ ଅନ୍ୟ ପର୍ବତାରୋହୀ ପୁର ବାହାଦୂର ଗୁରୁଙ୍ଗ (ଯୁକ୍ତା) ଓ ନିମା ସେ ?ପା ରହିଛନ୍ତି। କମ୍ପାନି ପକ୍ଷରୁ ସମସ୍ତଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରାଯାଇଛି। ବ୍ରଡ ପିକ୍ କାରାକୋରମ ପର୍ବତମାଳାରେ ରହିଛି। ପାକିସ୍ତାନର ଗିଲଗିଟ-ବାଲ୍ଟିସ୍ତାନ ଓ ଚୀନର ଜିନଜିଆଙ୍ଗ ସୀମା ମଧ୍ୟରେ ବିସ୍ତୃତ - ପାକ୍ ଅଧିକୃତ କାଶ୍ମୀର (ପିଓକେ) ରେ କେ୨ ରୁ ମାତ୍ର କିଛି କିଲୋମିଟର ଦୂରରେ ଅବସ୍ଥିତ। ବ୍ରଡ୍ ପିକ୍‌ର ୨୧,୬୦୦ ରୁ ୨୧,୮୫୦ ଫୁଟ ଉଚ୍ଚତାରେ ହିମସ୍ଖଳନ ହୋଇଥିଲା।

### କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ରୁଷରୁ ଆସିଥିବା ୨୦ ଭାରତୀୟ ନାଗରିକଙ୍କ ଡିଏନ୍ଏ ଟେଷ୍ଟ ହେଉ

**ନୂଆଦିଲ୍ଲୀ,୧।୮:** ରୁଷ-ୟୁକ୍ରେନ୍ ଯୁଦ୍ଧରେ ରୁଷ ସେନା ପକ୍ଷରୁ ଲଢି ଜୀବନ ହରାଇଥିବା ଭାରତୀୟ ନାଗରିକଙ୍କ ପାର୍ଥିବ ଶରୀରକୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ରାୟ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାର ଓ ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ)କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ରୁଷରୁ ଭାରତ ଅଣାଯାଉଥିବା ୨୦ ଭାରତୀୟ ନାଗରିକଙ୍କ ଶବକୁ ତାଙ୍କ ପରିବାର ଲୋକଙ୍କୁ ଦେବା ପୂର୍ବରୁ ବାଧ୍ୟତାମୂଳକ ଭାବରେ ତାଙ୍କର ଡିଏନ୍ଏ ଟେଷ୍ଟ କରାଯାଉ, ଯାହାଫଳରେ ତାଙ୍କର ପରିଚୟ ସଠିକ୍ ଭାବରେ ଜଣାପଡିବ। ଚିଫ୍ ଜଷ୍ଟିସ୍ ଅଫ୍ ଇଣ୍ଡିଆ (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନଙ୍କ ଖଣ୍ଡପୀଠ ବୈଦେଶିକ ମନ୍ତ୍ରଣାଳୟକୁ ପୀଡିତଙ୍କ ପରିବାରର ସାହାଯ୍ୟ ପାଇଁ ଜଣେ ନୋଡାଲ ଅଧିକାରୀ ନିଯୁକ୍ତ କରିବାର ନିର୍ଦ୍ଦେଶ ଦେଇଛନ୍ତି।





ସୁପ୍ରିମକୋର୍ଟ କହିଛନ୍ତି, ବୈଦେଶିକ ମନ୍ତ୍ରଣାଳୟ ମୃତ ନାଗରିକଙ୍କ ଅବଶେଷ ପରିବାର ଲୋକଙ୍କ ସହ ଡିଏନ୍ଏ ଟେଷ୍ଟ କରାଯାଇଥିଲେ। ଡିଏନ୍ଏ ସାମ୍ପଲ ମ୍ୟାଚ୍ ହେବାପରେ ପାର୍ଥିବ ଶରୀର ଔପଚାରିକ ଭାବରେ ପରିବା ଲୋକଙ୍କୁ ଅନ୍ତିମ ସଂସ୍କାର ପାଇଁ ଦିଆଯିବ।

ଆବେଦନକାରୀଙ୍କ ପକ୍ଷରୁ ହାଜର ଓକିଲ କୋର୍ଟରେ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଯୁଦ୍ଧ କ୍ଷେତ୍ରରୁ ଆସୁଥିବା କଫିନରେ କେବଳ କଙ୍କାଳନ ଓ କ୍ଷତବିକ୍ଷତ ଅବଶେଷ ମିଳିଛି, ଯାହାଫଳରେ ବିନା ଡିଏନ୍ଏ ଯାଞ୍ଚରେ ପରିବାର ଲୋକଙ୍କ ପାଇଁ ଏହି ପରିଚୟ ଅସମ୍ଭବ ଯେ, ଅବଶେଷ ତାଙ୍କ ସମ୍ପର୍କୀୟଙ୍କ କି ନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ଆଡିସନାଲ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ସ୍ପଷ୍ଟ ମନା କରିଛନ୍ତି ଯେ, ଭାରତ ସରକାର ପୂର୍ବରୁ ହିଁ ମସ୍କୋ ସ୍ଥିତ ଭାରତୀୟ ଦୂତାବାହସ ଜରିଆରେ ଡିଏନ୍ଏ ସାମ୍ପଲ ଏକାଠି କରୁଛନ୍ତି ଓ ବିନା ମ୍ୟାଚ୍ କୌଣସି ମୃତଦେହ ଦିଆଯିବ ନାହିଁ।

### କୁଲଗାମ ଆତଙ୍କବାଦୀଆକ୍ରମଣ

## ନାମ ପଚାରି ୨ ହିନ୍ଦୁଙ୍କୁ ଗୁଳି କଲେ

**ନୂଆଦିଲ୍ଲୀ,୧।୮:** ଜମ୍ମୁ ଓ କଶ୍ମୀରର କୁଲଗାମରେ ଅଣ-ସ୍ଥାନୀୟ ଶ୍ରମିକମାନଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ପୁଣି ଥରେ ଆତଙ୍କ ବିସ୍ତାର କରିବାକୁ ଚେଷ୍ଟା କରିଛନ୍ତି। ଆତଙ୍କବାଦୀମାନେ ଛତିଶଗଡ଼ର ଦୁଇଜଣ ହିନ୍ଦୁ ଶ୍ରମିକଙ୍କୁ ଗୁଳି କରି ହତ୍ୟା କରିଛନ୍ତି – ଯେଉଁମାନେ କେଲମ ଅଞ୍ଚଳରେ ଏକ ଇଟା ଭାଟିରେ କାମ କରୁଥିଲେ – ସେମାନଙ୍କ ପରିଚୟ ଯାଞ୍ଚ କରିବା ପରେ ଏହା ଜଣାପଡିଛି। ଆକ୍ରମଣ ପରେ ସମଗ୍ର ଅଞ୍ଚଳରେ ହାଇ ଆଲର୍ଟ ଘୋଷଣା କରାଯାଇଛି। ଆତଙ୍କବାଦୀମାନଙ୍କୁ ଖୋଜିବା ପାଇଁ ସୁରକ୍ଷା ବାହିନୀ ଏକ ବଡ଼ ଘେରାବନ୍ଦୀ ଏବଂ ସନ୍ଧାନ ଅଭିଯାନ ଆରମ୍ଭ କରିଛନ୍ତି। ଏହା ଗତ ଦଶ ଦିନ ମଧ୍ୟରେ ଦକ୍ଷିଣ କଶ୍ମୀରରେ ଦ୍ୱିତୀୟ ବଡ଼ ଆତଙ୍କବାଦୀ ଆକ୍ରମଣ, ଯାହା ପୁଣି ଥରେ ସୁରକ୍ଷା ପରିସ୍ଥିତି ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଶୁକ୍ରବାର ବିଳମ୍ବିତ ସାରେ, ଜମ୍ମୁ ଓ କଶ୍ମୀରର କୁଲଗାମ ଜିଲାର କେଲମ ଅଞ୍ଚଳରେ ଏକ ଇଟା ଭାଟିରେ କାମ କରୁଥିବା ଦୁଇଜଣ ଅଣ-ସ୍ଥାନୀୟ ଶ୍ରମିକଙ୍କୁ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ରିପୋର୍ଟ ଅନୁଯାୟୀ ଆତଙ୍କବାଦୀମାନେ ପ୍ରଥମେ ଗୁଳି କରିବା ପୂର୍ବରୁ ଦୁଇ ଶ୍ରମିକଙ୍କ ପରିଚୟ ଯାଞ୍ଚ କରିଥିଲେ। ଉଭୟ ଶ୍ରମିକ ଛତିଶଗଡ଼ର ଥିଲେ। ଜଣେ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା, ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ; ଯଦିଓ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ସେ ଶନିବାର ଚିକିତ୍ସା ସମୟରେ ମୃତ୍ୟୁବରଣ କରିଥିଲେ। ଆକ୍ରମଣରେ ପ୍ରାଣ ହରାଇଥିବା ଶ୍ରମିକମାନେ ୨୪ ବର୍ଷୀୟ ଦୀପକ ରାତ୍ରେ ଏବଂ ୨୮ ବର୍ଷୀୟ ଭୋପିନ୍ଦର ବୋଲି ଚିହ୍ନଟ କରାଯାଇଛି। ଘଟଣାସ୍ଥଳରେ ହିଁ ଦୀପକ ରାତ୍ରେଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ଗୁରୁତର ଆହତ ଭୋପିନ୍ଦରଙ୍କୁ ପ୍ରଥମେ ହସ୍ପିଟାଲକୁ ନିଆଯାଇଥିଲା ଏବଂ ପରେ ଉନ୍ନତ ଚିକିତ୍ସା ପାଇଁ ଶେର-ଏ-କଶ୍ମୀର ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସେସକୁ ରେଫର କରାଯାଇଥିଲା।

## କେରଳରେ ଭୂସ୍ଖଳନ : ୩ ମୃତ

### ରେଡ୍ ଆଲର୍ଟ ଜାରି

**ନୂଆଦିଲ୍ଲୀ,୧।୮:** କେରଳରେ ଲଗାତାର ହେଉଥିବା ପ୍ରବଳ ବର୍ଷା ଯୋଗୁଁ ଅନେକ ଜିଲ୍ଲାରେ ସ୍ଥିତି ଭୟଙ୍କର ରହିଛି । କେରଳରେ ମୌସୁମୀ ଭୟଙ୍କର ରୂପ ଦେଖାଇବା ଆରମ୍ଭ କରିଛି । ପ୍ରବଳ ବର୍ଷା ଯୋଗୁଁ ମଧ୍ୟ କେରଳର ଅନେକ ଜିଲ୍ଲାରେ ବନ୍ୟା ଏବଂ ଭୂସ୍ଖଳନର ଘଟଣା ଦେଖିବାକୁ ମିଳୁଛି। ଏହାଯୋଗୁଁ ଏପର୍ଯ୍ୟନ୍ତ ବହୁ ଧନଜୀବନ କ୍ଷୟକ୍ଷତି ହୋଇଛି । ପରିସ୍ଥିତି ଖରାପ ହେଉଥିବା ଦେଖି ପ୍ରଶାସନ ପକ୍ଷରୁ ଅନେକ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି । ଖବର ମୁତାବକ, କେରଳ ଇଡୁକ୍କି ଜିଲ୍ଲାରେ ଆଦୁରମାଲା ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ପରିବାର ଛାରଖାର ହୋଇଯାଇଛି । ଶନିବାର ସକାଳରେ ପାହାଡ଼ରୁ ଭୂସ୍ଖଳନ ହେବା ଯୋଗୁଁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେମାନଙ୍କ ଘର ଉପରେ ମାଟି ଧସି ପଡ଼ିଥିଲା । ସ୍ଥାନୀୟ ଲୋକ ଏବଂ ଉଦ୍ଧାରକାରୀ ଦଳଙ୍କ ତୁରନ୍ତ ପ୍ରୟାସ ଯୋଗୁଁ ମହିଳାଙ୍କ ସ୍ୱାମୀ ଏବଂ ପୁଅକୁ ସୁରକ୍ଷିତ ଭାବରେ ବାହାର କରାଯାଇଛି । ଗୁରୁତର ଆହତ ହୋଇଥିବାରୁ ଚିକିତ୍ସାଲାଗି ଥୋଡୁପୁଝାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହାଛଡା ଅନ୍ୟ ୨ ଜଣଙ୍କ ଜୀବନ ଚାଲିଯାଇଛି । ଏନଡିଆରଏଫ ଟିମ, ଅଗ୍ନିଶମ ଟିମ, ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ସହ ମୃତଦେହ ଜବତ କରିଛି। ଦେଶର ଅନେକ ସ୍ଥାନରେ ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି । ପୁଲାକାୟାର ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ କୋକ୍କାୟାର ତଳ ବ୍ରିଜ୍ ସମ୍ପୂର୍ଣ୍ଣ ବୁଡ଼ି ଯାଇଛି । କଟ୍ଟାପ୍ପାନା-ଭାଜଭାରା ରାସ୍ତାରେ ଯାତାୟାତ ଅବରୋଧ ହୋଇଛି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସତର୍କତା ଜାରି କରିଛନ୍ତି । ପଡ଼ୋଶୀ କୋଟ୍ଟାୟମ ଜିଲ୍ଲାର ପରିସ୍ଥିତି ମଧ୍ୟ ନିୟନ୍ତ୍ରଣ ବାହାରକୁ ଯାଇଛି ।

### ସ୍ପେନ୍‌ରେ ପଶିଲେ ୬୦ ହଜାର ଶରଣାର୍ଥୀ

## ଦଳାଚକଟାରେ ୫୭ ମୃତ

**ମାଦ୍ରିଦ୍,୧।୮:** ସ୍ପେନ୍‌ରେ ଜବରଦସ୍ତି ଅନୁପ୍ରବେଶ କରିବା ଲାଗି ମରକକ୍କୋ ପଟୁ ପ୍ରାୟ ହଜାର ହଜାର ଶରଣାର୍ଥୀ ସମୁଦ୍ରରେ ପହଁରି ଏବଂ ଦୀର୍ଘ ବାଟ ଚାଲି ଚାଲି ସୀମାରେ ଏକଜୁଟ ହୋଇଛନ୍ତି । ଅନୁପ୍ରବେଶ ଉଦ୍ୟମ ବେଳେ ସେଠାରେ ଦଳାଚକଟା ଯୋଗୁ ଅଣନିଃଶ୍ୱାସୀ ହୋଇ ଏବଂ ପାଣିରେ ବୁଡ଼ି ଅନ୍ୟୁନ ୫୭ ଜଣ ଆଫ୍ରିକୀୟ ଶରଣାର୍ଥୀଙ୍କ ମୃତ୍ୟୁ ଘଟିଛି । ସୀମାରେ ପୁଲିସ ଘେରାବନ୍ଦୀ ଏବଂ ସୁରକ୍ଷା ବାଡ଼ ଭିତରେ ସଂକୀର୍ଣ୍ଣ ରାସ୍ତା ଥିବାରୁ ଲୋକେ ସେଠାରେ ପରସ୍ପର ଉପରେ ପଡ଼ି ଯାଇଥିଲେ । ଭିଡ଼ ଭିତରେ ଦବିଯିବା ଏବଂ ଅଣନିଃଶ୍ୱାସୀ ହୋଇ ଅନେକ ଲୋକ ପ୍ରାଣ ହରାଇଥିଲେ। ଏଥିସହ ସମୁଦ୍ରରୁ ପହଁରି ସୀମା ନିକଟରେ ପହଞ୍ଚିବା ଉଦ୍ୟମ ବେଳେ ଅନେକେ ବୁଡ଼ି ଯାଇଥିଲେ । ଅନୁପ୍ରବେଶକାରୀଙ୍କୁ ରୋକିବାକୁ ଉଦ୍ୟମ ବେଳେ ଶତାଧିକ ସୈନ୍ୟ ମଧ୍ୟ ଆହତ ହୋଇଛନ୍ତି । ସ୍ପେନ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଗତ ୨୪ ଘଣ୍ଟାରେ ସିୟୁଟା ସହରରେ ପ୍ରାୟ ୬୦ ହଜାର ଲୋକ ଅନୁପ୍ରବେଶ କରିଛନ୍ତି । ସେଠାରେ ଅସମ୍ଭାଳ ଭିଡ଼ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। ଏଥିସହ ଶରଣାର୍ଥୀ ଶିବିରଗୁଡ଼ିକରେ ମଧ୍ୟ ଅସ୍ୱାଭାବିକ ଭାବେ ଭିଡ଼ ହୋଇଛି । ଏଥିଯୋଗୁ ସ୍ପେନ୍ ଏବଂ ଇଟାଲୀ ସମେତ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକରେ ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଛି । ୟୁରୋପର ବାହ୍ୟ ସୀମାକୁ ନେଇ ଇଟାଲୀ ଚିନ୍ତା ପ୍ରକଟ କରିବା ସହ ଏ ଦିଗରେ ତ୍ୱରିତ ଭିତ୍ତିରେ ପଦକ୍ଷେପ ନେବାର ଆବଶ୍ୟକତା ରହିଥିବା କହିଛି । ଏଥିସହ ଇଟାଲୀ ପ୍ରଧାନମନ୍ତ୍ରୀ ଜିର୍ଜିଆ ମେଲୋନି ସ୍ପେନ୍ ସହ ଶେଙ୍ଗେନ୍ ବୁଝାମଣା ରଦ୍ଦ କରିବାକୁ ଧମକ ଦେଇଛନ୍ତି। ସିୟୁଟାରେ ଏତେ ସଂଖ୍ୟାରେ ଅନୁପ୍ରବେଶକାରୀ ଧସେଇ ପଶିବା ୟୁରୋପର ସୁରକ୍ଷା ପ୍ରତି ଗମ୍ଭୀର ଚିନ୍ତାର କାରଣ । ସିୟୁଟା ଦୃଶ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ ଅନୁପ୍ରବେଶକାରୀ ଅନିୟନ୍ତ୍ରିତ ଭାବେ ୟୁରୋପ ସୀମାରେ ପ୍ରବେଶ କରୁଛନ୍ତି। ଏଥିଯୋଗୁ ସ୍ପେନ୍ ସହ ଥିବା ଶେଙ୍ଗେନ୍ ବୁଝାମଣା ରୋକାଯାଇପାରେ । ଏହି ବୁଝାମଣା ରଦ୍ଦ ହେଲେ ସ୍ପେନ୍ ସହ ଇଟାଲୀର ଥିବା ଖୋଲା ସୀମାକୁ ବନ୍ଦ କରିଦିଆଯିବ ।

## ପୁଣିଥରେ ଇରାନ ଉପରେ ପ୍ରଚଣ୍ଡ ହମଲା କରିବୁ : ଟ୍ରମ୍ପ

- ଆମେ କେବଳ ବିଜୟ ଚାହୁଁଛୁ
- ପ୍ରସ୍ତୁତ ରହିବା ପାଇଁ ସେନାକୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୧।୮:** ପୁଣି ଇରାନ ବିରୋଧରେ ନିଜ ଆଭିମୁଖ୍ୟକୁ କଠୋର କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ପୁଣିଥରେ ଇରାନ ଉପରେ ପ୍ରଚଣ୍ଡ ହମଲା କରିବାକୁ ଟ୍ରମ୍ପ ନିଷ୍ପତ୍ତି ନେଇଛନ୍ତି। ସେ ଇରାନକୁ ପ୍ରଚଣ୍ଡ ହମଲାର ଧମକ ଦେବା ସହ ଚଳିତ ସପ୍ତାହନ୍ତରେ ହିଁ ଆମେରିକା ବଡ଼ ପଦକ୍ଷେପ ନେବାର ଆଶଙ୍କା ଥିବା ସେ ସଙ୍କେତ ଦେଇଛନ୍ତି। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଟ୍ରମ୍ପ ଆମେରିକୀୟ ସେନାକୁ ଇରାନ ବିରୋଧରେ ନୂଆ ସାମରିକ ଅଭିଯାନ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇରାନକୁ ଆମେରିକା ଆଗରେ ସଂପୂର୍ଣ୍ଣ ଆତ୍ମସମର୍ପଣ ପାଇଁ ବାଧ୍ୟ କରିବା ହିଁ ଟ୍ରମ୍ପଙ୍କ ଏକମାତ୍ର ଉଦ୍ଦେଶ୍ୟ। ଖାସ ସେଥିପାଇଁ ସେ ଇରାନ ଉପରେ ପୁଣି ପ୍ରଚଣ୍ଡ ହମଲାର ଯୋଜନା କରିଛନ୍ତି। ମେରିଲ୍ୟାଣ୍ଡରେ ଆୟୋଜିତ କ୍ୟାବିନେଟ୍ ବୈଠକରେ ଟ୍ରମ୍ପ କହିଛନ୍ତି ଯେ "ଆମେ ସେମାନଙ୍କ ଉପରେ ପ୍ରଚଣ୍ଡ ତଥା ଭୟଙ୍କ ଆକ୍ରମଣ କରିବୁ। ଶେଷରେ ସେମାନେ ଆଉ ସହି ହେଉ ନଥିବା ଯେମିତି ହେଲେ କହିବେ। ଆମେ କେବଳ ବିଜୟ ଚାହୁଁଛୁ। ଇରାନ ଉପରେ ବିଶ୍ୱାସ ନାହିଁ। କାରଣ ସେମାନେ ମିଛର ପ୍ରଚାର କରୁଛନ୍ତି ଓ ତଥ୍ୟକୁ ବିକୃତ ଭାବେ ଉପସ୍ଥାପନ କରୁଛନ୍ତି।"

ଟ୍ରମ୍ପଙ୍କ ଏପରି ବୟାନ ପରେ ସିବିଏସ୍‌ରେ ସାଂଘାତିକ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ ଦାବି କରାଯାଇଛି ଯେ ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଏଥର ଇରାନର ତୈଳ ଓ ଗ୍ୟାସ ଭିତ୍ତିଭୂମି, ରିଫାଇନେରୀ ଓ ଶକ୍ତି କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରିପାରନ୍ତି। ଏହି ଶକ୍ତିଭୂମି ଗୁଡ଼ିକ ଉପରେ ପ୍ରଚଣ୍ଡ ହମଲା। କରିବାକୁ ଦୁଇ ଦେଶ ଯୋଜନା। କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସୋମବାର ବିଶ୍ୱ ଆର୍ଥିକ ବଜାର ଖୋଲିବା ପୂର୍ବରୁ ହିଁ ଆମେରିକା ଓ ଇସ୍ରାଏଲ ନିଜର ସାମରିକ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି।





# ଧନୁଆଁନଦୀରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ

## ଜଳଘେରରେ ତିନି ପଞ୍ଚାୟତର ଏକାଧିକ ଗ୍ରାମ





**ନିମାପଡ଼ା(ଅମୃତ ମିଡିଆ):** ଚଳିତ ବର୍ଷର ପ୍ରଥମ ବନ୍ୟାପାଣି ନିମାପଡ଼ା ବ୍ଲକରେ ପ୍ରବେଶ କରିଛି। ଧନୁଆଁ ନଦୀର ଜଳସ୍ତର ବୃଦ୍ଧି ପାଇବା ପରେ ବ୍ଲକର ଧନୁଆଁ, ଶଗଡ଼ା ଓ ବଡ଼ମାଛପୁର ପଞ୍ଚାୟତର ଏକାଧିକ ଗ୍ରାମ ବନ୍ୟାପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଦୁଇ ଫୁଟ୍‌ରୁ ଅଧିକ ଉଚ୍ଚତାରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡ଼ିଛି। ଅନେକ ଘରେ ବନ୍ୟାପାଣି ପଶିଯିବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ବନ୍ୟା ପରିସ୍ଥିତିର ସମୀକ୍ଷା ପାଇଁ ନିମାପଡ଼ା ତହସିଲଦାର ଶଗଡ଼ା ପଞ୍ଚାୟତର ଅଙ୍କୁଶପୁର ଗ୍ରାମରେ ପହଞ୍ଚି ବନ୍ୟାପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଥିଲେ। ସେ କ୍ଷୟକ୍ଷତିର ଆକଳନ କରିବା ସହ ଅସ୍ଥାୟୀ ସୁରକ୍ଷା ପାଇଁ କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ବଣ୍ଟନ କରିଥିଲେ। ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇବା ସହ ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ନଦୀର ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଥିବାରୁ ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବା ଦେଖିବାକୁ ମିଳିଛି। ତଥାପି ତଳିଆ ଅଞ୍ଚଳରେ ଏବେ ମଧ୍ୟ ପାଣି ଜମି ରହିଥିବାରୁ ସ୍ଥାନୀୟ ଲୋକେ ଚିନ୍ତାରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଥିବା ବେଳେ ଆବଶ୍ୟକ ପଡ଼ିଲେ ଅଧିକ ରିଲିଫ୍ ଓ ସହାୟତା ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି।

# ଖତ ଖାଉଛି 'ସ୍ପେସିଆଲ ରିଲିଫ୍' ବୋଟ୍

- ଗଛଲତା ଭିତରୁ ଆବୃତ୍ତ ଯନ୍ତ୍ର ଉଦ୍ଧାର
- ପ୍ରଶାସନିକ ଅବହେଳା ନେଇ ସାଧାରଣରେ ଅସନ୍ତୋଷ




**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଗୋଟିଏ ପଟେ ଦେବୀ ନଦୀ ରେ ବନ୍ୟା ପାଣି ବଢୁଛି, ଲୋକ ମଇଁଷି ପାଣି ଘେର ରେ ଫସୁଛନ୍ତି। ଆଉ ଗୋଟିଏ ପଟେ ଲୋକଙ୍କୁ ଉଦ୍ଧାର କରିବା ପାଇଁ ସରକାର ଦେଇଥିବା ବୋଟ ଅସ୍ତରଙ୍ଗ ବ୍ଲକ ପରିସରରେ ଖତ ଖାଉଛି ଦୀର୍ଘ ଦିନ ହେବ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ ନିକଟରେ ଥିବା 'ସ୍ପେସିଆଲ ରିଲିଫ ଓଡିଶା ଏଫଆରପି ୫୦' ଲେଖା ହୋଇଥିବା ଲାଲ ରଙ୍ଗର ବୋଟ୍‌ଟି ବର୍ତମାନ ବ୍ଲକ ପରିସରର ଗୋଟିଏ କୋଣରେ ପଡିରହିଛି। ବୋଟ ର ଚାରିପାଖେ ଗଛ ଲତା ପୂରିଯାଇଛି। ବର୍ଷ ବର୍ଷ ଧରି ବୋଟ ଟି ଏପରି ପଡିରହିବାରୁ ଏହାର ରଙ୍ଗ ମଧ୍ୟ ନଷ୍ଟ ହୋଇଗଲାଣି। ବୋଟ ର ଇଞ୍ଜିନ କିମ୍ବା ଅନ୍ୟ କୌଣସି ଉପକରଣ ଅଛି କି ନାହିଁ ତାହା ମଧ୍ୟ ଜଣାପଡୁନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ବନ୍ୟା ଓ ବାତ୍ୟା ସମୟରେ ତଳିଆ ଅଞ୍ଚଳର ଲୋକଙ୍କୁ ଉଦ୍ଧାର କରିବା ପାଇଁ ଏହି ବୋଟ୍‌ଟି ଦିଆଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହାକୁ ଥରେ ମଧ୍ୟ ପାଣିରେ ନିଆଯାଇନାହିଁ। ଦରକାର ସମୟରେ ବୋଟ ଟି କାମ ଦେବ ତ ଦୂରର କଥା, ଏବେ ଏହା ନଷ୍ଟ ହେବାକୁ ବସିଲାଣି। ଗତକାଲି ରାତିରୁ ଦେବୀ ନଦୀ ରେ ପାଣି ବଢିବାରୁ ତାଳଦା ଅଞ୍ଚଳର ମଇଁଷି ପାଣି ଘେର ରେ ଫସିଯାଇଥିଲେ। ସେତେବେଳେ ଅଗ୍ନିଶମ ବିଭାଗ ମତ୍ସ୍ୟଜୀବୀଙ୍କ ନୌକା ଆଣି ଉଦ୍ଧାର କରିଥିଲା। କିନ୍ତୁ ବ୍ଲକ ପାଖରେ ଥିବା ଏହି ସରକାରୀ ବୋଟ ଟି ବିଷୟରେ କେହି ଚିନ୍ତା କଲେନି। ଏନେଇ ଅସ୍ତରଙ୍ଗ ବ୍ଲକ ବିଡ଼ିଓଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି, ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଆସିଥିବା ଏହି ଉଦ୍ଧାର ବୋଟ ଯଦି ବ୍ଲକ ପରିସରରେ ଏମିତି ପଡିବ , ତେବେ ବନ୍ୟା ସମୟରେ ଲୋକଙ୍କୁ କିଏ ବଞ୍ଚାଇବ ? ପ୍ରଶାସନର ଏହି ଅବହେଳା ପାଇଁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।ତୁରନ୍ତ ଏହି ବୋଟ ର ମରାମତି କରାଯାଇ ଏହାକୁ କାର୍ଯ୍ୟକ୍ଷମ କରିବା ସହ ତଳିଆ ଅଞ୍ଚଳରେ ମୁତୟନ କରିବାକୁ ଲୋକେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆଉ ଗୋଟିଏ ବଡ ବିପତି ଆସିଲେ ଏହାର ଦାୟିତ୍ୱ କିଏ ନେବ ବୋଲି ପ୍ରଶ୍ନ ଉଠିଛି।

# ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ



**ନିମାପଡ଼ା(ଅମୃତ ମିଡିଆ):** ନିମାପଡ଼ା ବ୍ଲକର ଧନୁଆଁ, ଶଗଡ଼ା ଓ ବଡ଼ମାଛପୁର ପଞ୍ଚାୟତର ବନ୍ୟାପ୍ରଭାବିତ ଧନୁଆଁ ଅଞ୍ଚଳକୁ ପୂର୍ବତନ ମନ୍ତ୍ରୀ ତଥା ବିଜେପିର ରାଜ୍ୟ ମୁଖପାତ୍ର ଶ୍ରୀ ସମୀର ରଞ୍ଜନ ଦାଶ ପରିଦର୍ଶନ କରି ବର୍ତ୍ତମାନର ବନ୍ୟା ସ୍ଥିତିର ଅନୁଧ୍ୟାନ କରିଛନ୍ତି। ପରିଦର୍ଶନ ସମୟରେ ସେ ବନ୍ୟାପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ସହ ସାକ୍ଷାତ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଦୁର୍ଦ୍ଦଶା ସମ୍ପର୍କରେ ଅବଗତ ହୋଇଥିଲେ। ବନ୍ୟା ଯୋଗୁଁ ଚାଷଜମିର କ୍ଷତି , ଯାତାୟାତରେ ବାଧା, ଘରେ ପାଣି ପଶିବା ଏବଂ ଦୈନନ୍ଦିନ ଜୀବନ ବ୍ୟାହତ ହୋଇଥିବା ନେଇ ସ୍ଥାନୀୟ ଲୋକମାନେ ତାଙ୍କ ନିକଟରେ ଅଭିଯୋଗ କରିଥିଲେ।ଶ୍ରୀ ଦାଶ ପ୍ରଶାସନକୁ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା, ବନ୍ୟାପ୍ରଭାବିତ ଲୋକଙ୍କୁ ପର୍ଯ୍ୟାପ୍ତ ରିଲିଫ୍ ସାମଗ୍ରୀ, ବିଶୁଦ୍ଧ ପାନୀୟ ଜଳ, ଖାଦ୍ୟ, ଚିକିତ୍ସା ସେବା ଏବଂ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ବନ୍ୟାପ୍ରଭାବିତ ପରିବାରମାନଙ୍କୁ ସରକାରୀ ସହାୟତା ଶୀଘ୍ର ପହଞ୍ଚାଇବା ସହ କ୍ଷୟକ୍ଷତିର ସଠିକ୍ ଆକଳନ କରି କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରାଯିବା ଆବଶ୍ୟକ। ପରିଦର୍ଶନ ଅବସରରେ ସ୍ଥାନୀୟ ବିଜେପି କର୍ମକର୍ତ୍ତା ଓ ବହୁ କର୍ମୀ ଉପସ୍ଥିତ ଥିଲେ।

# ଭାଙ୍ଗିଲା ଦୋକନ୍ଦା ଘେରୀବନ୍ଧ, ଭାସିଲା ଗାଁ

**କଣାସ(ଅମୃତ ମିଡିଆ):** କଣାସ ବ୍ଲକର ଦୟା ଓ ଶାଖା ରାଜୁଆ, ମକରା, କଣିଆ, ଲୁଣା ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। କଣାସଠାରେ ଦୟାନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି। ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡାସ, ଗଡ଼ବଳଭଦ୍ରପୁର, ପାଣ୍ଡି ଆ କେରା ପଞ୍ଚାୟତର ଗ୍ରାମଗୁଡିକ ୩ଦିନ ହେଲା ଜଳବନ୍ଦୀ ହୋଇ ରହିଛି। ବ୍ଲକ ପ୍ରଶାସନ ପକ୍ଷରୁ ୨୮ ପଞ୍ଚାୟତରେ ଥିବା ୨୪ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି। ପାଣ୍ଡିଆକେରା ପଞ୍ଚାୟତ ବଗିପଡ଼ା ଗ୍ରାମର ୫ଟି ହରିଜନ ପରିବାରଙ୍କ ବାସଗୃହରେ ବନ୍ୟାଜଳ ପଶିବାରୁ ସେମାନଙ୍କୁ ଗାଁ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇ ଦୋକନ୍ଦା ଘେରିବନ୍ଧ ଭାଙ୍ଗିଯାଇଛି। ରନ୍ଧା ଖାଦ୍ୟ ପ୍ରଶାସନ ପକ୍ଷରୁ ଦିଆଯାଉଛି। ଦୋକନ୍ଦା ବନ୍ୟା ଦାଉରୁ ସୁରକ୍ଷା ନିର୍ମାଣ କରାଯାଇଥିବା ଘେରିବନ୍ଧ ଭାଙ୍ଗିଯିବାରୁ ଗ୍ରାମ ଭିତରେ ପାଣି ପ୍ରବେଶ କରୁଥିବାବେଳେ କେତେକ ଗୃହରେ ବନ୍ୟାଜଳ ପଶିବାକୁ ଆରମ୍ଭ କଲାଣି। ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଓ ତହସିଲଦାର ହିମାଂଶୁ ଶେଖର ଗିରି ଉପସ୍ଥିତ ରହି ଭାଙ୍ଗିଯାଇଥିବା ଘେରିବନ୍ଧରେ ବାଲିବସ୍ତା ପକାଇ ବନ୍ଧାଇବା ପାଇଁ ଚେଷ୍ଟା କରି ବିଦ୍ୟାଳୟକୁ ବିପନ୍ନ ସ୍ଥାନାନ୍ତର ବିଫଳ ହୋଇଥିଲେ। ସେହିପରି ତ୍ରିଲୋଚନପୁର ଗାଁ ମୁଣ୍ଡରେ ଦୁଇଟି ବଡ଼ ଘଳିଆ ପଡ଼ିଥିବାରୁ ଜଳସେଚନ ବିଭାଗ ଯନ୍ତ୍ରୀ ତାହାକୁ ମରାମତି କରିବାକୁ ଚେଷ୍ଟା ଚଳାଇଛନ୍ତି। ଗତ ୪ ବର୍ଷ ହେଲା ଦୟାନଦୀର ବାମପାର୍ଶ୍ୱ ବନ୍ଧ ଦବିଯାଇଥିବାରୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଦୁଇଦିନ ହେଲା ବନ୍ୟାଜଳ ବୃଦ୍ଧି ପାଉଥିବାରୁ କଣାସ ଅଞ୍ଚଳବାସୀଙ୍କ ଭାଗ୍ୟ ନଦୀବନ୍ଧ ଉପରେ ଝୁଲୁଛି। ଅନ୍ୟପକ୍ଷରେ ଦୟା ଓ ରାଜୁଆ ନଦୀ ମଧ୍ୟବର୍ତ୍ତୀ ଅଞ୍ଚଳ ୫ଟି ପଞ୍ଚାୟତ ଜଳବନ୍ଦୀ ଥିବାରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି ବୋଲି ବିଡିଓ କହିଛନ୍ତି।



# ଦାଦାବଟି ମାଗି ଆତଙ୍କ ଖେଳାଇଥିବା ୨ଯୁବକ ଗିରଫ, ଜଣେ ଫେରାର

- ଲୁହାରଡ୍ ଦେଖାଇ କରୁଥିଲେ ଟଙ୍କା ଆଦାୟ
- ୨ ବାଇକ ଓ ୨ ଲୁହାରଡ୍ ଜବତ



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** କୁଣ୍ଢେଇ ହାଟ ଅଞ୍ଚଳରେ ଦାଦାବଟି ମାଗି ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଉଥିବା ୨ ଜଣ ଯୁବକଙ୍କୁ ପୁରୀ ଜିଲ୍ଲା କାକଟପୁର ପୋଲିସ ଗିରଫ କରିଛି। ଆଉ ଜଣେ ଫେରାର ହୋଇଯାଇଛି। ଗିରଫ ଯୁବକ ଦୁଇ ଜଣ ହେଲେ ସୁଧୀର ଏବଂ ବିଭୁ ପ୍ରସାଦ ପରିଡା। ଉଭୟଙ୍କ ଘର କାକଟପୁର ଥାନା ଅଞ୍ଚଳରେ। ଗତକାଲି ମଧ୍ୟ ରାତିରେ କାକଟପୁର ଥାନାର ଏଏସଆଇ ଜୟନ୍ତୀ ସାହୁ ରାତ୍ରିକାଳୀନ ପାଟ୍ରୋଲିଙ୍ଗ ସମୟରେ ଖବର ପାଇଥିଲେ ଯେ ତିନି ଜଣ ଯୁବକ ଲୁହା ରଡ ଧରି କାକଟପୁର-କୋଣାର୍କ ମୁଖ୍ୟ ରାସ୍ତା କୁଣ୍ଢେଇ ଛକ ଠାରେ ଅବରୋଧ କରିଛନ୍ତି। ସେମାନେ ସ୍ଥାନୀୟ ଦୋକାନୀ ଓ ପଥଚାରୀ ମାନଙ୍କ ଠାରୁ ଦାଦାବଟି ମାଗୁଥିଲେ। ମନା କଲେ ମାଡ ମାରିବାକୁ ଧମକ ଦେଉଥିଲେ। ସେମାନଙ୍କ ଭୟରେ ମହିଳା ଓ ପିଲା ଘର ଭିତରକୁ ପଶିଯାଇଥିଲେ। ଦୋକାନ ବନ୍ଦ ହୋଇଯାଇଥିଲା। ପୋଲିସ ପହଞ୍ଚିବା ବେଳେ ଅଭିଯୁକ୍ତ ମାନେ ପୋଲିସ କୁ ମଧ୍ୟ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ପରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଉ ଜଣେ ଫେରାର ହୋଇଯାଇଥିଲା।ଅଭିଯୁକ୍ତ ଙ୍କ ଠାରୁ ୨ଟି ଲୁହା ରଡ, ୧ ଟି ନୀଳ-କଳା ଗାଡି ଓ ୧ଟି ଲାଲ ରଙ୍ଗର ହୋଣ୍ଡା ସାଇନି ବାଇକ ଜବତ ହୋଇଛି। ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ରଣବୋଝ ମୁଣ୍ଡରେ, ଚାଷ ଜମିରେ ପାଣି

- ଭାସିଗଲା ମତ୍ସ୍ୟଜୀବୀଙ୍କ ପୁଞ୍ଜି, ପ୍ରଶାସନର ଦେଖାନାହିଁ



**କାକଟପୁର /ଅସ୍ତରଙ୍ଗ (ଅମୃତ ମିଡିଆ):** ଜଳ ବହୁଳେ ସର୍ବନାଶ, ଜଳ ବିହୁନେ ସର୍ବନାଶ। ଏହି କଥା ଆଜି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ହଜାର ହଜାର ଚାଷୀ ଙ୍କ ପାଇଁ ସତ ହୋଇଛି। ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ଫଳରେ ତାର ଶାଖା ଦେବୀ ନଦୀ ମଧ୍ୟ ଫୁଲି ଉଠିଥିଲା। ଏବେ ଦେବୀର ଜଳସ୍ତର କମିଥିଲେ ମଧ୍ୟ ପଛୁଆ ପାଣି ପ୍ରବେଶ କରି ତାଳଦା, ନଗର, ପୁଇଁଚାନ୍ଦିଆ, ଆଳସାହି, ପାଟସୁନ୍ଦରପୁର ଏବଂ ଝାଡଲିଙ୍ଗ ପଂଚାୟତର ତଳିଆ ଅଞ୍ଚଳ କୁ ଜଳମଗ୍ନ କରିଦେଇଛି। ମାସ ମାସ ହେଲା ଖତ, ସାର ପକାଇ, ବ୍ୟାଙ୍କରୁ ଋଣ ଆଣି ଯେଉଁ ଚାଷୀ ଧାନ ତଳି ରୁଆ କରିଥିଲେ, ଗୋଟେ ରାତିରେ ସେହି ସବୁ ହେକ୍ଟର ହେକ୍ଟର ଚାଷ ଜମି ପାଣିରେ ବୁଡିଯାଇଛି। ଏବେ ପୁଣି ନୂଆ କରି ରୁଆ କରିବା ପାଇଁ ନା ଟଙ୍କା ଅଛି, ନା ସମୟ। ଖତ, ବିହନ ପାଇଁ ଋଣ କରିଥିବା ଚାଷୀ ଏବେ ସେହି ଋଣ କେମିତି ଶୁଝିବେ ସେଇଟା ହିଁ ସବୁଠୁ ବଡ ଚିନ୍ତା। କେବଳ ଚାଷ ନୁହେଁ, ମତ୍ସ୍ୟଜୀବୀମାନଙ୍କ ଅବସ୍ଥା ମଧ୍ୟ ଶୋଚନୀୟ। କାଳିଆକଣ ଏବଂ ପାଟସୁନ୍ଦରପୁର ନିକଟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ତିଆରି ହୋଇଥିବା ମାଛ ଗୋଦାମ ଗୁଡିକ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ମାଛ ମରିଯାଇଛି, ଜାଲ ଭାସିଯାଇଛି। ବର୍ଷ ସାରା ପୁଞ୍ଜି ଗୋଟେ ରାତି ରେ ଭାସିଗଲା। କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟ ର କଥା ହେଉଛି ବ୍ଲକ ପ୍ରଶାସନ ର ଭୂମିକା। ବନ୍ୟା ଆସି ୩ ଦିନ ହେଲାଣି। କିନ୍ତୁ ଅସ୍ତରଙ୍ଗ ବ୍ଲକ ରୁ କୌଣସି ଅଧିକାରୀ ଆଜି ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇନାହାନ୍ତି। ଯଦି ୨୪ ଘଣ୍ଟା ଭିତରେ ତୁରନ୍ତ କ୍ଷତିପୂରଣ ଏବଂ ପୁନର୍ବାସ ବ୍ୟବସ୍ଥା ନହୁଏ ତେବେ ଶହ ଶହ ପରିବାର ଅଭୁକ୍ତ ରହିବେ। ଅସ୍ତରଙ୍ଗ ବ୍ଲକ ପ୍ରଶାସନ ର ଏହି ସମ୍ପୂର୍ଣ୍ଣ ବିଫଳତା ଉପରେ ଏବେ ପ୍ରଶ୍ନ ଉଠିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି କ୍ଷତିଗ୍ରସ୍ତମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

# ଯନ୍ତ୍ରୀ ସମୂହଙ୍କ ନଦୀବନ୍ଧ ସ୍ଥିତି ଅନୁଧ୍ୟାନ

**ଡେଲାଙ୍ଗ(ଅମୃତ ମିଡିଆ):** ଘୋରଡ଼ିଆଠାରେ ବିପଦସଙ୍କେତ ଠାରୁ ପ୍ରାୟ ୫ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ନଈକୂଳିଆ ଅଧିବାସୀଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଘୋରଡିଆଠାରେ ବିପଦ ସଙ୍କେତ ୬,୨୪ ମିଟର ହୋଇଥିଲାବେଳେ ଶୁକ୍ରବାର ଅପରାହ୍ନ ୫ଟାରେ ବନ୍ୟାଜଳ ୭.୭୮ ମିଟର ରହିଛି। ଦୟା ବାମପାର୍ଶ୍ୱ, ବାଲିହୁଙ୍କା, ଶିଶୁଆପଡ଼ା, ନୂଆହାଟ, ତ୍ରିଲୋଚନପୁର ଆଦି ସ୍ଥାନରେ ଘଳିଆ ସୃଷ୍ଟି ହୋଇଥିବାରୁ ବାଲିବସ୍ତା ପକାଯାଇଛି। ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇ, ପୁରୀ ଅଧୀକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ, ଡେଲାଙ୍ଗ ସହକାରୀ ନିର୍ବାହୀ ଯନ୍ତ୍ରୀ କରୁଣାକର ଲେଙ୍କା, ସହକାରୀ ଯନ୍ତ୍ରୀ ଶିଶିରକାନ୍ତ ସାହୁ, ଜ୍ଞାନରଞ୍ଜନ ଗୁରୁ ପ୍ରମୁଖ ଦୟାନଦୀର କଣ୍ଠିଠାରୁ ନୂଆଗାଁ ପର୍ଯ୍ୟନ୍ତ ସ୍ଥିତି ଦେଖିବା ସହ ଦୁର୍ବଳ ସ୍ଥାନ ମରାମତି ପାଇଁ ପଦକ୍ଷେପ ନେଇଛନ୍ତି। ଦୟା ବାମପାର୍ଶ୍ୱ ନଦୀ ବନ୍ଧର କଣ୍ଠି କାଜ ଦେଇ ପ୍ରାୟ ୧ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହ ହେଉଛି। ଏହି ସବୁ ବନ୍ୟା ଜଳ ଲୁଣା ନଦୀ ଦେଇ ଚିଲିକାକୁ ନିଷ୍କାସନ ହେବ। ସିଂହବରହମପୁର, ଚାଇଁପୁର, ସୁଜନପୁର, ସାଉରିଆ, ଘନିପୁର, ଡେଲାଙ୍ଗ କୋଡବାଡ, ମୁନିନ୍ଦା, କଲ୍ୟାଣପୁର, ତ୍ରିଲୋଚନପୁର, ସିରେଇ, ଧାନେକେରା ଆଦି ପଞ୍ଚାୟତର ଧାନକ୍ଷେତ ଜଳମଗ୍ନ ରହିଥିବାରୁ କଣ୍ଠି କାଜ ଦେଇ ନିଷ୍କାସିତ ଜଳ ଏହି ସବୁ ପଞ୍ଚାୟତରେ ସଂଗିନ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି।

# ରାସ୍ତାକଡ଼ରୁ ମଣିଷ କଙ୍କାଳ ଜବତ

**ସତ୍ୟବାଦୀ/ସୁଆଣ୍ଡୋ (ଅମୃତ ମିଡିଆ):** ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ନଡାଖଣ୍ଡ ବାସଙ୍ଗ ସାହି ରାସ୍ତା ପାର୍ଶ୍ୱ ଦଳପୂର୍ଣ୍ଣ ନାଳରୁ ପୋଲିସ ଏକ ମଣିଷ କଙ୍କାଳ ଜବତ କରିଛି । ଏହି ଗଳିତ କଙ୍କାଳ ଜଣେ ପୁରୁଷଙ୍କର ହୋଇଥିବା ଅନୁମାନ କରାଯାଉଛି। ତେବେ ଏହା କାହାର ଓ କିଭଳି ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇପାରିନାହିଁ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖୁଛି ଓ ସୂଚନା ଅନୁଯାୟୀ ଗତ ସପ୍ତାହରେ ନଡ଼ାଖଣ୍ଡ ଗ୍ରାମର ଜଣେ ବ୍ୟକ୍ତି ନିଖୋଜ ହୋଇଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ପାରିପାର୍ଶ୍ୱିକ ଅବସ୍ଥାରୁ ଜବତ କଙ୍କାଳ ଓ ଘଟଣାସ୍ଥଳରୁ ମିଳିଥିବା କିଛି ପ୍ରମାଣପତ୍ରକୁ ଆଧାର କରି ନିଖୋଜ ବ୍ୟକ୍ତିଙ୍କ ସାମଞ୍ଜସ୍ୟ ରହିଥିବା ସନ୍ଦେହ କରାଯାଉଛି। ତେବେ ଡାକ୍ତରୀ ରିପୋର୍ଟ ଏବଂ ତଦନ୍ତ ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ବନ୍ୟାପାଣିଘେରରେ ଧବଳେଶ୍ୱର ପୀଠ



- ଶତାଧିକ ଗାଈ ଷଣ୍ଡ ଫସିଲେ
- ଖାଦ୍ୟ-ପାଣି ଅଭାବ, ପ୍ରଶାସନର ଦେଖାନାହିଁ

**ଅସ୍ତରଙ୍ଗ(ଅମୃତ ମିଡିଆ):** ଦେବୀ ନଦୀରେ ବନ୍ୟା ପାଣି ବଢିବାରୁ ଧବଳେଶ୍ୱର ପୀଠ ଚାରିପାଖେ ଏବେ ପାଣି ଘେର। ମନ୍ଦିର ର ଉଚ୍ଚ କୁଦ ଉପରେ ଶତାଧିକ ଗାଈ ଓ ଷଣ୍ଡ ଆଶ୍ରୟ ନେଇଛନ୍ତି। କିନ୍ତୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ତାଳଦା ପଂଚାୟତ ଜ୍ୟାକେଶ ପଡିଆରୀ ସାମାଜିକ ଗଣମାଧ୍ୟମ ରେ ଅଭିଯୋଗ କରିଛନ୍ତି ଯେ ଧବଳେଶ୍ୱର ନିକଟସ୍ଥ ଗୋଚାରଣ ଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ପ୍ରାୟ ଶହେ ରୁ ଅଧିକ ଗାଈ ଷଣ୍ଡ ଜୀବନ ବଞ୍ଚାଇବା ପାଇଁ ମନ୍ଦିର ପରିସରର ଉଚ୍ଚ ସ୍ଥାନରେ ଠିଆ ହୋଇଛନ୍ତି। ଚାରିପାଖେ ପାଣି ଘେରି ରହିଥିବାରୁ ସେମାନେ ବାହାରକୁ ବାହାରି ପାରୁନାହାନ୍ତି। ଗତ ୨୪ ଘଣ୍ଟା ହେଲା ପଶୁମାନେ ଖାଦ୍ୟ ପାଣି ପାଇନାହାନ୍ତି। ପାଣି ଆହୁରି ବଢିଲେ ପୀଠ ମଧ୍ୟ ଜଳମଗ୍ନ ହେବାର ଆଶଙ୍କା ରହିଛି। ସ୍ଥାନୀୟ ଲୋକେ ବ୍ଲକ ଅଫିସ କୁ ବାରମ୍ବାର ଫୋନ କରି ସୂଚନା ଦେଇଥିଲେ ମଧ୍ୟ କୌଣସି ଅଧିକାରୀ କିମ୍ବା ଉଦ୍ଧାର ଦଳ ଘଟଣାସ୍ଥଳ ରେ ପହଞ୍ଚିନାହାନ୍ତି। ଜ୍ୟାକେଶ କହିଛନ୍ତି, 'ଦେବତାଙ୍କ ପୀଠ ଚାରିପାଖେ ଗୋମାତା ଫସିଛନ୍ତି, ତଥାପି ପ୍ରଶାସନ ଆଖି ବୁଜି ଦେଇଛି। ଏହା କି ବନ୍ୟା ମୁକାବିଲା ?' ବ୍ଲକ ପରିସରରେ ସରକାରୀ ବୋଟ ପଡି ନଷ୍ଟ ହେଉଥିବା ବେଳେ ବାସ୍ତବ ସମୟରେ ଏହାକୁ ବ୍ୟବହାର କରାଯାଉନଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।ତୁରନ୍ତ ନୌକା ଓ ଖାଦ୍ୟ ସହ ଉଦ୍ଧାର ଦଳ ପଠାଇ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବାକୁ ସାଧାରଣ ରେ ଦାବି ହୋଇଛି। ନଚେତ ଏହାର ଦାୟିତ୍ୱ ବ୍ଲକ ପ୍ରଶାସନ ନେବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

# କାକଟପୁର ବିଧାୟକ ଓ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷଙ୍କ ବନ୍ୟାଞ୍ଚଳ ପରିଦର୍ଶନ



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ମହାନଦୀ ରେ ଜଳସ୍ତର ବୃଦ୍ଧି ପାଇବା ଫଳରେ ଶାଖା ଦେବୀ ନଦୀ ରେ ମଧ୍ୟ ଜଳସ୍ତର ବଢି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ଅପେକ୍ଷା ଶନିବାର ଦେବୀର ଜଳସ୍ତର କିଛି ମାତ୍ରାରେ ହ୍ରାସ ପାଇଥିଲେ ମଧ୍ୟ ବ୍ଲକ ର ୯ ଟି ଗ୍ରାମରେ ପାଣି ଜମି ରହିଥିବା ବେଳେ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ଏହି ସ୍ଥିତି ର ସମୀକ୍ଷା କରିବା ପାଇଁ ଶନିବାର ଅପରାହ୍ନ ରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଏବଂ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଅସ୍ତରଙ୍ଗ ବ୍ଲକ ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବିଧାୟକ ଶ୍ରୀ ବେହେରା ପ୍ରଥମେ ବାଉରିଆକଣ ନିକଟରେ ଦେବୀ ନଦୀ ର ଜଳସ୍ତର ଅନୁଧ୍ୟାନ କରିଥିଲେ। ଏହା ପରେ ସେ ତାଳଦା, ପୁଇଁଚାନ୍ଦିଆ, ନଗର, ଆଳସାହି, ପାଟସୁନ୍ଦରପୁର ଏବଂ ଝାଡଲିଙ୍ଗ ପଂଚାୟତ ଗ୍ରସ୍ତ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପାଣିରେ ଡୁବି ରହିଥିବା ଚାଷ ଜମି ଦେଖି ସେ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଚାଷୀମାନେ ଅଭିଯୋଗ କରିଥିଲେ ଯେ ବନ୍ୟା ଆସିବା ର ୩ ଦିନ ହେଲାଣି କିନ୍ତୁ ବ୍ଲକ ରୁ କୌଣସି ଅଧିକାରୀ କ୍ଷତି ଆକଳନ କୁ ଆସିନାହାନ୍ତି।ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଧବଳେଶ୍ୱର ନିକଟରେ ୫୦ରୁ ଉର୍ଦ୍ଧ ଗାଈ ଘଣ୍ଟା ଘଣ୍ଟା ଧରି ପାଣି ଘେରେ ଫସି ରହିଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ଗୋଖାଦ୍ୟ କି ପାଣି ଦିଆଯାଇନଥିଲା। ସେହିପରି କାଳିଆକଣ ଏବଂ ପାଟସୁନ୍ଦରପୁର ନିକଟରେ ମାଛ ଗୋଦାମ ବୁଡିଯିବା ପରେ ମଧ୍ୟ ବ୍ଲକ ପ୍ରଶାସନ ପହଂଚି ମତ୍ସ୍ୟଜୀବି ଙ୍କୁ କୌଣସି ଆଶ୍ୱାସନା ଦେଇନଥିଲା। ଉଦ୍ଧାର କାର୍ଯ୍ୟ ପାଇଁ ସରକାରୀ ବୋଟ ଖତ ଖାଉଥିବା ବେଳେ ମତ୍ସ୍ୟଜୀବୀମାନେ ନିଜ ବୋଟ ରେ ମଇଁଷି ଓ ଲୋକଙ୍କୁ ଉଦ୍ଧାର କରୁଛନ୍ତି। ଏହି ଅବସରରେ ବିଧାୟକ କାକଟପୁର ଜଳସମ୍ପଦ ବିଭାଗ ର ଏସଡିଓ ପାୟଲ ପ୍ରିୟଦର୍ଶନୀ ଏବଂ ଯନ୍ତ୍ରୀ ତପନ ନାୟକ ଙ୍କ ସହ ଆଲୋଚନା କରି ଦେବୀ ନଦୀର ବନ୍ଧ ସ୍ଥିତି ସମ୍ପର୍କରେ ବୁଝିଥିଲେ।ତେବେ ବନ୍ୟା ସମୟରେ ଅସ୍ତରଙ୍ଗ ତହସିଲଦାର ନିଜେ ଏକୁଟିଆ ବିଭିନ୍ନ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି। ତାଙ୍କର ଏହି ତତ୍ପରତାକୁ ବିଧାୟକ ତୁଷାରକାନ୍ତି ବେହେରା ପ୍ରଶଂସା କରିଥିଲେ। 'ଜଳ ବହୁଳେ ସର୍ବନାଶ, ଜଳ ବିହୁନେ ସର୍ବନାଶ। ଏବେ ପାଣି ବଢି ଚାଷୀର ସବୁ ଆଶା ଭାସି ନେଲାଣି। କିନ୍ତୁ ସବୁଠୁ ଦୁଃଖର କଥା ହେଉଛି ଅସ୍ତରଙ୍ଗ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ନିଷ୍କ୍ରିୟ। ଗାଈ ଫସିଲା, ମାଛ ଗୋଦାମ ଡୁବିଲା, କିନ୍ତୁ ବ୍ଲକ ରୁ କେହି ଆସିଲେନି। ଜିଲ୍ଲାପରିଷଦ ତରଫରୁ ଆମେ ତୁରନ୍ତ ରିଲିଫ ପାଇଁ ଦାବି କରିବୁ।'ସ୍ଥାନୀୟ ଲୋକେ କହିଛନ୍ତି ପାଣି କମୁଥିଲେ ମଧ୍ୟ ଚାଷୀର ଦୁଃଖ କମୁନି। ତୁରନ୍ତ କ୍ଷତିପୂରଣ ଦାବି ହୋଇଛି।



# ବିରୂପା ଗେଙ୍ଗୁଟି ନଦୀରେ ବଢୁଛି ପାଣି



**ମାହାଙ୍ଗା (ଅମୃତ ମିଡ଼ିଆ):** ମାହାଙ୍ଗା ବ୍ଲକରେ ପ୍ରବାହିତ ବିରୂପା ଗେଙ୍ଗୁଟି ନଦୀରେ ଜଳସ୍ତର ବଢୁଛି ।ନଦୀ ପାର୍ଶ୍ୱ ଜମିରେ ପାଣି ପଶି ଫସଲ ନଷ୍ଟ ହୋଇ ଯାଇଛି ।ବିରୂପା ନଦୀର ଜଗତପୁର ବ୍ୟାରେଜ୍ ଠାରୁ ୨୬ ହଜାର ୪୩୧ କ୍ୟୁସେକ ଜଳ ଛଡ଼ା ଯାଇଛି ।ମାହାଙ୍ଗା ବ୍ଲକ ଅଞ୍ଚଳରେ ଏହି ନଦୀରେ ୧୦ ହଜାର ୫୮୪ କ୍ୟୁସେକ ଜଳ ପ୍ରବାହିତ ହେଉଛି ।ବଡ ଗେଙ୍ଗୁଟି ନଦୀର ଜୟପୁରରେ ୧୫ ହଜାର ୮୪୭ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ଜଣାଯାଇଛି ।ନଦୀ ବନ୍ଧ ଦୁର୍ବଳ ସ୍ଥାନ ଗୁଡିକର ବାଲିଚନ୍ଦ୍ରପୁର ଜଳ ସମ୍ପଦ ସେକସନ୍ ପକ୍ଷରୁ ସହକାରୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ସେଠୀ, ମାହାଙ୍ଗା ବିଡ଼ିଓ ତିଳୋତ୍ତମା ପୃଷ୍ଟି, ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସ, ପ୍ରମୁଖ ଦୁର୍ବଳ ସ୍ଥାନ ଗୁଡିକ ପରିଦର୍ଶନ କରି ବନ୍ୟା ଆସିଲେ ତାହାର ମୁକାବିଲା କରିବା ପାଇଁ ସଜାଗ ହୋଇଥିବା ସୂଚନା ଦେଇଛନ୍ତି ।ବିରୂପା ଓ ଗେଙ୍ଗୁଟି ନଦୀ ପାର୍ଶ୍ୱରେ ଥିବା ମୂଳବସନ୍ତ,ସିପୁରା,କୃଷ୍ଣ ଦାସ ପୁର ଛକ ନିକଟରେ ଥିବା ସାଇ ଫନ୍ ଦେଇ ବିରୂପା ନଦୀରୁ ବନ୍ୟାଜଳ ଶିପୁରା ପାଟକୁ ପ୍ରବେଶ କରୁଛି । ସେହିପରି ଭେଡା,ସମସର ପୁର ,ଆନନ୍ଦ ପୁର,ଜଳେଶ୍ୱର ପୁର,ଶ୍ରୀକୃଷ୍ଣ ପୁର, କୁଣ୍ଡୀ,କୁହୁଣ୍ଡା, କୁସୁପୁର, ସାହାପୂର୍ଣ୍ଣ ବାଜପୁରା, ମଧୁପୁର, ବାସୁଦେବ ପୁର ଆଦି ପଞ୍ଚାୟତର ବହୁ ଜମିରେ ବନ୍ୟାଜଳ ପ୍ରବେଶ କରିବା ଫଳରେ ପନି ପରିବା ସହ ଧାନ ତଳି ନଷ୍ଟ ହୋଇଛି ।

# ବ୍ରିଜ୍ ଉପରୁ ଖସିପଡିଲା କାର୍, ଜଣେ ମୃତ



**ଭଞ୍ଜନଗର (ଅମୃତ ମିଡିଆ):** ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆଗାଁ ନିକଟରେ, ବ୍ରିଜ୍ ଉପରୁ ତଳକୁ ଖସିପଡିଲା ଚଳନ୍ତା କାର୍ । ସେଥିରେ ଥିବା ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ମୃତକ ଜଣକ ଭଂଜନଗର ଏଲଆଇସି କଲୋନୀ ବାସିନ୍ଦା ସୁନିଲ୍ ମହାନ୍ତି (୪୦) । ଘଟଣା ସ୍ଥଳରେ ଭଂଜନଗର ଅଗ୍ନିଶମ ବାହିନୀ ପହଞ୍ଚି, କାର୍ ଭିତରୁ ସଂପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଭଂଜନଗର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବେଲଗୁଣ୍ଠା ରାସ୍ତାରୁ ଭଂଜନଗର ଅଭିମୁଖେ ଯାଉଥିବା ବେଳେ, ଭାରସାମ୍ୟ ହରାଇ କାର୍ ଟି ବ୍ରିଜ୍ ତଳକୁ ଖସି ପଡ଼ିଥିଲା । କାର୍ ଭିତରେ ଜଣେ ହିଁ ଥିଲେ । ବେଲଗୁଣ୍ଠା ଥାନା ପୋଲିସ ଭଂଜନଗର ମେଡିକାଲରେ ପହଞ୍ଚି, ମୃତ ଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି ।

# ସ୍ୱାଗତିକା ରାଜ୍ୟ ପାଇଁ ଗୌରବ
## 'ମିସେସ୍ ଏସିଆ ୱାର୍ଲଡ-୨୦୨୬' ସମ୍ମାନ




**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ଗଜପତି ଜିଲାର ଝିଅ ସ୍ୱାଗତିକା ପାଣିଗ୍ରାହୀ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଆନ୍ତର୍ଜାତିକ ସ୍ତରରେ 'ମିସେସ୍ ଏସିଆ ୱାର୍ଲଡ-୨୦୨୬'ରେ ସ୍ୱାଗତିକା ସଫଳତା ସାଉଁଟିଛନ୍ତି । ଥାଇଲାଣ୍ଡରେ ଆୟୋଜିତ ଏହି ପ୍ରତିଯୋଗିତାରେ ସେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ପାରଳାଖେମୁଣ୍ଡି ଚିତ୍ରକାର ସାହିର ବାସିନ୍ଦା ଭାସ୍କର ପାଣିଗ୍ରାହୀଙ୍କ ଝିଅ ସ୍ୱାଗତିକା ମୁମ୍ବାଇ ଗ୍ଲୋବାଲ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ଏକମାତ୍ର ପ୍ରତିନିଧି ଭାବେ ଭାଗ ନେଇଥିଲେ । ବୁଧବାର ବିଜୟୀ ହେବା ପରେ ବଲିଉଡ୍‌ର ଅଭିନେତା ସୁରିନ୍ଦର ପାଲ ସିଂହ ତାଙ୍କୁ 'ମିସେସ୍ ଏସିଆ ୱାର୍ଲଡ ୨୦୨୬' ସମ୍ମାନରେ ସମ୍ମାନିତ କରିଥିଲେ । ଏହାପୂର୍ବରୁ ସ୍ୱାଗତିକା ୨୦୨୫ରେ 'ମିସେସ୍ ଇଣ୍ଡିଆ ପ୍ରାଇଡ୍ ଅଫ୍ ନେଶନ' ପ୍ରତିଯୋଗିତାରେ 'ଗୁଡ୍ ୱିଲ ଆମ୍ବାସାଡର' ସମ୍ମାନ ହାସଲ କରି ଏସିଆ ମଞ୍ଚରେ ପ୍ରବେଶ କରିଥିଲେ । ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ ପରେ ରୁ କିରେ ଉଚ୍ଚଶିକ୍ଷା ଶେଷ କରି ବର୍ତ୍ତମାନ ସେ ବେଙ୍ଗାଲୁରୁସ୍ଥିତ ଏକ ବହୁରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀରେ ଆସୋସିଏଟ୍ ଟେକ୍ନିକାଲ ପ୍ରୋଜେକ୍ଟ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି । ବୃତ୍ତିଗତ ସଫଳତା ସହ ସେ ସମାଜସେବା କ୍ଷେତ୍ରରେ ମଧ ସକ୍ରିୟ ରହିଛନ୍ତି । ସ୍ୱାଗତିକାଙ୍କ ଏହି ସଫଳତାକୁ ନେଇ ଗଜପତି ଜିଲାରେ ଖୁସିର ଲହରି ଖେଳିଯାଇଛି । ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ମିଳିବାରେ ଲାଗିଛି ।

**ଛୁଟୁଛି ଶୁଭେଚ୍ଛାର ସୁଅ**

# ପଠାଣିସାମନ୍ତ ଗଣିତ ମେଧାବୃତ୍ତିରେ ସଫଳତା

**ଯାଜପୁର (ଅମୃତ ମିଡିଆ):** ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ଅନ୍ତର୍ଗତ ପିଏମ୍ ଶ୍ରୀ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ ମେଧାବୀ ଛାତ୍ର ଆଦିତ୍ୟ କୁମାର ମହାନ୍ତି ଓ ପ୍ରିୟାଂଶୁ ରାଉତ ପ୍ରତିଷ୍ଠିତ ପଠାଣିସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ।

ଉଭୟ ଛାତ୍ରଙ୍କ ଏହି ସଫଳତା ବିଦ୍ୟାଳୟର ପ୍ରଧାନଶିକ୍ଷକ ତୁଷାରକାନ୍ତି ମିଶ୍ର, ଶିକ୍ଷକ,ଶିକ୍ଷୟିତ୍ରୀ,ଶିକ୍ଷା କର୍ମଚାରୀ , ଅଭିଭାବକ ଏବଂ ସହପାଠୀମାନଙ୍କ ମଧ୍ୟରେ ଆନନ୍ଦର ପରିବେଶ ସୃଷ୍ଟି କରିଛି । ସେମାନଙ୍କର ନିଷ୍ଠା, ପରିଶ୍ରମ ଓ ଶିକ୍ଷକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଏହି ସଫଳତାର ମୂଳ କାରଣ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି ।ଏହି ସଫଳତାର ଶ୍ରେୟ ଉଭୟ ଛାତ୍ର ଦୁହେଁ ସ୍କୁଲର ପ୍ରଧାନ ଶିକ୍ଷକ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ତାଙ୍କର ପରିବାର ବର୍ଗଙ୍କୁ ଦେଇଛନ୍ତି ।

# ଐତିହାସିକ ରାୟ ପାଇଁ କନ୍ଧମାଳ ଜିଲ୍ଲା ବିଜେପି ପକ୍ଷରୁ ଶୁଭେଚ୍ଛା




**ବାଲିଗୁଡା (ଅମୃତ ମିଡ଼ିଆ) :** ବାଲିଗୁଡା ପୂର୍ତ୍ତ ବଙ୍ଗଳା ଠାରେ କନ୍ଧମାଳ ଜିଲ୍ଲା ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଅଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିଶିମାଝି, କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ୍ୟ ମାନ ଗୋବିନ୍ଦ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ବିଜେପି ନେତା ଆଦିକନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଫୁଲବାଣୀ ମେଡିକାଲ କଲେଜ କୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରିବା ସହ ତୁମୁଡିବନ୍ଧ ଜଳେଶପଟା ଆଶ୍ରମ ର ଭିତ୍ତିଭୂମି ର ବିକାଶ ପାଇଁ ୧୩ କୋଟି ଟଙ୍କା ମଞ୍ଜୁରୀ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଅର୍ପଣ କରିଛି ବିଜେପି । କନ୍ଧମାଳ ଜିଲ୍ଲା ରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ର ବିକାଶ ସାଙ୍ଗକୁ ଐତିହ୍ୟ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ନେଇ ସ୍ୱାମୀଜୀଙ୍କ ଅବଦାନ ବେଶ ଅତୁଳନୀୟ । ତେଣୁ କନ୍ଧମାଳ ଜିଲ୍ଲା ରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ କିଛି ସ୍ମୃତି କୁ ସ୍ଥାନିତ କରିବାକୁ ବିଭିନ୍ନ ମହଲ ରେ ସ୍ୱର ଉପୁଜିଥିଲା କହିଛନ୍ତି ଜିଲ୍ଲା ବିଜେପି ସଭାପତି ପଣ୍ଡିତ ବିଶିମାଝି । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସେବା ତ୍ୟାଗ ଓ ସମର୍ପଣ କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ଫୁଲବାଣୀ ସରକାରୀ ମେଡିକାଲ କଲେଜକୁ ସ୍ୱାମୀଜୀଙ୍କ ନାମରେ ନାମିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ରାୟ ନିମନ୍ତେ କନ୍ଧମାଳ ଜିଲ୍ଲା ବିଜେପି ପକ୍ଷରୁ ଶୁଭେଚ୍ଛା ସହ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ଆନନ୍ଦପୁର ରିଙ୍ଗ୍‌ବନ୍ଧ ଘାଇ ପାଇଁ ସରକାରଙ୍କୁ ଦାୟୀକଲେ ଜୟଦେବ
## ତୁରନ୍ତ ରିଲିଫ୍, କ୍ଷତିପୂରଣ କଂଗ୍ରେସର ଦାବି




**ଆନନ୍ଦପୁର (ଅମୃତ ମିଡିଆ):** ଆନନ୍ଦପୁର ରିଙ୍ଗ୍ ବନ୍ଧରେ ଘାଇ ସୃଷ୍ଟି ହୋଇ ବ୍ୟାପକ ବନ୍ୟା ବିପର୍ଯ୍ୟୟ ଘଟିବା ପରେ ରାଜ୍ୟ ସରକାର ଓ ଜଳସମ୍ପଦ ବିଭାଗ ଉପରେ ବର୍ଷିଛନ୍ତି ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା । ଆନନ୍ଦପୁର ନଗର କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଶନିବାର ଆନନ୍ଦପୁର ବ୍ରିଜଛକ ଠାରେ ଥିବା ପୌରପରିଷଦ କଲ୍ୟାଣ ମଣ୍ଡପ ଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ କଡ଼ା ସମାଲୋଚନା କରିଛନ୍ତି । ୧୯୯୮ ମସିହାରେ ତାଙ୍କରି ଉଦ୍ୟମରେ ଆନନ୍ଦପୁର, ଫକୀରପୁର, ବଞ୍ଚୋ ପଞ୍ଚୁଗୋଛିଆ, ସମଣା, ହାବେଲେଶ୍ୱର ଓ ଆୟତପୁର ଅଞ୍ଚଳବାସୀଙ୍କୁ ବନ୍ୟାରୁ ସୁରକ୍ଷା ଦେବା ପାଇଁ ଏହି ରିଙ୍ଗ୍ ବନ୍ଧ ନିର୍ମାଣ କରାଯାଇଥିଲା । କିନ୍ତୁ ଗତ ୨୭ ବର୍ଷ ଧରି ଏହାର ସଠିକ୍ ରକ୍ଷଣାବେକ୍ଷଣ କରାଗଲା ନାହିଁ । ଏହା ସହିତ ସୁଇସ୍ ଗେଟ୍ ?ର ନିୟମିତ ତଦାରଖ ଅଭାବ ଏବଂ ବ୍ୟାରେଜ ଗେଟ୍‌ର ଅବୈଜ୍ଞାନିକ ପରିଚାଳନା ଫଳରେ ଆଜି ରିଙ୍ଗ୍ ବନ୍ଧରେ ଘାଇ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆନନ୍ଦପୁର ସହର ସମେତ ବହୁ ପଞ୍ଚାୟତ ଜଳମଗ୍ନ ହୋଇପଡ଼ିଛି ଏବଂ ହଜାର ହଜାର ଏକର ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜୟଦେବ ଜେନା ସରକାରଙ୍କ ନିକଟରେ କିଛି ମୁଖ୍ୟ ଦାବି ଉପସ୍ଥାପନ କରିଛନ୍ତି । ବନ୍ୟାକ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ତୁରନ୍ତ ପର୍ଯ୍ୟାପ୍ତ ରିଲିଫ୍ ଯାଇଯିବା, କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ସହାୟତା ପ୍ରଦାନ କରାଯିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି । ଏହାଛଡ଼ା କ୍ଷତିଗ୍ରସ୍ତ ଘରବାଡ଼ିର ସଠିକ୍ ସର୍ଭେ କରାଯାଇ ରିଙ୍ଗ୍ ବନ୍ଧ ଓ ସୁଇସ୍ ଗେଟ୍ ?ର ସ୍ଥାୟୀ ମରାମତି ଏବଂ ଦୀର୍ଘମିଆଦି ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବାକୁ ସେ କହିଛନ୍ତି । ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ କରାନଯାଏ, ତେବେ ବନ୍ୟାପୀଡ଼ିତ ଲୋକ ଓ ଚାଷୀମାନଙ୍କୁ ସାଙ୍ଗରେ ଧରି କଂଗ୍ରେସ ପକ୍ଷରୁ ରାଜରାସ୍ତାରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେ କଡ଼ା ଚେତାବନୀ ଦେଇଥିଲେ । ଏହି ସମ୍ମିଳନୀରେ କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା, ଚିତ୍ତ ପାତ୍ର, ସନ୍ତୋଷ ସାମଲଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ସରିବା ପରେ ଆନନ୍ଦପୁର ରିଙ୍ଗ ରୋଡ଼ରେ ସୃଷ୍ଟି ହୋଇଥିବା ଘାଇ ନିକଟରେ ବୁଲି ଦେଖିବା ସହ ୧୩ ୱାର୍ଡ ସୁଡୁସୁଡିଆ ଦେହୁରୀ ସାହିରରେ ନଦୀବଢ଼ି ବନ୍ୟା ପାଣିରେ କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟିଥିଲେ ।

# ମୋହନା ଅଞ୍ଚଳରେ ଚୋରଙ୍କ ଉପଦ୍ରବ
## ସିସିଟିଭିରେ କଏଦ ହେଲା ମହିଳାଙ୍କ ଚୋରି ଭିଡିଓ



**ମୋହନା (ଅମୃତ ମିଡିଆ) :** ମୋହନାରେ କିଛିଦିନ ହେଲା ଠାକୁରାଣୀ ମନ୍ଦିରରୁ ମା'ଙ୍କ କିରଟି ସହ ଅନ୍ୟାନ୍ୟ ଜିନିଷ ଚୋରି ହୋଇଥିଲା । ଏହାସହ ପାନୀୟ ଜଳ ଯୋଗାଣ ପମ୍ପ ହାଉସରୁ ବିଦ୍ୟୁତ ତାର ଚୋରି ହୋଇଥଲା । ଏହାରି ଭିତରେ ଆଉ ଏକ ଚୋରି ଘଟଣା ସାମ୍ନାକୁ ଆସିଛି । ମୋହନା ବଜାରରେ ଦିନ ଦ୍ୱିପ୍ରହରରେ ଏକ ଦୋକାନରୁ ପ୍ରେସର କୁକର ଚୋରି ଘଟଣାର ସିସିଟିଭି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଭିଡିଓରେ ଜଣେ ମହିଳା ଅତ୍ୟନ୍ତ ଚତୁରତାର ସହ ପ୍ରେସର କୁକର ନେଇ ଯାଉଥିବା ଦୃଶ୍ୟ କଏଦ ହୋଇଛି । କିଛିଦିନ ହେଲା ମୋହନା ଅଞ୍ଚଳରେ ଚୋରଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି । ଘଟଣାରେ ତାଙ୍କ ସହ ଜଣେ ପୁରୁଷ ମଧ ଥିବା ଦେଖାଯାଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ମହିଳାଙ୍କ ସ୍ୱାମୀ ବୋଲି ସନ୍ଦେହ କରୁଛନ୍ତି । ମୋହନା ବଜାର ସ୍ଥିତ ଏକ ଦୋକାନରେ ଘଟିଥିବା ଏହି ଚୋରି ଘଟଣା ସିସିଟିଭି କ୍ୟାମେରାରେ ସ୍ପଷ୍ଟ ଭାବେ କଏଦ ହୋଇଛି । ଘଟଣାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ବ୍ୟାପକ ଭାବେ ଭାଇରାଲ ହେଉଥିବା ବେଳେ ଯାହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି । ଦୋକାନୀ ଏବଂ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରିଛନ୍ତି ।

# ସୋରଡ଼ା ବ୍ଲକରେ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ




**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ଉଦୟନାଥ ସ୍ମାରକୀ ବିଦ୍ୟାପୀଠ, କୁଲାଙ୍ଗୀ ଠାରେ ସୋରଡ଼ା ବ୍ଲକର ସାମ୍ବିଧାନିକ ସମ୍ମିଳନୀ ବ୍ଲକ ସଭାପତି ତଥା ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଷ୍ଟା ଜିଲ୍ଲା କର୍ମକର୍ତ୍ତା ଦିଲ୍ଲିପ କୁମାର ପ୍ରଧାନ, ରାମଚନ୍ଦ୍ର ପୋଲାଇ, କେଦାରନାଥ ପଟ୍ଟନାୟକ, ବଳରାମ ବାରିକ, ସୁଧୀର କୁମାର ସେଠି, ସନ୍ତୋଷ କୁମାର ଜେନା, ବିଜୟ କୁମାର ବେହେରା, ଭିକାରୀ ଚରଣ ଗୌଡ଼ ଓ ପ୍ରଧାନଶିକ୍ଷକ ପତିତ ପାବନ ଖୁଣ୍ଟିଆ ଯୋଗଦେଇ ଓଷ୍ଟାର ବିଭିନ୍ନ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ପାଇଁ ଶିଶୁ ଉତ୍ସବ, ମେଧାବୃତ୍ତି ପରୀକ୍ଷା, ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଓ ସରକାରଙ୍କ ପାଖରେ ତାର ନ୍ୟାୟଯୁକ୍ତ ଉପସ୍ଥାପନା ସହ ଓଷ୍ଟାର ଟେଷ୍ଟ ପେପର ଉପରେ ବକ୍ତବ୍ୟ ରଖିଥିଲେ । ସୋରଡ଼ା ବ୍ଲକରେ ପଦୋନ୍ନତି ପାଇ ଯୋଗଦେଇଥିବା କିଛି ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସହ ଅବସର ନେଇଥିବା କିଛି ପ୍ରଧାନଶିକ୍ଷକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆସନ୍ତା ତିନି ବର୍ଷ ପାଇଁ କର୍ମକର୍ତ୍ତା ଚୟନ ସର୍ବସମ୍ମତି କ୍ରମେ କରାଯାଇଥିଲା । ଏଥିରେ ସଭାପତି ଭାବେ ଗୋପାଳ କୃଷ୍ଣ ପ୍ରଧାନ, ଉପସଭାପତି ଭାବେ ମନ୍ଦାକିନୀ ଗୌଡ଼, ଅଶୋକ କୁମାର ମାଲବିଷୋୟୀ, ମୁକୁନ୍ଦ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଭାବେ ପ୍ରିୟ ଦର୍ଶନ ପ୍ରଧାନ, ଯୁଗ୍ମ ସମ୍ପାଦକ ଭାବେ ବୈଷ୍ଣବୀ ପ୍ରଧାନ, ମିନତୀ ରାଣୀ ଜେନା, ସୁକାନ୍ତ କୁମାର ଦାସ, ଜିଲ୍ଲା ସଭ୍ୟଭାବେ ପ୍ରଦୀପ କୁମାର ସାହୁ, ଶ୍ୟାମଘନ ଗୌଡ଼, ରାମଚନ୍ଦ୍ର ବାହିନୀପତି,ରାଜ୍ୟ ସଭ୍ୟ ଭାବେ ପ୍ରଦ୍ୟୁମ୍ନ ରାଉତ ଓ ଦୁର୍ଗାମାଧବ ଷଡ଼ଙ୍ଗୀ ମନୋନୀତ କରାଯାଇଛି । ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିବ୍ୟ ଶଙ୍କର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବହୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ ପରିଚାଳନା ସହିତ ସହଯୋଗ କରିଥିଲେ ।

# ଦନ୍ତା ଆକ୍ରମଣରେ ଚାଷୀ ମୃତ
## ଉଜୁଡ଼ିଲା ସଂସାର, ଘର ଚଳାଇବା କଷ୍ଟକର

**ଜି.ଉଦୟଗିରି (ଅମୃତ ମିଡିଆ):** କନ୍ଧମାଳ ଜିଲା ଜି.ଉଦୟଗିରି ବନାଞ୍ଚଳ ଅନ୍ତର୍ଗତ ଡଙ୍ଗାଏଜୁ ଗ୍ରାମର ସିରାପାଦେରୀ ନିକଟରେ ଦନ୍ତାହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି । କିଛି ମାସର ବ୍ୟବଧାନ ପରେ ପୁଣିଥରେ ଏହି ଅଞ୍ଚଳରେ ହାତୀ ଆତଙ୍କ ବ୍ୟାପିଯାଇଥିବାରୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି । ମୃତ ଚାଷୀ ଜଣକ ହେଲେ ଡଙ୍ଗାଏଜୁ ଗ୍ରାମର ପ୍ରଦୀପ ପ୍ରଧାନ । ମଙ୍ଗଳବାର ରାତି ପ୍ରାୟ ୮ରୁ ୯ଟା ମଧ୍ୟରେ ପ୍ରଦୀପ ନିଜ ଜମିରେ ଚାଷ କାମ ସାରି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଘରକୁ ଫେରୁଥିଲେ । ସିରାପାଦେରୀ ନିକଟସ୍ଥ ମୁଖ୍ୟ ରାସ୍ତାରେ ହଠାତ୍ ଏକ ଦନ୍ତାହାତୀ ସାମ୍ନାରେ ପଡ଼ିଯିବାରୁ ସାଙ୍ଗରେ ଥିବା ବ୍ୟକ୍ତି ଜଣକ ଦୌଡ଼ି ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ ହେଁ, ପ୍ରଦୀପ ହାତୀ କବଳରୁ ବର୍ତ୍ତି ପାରି ନ ଥିଲେ । ଦନ୍ତା ଆକ୍ରମଣରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ସାଙ୍ଗରେ ଥିବା ବ୍ୟକ୍ତି ଜଣକ ଭୟଭୀତ ଅବସ୍ଥାରେ ଗ୍ରାମକୁ ଦୌଡ଼ି ଯାଇ ପରିବାରବର୍ଗଙ୍କୁ ଜଣାଇବା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ରାତିରେ ପ୍ରବଳ ବର୍ଷା ଓ ଅନ୍ୟାନ୍ୟ କାରଣରୁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିପାରି ନ ଥିଲେ ମଧ ବୁଧବାର ସକାଳେ ଅଧିକାରୀମାନେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ପ୍ରଦୀପଙ୍କ ଅକାଳ ବିୟୋଗରେ ତାଙ୍କ ପରିବାରର ସଂସାର ଉଜୁଡ଼ି ଯାଇଥିବାବେଳେ "ଘର ଚଳେଇବା ଏବେ କଷ୍ଟକର" ହୋଇପଡ଼ିଛି ବୋଲି ମୃତକଙ୍କ ସ୍ତ୍ରୀ କାନ୍ଦି କାନ୍ଦି କହିଛନ୍ତି । ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରିବା ଏବଂ ହାତୀ ଆସିବା ସମ୍ପର୍କ ସଚେତନତା ସୃଷ୍ଟି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ଜି.ଉଦୟଗିରି ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ମିଳିବାକୁଥିବା ଅନୁକମ୍ପା ରାଶି ଯଥାଶୀଘ୍ର ପ୍ରଦାନ କରାଯିବ ।

# ଗଞ୍ଜେଇ ଚୋରା ଚାଲାଣ
## ଦାରିଙ୍ଗବାଡିରୁ ୨ ଅଭିଯୁକ୍ତଙ୍କୁ ବାନ୍ଧିଲା ମୁମ୍ବାଇ ପୋଲିସ



**ଦାରିଙ୍ଗବାଡି (ଅମୃତ ମିଡିଆ) :** କନ୍ଧମାଳ ଜିଲାରୁ ଗଞ୍ଜେଇ ଚୋରାଚାଲାଣ ଏବେ ଆଉ କେବଳ ରାଜ୍ୟ ମଧରେ ସିମିତ ହୋଇ ରହିନାହିଁ । କନ୍ଧମାଳରୁ ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଛି । ଗଞ୍ଜେଇ ଚୋରାଚାଲାଣ କରିଥିବା ଅଭିଯୋଗରେ ଦାରିଙ୍ଗବାଡି ଥାନା ଅଞ୍ଚଳରୁ ୨ଜଣଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି । ଗିରଫ ବ୍ୟକ୍ତି ହେଲେ ଉକ୍ତ ଥାନା ଶ୍ରାନିକେତା ଦଣ୍ଡିମା ଗ୍ରାମର ବିଦ୍ୟାଧର ନାୟକ ଏବଂ ପର୍ତ୍ତମାହା ପଞ୍ଚାୟତ ସୁଜାମାଜୁ ଗ୍ରାମର ଶ୍ରୀକାନ୍ତ ପ୍ରଧାନ । ଏନେଇ ଦାରିଙ୍ଗବାଡି ଆଇଆଇସି ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି ।

ସୂଚନା ଅନୁସାରେ, ମୁମ୍ବାଇର କଲ୍ୟାଣ ରେଲୱେ ପୋଲିସ ଷ୍ଟେସନ ଅଞ୍ଚଳରେ ଗତ କିଛି ଦିନତଳେ ପୋଲିସ ୨୧ କେଜି ଗଞ୍ଜେଇ ଜବତ କରିଥିଲା । ଏଥିରେ ସମ୍ପୃକ୍ତି ଅଭିଯୁକ୍ତଙ୍କୁ ପଚରା ଉଚରା କରିବା ସମୟରେ ସେଠାକାର ପୋଲିସକୁ କନ୍ଧମାଳ ଜିଲାର ଦାରିଙ୍ଗବାଡି ଅଞ୍ଚଳର ୨ ଜଣ ଏହି ଗଞ୍ଜେଇ ଯୋଗେଇଥିବା ଜାଣିବାକୁ ପାଇଥିଲେ । ଏନେଇ କଲ୍ୟାଣ ରେଲୱେ ପୋଲିସ ଷ୍ଟେସନର ଆସିଷ୍ଟାଣ୍ଟ ପୋଲିସ ଇନ୍ସପେକ୍ଟର ପି. କେ ୱାନିକଙ୍କ ନେତୃତ୍ୱରେ ଏକ ଟିମ ଦାରିଙ୍ଗବାଡି ଅଞ୍ଚଳରେ ପହଞ୍ଚି ଦାରିଙ୍ଗବାଡି ପୋଲିସର ସହାୟତାରେ ୨ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ । ୨ ଅଭିଯୁକ୍ତଙ୍କୁ ଦାରିଙ୍ଗବାଡି ପ୍ରଥମଶ୍ରେଣୀ ବିଚାରବିଭାଗରେ ହାଜର କରାଇ ସେଠାରୁ ରିମାଣ୍ଡରେ ମୁମ୍ବାଇ ପୋଲିସ ୨ ଜଣଙ୍କୁ ମୁମ୍ବାଇ ନେଇଥିବା ସ୍ଥାନୀୟ ପୋଲିସ ପକ୍ଷରୁ କୁହାଯାଇଛି । ମୁମ୍ବାଇରେ ଏନେଇ କେଶ ନଂ (୬୮୨/୨୬) ରେ ମାମଲା ରୁଜୁ ହୋଇଥିବା ମୁମ୍ବାଇ ପୋଲିସ କହିଛି ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ପାଟଣା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ମହାନ୍ତ ଶୁକ୍ରବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ବିଦ୍ୟାଳୟ ସଭାଗୃହରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆୟୋଜିତ ସଭାରେ ଶିକ୍ଷାବିତ୍ ତଥା ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେଜ୍‌ଙ୍କ ଅଧ୍ୟକ୍ଷତାରେ ଅନଷ୍ଠିତ ସଭାରେ ମୁଖ୍ୟଅତିଥି ହବାବେ ମଲ୍ଲିପୋଷି ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ରତିକାନ୍ତ ସେଠୀ, ମୁଖ୍ୟବକ୍ତା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କେନ୍ଦୁଝର ଜିଲ୍ଲା ସମ୍ପାଦକ କମଳାକାନ୍ତ ପତି, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ମଧୁସ୍ମିତା ବାରିକ, କବୟିତ୍ରୀ ମଞ୍ଜୁବାଳା ମିଶ୍ର, ଶିକ୍ଷକ ଦେବେନ୍ଦ୍ର ମହାନ୍ତ, ଗୋପାଳ ମୋହନ ମାଝୀ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ ।



# ୩୧ କେଜି ଗଞ୍ଜେଇ ଜବତ, ୨ ଗିରଫ



**ବାଲୁଗାଁ (ଅମୃତ ମିଡିଆ) :** ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ଅଜିତ ପାତ୍ରଙ୍କ ତତ୍ତ୍ୱାବଧାନରେ ଶନିବାର ପୂର୍ବାହ୍ନରେ ବାଲୁଗାଁ ରେଳ ଷ୍ଟେସନ ରୋଡ ଓ କୁଲକୁଣ୍ଡେଇ ଛକ ଓଭର ବ୍ରିଜ ନିକଟରେ ଚଢ଼ାଉ କରି ୩୧ କେଜି ଗଞ୍ଜେଇ ଜବତ କରିବାସହ ଦୁଇ ଜଣଙ୍କୁ ଗିରଫ କରିଛି ବାଲୁଗାଁ ଅବକାରୀ ବିଭାଗ। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୩ ଲକ୍ଷ ୨୨ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ବାଲୁଗାଁ ଅବକାରୀ କେଶ ନଂ ୧୧୮/୨୬-୨୭ ଓ ଟାଙ୍ଗୀ ରେଞ୍ଜ ଅବକାରୀ କେଶ ନଂ ୪୩/୨୬-୨୭ରେ ପୃଥକ ଭାବେ ମାମଲା ରୁଜୁ କରି ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ବେରୁଆଁବାଡି ଗ୍ରାମର ଗଞ୍ଜେଇ ବେପାରୀ ଅଭିଯୁକ୍ତ ରାଜୁ ଗୌଡ଼ଙ୍କ (୪୪) ନିକଟରୁ ୨୧ କେଜି ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ ଓ ନଗଦ ୧୦ ହଜାର ଟଙ୍କା ଏବଂ ଛଟିନା ଜଗନ୍ନାଥପୁର ଗମର ବାଉରୀବନ୍ଧୁ ଜେନାଙ୍କ (୭୫) ନିକଟରୁ ୧୦ କେଜି ଗଞ୍ଜେଇ ଓ ଗୋଟିଏ ମୋବାଇଲ ଫୋନ ଜବତ କରିବାସହ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ଶ୍ରୀ ପାତ୍ର କହିଛନ୍ତି। ଉକ୍ତ ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ସୋମ୍ୟ ରଞ୍ଜନ ବେହେରା, ଏଏସଆଇ ରାମଚନ୍ଦ୍ର ଜେନା, କନେଷ୍ଟବଳ ରଞ୍ଜିତ ପଟେଲ, ସୁନିତା ମହାରଣା, ସତ୍ୟବନ୍ତ ମାଝି, ମନୋଜ କୁମାର ଜୟସିଂହ, ଅନିଲ କୁମାର ପ୍ରଧାନ, ସସ୍ମିତା ସେଠୀ ପ୍ରମୁଖ ସାମିଲ ଥିଲେ।

# ୨୧୦ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୂତନ ଜ୍ଞାନକୌଶଳ ପ୍ରଦର୍ଶିତ



**ଜୟପୁର (ଅମୃତ ମିଡିଆ) :** ଜୟପୁର ଶାରଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ଶନିବାର ଦିନ ଏକ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ, ଗଣିତ ଓ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସର୍ବପ୍ରଥମେ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଚାନ୍ଦିଲି ଉଚ୍ଚ ବିଦ୍ୟାଳୟର ବିଶିଷ୍ଟ ଗଣିତ ଶିକ୍ଷକ ସନ୍ତୋଷ କୁମାର ଶତପଥୀ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନିଜ ବକ୍ତବ୍ୟରେ ଶିଶୁଙ୍କୁ ବୈଜ୍ଞାନିକ ମାନସିକତା ରଖି ପ୍ରୟୋଗାତ୍ମକ ଚିନ୍ତାଧାରାର ବିକାଶ କରିବା ପାଇଁ ଉତ୍ସାହିତ କରିଥିଲେ। ଏହା ପରେ ବିଦ୍ୟାଳୟର ଶିଶୁ ଭଉଣୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି ଦିନିକିଆ କାର୍ଯ୍ୟକ୍ରମ କୋମଳମତି ଶିଶୁମାନଙ୍କୁ ସେମାନଙ୍କର ଶିକ୍ଷାଗତ ଓ ସୃଜନଶୀଳ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ସୁନ୍ଦର ମାଧ୍ୟମ ଯୋଗାଇ ଦେଇଥିଲା। ଏହି ପ୍ରଦର୍ଶନୀରେ ବିଜ୍ଞାନର ପରୀକ୍ଷାମୂଳକ ମଡେଲ, ଶିକ୍ଷାଭିତ୍ତିକ ସେମିନାର, ଗଣିତ ଆଲୋଚନାଚକ୍ର, କୁଇଜ୍ (ପ୍ରଶ୍ନୋତ୍ତର) ଏବଂ ଚିତ୍ରକଳା ଓ ହସ୍ତଶିଳ୍ପ ପ୍ରତିଯୋଗିତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ସ୍ଥାନ ପାଇଥିଲା। ଏହି ବିଭିନ୍ନ ବର୍ଗର ପ୍ରତିଯୋଗିତା ପିଲାମାନଙ୍କୁ ନିଜର ପାଠ୍ୟପୁସ୍ତକ ଜ୍ଞାନକୁ ବାସ୍ତବ ଦୁନିଆର ପ୍ରୟୋଗାତ୍ମକ ଚିନ୍ତାଧାରାରେ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲା। ସ୍ଥାନୀୟ ଅଞ୍ଚଳର ୨୬ ଜଣ ଜଣାଶୁଣା ଶିକ୍ଷକ, କଲେଜ ଅଧ୍ୟାପକ ଓ ଗବେଷକମାନଙ୍କୁ ନେଇ ଗଠିତ ଏକ ବିଚାରକ ମଣ୍ଡଳୀ ବିଭିନ୍ନ ଅଧିବେଶନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ମଡେଲ ଏବଂ ପ୍ରଦର୍ଶନର ମୂଲ୍ୟାଙ୍କନ କରିଥିଲେ। ଶେଷରେ ଏକ ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ସମାରୋହ ସହିତ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା, ଯେଉଁଠାରେ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ନିଜ ନିଜ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଆଗାମୀ ବ୍ଲକ (ସଂକୁଳ) ସ୍ତରୀୟ ପ୍ରତିଯୋଗିତାରେ ବିଦ୍ୟାଳୟର ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ଏବଂ ସେବକ ସେବିକା ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ।

# ଶ୍ରେଷ୍ଠତା ସମ୍ମିଳନୀରେ ଏ୧ ଗ୍ରେଡପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଖୋର୍ଦ୍ଧା (ଅମୃତ ମିଡିଆ) :** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ଅଧିକାରୀ,ଖୋର୍ଦ୍ଧା ଦ୍ୱାରା ଆୟୋଜିତ ଶ୍ରେଷ୍ଠତା ସମ୍ମିଳନୀରେ ଏ୧ ଗ୍ରେଡ ପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଓ ପ୍ରଧାନ ଶିକ୍ଷକମାନଙ୍କ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦକ୍ଷତା ବିକାଶ ଅନୁଷ୍ଠାନ ତରାବୋଇଠାରେ ଅନୁଷ୍ଠିତ ଶ୍ରେଷ୍ଠତା ସମ୍ମିଳନୀ ୨୦୨୬ ଉଦ୍ଘାଟନ ଉତ୍ସବରେ ଆବାହକ ସୋନମିକା ରାୟ, ଜିଲ୍ଲା ଶିକ୍ଷା ଅଧିକାରୀ, ଖୋର୍ଦ୍ଧା ପ୍ରଥମେ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଉଦ୍ଘାଟନ ଉତ୍ସବରେ ସଭାପତି ଭାବେ ଜିଲ୍ଲାପାଳ ଅମୃତ ଋତୁରାଜ, ମୁଖ୍ୟ ଅତିଥିଭାବେ ପୃଥ୍ୱୀରାଜ ହରିଚନ୍ଦନ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ, ମୁଖ୍ୟବକ୍ତା ଭାବେ ପ୍ରଶାନ୍ତ କୁମାର ଜଗଦେବ, ବିଧାୟକ ଖୋର୍ଦ୍ଧା ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ, ସମ୍ମାନିତ ଅତିଥି ଭାବେ ବିଭୂତି ଭୂଷଣ ବଳବନ୍ତରାୟ, ବିଧାୟକ ଜଟଣୀ ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିବା ସହ ୧୮୨ ଜଣ ଏ୧ ଗ୍ରେଡ ପ୍ରାପ୍ତ ଛାତ୍ରଛାତ୍ରୀ ତଥା ୧୦୦% ଉତ୍ତୀର୍ଣ୍ଣ ହାର ଥିବା ବିଦ୍ୟାଳୟର ୨୧ ଜଣ ପ୍ରଧାନଶିକ୍ଷକମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ହରିଚନ୍ଦନ ପ୍ରେରଣା ଦେଇ ଶୃଙ୍ଖଳିତ ଜୀବନ ଶୈଳୀକୁ ପ୍ରାଧାନ୍ୟ ଦେଇଥିଲେ ଓ ପ୍ରତି ଶୁଭ ଅବସରରେ ବୃକ୍ଷରୋପଣ କରିବା ସହ ଯତ୍ନ ନେବାକୁ କହିଥିଲେ। ସଭାପତି ଶ୍ରୀ ଋତୁରାଜ ଆତ୍ମ ଜୀବନ ମାଧ୍ୟମରେ ସଫଳ ହେବାକୁ ନିରବଚ୍ଛିନ୍ନ ପରିଶ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ସମ୍ମିଳନୀର ପ୍ରଥମ ଅଧିବେଶନରେ ଶ୍ରେଷ୍ଠତା ସମ୍ମିଳନୀ ଉଦ୍ଘାଟନ, 'ଆମ ତାରକା- ସଫଳତାର କଥା' ଉନ୍ମୋଚନ, ଏ୧ ଗ୍ରେଡ ପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ତତ୍ପରେ ଆସିଥିବା ପିତାମାତା ଓ ଅଭିଭାବକ, ଛାତ୍ରଛାତ୍ରୀଙ୍କ ସହ ଦକ୍ଷତା ବିକାଶ ଅନୁଷ୍ଠାନ କ୍ଷେତ୍ର ପରିଭ୍ରମଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସମଗ୍ର ଜିଲ୍ଲାର ୨୯୧ ଜଣ ପ୍ରଧାନଶିକ୍ଷକଙ୍କ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଦଶମ ଶ୍ରେଣୀ ନିମନ୍ତେ ଅଭିନବ ଓ ଉନ୍ନତ ଶୈକ୍ଷିକ କାର୍ଯ୍ୟକ୍ରମ ଜଇଓଫର ୨.୦ର ଉଦ୍ଘାଟନ କରାଯାଇଥିଲା। ସମଗ୍ର ଶିକ୍ଷାର ବିଭିନ୍ନ ଯୋଜନା, ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମ ଆଲୋଚିତ ହୋଇଥିଲା। ଏହି ଅଧିବେଶନରେ ୧୧ ଟି ବିଦ୍ୟାଳୟକୁ ବ୍ଲକ୍ ଶ୍ରେଷ୍ଠ ଶିକ୍ଷାର୍ଥୀ ପ୍ରାପ୍ତ ବିଦ୍ୟାଳୟ ଭାବେ, ୨୧ଟି ବିଦ୍ୟାଳୟ, ୧୦୦ % ପାସ୍ ହାସଲ କରିଥିବା ବିଦ୍ୟାଳୟ, ୭୭ ଟି ଏ୧ ହାସଲ କରିଥିବା ବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମି ବାଳା ପରିଡ଼ା ଓ ବିଜୟ ବେହେରାଙ୍କ ସହ ସରୋଜ କୁମାର ସିଂହ, ନକୁଳ କୁମାର ମଲ୍ଲିକ୍, ବିଭୁ ପ୍ରସାଦ ସେନାପତି, ଅଜୟ କୁମାର ବରାଡ଼, ତୋଫାନ କୁମାର ରାଉତରାୟ, ଶଙ୍କର ପ୍ରଧାନ, ପ୍ରିୟଙ୍କା ରଥ, ଯୁଧିଷ୍ଠିର ସାହୁ, ଗୀତାଞ୍ଜଳି ସାହୁ, ରେବତୀ ପଣ୍ଡା ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂର୍ଯ୍ୟ ପ୍ରଭା ସଂସ୍ଥା, ସାଇ ଅନ୍ତର୍ଜାତୀୟ ବିଦ୍ୟାଳୟ, ଆଦ୍ୟନ୍ତ- ଆକାଶ, ଇଷ୍ଟ କଲେଜ ସହାୟତା ପ୍ରଦାନ କରିଥିଲେ।

# ଉପାଧ୍ୟକ୍ଷଙ୍କ ଅଫିସ୍‌ରୁ କାଢ଼ିନେଲେ ନାମଫଳକ

## ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଚୌଦ୍ୱାର ପୌରପାଳିକାର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ତାଙ୍କ ସରକାରୀ ଅଫିସ୍ ଚାମ୍ବରରୁ ନାମଫଳକ ଓ ଆସବାବପତ୍ର କାଢ଼ି ଦିଆଯାଇଥିବା ଅଭିଯୋଗ ଆଣି ନିର୍ବାହୀ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ ହୋଇଛି। ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଗତ ପ୍ରାୟ ୪ ବର୍ଷ ୩ମାସ ଧରି ପୌରପାଳିକା ପକ୍ଷରୁ ପ୍ରଦତ୍ତ ଉପର ମହଲାର ସରକାରୀ ଚାମ୍ବରରେ ସେ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଥିଲେ। ତେବେ ଶୁକ୍ରବାର ସେ ଅଫିସ୍ ?ରେ ପହଞ୍ଚିବା ପରେ ଦେଖିଥିଲେ ଯେ ଚାମ୍ବରରୁ ଚେୟାର ସମେତ ଆସବାବପତ୍ର ଅନ୍ୟତ୍ର ପୌରାଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସ୍ଥାନାନ୍ତର କରାଯାଇଛି ବୋଲି ଜଣାପଡିଛି ଏବଂ ବାହାରେ ଲାଗିଥିବା ତାଙ୍କ ନାମଫଳକକୁ ମଧ୍ୟ କାଢ଼ି ଦିଆଯାଇଛି। ଏହାସହ ଚାମ୍ବରରେ ଥିବା ଟେବୁଲ୍ କ୍ଲଥ୍, ଟାଓଏଲ୍ ଓ କିଛି ଅଫିସିଆଲ୍ କାଗଜପତ୍ର ମଧ୍ୟ ଅବ୍ୟବସ୍ଥିତ ଅବସ୍ଥାରେ ପଡ଼ିଥିଲା।ସାମଲ ଏହାକୁ ଉପାଧ୍ୟକ୍ଷ ପଦର ମର୍ଯ୍ୟାଦା କ୍ଷୁଣ୍ଣ କରିବା ସହ ପୌର ଆଇନର ପରିପନ୍ଥୀ ବୋଲି ଦାବି କରିଛନ୍ତି। ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବା ସହ ଉପାଧ୍ୟକ୍ଷ ପଦର ମର୍ଯ୍ୟାଦା ସୁରକ୍ଷିତ ରଖିବାକୁ ସେ ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରିଛନ୍ତି। ପୌରପାଳିକାରେ ଚାଲିଛି ରାଜନୈତିକ ଆଖଡ଼ା କାଦୁଅ ଫୋପାଡ଼ି ଅନ୍ୟକୁ ନୀଚା ଦେଖାଇବା ରେ ସମୟ ବିତୁଛି, କିନ୍ତୁ ଅଂଚଳର ବନ୍ୟା କଥା କୁହ କି ଭତା କଥା କୁହ ସେଥିପାଇଁ ସମୟ ନାହିଁ ବୋଲି ଆଲୋଚନା ହେଉଛି।

# ପୁରୀ-କୋରାପୁଟ ଟ୍ରେନ୍ ଜୟପୁର ଯାଏଁ ସଂପ୍ରସାରଣ ଦାବି

**ଜୟପୁର (ଅମୃତ ମିଡିଆ) :** ଗତ ମାସରୁ ଯାତ୍ରୀସେବା ଆରମ୍ଭ କରିଥିବା ପୁରୀ-କୋରାପୁଟ ଏକ୍ସପ୍ରେସ୍ ଟ୍ରେନ୍କୁ ଜୟପୁର ଯାଏଁ ସଂପ୍ରସାରଣ କରିବା ନେଇ ଦାବି ଉଠିଛି। ଏହି ଦାବିକୁ ଦୃଢ଼ତାର ସହ ଉଠାଇଛନ୍ତି ନବରଙ୍ଗପୁରର ପୂର୍ବତନ ସାଂସଦ ପ୍ରଦୀପ ମାଝି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ, ଏହି ଟ୍ରେନ୍ଟି ସପ୍ତାହରେ ତିନି ଦିନ ସେବା ଦେଉଛି ତାହା ପୁଣି କୋରାପୁଟ ଷ୍ଟେସନ୍ ଠାରୁ ଅବେଳରେ। ଟ୍ରେନ୍ଟିର କୋରାପୁଟରେ ପହଂଚିବା ସମୟ ରାତ୍ର ୧୧.୩୦ମି ରହିଥିବା ବେଳେ ଯେଉଁ ଯାତ୍ରୀମାନେ ନବରଙ୍ଗପୁର, ମାଲକାନଗିରି ଜିଲ୍ଲା ସହ ଜୟପୁର ଆସୁଥିବେ ରାତ୍ରରେ ଓହ୍ଲାଇ କେଉଁଠି ଏବଂ କେଉଁ ସାଧନରେ ଷ୍ଟେସନ୍ରୁ ଫେରିବେ, ସେ ସଂପର୍କରେ ରେଳ ବିଭାଗ ଚିନ୍ତା କରିବାର ଥିଲା। ତତ୍ସହ ଏହା ପୁରୀ ଅଭିମୁଖେ ବାହାରିବା ସମୟ ମଧ୍ୟ ସକାଳ ୫ଟା ଥିବା ବେଳେ କିଭଳି ଜୟପୁର ଯାତ୍ରୀ ଷ୍ଟେସନ୍ରେ ପହଂଚିବେ ବୋଲି ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହାକୁ ଜୟପୁର ଯାଏଁ ସଂପ୍ରସାରଣ କରିବାକୁ ସେ ଦାବି ରଖିବା ସହ ଏହା ମାଧ୍ୟମରେ ନବରଙ୍ଗପୁର ଏବଂ ମାଲକାନଗିରି ଯାତ୍ରୀ ଉପକୃତ ହେବେ ବୋଲି ସେ କହିଛନ୍ତି। ତତ୍ସହ ସେ ଦର୍ଶାଇଛନ୍ତି ଯେ, ଆମ ଅବିଭକ୍ତ ଜିଲ୍ଲାକୁ ଦିନ ବେଳା ପୁରୀ ଟ୍ରେନ୍ ଆବଶ୍ୟକ ଥିଲା। କିନ୍ତୁ ତାହା ନୁହଁ ଯେ, ଏହା ସପ୍ତାହରେ ତିନି ଦିନ ଚାଲିବ। ତୁରନ୍ତ ରେଳ ବିଭାଗ ଏହାକୁ ଦୈନିକ ଘୋଷଣା ସହ ପୁରୀ ଛାଡ଼ିବା ସମୟ ସକାଳ ୭ଟା ପରିବର୍ତ୍ତେ ଭୋର୍ ୪ଟା କରିବାକୁ ସେ କହିଛନ୍ତି। ଯଦ୍ୱାରା ଟ୍ରେନ୍ଟି ରାତ୍ର ୮ଟାରେ କୋରାପୁଟରେ ପହଂଚିଲେ ଯାତ୍ରୀମାନଙ୍କ ସୁବିଧା ହେବ ବୋଲି ସେ ଯୁକ୍ତି ରଖିଛନ୍ତି।

# ୨୦ଟିକିଆ ହାତୀପଲର ସବୁ ହାତୀଙ୍କ ଗୋଡ଼ ଦବିଥିଲା

## ଦନ୍ତାହାତୀ ଫସିବା ଘଟଣାରେ ବନ ବିଭାଗର ସ୍ପଷ୍ଟୀକରଣ



### ନିର୍ଯାତନାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

### ହାତୀପଲଙ୍କୁ ସୁରକ୍ଷା ଦେବାରେ ବିଫଳ ରେଞ୍ଜର

**ବାରିପଦା/ସାହାରପଡା (ଅମୃତ ମିଡିଆ) :** କେନ୍ଦୁଝର ବନଖଣ୍ଡ, ପାଟଣା ବନାଞ୍ଚଳର ବାଉଁଶୁଳି ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତା ହାତୀ କାଦୁଅ ମାଟିରେ ଫସିଯାଇଥିବା ଘଟଣାକୁ ନେଇ ସୋସିଆଲ ମିଡିଆରେ ଭାଇରାଲ ଭିଡିଓ ପରେ ସୃଷ୍ଟି ହୋଇଥିବା ଚର୍ଚ୍ଚା ମଧ୍ୟରେ ବନ ବିଭାଗ ପକ୍ଷରୁ ବିସ୍ତୃତ ସ୍ପଷ୍ଟୀକରଣ ଦିଆଯାଇଛି। ବିଭାଗ କହିଛି ଯେ, ଘଟଣାସ୍ଥଳରେ କୌଣସି ଗାତ ଖୋଳାଯାଇନଥିଲା। ଲଗାଣ ବର୍ଷା ଯୋଗୁଁ ଜଙ୍ଗଲ ଭିତରେ ଜଳ ଜମି ମାଟି ଅତ୍ୟଧିକ ନରମ ଓ କାଦୁଅ ହୋଇଯାଇଥିବାରୁ ସେହି ରାସ୍ତା ଦେଇ ଯାଉଥିବା ୨୦ ଟିକିଆ ହାତୀପଲର ଅଧିକାଂଶ ହାତୀଙ୍କ ଗୋଡ଼ ମାଟିରେ ଦବିଯାଇଥିଲା। ବନ ବିଭାଗର ସୂଚନା ଅନୁସାରେ, ହାତୀପଲରେ ଥିବା ଦନ୍ତା ହାତୀର ଓଜନ ଅଧିକ ଥିବାରୁ ସେ ଅନ୍ୟ ହାତୀଙ୍କ ତୁଳନାରେ ଅଧିକ ଗଭୀର ଭାବେ କାଦୁଅରେ ଫସିଯାଇଥିଲା ଏବଂ ବାହାରିବା ପାଇଁ ଦୀର୍ଘ ସମୟ ଧରି ସଂଘର୍ଷ କରୁଥିଲା। ପରବର୍ତ୍ତୀ ସମୟରେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ପ୍ରକାର ଚର୍ଚ୍ଚା ଓ ଅଭିଯୋଗ ସାମ୍ନାକୁ ଆସିଥିଲା। ବନ ବିଭାଗ ଆହୁରି କହିଛି ଯେ, ହାତୀଟି ସଙ୍କଟରେ ଥିବା ସମୟରେ କିଛି ବ୍ୟକ୍ତି ସହାୟତା କରିବା ପରିବର୍ତ୍ତେ ହୋ-ହଲ୍ଲା କରିବା ସହ ବାଡ଼ି ଓ ପଥର ଫିଙ୍ଗି ହାତୀକୁ ଭୟଭୀତ କରିଥିବାର ଅଭିଯୋଗ ରହିଛି। ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଅନୁଯାୟୀ ହାତୀ ପରି ସଂରକ୍ଷିତ ବନ୍ୟଜନ୍ତୁଙ୍କୁ ଆକ୍ରମଣ, ନିର୍ଯାତନା କିମ୍ବା ଏପରି କାର୍ଯ୍ୟକୁ ଉତ୍ସାହିତ କରିବା ଦଣ୍ଡନୀୟ ଅପରାଧ ବୋଲି ବିଭାଗ ସ୍ପଷ୍ଟ କରିଛି। ଘଟଣାସ୍ଥଳ ପରିଦର୍ଶନ ବେଳେ ପ୍ରାୟ ୧୦୦ ମିଟରରୁ ଅଧିକ ଅଞ୍ଚଳରେ ହାତୀପଲର ପାଦଚିହ୍ନ ଓ ମାଟିରେ ଦବିଯାଇଥିବା ସ୍ପଷ୍ଟ ଚିହ୍ନ ମିଳିଥିବା ବନ ବିଭାଗ ସୂଚନା ଦେଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ କେବଳ ଗୋଟିଏ ଦନ୍ତା ହାତୀ ନୁହେଁ, ପ୍ରାୟ ସମଗ୍ର ହାତୀପଲ କାଦୁଅ ମାଟିରେ ଫସିଫସି ଆଗକୁ ବଢ଼ିଥିଲେ। ଓଜନ ଅଧିକ ଥିବାରୁ ଦନ୍ତା ହାତୀର ସ୍ଥିତି ଅଧିକ ଗୁରୁତର ହୋଇଥିଲା। ବର୍ତ୍ତମାନ ହାତୀଟି ସୁସ୍ଥ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ, ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ହାତୀ-ମଣିଷ ସଂଘର୍ଷ ଘଟୁଥିବାରୁ ପାଟଣା ବନାଞ୍ଚଳର କାର୍ଯ୍ୟପ୍ରଣାଳୀକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। କେତେକ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି ଯେ, ହାତୀପଲର ଚଳପ୍ରଚଳ ଓ ଆକ୍ରମଣ ସମ୍ପର୍କିତ ସୂଚନା ଥିଲେ ମଧ୍ୟ ପ୍ରଭାବଶାଳୀ ପଦକ୍ଷେପ ସମୟରେ ନିଆଯାଉନାହିଁ। ତେବେ ଏହି ଅଭିଯୋଗ ଉପରେ ବନ ବିଭାଗର ସ୍ୱତନ୍ତ୍ର ପ୍ରତିକ୍ରିୟା ମିଳିନାହିଁ। ଭାଇରାଲ ଭିଡିଓକୁ ଆଧାର କରି ହାତୀକୁ ନିର୍ଯାତନା ଦେଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବନ୍ୟପ୍ରେମୀ, ପରିବେଶବିତ୍ ଏବଂ ସାଧାରଣ ଲୋକ ଦାବି କରିଛନ୍ତି। ଏହାସହ ବନ୍ୟଜନ୍ତୁ ସୁରକ୍ଷା, ଜଙ୍ଗଲ ଅଞ୍ଚଳରେ ନଜରଦାରି ବୃଦ୍ଧି ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବନ ବିଭାଗ ଅଧିକ ସକ୍ରିୟ ପଦକ୍ଷେପ ନେବାକୁ ମଧ୍ୟ ଦାବି ଜୋର ଧରିଛି।



# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

## ଖସୁଛି...

ପଶିବା ପରେ ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି ୫ଟି ଗାଁର ଲୋକେ। ରାସ୍ତା ଅଣ୍ଟାଏ ଉଚ୍ଚର ପାଣି ଜମିଥିବାରୁ ଲୋକେଙ୍କ ଡଙ୍ଗାର ବ୍ୟବସ୍ଥା କରିଛି ପ୍ରଶାସନ।ତେଣେ ଦୟା ନଦୀର ଉଚ୍ଛୁଳା ଜଳ ପଶିବା ପରେ ପୁରୀ ଜିଲ୍ଲା କଣାସ ବ୍ଲକର କିଛି ପଞ୍ଚାୟତରେ ସୃଷ୍ଟି ହୋଇଛି ବନ୍ୟା ସ୍ଥିତି। ବନ୍ୟା ଜଳରେ ବୁଡ଼ି ରହିଛି ଘର, ଦ୍ୱାର, ସ୍କୁଲ, ମେଡିକାଲ ସବୁ କିଛି। ଏପଟେ ନିମାପଡ଼ା ବ୍ଲକର ୧୨ଟି ପଞ୍ଚାୟତବାସୀଙ୍କୁ ବନ୍ୟା ଯନ୍ତ୍ରଣା ଦେଇ ଧନୁଆ ନଦୀ।ସେହିଭଳି ଗୋପ ବ୍ଲକର ୧୫ ପଂଚାୟତର ଲୋକେ ବନ୍ୟା କ୍ଷତିଗ୍ରସ୍ତ ହେବାର ଆଶଙ୍କା ବଢ଼ିଛି। ଦେବୀ ନଦୀର କଣ୍ଟିଶାଳ ନଦୀବନ୍ଧକୁ ନେଇ ଭୟଭୀତ ନିଆଳି ବ୍ଲକର ନଈ କୂଳିଆ ବାସିନ୍ଦା। କଣ୍ଟିଶାଳରେ ବିପଦଶଙ୍କୁଳ ନଦୀ ବନ୍ଧ ପଥର ପ୍ୟାକିଂ ଧସିବା ପରେ ବାଲି ବସ୍ତା ପକାଇ ମରାମତି ପାଇଁ ଉଦ୍ୟମ କରୁଛି ପ୍ରଶାସନ।ପୂର୍ବ ଓ ଉପକୂଳ ଓଡ଼ିଶାରେ ବନ୍ୟା ଆଶାଙ୍କା ଭିତରେ ଆଶ୍ୱାସନା ଆଣିଛି ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା। ସେ କହିଛନ୍ତି, ଆଗକୁ ଆଉ ବର୍ଷା ନହେଲେ, ମହାନଦୀରେ ବନ୍ୟାର ଆଶଙ୍କା ନାହିଁ। ଦୁଇ ଦିନ ତଳେ ଫ୍ଲଡ୍ ପିକ୍ ଅବସ୍ଥାରେ ଥିଲା। ହେଲେ ହୀରାକୁଦ ବନ୍ଧ ସେ ବନ୍ୟାକୁ ରୋକିବାରେ ସଫଳ ହୋଇଛି।

## ପିଏମ...

ଯୋଗୁଁ ବିସ୍ଥାପିତ ପରିବାରଙ୍କ ସହାୟତା ପାଇଁ ୧୨୫ କୋଟି ଟଙ୍କା ଧାର୍ଯ୍ୟ ହୋଇଛି । ଏହି ନୂଆ ଆବାସ ପ୍ରକଳ୍ପଗୁଡ଼ିକରେ ସୌରଶକ୍ତି, ବର୍ଷାଜଳ ସଂରକ୍ଷଣ ସହ ଅଙ୍ଗନୱାଡ଼ି, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଖେଳପଡ଼ିଆ ଓ ପିଡିଏସ୍ କେନ୍ଦ୍ର ଭଳି ସୁବିଧା ରହିବ। ଅସହାୟ, ବଂଚିତ ଓ ଭିନ୍ନକ୍ଷମ ନାଗରିକଙ୍କୁ ଗୃହ ଆବଂଟନରେ ପ୍ରାଥମିକତା ଦିଆଯିବ।ସେହିପରି ରାଜ୍ୟର ଜନଜାତି ଓ ବିଶେଷ ଭାବେ ଆଦିମ ଜନଜାତି (ପିଭିଟିଜି) ପରିବାରଗୁଡ଼ିକର ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ପାଇଁ 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦'କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ଏହି ୫ ବର୍ଷୀୟା କାର୍ଯ୍ୟକ୍ରମ ପାଇଁ ୨୯୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହାଫଳରେ ରାଜ୍ୟର ୧୯ଟି ଜିଲ୍ଲାର ୧୩୪ଟି ବ୍ଲକରେ ପ୍ରାୟ ୮ ଲକ୍ଷ ପରିବାର ଉପକୃତ ହେବେ।ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀ ପରିବାରଙ୍କୁ ନିଜ ପସନ୍ଦର ଜୀବିକା ଚୟନ ସ୍ୱାଧୀନତା ସହ ଡିବିଟି ମାଧ୍ୟମରେ ସିଧାସଳଖ ୩୦ହଜାର ଟଙ୍କାର ଅନୁଦାନ ଦୁଇଟି କିସ୍ତିରେ ଯୋଗାଇ ଦିଆଯିବ। ପିଭିଟିଜି ଅଂଚଳର ଭିତ୍ତିଭୂମି, ଶିଶୁ ଯତ୍ନ କେନ୍ଦ୍ର ଓ ପୋଷଣ ପାଇଁ ୫୦୦ କୋଟି ଟଙ୍କାର ସ୍ୱତନ୍ତ୍ର ଫ୍ଲେକ୍ସି ଫଣ୍ଡ୍ ମଧ୍ୟ ରଖାଯାଇଛି। ରାଜ୍ୟ ସରକାର ଚାଷୀଙ୍କ ସୁବିଧା ପାଇଁ ପ୍ରଚଳିତ 'କୃଷି ଯନ୍ତ୍ରପାତି, ଉପକରଣ ଓ ଡିଜେଲ ପମ୍ପସେଟ୍ ଲୋକପ୍ରିୟକରଣ' ଯୋଜନାକୁ ଆଉ ୫ବର୍ଷ ନିମନ୍ତେ ସମ୍ପ୍ରସାରଣ କରିଛନ୍ତି। ଏବାବଦରେ ୨୨୦୦କୋଟି ଟଙ୍କା ବ୍ୟୟ କରାଯିବ ଓ ରାଜ୍ୟର ୩.୭୯ଲକ୍ଷ ଚାଷୀ ଟ୍ରାକ୍ଟର, ପାୱାର ଟିଲର, କମ୍ବାଇନ୍ ହାର୍ଭେଷ୍ଟର ଆଦି କ୍ରୟ ଉପରେ ସବସିଡି ପାଇପାରିବେ।ସେହିପରି ବ୍ୟବସାୟକୁ ସୁଗମ କରିବା ସହ ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ ଆଇନ-୨୦୧୭ରେ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଜିଏସଟି ପରିଷଦର ୫୬ତମ ବୈଠକର ସୁପାରିଶ ଆଧାରରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଯାହାଫଳରେ ଏଣିକି ବିକ୍ରୟ ପରବର୍ତ୍ତୀ ରିହାତି କ୍ଷେତ୍ରରେ ପୁରୁଣା ଇନଭଏସ୍ କିମ୍ବା ଚୁକ୍ତିନାମା ସହ ସଂଯୋଗ ନକରି ମଧ୍ୟ ଟିକସଦାତାମାନେ ସହଜରେ କ୍ରେଡିଟ୍ ନୋଟ୍ ଜାରି କରିପାରିବେ, ଯାହା ଆଇନଗତ ମାଲିମକଦ୍ଦମା ହ୍ରାସ କରିବ। ପ୍ରସ୍ତାବିତ ସଂଶୋଧନ ଉଭୟ 'ଜିରୋ ସପ୍ଲାଏ ଓ ଇନଭଟଡ୍ ଡ୍ୟୁଟି ଷ୍ଟ୍ରକଚର' କ୍ଷେତ୍ରରେ ପ୍ରୋଭିଜନାଲ ରିଫଣ୍ଡ ସୁବିଧା ମିଳିବା ଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକର ନଗଦ ଅର୍ଥ ସମସ୍ୟା ଦୂର ହେବ। ଏହା ବ୍ୟତୀତ ରପ୍ତାନି କ୍ଷେତ୍ରରେ ଟିକସ ରିଫଣ୍ଡ ପାଇଁ ଥିବା ଏକ ହଜାର ଟଙ୍କାର ସର୍ବନିମ୍ନ ସୀମାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି, ଯାହାଦ୍ୱାରା ଛୋଟ ସହର ଓ ଗ୍ରାମାଂଚଳର କ୍ଷୁଦ୍ର ରପ୍ତାନିକାରୀ, ଷ୍ଟାର୍ଟଅପ୍ ଓ କୁଟୀର ଶିଳ୍ପଗୁଡ଼ିକ ବିଶେଷ ଭାବେ ଉପକୃତ ହେବେ। ରାଜ୍ୟରେ ଭିତ୍ତିଭୂମି କ୍ଷେତ୍ରକୁ ଅଗ୍ରାଧିକାର ଦେଇ ରାଜ୍ୟ କ୍ୟାବିନେଟ୍ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରସ୍ତାବ କ୍ରମେ 'ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍୧୯୮୨'ର ସଂଶୋଧନ ବିଲ-୨୦୨୬କୁ ମଞ୍ଜୁରୀ ଦେଇଛନ୍ତି। 'ବିକଶିତ ଓଡ଼ିଶା' ପରିକଳ୍ପନା ଅନୁଯାୟୀ ଏକାଧିକ ଜିଲ୍ଲାକୁ ନେଇ ଅର୍ଥନୈତିକ କରିଡର ଗଠନ ପାଇଁ 'ଅର୍ଥନୈତିକ ଅଂଚଳ ଉନ୍ନୟନ କର୍ତ୍ତୃପକ୍ଷ' (ଇଆରଡିଏ) ସ୍ଥାପନ କରାଯିବ। କେନ୍ଦ୍ରୀୟ ବଜେଟରେ ସ୍ୱୀକୃତିପ୍ରାପ୍ତ ଦେଶର ୪ଟି ପ୍ରମୁଖ ସହରୀ ଅର୍ଥନୈତିକ ଅଂଚଳ ମଧ୍ୟରୁ ଓଡ଼ିଶାର 'ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳ' (ବିକେପିପିଇଆର)କୁ ରାଜ୍ୟର ପ୍ରଥମ ବିଜ୍ଞପିତ ଆର୍ଥିକ ଅଂଚଳ ଭାବେ ଗଠନ କରାଯିବ, ଯାହା ଶିଳ୍ପ, ପୁଞ୍ଜିନିବେଶ ଓ ନିଯୁକ୍ତିରେ ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଇଛି।ସେହିପରି ସରକାରୀ ମକଦ୍ଦମା ପରିଚାଳନାକୁ ଅଧିକ କାର୍ଯ୍ୟକ୍ଷମ ଓ ସୁଚାରୁ କରିବା ପାଇଁ ଗୃହ ବିଭାଗରୁ ବିଧି ବିଭାଗକୁ ଓଡ଼ିଶା ରାଜ୍ୟ ବିଧି ସେବା କ୍ୟାଡର ସ୍ଥାନାନ୍ତର କରାଯିବା ପରେ 'ଓଡ଼ିଶା ରାଜ୍ୟ ବିଧି ସେବା କ୍ୟାଡର ନିୟମାବଳୀ, ୨୦୨୬'କୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି।

## ୫ଟି ...

ଅଞ୍ଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି । ଚଳିତ ବନ୍ୟାରେ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ବନ୍ୟା ଦ୍ୱାରା ପ୍ରଭାବିତ ୨.୬୯ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ୧୭ଟି ଓଡ୍ରାଫ, ୭ଟି ଏନଡ଼ିଆରଏଫ ଏବଂ ୧୨୯ଟି ଅଗ୍ନିଶମ ଓ ଜରୁରୀ ସେବାଦଳ ସାମିଲ ଅଛନ୍ତି। ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ଜିଲ୍ଲା ଗୁଡିକରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ସ୍ତରରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ବୋଲି ସେ କହିଥିଲେ। ବନ୍ୟା ପ୍ରପୀଡିତଙ୍କ ସହାୟତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପଲିଥିନ, ଶୁଖିଲା ଓ ରନ୍ଧାଖାଦ୍ୟ, ପିଇବା ପାଣି ଓ ଔଷଧ ଆଦି ଯୋଗାଇଦିଆଯାଉଛି। କ୍ଷତିଗ୍ରସ୍ତ ରାସ୍ତାଗୁଡିକୁ ମଧ୍ୟ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରି ବନ୍ୟା ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଯେପରି ନଉପୁଜେ ସେଥିପାଇଁ ମଧ୍ୟ କଡା ନଜର ରଖାଯାଇଛି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ ଓ ଉଚିତ ପଦକ୍ଷେପ ଯୋଗୁ ବନ୍ୟାଜନିତ ବଡ କ୍ଷୟକ୍ଷତିକୁ ରୋକାଯାଇ ପାରିଛି ବୋଲି ସେ କହିଥିଲେ। ମହାନଦୀରେ ଆଉ ବନ୍ୟାର ଆଶଙ୍କା ନାହିଁ । ଦୁଇ ଦିନ ତଳେ ପିକ ଫ୍ଲଡ଼ ଥିଲା ହେଲେ ଆଜି ହୀରାକୁଦ ବନ୍ଧ ଏକ ବଡ଼ ବନ୍ୟାକୁ ରୋକିଲା ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ହୀରାକୁଦରେ ବର୍ତ୍ତମାନ ୬୨୫ ଫୁଟ ପାଣି ଅଛି। ଉପରମୁଣ୍ଡରୁ ପାଣି ଫ୍ଲୋ କମିଛି । ଶୁକ୍ରବାର ୨ ଗେଟ ଖୋଲା ଥିଲା,ଦୁଇ ଦିନ ଯାଏଁ ଆଉ ଗେଟ ବନ୍ଦ ହେବନି। ଆସନ୍ତା ତିନି ତାରିଖରେ ୬୧୮ ଫୁଟକୁ ଖସିବ ଜଳସ୍ତର।

## କେନ୍ଦ୍ରରୁ ...

ହୋଇଥିବା ସହାୟତା ରାଶିର ପରିମାଣ ରହିଛି ୫୦୦ କୋଟି ଟଙ୍କା। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଚଳିତ ବର୍ଷ ମୌସୁମୀ ଋତୁ ଆରମ୍ଭରୁ ହିଁ ଭାରତ ସରକାର ରାଜ୍ୟ ସରକାରଗୁଡ଼ିକ ସହ ପ୍ରତ୍ୟକ୍ଷ ସମନ୍ୱୟ ରଖି ବନ୍ୟା ପରିସ୍ଥିତି ଉପରେ କ୍ରମାଗତ ନଜର ରଖିଛନ୍ତି। ଆବଶ୍ୟକ ସ୍ଥଳେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର ପୂର୍ବ-ମୁତୟନ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଲଜିଷ୍ଟିକାଲ୍ ସହାୟତା ସମେତ କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେଇଛନ୍ତି।

## ବଲାଙ୍ଗୀରରେ...

ଏହା ପରଠାରୁ ନିମେଶ ପାଣିଗ୍ରାହୀ ନିଖୋଜ ଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ।ଘଟଣାସ୍ଥଳରେ ନିମେଶଙ୍କ ସ୍କୁଟି ସୁରେନ୍ଦ୍ର ସିଂ ଭୋଇଙ୍କ ଘର ସମ୍ମୁଖରେ ପଡ଼ିଥିବା ବେଳେ, ତାଙ୍କୁ ମାଡ଼ ମରାଯାଇଥିବା କିମ୍ବା ଅପହରଣ କରାଯାଇଥିବା ସନ୍ଦେହ ପ୍ରକାଶ କରିଛନ୍ତି ପରିବାର ଲୋକେ । ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ନିଖୋଜ ଠିକାଦାରଙ୍କ ସନ୍ଧାନ ଜାରି ରହିଛି ।



# ୧୪ ତମ ଜୁନିୟର ଓଡ଼ିଶା ରାଜ୍ୟ ଖୋ ଖୋ ଚାମ୍ପିୟନସିପ ଉଦ୍‌ଘାଟିତ

## ବାଳକ ବିଭାଗରେ ୩୩୬ ଓ ବାଳିକା ବିଭାଗରେ ୨୨୮ ଜଣ କ୍ରୀଡାବିତଙ୍କ ଅଂଶଗ୍ରହଣ







**ପୁରୀ(ବ୍ୟୁରୋ):** ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ଓ ଯୁବ କ୍ରୀଡା ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୧୪ତମ ଜୁନିୟର ଓଡ଼ିଶା ରାଜ୍ୟ ଖୋ ଖୋ ଚମ୍ପିୟନସିପ ଶନିବାର ତାଳବଣିଆ ସ୍ଥିତ ଇଣ୍ଡୋର ଷ୍ଟାଡିୟମ ଖୋ ଖୋ ଏକାଡେମୀ ହଲ ଠାରେ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିହାର ରାଜ୍ୟର କ୍ରୀଡା ମନ୍ତ୍ରୀ ଶ୍ରେୟାଶ୍ରୀ ସିଂ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ପୂର୍ବକ ଉଦ୍‌ଘାଟନ କରି କହିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପବିତ୍ର ଧାର୍ମିକ ସ୍ଥାନ । ତାଳବଣିଆ ଖୋ ଖୋ ଷ୍ଟାଡିୟମ ଅତି ଉନ୍ନତମାନର । ଓଡ଼ିଶା ଖୋ ଖୋ ଖେଳ ପ୍ରଦର୍ଶନ ବେଶ ଉଚ୍ଚକୋଟୀର । ସେମାନଙ୍କ ପ୍ରଚେଷ୍ଟା କ୍ରୀଡା କୌଶଳ ବେଶ ଚମତ୍କାର । ସମ୍ମାନିତ ଅତିଥି ଭାବେ ରାଜ୍ୟ କ୍ରୀଡା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ,ଡିଏସଡି ବିଜୟ କୁମାର ରାଉତ, ବିହାର କ୍ରୀଡା ଡାଇରେକ୍ଟର ଆରିଫ ଆସନ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଭାରତୀୟ ଖୋ ଖୋ ମହାସଂଘ ଫେଡେରେସନର ଉପସଭାପତି ତଥା ଓଡ଼ିଶା ଖୋ ଖୋ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଏଚପିସି ମୁଖ୍ୟ ସଞ୍ଜୀବ ଶର୍ମା ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ପ୍ରଶଂସା କରିଥିଲେ । କୋଣ ଅନୁକୋଣରେ ଲୁଚି ରହିଥିବା ଲୁକାୟିତ କ୍ରୀଡାବିତ ପ୍ରତିଭାକୁ ସର୍ବସାଧାରଣରେ ପରି ପ୍ରକାଶ ସହ ତାଙ୍କୁ ଦେଶର ଏକ ଶ୍ରେଷ୍ଠ କ୍ରୀଡାବିତ ଭାବେ ଗଢି ତୋଳାବା ଏହି ପ୍ରତିଯୋଗିତାର ଲକ୍ଷ ଓ ଉଦ୍ଦେଶ୍ୟ । ଏଠାରେ ଯେଉଁମାନେ ଭଲ ଖେଳିଲେ ସେମାନେ ତିନିମାସ ପରେ ହିମାଚଳ ପ୍ରଦେଶର ଜାତୀୟସ୍ତରରେ ଖେଳିବେ । ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ ଆଣି ଆମମାନଙ୍କୁ ଗୌରବାନ୍ୱିତ କରିବା ଲକ୍ଷ ବୋଲି ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ଶ୍ରୀ ମିଶ୍ର କହିଥିଲେ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା । ତୃଣମୂଳ ସ୍ତରରୁ ନିଷ୍ଠାର ଭାବେ ଖୋ ଖୋ ଖେଳରେ ଭରତ କୁମାର ପ୍ରଧାନ, ମଳୟ ରଞ୍ଜନ ବେହେରା, ଧର୍ମେନ୍ଦ୍ର ପଣ୍ଡା,ବାସୁଦେବ ପରିଡା ଓ ପ୍ରକାଶ ବେଜଙ୍କୁ ଖୋ ଖୋ କୋଚ ଭାବେ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଶାରିରୀକ ଶିକ୍ଷା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ୧୮ ବର୍ଷରୁ କମ ବୟସର ବାଳକ ଓ ବାଳିକା ଦଳ ଖେଳ ପ୍ରଦର୍ଶନରେ ଅଂଶ ଗ୍ରହଣ କରିଛନ୍ତି । ଶନିବାର ପ୍ରତିଯୋଗିତାରେ ବାଳିକା ଦଳ ଲିଗ ମ୍ୟାଚରେ ୩୬ ଗୋଟି ଖେଳ ପ୍ରଦର୍ଶନ ହୋଇଥିଲା । ୪ଟି ଗ୍ରୁପରେ ୧୯ ଦଳ ଅଂଶଗ୍ରହଣ କରିଛନ୍ତି । ୧ ତାରିଖ ଓ ୨ ତାରିଖ ବାଳିକା ଦଳ ଖେଳ ପ୍ରଦର୍ଶନ ଓ ୩ ତାରିଖ ୪ ତାରିଖ ବାଳକ ଦଳ ଖେଳ ପ୍ରଦର୍ଶନ କରିବେ । ବାଳିକା ଦଳ କିସ ୟୁନିଭରସିଟ, ବୌଦ୍ଧ, କଟକ, ଅନୁଗୁଳ, ଗଜପତି, ଜଗତସିଂହପୁର, ଗଞ୍ଜାମ, ସମ୍ବଲପୁର, ମୟୁରଭଞ୍ଜ, ଝାରସୁଗୁଡ଼ା,ପୁରୀ, ବଲାଙ୍ଗୀର, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡା, ବାଲେଶ୍ୱର, କେନ୍ଦୁଝର ସୁନ୍ଦରଗଡ, ଖୋର୍ଦ୍ଧା ଜିଲ୍ଲାରୁ ଅଂଶଗ୍ରହଣ କରିଛନ୍ତି । ସମୁଦାୟ ୨୨୮ ଜଣ ବାଳିକା କ୍ରୀଡାବିତ ଥିବାବେଳେ ସେମାନଙ୍କ ଟିମର ମ୍ୟାନେଜର ଓ କୋଚ ୩୮ ଜଣ ଯୋଗ ଦେଇଛନ୍ତି । ବାଳକ ଓ ବାଳିକା ବର୍ଗର ସମୁଦାୟ ୫୬୪ ଅଂଶଗ୍ରହଣ କରିଥିବାବେଳେ ଟେକ୍ନିକାଲ ଅଫିସର ୬୦ ଜଣ ଯୋଗ ଦେଇଛନ୍ତି । ବାଳିକା ଦଳ ଉତ୍ସାହ ଓ ଜୋଶର ସହ ଖେଳ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା । ପୋଗ୍ରାମ ମ୍ୟାନେଜର ବାପି କୁମାର ରାୟ, ଓଡ଼ିଶା ଖୋ ଖୋ ସଙ୍ଘ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର,ରବିନାରାୟଣ ପ୍ରଧାନ, ଦେବେଶ ଅଧିକାରୀ, ଅନ୍ନପୂର୍ଣ୍ଣା ରାଉତ, ରଚିତ ନାୟକ ଧର୍ମେନ୍ଦ୍ର ପଣ୍ଡା,ଭୁବନ ମୋହନ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଖେଳାଳୀମାନେ ପ୍ରତିଯୋଗିତାରେ ସଫଳତା ହାସଲ କରିବା ପାଇଁ ଶୃଙ୍ଖଳିତ ଭାବେ ଉତ୍ସାହର ସହ ଭଲ ଖେଳୁଥିବା ଦେଖିବାକୁ ମିଳିଥିଲା ।

# ଓଡ଼ିଶା ଖୋ ଖୋ ଆସୋସିଏସନ ପକ୍ଷରୁ ଟେକ୍ନିକାଲ ଅଫିସର ସମ୍ବର୍ଦ୍ଧିତ




**ପୁରୀ(ବ୍ୟୁରୋ):** ଓଡ଼ିଶା ଖୋ ଖୋ ଆସୋସିଏସନ ପକ୍ଷରୁ ଟେକ୍ନିକାଲ ଅଫିସର ମାନଙ୍କୁ ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଖୋ ଖୋ ଏକାଡ଼େମୀ ହଲ ଠାରେ ଶୁକ୍ରବାର ଏକ କର୍ମଶାଳା ସହ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଅଲମ୍ପିକ୍ସ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପତିହରୀ, ଭାରତୀୟ ଖୋ ଖୋ ମହାସଂଘ ଫେଡେରେସନର ଉପସଭାପତି ତଥା ଓଡ଼ିଶା ଖୋ ଖୋ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଓଡ଼ିଶା ଖୋ ଖୋ ସଙ୍ଘ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ପ୍ରମୁଖ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଖୋ ଖୋ ଟେକ୍ନିକାଲ ଅଫିସର ମାନଙ୍କୁ ଉତ୍ସାହିତ କରିବା ସହ ପ୍ରଶଂସା କରିଥିଲେ । ଓଡ଼ିଶାର କୋଣ ଅନୁକୋଣରେ ଲୁଚି ରହିଥିବା ଲୁକାୟିତ ଖୋ ଖୋ କ୍ରୀଡାବିତ ପ୍ରତିଭା ମାନଙ୍କୁ ସର୍ବସାଧାରଣରେ ପରି ପ୍ରକାଶ ସହ ତାଙ୍କୁ ଦେଶର ଏକ ଶ୍ରେଷ୍ଠ କ୍ରୀଡାବିତ ଭାବେ ଗଢି ତୋଳାବା ପାଇଁ ଟେକ୍ନିକାଲ ଅଫିସର ଓ କୋଚ ମାନଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ନବାଗତ ବୈଷୟିକ ଅଧିକାରୀଙ୍କ ଉଦ୍ୟମରେ ଉତ୍ସାହ ଭରିଦ୍ୱୋ ସହ ନିଜ ବିଦ୍ୟାଳୟ ଓ କ୍ରୀଡ଼ା ପଡ଼ିଆରେ ପିଲାମାନଙ୍କୁ ଖୋ ଖୋ ଖେଳାଇ ଓଡ଼ିଶା ଖୋ ଖୋ ଦଳ ପାଇଁ ବଳିଷ୍ଠ ଅବଦାନ ରହିବ ବୋଲି ଭାରତୀୟ ଖୋ ଖୋ ଫେଡେରେସନର ଉପସଭାପତି ତଥା ଓଡିଶା ଖୋ ଖୋ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଆଶା ବ୍ୟକ୍ତ କରିଛନ୍ତି । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଓଡ଼ିଶାର ୨୭ଟି ଜିଲ୍ଲାରୁ ୯୭ ଜଣ ଖୋ ଖୋ ବୈଷୟିକ ଅଫିସର ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ନୂଆ କିଟ୍ ପ୍ରଦାନ ସହ ସାର୍ଟିଫିକେଟ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ଆଗାମୀ ଖୋ ଖୋ ଖେଳରେ ପିଲାମାନଙ୍କୁ ଦିଗଦର୍ଶନ ଦେବା ସହ କ୍ରୀଡା କୌଶଳ ଭଲ ପ୍ରଦର୍ଶନ ପାଇଁ ଅନେକ ଚେଷ୍ଟା ଜାରି ରଖି ପିଲାମାନଙ୍କ କ୍ୟାରିୟର ଗଢିପାରିବେ । ନୂତନ ଟେକ୍ନିକାଲ ଅଫିସର ମାନଙ୍କ ଉତ୍ସାହ ବଢିବା ସହ ସେମାନେ ଖୋ ଖୋ ପିଲାମାନଙ୍କୁ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚିବାରେ ସକ୍ଷମ ହୋଇପାରିବେ ଓ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ଛୋଟ ପ୍ରୟାସ । ପ୍ରାରମ୍ଭରେ ଶାରିରୀକ ଶିକ୍ଷା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ ।

## ଶ୍ରୀଲଙ୍କା ସିରିଜ ପୂର୍ବରୁ ଧୋନିଙ୍କୁ ସାକ୍ଷାତ କଲେ ରିଷଭ ପନ୍ତ

**ନୂଆଦିଲ୍ଲୀ :** ଟିମ୍ ଇଣ୍ଡିଆ ଖବୁଶୀଘ୍ର ଶ୍ରୀଲଙ୍କା ଗସ୍ତ କରିବ । ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ୧୫ ଅଗଷ୍ଟରୁ ହେବ । ୱିକେଟକିପର ବ୍ୟାଟର ରିଷଭ ପନ୍ତ ଏହି ସିରିଜରେ ଟିମକୁ ଫେରୁଛନ୍ତି । ଦିନିକିଆ ଏବଂ ଟି୨୦ ସିରିଜରୁ ବାଦ୍ ପଡିଥିବା ରିଷଭ ଶ୍ରୀଲଙ୍କା ଟେଷ୍ଟ ସିରିଜ ପୂର୍ବରୁ ଏମଏସ ଧୋନି ସହିତ ଅଭ୍ୟାସ କରୁଥିବାର ନଜର ଆସିଛନ୍ତି । ଭାରତର ପୂର୍ବତନ କ୍ରିକେଟର ଶହବାଜ ନଦୀମ ନୂଆ ଇନଷ୍ଟାଗ୍ରାମରେ ଧୋନି ଏବଂ ରିଷଭ ପନ୍ତ ସହିତ ଏକ ଫଟୋ ସେୟାର କରିଛନ୍ତି । ଏହି ଫଟୋ ରାଞ୍ଚି ସ୍ଥିତ ଏକ ଜିମ୍ ର ବୋଲି ଜଣାପଡିଛି । ଧୋନି ନୀଳ ରଙ୍ଗର ଟ୍ରାକସୁଟ୍ ରେ ନଜର ଆସିଛନ୍ତି, ପନ୍ତ କଳା ରଙ୍ଗର ଟି ସାର୍ଟ ଏବଂ ସାର୍ଟସ୍ରେ ନଜର ଆସିଛନ୍ତି । ଫଟୋରେ ନଦୀମ କ୍ୟାପସନ ଦେଇ ଲେଖିଛନ୍ତି, ଭାରତୀୟ କ୍ରିକେଟର ସବୁଠାରୁ ଶ୍ରେଷ୍ଠ ଦୁଇ ଫିନିସର । ରିଷଭ ପନ୍ତ ଶେଷ ଥର ପାଇଁ ଆଫଗାନିସ୍ତାନ ବିପକ୍ଷର ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ସେ ଗୋଟେ ଇନିଂସରେ ୮୧ ରନ୍ କରିଥିଲେ । ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପାଇଁ ରିଷଭ ପନ୍ତ ଏବଂ ଧ୍ରୁବ ଜୁରେଲ ୱିକେଟକିପର ସ୍କ୍ୱାର୍ଡରେ ସାମିଲ ହୋଇଛନ୍ତି । ପ୍ଲେଇଂ ଇଲେଭେନରେ ପନ୍ତ ଏବଂ ଜୁରେଲ କାହାକୁ ସୁଯୋଗ ମିଳୁଛି ।

# ‘ମୋ ଅଜ୍ଞାତରେ ଜର୍ସି ରଙ୍ଗ ପରିବର୍ତ୍ତନ ହୋଇଛି’; ହକି ଇଣ୍ଡିଆ ସଭାପତି



**ନୂଆଦିଲ୍ଲୀ :** ଭାରତୀୟ ହକି ଦଳ ଜର୍ସିର ରଙ୍ଗ ନୀଳ ପରିବର୍ତ୍ତେ ନାରଙ୍ଗୀ ହେବାକୁ ନେଇ ବିବାଦ ତୀବ୍ର ରୂପ ନେଇଛି । ବିଶେଷ କରି ଏହି ବିବାଦରେ ଘାଣ୍ଟି ହୋଇଛନ୍ତି ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ । ଚାପର ବସବର୍ତ୍ତୀ ହୋଇ ଶେଷରେ ସେ ନିଜ ମତ ବଦଳାଇଛନ୍ତି । ‘ପରିଚାଳନା କମିଟି ବୋର୍ଡର ବିନା ଅନୁମତି ଏବଂ ମୋର ସଂପୂର୍ଣ୍ଣ ଅଜ୍ଞାତରେ ଜର୍ସିର ରଙ୍ଗ ପରିବର୍ତ୍ତନ କରିବାର ନିଷ୍ପତ୍ତି ନିଆଯାଇଛି ବୋଲି ଦିଲ୍ଲୀପ କହିଛନ୍ତି । ଭାରତୀୟ ପୁରୁଷ ଓ ମହିଳା ବିଶ୍ୱକପ୍ ହକି ଦଳର ଜର୍ସିର ରଙ୍ଗ ବ୍ଲୁ ବା ନୀଳ ପରିବର୍ତ୍ତେ ନାରଙ୍ଗୀ ହେବା ବିଷୟକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏହାକୁ ନେଇ ସମାଲୋଚନା କରିଥିଲେ । ସେମିତି ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଧନରାଜ ପିଲେ ଓ ପର୍ଗତ ସିଂହ ମଧ ରଙ୍ଗ ପରିବର୍ତ୍ତନକୁ ନେଇ ତୀବ୍ର ସମାଲୋଚନା କରିଥିଲେ । ଗତକାଲି ଦିଲ୍ଲୀପ କହିଥିଲେ, ‘ବ୍ଲୁ ଟର୍ଫରେ ମ୍ୟାଚ ଖେଳାଯିବ । ତେଣୁ ଜର୍ସି ଅଧିକ ଦୃଶ୍ୟମାନ ହେବା ପାଇଁ ରଙ୍ଗ ବଦଳାଇ ଦିଆଯାଇଛି । ପୂର୍ବରୁ ମଧ ଜର୍ସିର ରଙ୍ଗ ବଦଳା ଯାଇଥିଲା । ଏହା କୌଣସି ଚାପରେ କରାଯାଇ ନାହିଁ ବରଂ ଖେଳାଳି ଏବଂ ଟିମ୍ର ଅଧିକାରୀମାନଙ୍କର ମତାମତ ନେଇ କରାଯାଇଛି ।’ କିନ୍ତୁ ଏହି ବିବାଦ ଅଧିକ ତୀବ୍ର ହେବା ପରେ ଦିଲ୍ଲୀପ ଜାତୀୟ ଗଣମାଧ୍ୟମକୁ କହିଛନ୍ତି, ‘ଜର୍ସି ପରିବର୍ତ୍ତନ ସଂପର୍କରେ ମୋତେ କିଛି ଅବଗତ କରାଯାଇ ନାହିଁ । ହଠାତ୍ ସେମାନେ ଏମିତି କାହିଁକି ନିଷ୍ପତ୍ତି ନେଲେ ସେ ସଂପର୍କରେ ହକି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକଙ୍କ ଠାରୁ ପତ୍ର ଲେଖି ସ୍ପଷ୍ଟୀକରଣ ମାଗିଛି । ପରିଚାଳନା କମିଟିକୁ ସଂପୂର୍ଣ୍ଣ ବିବରଣୀ ଲିଖିତ ଭାବେ ପ୍ରଦାନ କରିବାକୁ କହିଛି । ଓଡ଼ିଶା ସରକାର ଜର୍ସିର ରଙ୍ଗ ବିବାଦରେ ଦିଲ୍ଲୀପଙ୍କ ଠାରୁ ସ୍ପଷ୍ଟୀକରଣ ମାଗିଥିବା ସେ ପତ୍ରରେ ଉଲ୍ଲେଖ କରିଥିବା ଜଣା ପଡ଼ିଛି । ନୀଳ ହେଉଛି ହକି ଇଣ୍ଡିଆର ପାରମ୍ପରିକ ରଙ୍ଗ । କିନ୍ତୁ ନାରଙ୍ଗୀ କରାଯିବା ପରେ ଜାତୀୟ କ୍ରୀଡ଼ାକୁ ରାଜନୀତିକରଣ କରାଯାଉଛି ବୋଲି ନବୀନ ଅଭିଯୋଗ କରିଥିଲେ । ବିବାଦ ମୁଣ୍ଡ ଟେକିବା ପରେ ବିଶ୍ୱକପ୍ରେ ଭାରତୀୟ ଦଳର ଜର୍ସିର ରଙ୍ଗ ପରିବର୍ତ୍ତନ ହେବ କି ନା ନାହିଁ ସେ ବିଷୟରେ ଆଜି ହକି ଇଣ୍ଡିଆ ସଭାପତି କିଛି ସ୍ପଷ୍ଟ କରି ନାହାନ୍ତି ।

# ବିଶ୍ୱକପ୍ ପୂର୍ବରୁ ନେଦରଲ୍ୟାଣ୍ଡ୍ସ ଟିମ୍ର ଅଧିନାୟକ ପଦ ଛାଡ଼ିବାକୁ କଲେ ଘୋଷଣା



**ନୂଆଦିଲ୍ଲୀ :** ଦିନିକିଆ ବିଶ୍ୱକପ ପୂର୍ବରୁ କ୍ୟାପଟ୍ଟେନ୍ ନେଲେ ବଡ଼ ନିଷ୍ପତ୍ତି । ଅଧିନାୟକ ପଦ ଛାଡିବାକୁ କଲେ ଘୋଷଣା । ନେଦରଲ୍ୟାଣ୍ଡସ କ୍ରିକେଟ୍ ଦଳର ଅଧିନାୟକ ସ୍କଟ୍ ଏଡଓ୍ୱାର୍ଡସ୍ ହଠାତ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । କ୍ରିକେଟ୍ ଜଗତକୁ ଚକିତ କରିଛି ତାଙ୍କର ଏହି ନିଷ୍ପତ୍ତି । ଜୁନ୍ ୨୦୨୨ରୁ ଦଳର ଅଧିନାୟକତ୍ୱ କରୁଥିବା ଏଡଓ୍ୱାର୍ଡସଙ୍କ କାର୍ଯ୍ୟକାଳ କ୍ରିକେଟ୍ ବିଶ୍ୱକପ୍ ଲିଗ୍ ୨ର ୟୁଟ୍ରେକ୍ଟ ପର୍ଯ୍ୟାୟ ଶେଷ ହେବା ସହିତ ଶେଷ ହୋଇଛି । ତାଙ୍କ ସ୍ଥାନରେ ଷ୍ଟାର ଅଲରାଉଣ୍ଡର ବାସ ଡି ଲିଡେଙ୍କୁ ନେଦରଲ୍ୟାଣ୍ଡସ୍ ଦଳର ନୂଆ ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି । ସିଏ ଲିଗ୍ ୨ର ବାକି ମ୍ୟାଚ୍ ଗୁଡ଼ିକରେ ଦଳର ନେତୃତ୍ୱ ନେବେ । ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ଏବଂ ବାଂଲାଦେଶ ଭଳି ଦଳକୁ ପରାସ୍ତ କରି ଶିରୋନାମା ସୃଷ୍ଟି କରିଥିବା ଡଚ୍ ଅଧିନାୟକ ସ୍କଟ୍ ଏଡଓ୍ୱାର୍ଡସ୍ ଅଧିନାୟକ ପଦ ଛାଡିଛନ୍ତି । ପ୍ରାୟ ତିନି ବର୍ଷ ଧରି, ଦଳର ନେତୃତ୍ୱ ନେଇଥିବା ସ୍କଟ୍ ଏଡଓ୍ୱାର୍ଡସ୍ କହିଛନ୍ତି ଯେ, ସେ ଏବେ ଚାପ ବିନା ଜଣେ ଖେଳାଳି ଭାବରେ ଦଳ ପାଇଁ ଅବଦାନ ଦେବାକୁ ଚାହାଁନ୍ତି । ହଠାତ୍ ସାଥୀ ଖେଳାଳିମାନଙ୍କ ଆଗରେ ଘୋଷଣା- ରୟାଲ୍ ଡଚ୍ କ୍ରିକେଟ୍ ଆସୋସିଏସନ୍ ଦ୍ୱାରା ପ୍ରକାଶିତ ଏକ ଭିଡିଓରେ, ସ୍କଟ୍ ଏଡଓ୍ୱାର୍ଡସ୍ ତାଙ୍କ ସାଥୀ ଖେଳାଳିମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ହଠାତ୍ ଏମିତି ଖବର ପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି, କିନ୍ତୁ ମୁଁ ଅଧିନାୟକ ପଦ ଛାଡିବାକୁ ନିଷ୍ପତ୍ତି ନେଉଛି । ମୁଁ ମୁଖ୍ୟ ପ୍ରଶିକ୍ଷକ ରିଆନ୍ କୁକ୍ ଏବଂ ଅନ୍ୟଙ୍କ ସହିତ ଏ ବିଷୟରେ ଆଲୋଚନା କରିଛି, ଏବଂ ମୁଁ ଭାବୁଛି ଯେ ଏହି ନିଷ୍ପତ୍ତି ନେବାର ବର୍ତ୍ତମାନ ସଠିକ୍ ସମୟ । ମୁଁ ଭାବୁଛି ଯେ ଜଣେ ଖେଳାଳି ଭାବରେ ଦଳକୁ ମୋର ଅନେକ କିଛି ଦେବାର ଅଛି । ନେଦରଲ୍ୟାଣ୍ଡର ଅଧିନାୟକ ହେବା ଏକ ବଡ଼ ସମ୍ମାନର କଥା, ଏବଂ ମୁଁ କମଳା ରଙ୍ଗର ଜର୍ସି ପିନ୍ଧି ଖେଳିବା ଜାରି ରଖିବି ।

# ବିଶ୍ୱକପ୍ର ୧୨ ମୈଦାନରେ ବିରାଟଙ୍କ ରେକର୍ଡ

**ନୂଆଦିଲ୍ଲୀ :** ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ସ୍ଥାନ ଘୋଷଣା କରାଯାଇଛି । ଆସନ୍ତା ବର୍ଷ, ଏହି ଟୁର୍ଣ୍ଣାମେଣ୍ଟ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବିଆର ୧୨ଟି ସହରରେ ଖେଳାଯିବ । ୨୪ ବର୍ଷ ପରେ, ଦିନିକିଆ ବିଶ୍ୱକପ୍ ଆଫ୍ରିକା ମାଟିରେ ଆୟୋଜିତ ହେଉଛି । ଟିମ୍ ଇଣ୍ଡିଆ ଦୃଷ୍ଟିକୋଣରୁ, ଏହି ଟୁର୍ଣ୍ଣାମେଣ୍ଟ ଜିତିବା କଷ୍ଟକର ହେବ, କାରଣ ଦକ୍ଷିଣ ଆଫ୍ରିକାର ପିଚ୍ ବାଉନ୍ସୀ ଏବଂ ଦ୍ରୁତ । ତଥାପି, ବିରାଟ କୋହଲିଙ୍କ କୌଣସି ସମସ୍ୟା ହେବ ନାହିଁ, କାରଣ ତାଙ୍କର ବ୍ୟାଟ୍ ଆଫ୍ରିକା ମାଟିରେ ଦ୍ରୁତ ଗତିରେ ଚାଲିଛି । ନଜର ପକାନ୍ତୁ ୨୦୨୭ ବିଶ୍ୱକପ୍ ମ୍ୟାଚ୍ ଖେଳାଯିବାକୁ ଥିବା ୧୨ଟି ଗ୍ରାଉଣ୍ଡରେ ବିରାଟ କୋହଲିଙ୍କ ପ୍ରଦର୍ଶନ ଉପରେ । ୨୦୨୭ ବିଶ୍ୱକପ ଭେନ୍ୟୁରେ ବିରାଟ କୋହଲିଙ୍କ ସର୍ବୋତ୍ତମ ସ୍କୋର : କେପ୍ ଟାଉନ୍ - ୧୬୦ ଅପରାଜିତ, ଜୋହାନ୍ସବର୍ଗ – ୭୫, ସେଞ୍ଚୁରିଅନ୍ - ୧୨୯ ଅପରାଜିତ, ଗେବରଖା-୮୭ ଅପରାଜିତ, ବଫାଲୋ ପାର୍କ – ଖେଳି ନଥିଲେ, ବ୍ଲୋଏମ୍ଫୋଣ୍ଟେନ୍ – ଖେଳି ନଥିଲେ, ଡର୍ବାନ – ୧୧୨ପାର୍ଲ – ୫୧, ହରାରେ - ୧୧୫, ବୁଲାୱାୟୋ – ୦, ଭିକ୍ଟୋରିଆ ଫଲ୍ସ - ଖେଳି ନାହାନ୍ତି, ୱିଲହୋଏକ୍ - ଖେଳି ନାହାନ୍ତି । ଆସନ୍ତା ବର୍ଷ ହେବାକୁ ଥିବା ଆଇସିସି ଦିନିକିଆ ବିଶ୍ୱକପ୍ ପାଇଁ ଭେନ୍ୟୁ ଘୋଷଣା କରାଯିବା ସହ ଲୋଗୋ ଉନ୍ମୋଚିତ ହୋଇଛି । ବିଶ୍ୱକପ୍ର ୧୪ତମ ସଂସ୍କରଣକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବିୟା ମିଳିତ ଭାବେ ଆୟୋଜନ କରୁଛନ୍ତି । ମୋଟ୍ ୧୪ଟି ଦଳକୁ ନେଇ ବିଶ୍ୱକପ୍ ଆୟୋଜନ କରାଯିବ । ଏଥର ବିଶ୍ୱକପ୍ରେ ମୋଟ୍ ୫୭ଟି ମ୍ୟାଚ ରହିଛି । ୩ ଆୟୋଜକ ଦେଶର ୮ଟି ସହରରେ ସମସ୍ତ ମ୍ୟାଚ ଆୟୋଜନ କରାଯିବ । ଦକ୍ଷିଣ ଆଫ୍ରିକାର ୮ଟି, ଜିମ୍ବାୱେର ୩ଟି ଓ ନାମିବିୟାର ଗୋଟିଏ ଷ୍ଟାଡ଼ିୟମ୍ରେ ଖେଳାଯିବ ସମସ୍ତ ମ୍ୟାଚ ।

# ନୀରଜଙ୍କୁ ରୌପ୍ୟ, ଯଶବୀରଙ୍କୁ କାଂସ୍ୟ

**ଗ୍ଲାସ୍‌ଗୋ:** ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି ଜୁଡୋକା ଅସ୍ମିତା ଦେ ଓ ହର୍ଷ ସିଂହ । ଉଭୟ ଜୁଡୋକା ଲଢୁଆ ପ୍ରଦର୍ଶନ କରି ଭାରତ ପାଇଁ ଯୁଗଳ ସ୍ୱର୍ଣ୍ଣ ଆଣିଦେଇଛନ୍ତି । ଶୁକ୍ରବାର ଜୁଡୋରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ ଅସ୍ମିତା ଦେ । ଶୁକ୍ରବାର ସଂଧାରେ ଅନୁଷ୍ଠିତ ମହିଳା ୪୮ କିଲୋଗ୍ରାମ ଫାଇନାଲ୍ରେ ତ୍ରିପୁରାର ଏହି ୨୩ ବର୍ଷୀୟା ଜୁଡୋକା କାନାଡାର ହେଇଦି କ୍ୱାଚ୍‌ଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ । ଆରମ୍ଭରୁ ସେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ କଠିନ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ମଧ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଥିଲେ । ଏହାର କିଛି ମିନିଟ୍ ପରେ ପୁରୁଷ ୬୦ କେଜିରେ ହର୍ଷ ସିଂହ ଅଷ୍ଟ୍ରେଲିଆର ଜୋସୁଆ କାଜ୍‌ଙ୍କୁ ଏକତରଫା ଭାବେ ପରାସ୍ତ କରିଥିଲେ । ଏହି ସ୍ୱର୍ଣ୍ଣ ଯୁଗଳକୁ ଐତିହାସିକ କୁହାଯାଉଛି କାରଣ ଭାରତ ପୂର୍ବରୁ କେବେ ମଧ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତି ନଥିଲା । ଜୁଡ଼ୋରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ପଦକରୁ ଭାରତ ବଞ୍ଚିତ ହୋଇଛି । ୫୭ କିଲୋଗ୍ରାମ ମହିଳା



ଫାଇନାଲ୍ରେ ଯାମିନୀ ମୌର୍ଯ୍ୟ ଇଂଲଣ୍ଡର ଆସେଲ୍ୟା ଟୋପରାକଙ୍କଠାରୁ ହାରିଯାଇଥିଲେ । ଯାମିନୀଙ୍କ ରୌପ୍ୟ ସହ ଭାରତ ୨୦ତମ ପଦକ ଜିତିଥିଲା । ଡବଲ୍ ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ରୌପ୍ୟ ପଦକ ଜିତିଥିବାବେଳେ ଯଶବୀର ସିଂହ କାଂସ୍ୟ ପଦକ ହାସଲ କରିଛନ୍ତି । ଫଳରେ ନୀରଜଙ୍କ ସ୍ୱର୍ଣ୍ଣ ବିଜୟ ଅବସୋସ ଭାରତର ଯୁଗଳ ପଦକରେ ଭରଣା ହୋଇଛି । ଯଶବୀର ସିଂହ ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ ସହିତ ନିଜ ଜୀବନର ବଡ଼ ସଫଳତା ପାଇଛନ୍ତି । ନୀରଜ ନିଜ ଦ୍ୱିତୀୟ ପ୍ରୟାସରେ ଫିଙ୍ଗିଥିବା ୮୫.୮୩ ମିଟର ଏବଂ ଯଶବୀରଙ୍କ ୮୫.୪୧ ମିଟର ସେମାନଙ୍କୁ ଏହି ସଫଳତା ଦେଇଥିଲା । ଶ୍ରୀଲଙ୍କାର ଯୁବ ଖେଳାଳି ରୁମେଶ ଥରଙ୍ଗା ପଥରାଗେ (୮୯.୭୫ ମିଟର) ସ୍ୱର୍ଣ୍ଣ ପଦକ ଜିତି ଶ୍ରୀଲଙ୍କାକୁ ଅପୂର୍ବ ସଫଳତା ଆଣି ଦେଇଥିଲେ ।

# ଟେଷ୍ଟ କ୍ରିକେଟକୁ ଫେରିବେ ବେନ ଷ୍ଟୋକ୍ସ

**ନୂଆଦିଲ୍ଲୀ :** ଇଂଲଣ୍ଡର ପୂର୍ବତନ ଅଧିନାୟକ ବେନ ଷ୍ଟୋକ୍ସ ସମ୍ପ୍ରତି ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଛନ୍ତି, କିନ୍ତୁ ସମ୍ଭାବ୍ୟ ପୁନରାଗମନ ବିଷୟରେ ଆଲୋଚନା ଆରମ୍ଭ ହୋଇସାରିଛି । ଇଂଲଣ୍ଡ କ୍ରିକେଟ ଦଳର ପରିଚାଳନା ନିର୍ଦ୍ଦେଶକ ରବ କି କହିଛନ୍ତି ଯେ ଷ୍ଟୋକ୍ସଙ୍କ ପୁନରାଗମନର ସମ୍ଭାବନାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଚତୁର୍ଥ ଦିନରେ ଷ୍ଟୋକ୍ସ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ଜୋ ରୁଟଙ୍କୁ ଟେଷ୍ଟ ଦଳର ନୂତନ ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି । ଇଂଲଣ୍ଡର ଟେଷ୍ଟ ଦଳର ପରବର୍ତ୍ତୀ ପ୍ରଶିକ୍ଷକ ଭାବରେ ଷ୍ଟିଫେନ ଫ୍ଲେମିଂଙ୍କ ନିଯୁକ୍ତି ଘୋଷଣା କରିବା ସମୟରେ, ରବ କିଙ୍କୁ ଷ୍ଟୋକ୍ସଙ୍କ ସମ୍ଭାବ୍ୟ ପୁନରାଗମନ ବିଷୟରେ ପଚରାଯାଇଥିଲା; ସେ ଉତ୍ତର ଦେଇଥିଲେ, ‘କିଛି ବି ସମ୍ଭବ ।’ ତଥାପି, ସେ ସ୍ପଷ୍ଟ କରିଥିଲେ ଯେ ଷ୍ଟୋକ୍ସ ଏପରି କୌଣସି ସଙ୍କେତ ଦେଇନାହାଁନ୍ତି । ତଥାପି, ଷ୍ଟୋକ୍ସ ବର୍ତ୍ତମାନ ଦିନିକିଆ କପରେ ଖେଳୁଛନ୍ତି ଏବଂ ଘରୋଇ କ୍ରିକେଟରେ ସକ୍ରିୟ ଅଛନ୍ତି, ଯାହା ପୁନରାଗମନ ବିଷୟରେ କଳ୍ପନାଜଳ୍ପନାକୁ ଖୋରାକ କରିଛି । ରବ କି ସ୍କାଏ ସ୍ପୋର୍ଟସକୁ କହିଛନ୍ତି, ‘ଯଦି ସେ ପୁନରାଗମନ କରନ୍ତି ତେବେ ଏହା ଏକ ଚମତ୍କାର କାହାଣୀ ହେବ । ସେ ଏପରି କରିବାର କୌଣସି ସଙ୍କେତ ଦେଇନାହାଁନ୍ତି, କିନ୍ତୁ ଯଦି ଏହା ହୁଏ ତେବେ ମୁଁ ଆଶ୍ଚର୍ଯ୍ୟ ହେବି ନାହିଁ । ବେନ ଷ୍ଟୋକ୍ସଙ୍କ ସହିତ, ସବୁକିଛି ସମ୍ଭବ ।’ ଯଦିଓ ଷ୍ଟୋକ୍ସ ନିଜେ ଫେରିବା ନେଇ ଇଙ୍ଗିତ ଦେଇନାହାଁନ୍ତି, ଆଲୋଚନା ଜୋର ଧରିଛି, ଆଗାମୀ ବର୍ଷ ଆସେସ ସିରିଜ ପାଇଁ ତାଙ୍କ ପୁନରାଗମନ ନେଇ ଜୋରଦାର କଳ୍ପନାଜଳ୍ପନା ଚାଲିଛି ।

# ୨୦୨୭ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ପାଇଁ ଫେରିଲେ ମହମ୍ମଦ ଓ ଭୁବନେଶ୍ୱର

**ନୂଆଦିଲ୍ଲୀ :** ୨୦୨୭ ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଭେନ୍ୟୁ ଏବଂ ଲୋଗା ରିଲିଜ ହୋଇ ସାରିଛି । ଏବେ ସମସ୍ତଙ୍କ ନଜର ଟିମ୍ ଇଣ୍ଡିଆ ଚୟନ ଉପରେ । କାହାକୁ ମିଳିବ ସୁଯୋଗ ? ରୋହିତ ଶର୍ମା, ବିରାଟ କୋହଲି ଖେଳିବେ ନା ନାହିଁ ? ସମ୍ଭାବ୍ୟ ଦଳ ଉପରେ ସମସ୍ତଙ୍କ ନଜର ରହିଛି । ଟୁର୍ଣ୍ଣାମେଣ୍ଟକୁ ଆହୁରି କିଛି ସମୟ ବାକି ଅଛି, କିନ୍ତୁ ଚୟନ ପ୍ରକ୍ରିୟା ନିରନ୍ତର ଆଲୋଚନାର ବିଷୟ ହୋଇ ରହିଛି । ରହି ଶାସ୍ତ୍ରୀଙ୍କ ପରେ ଏବେ, ପୂର୍ବତନ ଭାରତୀୟ କ୍ରିକେଟର ଦିନେଶ କାର୍ତ୍ତିକ ତାଙ୍କର ବିଶ୍ୱକପ୍ ଦଳ ଚୟନ କରିଛନ୍ତି । ତାଙ୍କ ସ୍କ୍ୱାଡରେ ୧୫ ଜଣଙ୍କୁ ସାମିଲ କରିଛନ୍ତି । ସବୁଠୁ ବଡ଼ କଥା ହେଉଛି ସେ ଚୟନ କରିଥିଲା ଟିମ୍ ଇଣ୍ଡିଆରେ ମହମ୍ମଦ ଶାମି ଏବଂ ଭୁବନେଶ୍ୱର ଶର୍ମାଙ୍କୁ ସ୍ଥାନ ମିଳିଛି । ଦିନେଶ କାର୍ତ୍ତିକ ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ଟିମ୍ ଇଣ୍ଡିଆର ଦଳ ଘୋଷଣା କରିଛନ୍ତି । ସେ ତାଙ୍କ ଦଳରେ ଜଣେ ଅଭିଜ୍ଞ ବୋଲିଂ ଆକ୍ରମଣକୁ ସାମିଲ କରିଥିଲେ । ଜସପ୍ରୀତ ବୁମରାହଙ୍କ ବ୍ୟତୀତ, ସେ ଭୁବନେଶ୍ୱର କୁମାର, ମହମ୍ମଦ ସିରାଜ ଏବଂ ମହମ୍ମଦ ଶାମିଙ୍କୁ ସାମିଲ କରିଛନ୍ତି । ସେ କୁଲଦୀପ ଯାଦବ ଏବଂ ଅକ୍ଷର ପଟେଲଙ୍କ ଭଳି ଦୁଇ ସ୍ପିନରଙ୍କୁ ମଧ ବାଛିଛନ୍ତି । କାର୍ତ୍ତିକ ବ୍ୟାକଅପ୍ ୱିକେଟକିପର ଭାବରେ ରିଷଭ ପନ୍ତଙ୍କ ବଦଳରେ ଇଶାନ କିଷନଙ୍କୁ




ରହିଛନ୍ତି । ଯଶସ୍ୱୀ ଜୟସ୍ୱାଲଙ୍କୁ ମଧ ଦଳରେ ସାମିଲ କରିଛନ୍ତି । ସବୁଠୁ ବଡ଼ କଥା ହେଉଛି ଦୀର୍ଘ ଦିନ ହେବ ଟିମ୍ ଇଣ୍ଡିଆକୁ ବାହାରେ ଥିଲା ମହମ୍ମଦ ଶାମି ଏବଂ ଭୁବନେଶ୍ୱର କୁମାରଙ୍କୁ ଦଳରେ ସାମିଲ କରିଛନ୍ତି । ଏହା ପୂର୍ବରୁ ପୂର୍ବ କ୍ରିକେଟର ରବି ଶାସ୍ତ୍ରୀ ମଧ ଶାମି ଏବଂ ଭୁବନେଶ୍ୱର କୁମାରଙ୍କୁ ସ୍ଥାନ ଦେଇଥିଲେ । ଦୁଇ ପୂର୍ବ କ୍ରିକେଟର ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ସମାନ ଭାବେ ସ୍ଥାନ ଦେଇଛନ୍ତି । ଏହି ଦୁଇ ଭେଟେରାନଙ୍କୁ ବିଶ୍ୱକପ ଖେଳିବାକୁ ନେଇ ଅନେକ କଳ୍ପନା ଜଳ୍ପନା ଲାଗି ରହିଛି । ତେବେ ଦିନିକିଆ ବିଶ୍ୱକପ କଥା କହିବାକୁ ଗଲେ, ଆସନ୍ତା ବର୍ଷ ହେବାକୁ ଥିବା ଆଇସିସି ଦିନିକିଆ ବିଶ୍ୱକପ୍ ପାଇଁ ଭେନ୍ୟୁ ଘୋଷଣା କରାଯିବା ସହ ଲୋଗୋ ଉନ୍ମୋଚିତ ହୋଇଛି । ବିଶ୍ୱକପର ୧୪ତମ ସଂସ୍କରଣକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବିୟା ମିଳିତ ଭାବେ ଆୟୋଜନ କରୁଛନ୍ତି । ମୋଟ୍ ୧୪ଟି ଦଳକୁ ନେଇ ବିଶ୍ୱକପ୍ ଆୟୋଜନ କରାଯିବ । ଏଥର ବିଶ୍ୱକପ୍ର ମୋଟ୍ ୫୭ଟି ମ୍ୟାଚ ରହିଛି । ୩ ଆୟୋଜକ ଦେଶର ୮ଟି ସହରରେ ସମସ୍ତ ମ୍ୟାଚ ଆୟୋଜନ କରାଯିବ । ଦକ୍ଷିଣ ଆଫ୍ରିକାର ୮ଟି, ଜିମ୍ବାୱେର ୩ଟି ଓ ନାମିବିୟାର ଗୋଟିଏ ଷ୍ଟାଡ଼ିୟମ୍ରେ ଖେଳାଯିବ ସମସ୍ତ ମ୍ୟାଚ । ୨୪ ବର୍ଷ ପରେ ଆଫ୍ରିକା ମହାଦେଶରେ ଦିନିକିଆ ବିଶ୍ୱକପ୍ ଆୟୋଜିତ ହେବାକୁ ଯାଉଛି ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**

# ତହସିଲସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ



**ଖଣ୍ଡପଡା (ଅମୃତ ମିଡ଼ିଆ)** : ୮୦ତମ ସ୍ୱାଧୀନତା ଦିବସ ପାଳନ ନେଇ ଖଣ୍ଡପଡ଼ା ତହସିଲ ସ୍ତରୀୟ ପ୍ରସ୍ତୁତି ବୈଠକ କାର୍ଯ୍ୟାଳୟ ପରିସରରେ ଗତ ଶୁକ୍ରବାର ୩୧ ଜୁଲାଇ ୨୦୨୬ରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ାରେ ପାରମ୍ପରିକ ଭାବେ ଏହି ଉତ୍ସବ ଦୀର୍ଘ ବର୍ଷ ବର୍ଷ ଧରି ପାଳନ ହୋଇଆସୁଅଛି। ପରମ୍ପରା କ୍ରମେ ଗଣତନ୍ତ୍ର ଦିବସ ବା ଜନରାଜ୍ୟ ଦିବସରେ ସ୍ଥାନୀୟ ତହସିଲଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ୱାଧୀନତା ଦିବସ ପାଳନ ଅବସରରେ ବିଧାୟକମାନେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତୋଳନ ସହ ଆନୁସଙ୍ଗିକ କାର୍ଯ୍ୟକ୍ରମ ସମ୍ପନ୍ନ କରିଥାନ୍ତି। ଅତିବ ଉତ୍ସାହ ଉଦ୍ଦିପନା ମଧ୍ୟରେ ଚଳିତ ବର୍ଷ ୮୦ତମ ସ୍ୱାଧୀନତା ଦିବସ ପାଳନକୁ ନେଇ ସ୍ଥାନୀୟ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଥିବା ବେଳେ କାର୍ଯ୍ୟକ୍ରମରେ ସମ୍ୟକ ପରିବର୍ତନ ହୋଇଥିବା ଲକ୍ଷ କରାଯାଇଛି। ତହସିଲଦାର ବିଶ୍ୱବିସ୍ମିତ ତ୍ରିପାଠୀ ଉକ୍ତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରିବା ଅବସରରେ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ନିମନ୍ତେ ପ୍ରସ୍ତାବ ପ୍ରଦାନ କରିଥିଲେ ଓ ଏ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ, ଖଣ୍ଡପଡ଼ା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ପୂର୍ବକ ଉତ୍ସବ ପାଳନ ପରିପ୍ରେକ୍ଷୀରେ ନିଜ ନିଜର ସୁମନ୍ତବ୍ୟ ପ୍ରଦାନ କରିଥିଲେ। ବୈଠକର ପ୍ରାରମ୍ଭରେ ପୂର୍ବବର୍ଷର ବିବରଣୀ ପାଠ କରାଯାଇଥିଲା। ଚଳିତ ବର୍ଷ ପୂର୍ବାହ୍ନରେ ରାମଧୁନ ପରିବେଷଣ ସହ ସକାଳ ୯ ଘଟିକା ସମୟରେ ସ୍ଥାନୀୟ ମଧୁବନ କ୍ରୀଡ଼ାଙ୍ଗନରେ ମୁଖ୍ୟ ଅତିଥି ବିଧାୟକ ଇଂ- ସ୍ୱାଇଁଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ ସହିତ ଆନୁସଙ୍ଗିକ କାର୍ଯ୍ୟକ୍ରମ କରାଯିବା ପରିପ୍ରେକ୍ଷୀରେ ପ୍ରସ୍ତାବ ଗୃହିତ ହୋଇଥିଲା। ସେହିପରି ବିଭିନ୍ନ ଶିକ୍ଷା ଅନୁଷ୍ଠାନର ପ୍ରାଥମିକ ସ୍ତର ଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ୟାରେଡ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ଅବସରରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଂଗୀତ, ପ୍ରବନ୍ଧ ଓ ଚିତ୍ରାଙ୍କନ ଆଦି ଅନୁଷ୍ଠିତ ହେବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ/ଶିକ୍ଷୟତ୍ରୀ, କ୍ରୀଡ଼ାଶିକ୍ଷକ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବରିଷ୍ଠ ନାଗରୀକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ଉକ୍ତ ଦିବସର ପାଳନକୁ ନେଇ ସାଜସଜା ଓ ମନୋରଞ୍ଜନ ଧର୍ମି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ବିଭିନ୍ନ ସୁଚିନ୍ତିତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଏବଂ ଏହାର ଦାୟିତ୍ୱ ସ୍ଥାନୀୟ ବିଶିଷ୍ଟ ସମାଜସେବୀ ଚିତରଞ୍ଜନ ମିଶ୍ର, ବିକ୍ରମ କେଶରୀ ଦେଓ, ସାମ୍ବାଦିକ ସନ୍ତୋଷ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ବିନୋଦ କୁମାର ମହାପାତ୍ର,ନାଟ୍ୟ ନିର୍ଦ୍ଦେଶକ ରମାକାନ୍ତ ଦାଶ, ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ଭିକାରୀ ଖଣ୍ଡାୟତ ପ୍ରମୁଖଙ୍କୁ ଅର୍ପଣ କରାଯାଇଥିଲା। ପରିଶେଷରେ ଖଣ୍ଡପଡ଼ା ବିଜ୍ଞାପିତ ଅଂଚଳର ନିର୍ବାହି ଅଧିକାରୀ ଉପସ୍ଥିତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀପ୍ରବଣ ଗାଁ ପାଇଁ ଟର୍ଚ୍ଚ ବିତରଣ

**ବାରିପଦା /ସାହାରପଡା (ଅମୃତ ମିଡିଆ)** : କେନ୍ଦୁଝର ବନଖଣ୍ଡ,ପାଟଣା ବନାଞ୍ଚଳ ଆନୁକୂଲ୍ୟରେ ସାହାରପଡା ବନପାଳଙ୍କ କାର୍ଯ୍ୟାଳୟ ପରିସରରେ ହାତୀ ପ୍ରବଣ ଗାଁଗୁଡ଼ିକର ଲୋକଙ୍କ ସୁରକ୍ଷା ଓ ସଚେତନତାକୁ ଦୃଷ୍ଟିରେ ରଖି ଟର୍ଚ୍ଚ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ହାତୀ ଉପଦ୍ରବ ପ୍ରଭାବିତ ଗାଁ ଗୁଡିକ ପାଇଁ ୨୫ଟି ଟର୍ଚ୍ଚ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ ଯୋଗଦେଇ ମଣିଷ ଓ ହାତୀ ମଧ୍ୟରେ ସଂଘର୍ଷ କମାଇବା, ହାତୀ ଚଳାଚଳ ସମୟରେ ସତର୍କ ରହିବା ଏବଂ ବନ ବିଭାଗ ସହ ସମନ୍ୱୟ ରକ୍ଷା କରିବା ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସାହାରପଡା ବନପାଳ ଶ୍ରୀମନ୍ତ କୁମାର ବେହେରା, ଫୋରେଷ୍ଟ ଗାର୍ଡ, ବନ ବିଭାଗର ପାରା-ଷ୍ଟାଫ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବନ ବିଭାଗ ପକ୍ଷରୁ ଆଗାମୀ ଦିନରେ ଅନ୍ୟାନ୍ୟ ହାତୀ ପ୍ରବଣ ଗାଁଗୁଡ଼ିକରେ ମଧ ପର୍ଯ୍ୟାୟକ୍ରମେ ଟର୍ଚ୍ଚ ବିତରଣ ସହ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ମିଳିଛି।

# ୨ୟ ଜାତୀୟ ନାଟ୍ୟମହୋତ୍ସବ ଅବସରରେ 'ନାଟକ ଓ ଜୀବନ' ଆଲୋଚନାଚକ୍ର




**ବାରିପଦା (ଅମୃତ ମିଡିଆ)** : ମୟୂରଭଞ୍ଜର ଅଗ୍ରଣୀ ନାଟ୍ୟସଂସ୍ଥା 'ଆମେ : ବାରିପଦା' ଦ୍ୱାରା ଆୟୋଜିତ ହେବାକୁଥିବା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ଏକ ଭାବଗର୍ଭକ ଗବେଷଣାତ୍ମକ ଜାତୀୟ ନାଟ୍ୟ ଆଲୋଚନାଚକ୍ର 'ନାଟକ ଓ ଜୀବନ' ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସାଗରିକା ସିଂଙ୍କ ଅଧ୍ୟକ୍ଷତାରେ ଏହାର ଶୁଭ ଉଦଘାଟନ ହେଇଥିବା ବେଳେ, ସଭାପତିତ୍ୱ କରିଥିଲେ ଜାତୀୟ ନାଟ୍ୟ ମହୋତ୍ସବର ସଭାପତି ତଥା ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି ଓ ବିଷୟବସ୍ତୁର ଆଭିମୁଖ୍ୟ ସଂପର୍କରେ ସାଧାରଣ ସମ୍ପାଦକ ତଥା ଆବାହକ, ଅଭିନେତା ନାଟ୍ୟକାର ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଆଲୋକପାତ କରିଥିବା ବେଳେ ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରି, ରାଘଦା ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅସୀମା ସାହୁ ନିମନ୍ତ୍ରିତ ଅତିଥି ବକ୍ତା ମାନଙ୍କ ପରିଚୟ ପ୍ରଦାନ କରିବା ସହିତ ମଂଚ ପରିଚାଳନା କରିବାର ଦାୟିତ୍ୱ ବହନ କରିଥିଲେ। ସୁଦକ୍ଷ ବକ୍ତା ମାନେ ଥିଲେ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକ ଗଦାଧର ପୁଟୀ, ଓଡିଶା ସଂଗୀତ ମହାବିଦ୍ୟାଳୟ, ନାଟକ ବିଭାଗର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନବୀନ ଚରଣ ପରିଡା ଏବଂ ମଂଚ, ବେତାର, ଟେଲିଭିଜନ ଓ ଚଳଚ୍ଚିତ୍ରର ବରିଷ୍ଠ ଅଭିନେତା ସୁଶୀଲ କୁମାର ମିଶ୍ର। ମହାବିଦ୍ୟାଳୟର ଓଡ଼ିଆ ବିଭାଗର ସହଯୋଗୀ ପ୍ରଫେସର ଚନ୍ଦ୍ରଶେଖର ଦାସ ଉପସ୍ଥିତ କଳାପ୍ରେମୀ, ଛାତ୍ରଛାତ୍ରୀମାନଙ୍କୁ ବିଷୟବସ୍ତୁର ସାରମର୍ମ ଅବଗତ କରାଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକାରୀ ସଂପାଦକ ରାଜୀବ କୁମାର ପାତ୍ର। ଏହି ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟରୁ ମହାବିଦ୍ୟାଳୟ ସ୍ତରରେ ମୂକ ଅଭିନୟ, ଏକକ ଅଭିନୟ , ଏକକ ନୃତ୍ୟ ଓ ମଂଚ ସଂଚାଳନା ପ୍ରତିଯୋଗିତାମାନ ଅନୁଷ୍ଠିତ ହେବା ସାଂଗକୁ ପ୍ରଥମଥର ପାଇଁ ନୂତନ ଉଦୀୟମାନ ନାଟ୍ୟକାର ସୃଷ୍ଟି କରିବା ସକାଶେ ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂ ପ୍ରକାଶ କରିଛନ୍ତି।

# ଡେଙ୍ଗୁ, ମ୍ୟାଲେରିଆ ଓ ସ୍ୱାଇନ ଫ୍ଲୁ ସଚେତନତା କାର୍ଯ୍ୟକ୍ରମ




**ଜୟପୁର (ଅମୃତ ମିଡିଆ)** : ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁରର ଜୁନିୟର ରେଡକ୍ରସ୍ ଶାଖା ପକ୍ଷରୁ ଡେଙ୍ଗୁ, ମ୍ୟାଲେରିଆ ଓ ସ୍ୱାଇନଫ୍ଲୁ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ପ୍ରଭାତୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ମନୋଜ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଥିଲେ ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ସୁନୀତା ସାହୁ, ଫାର୍ମାସିଷ୍ଟ ସମତା ସ୍ୱାଇଁ, ଏଏନଏମ ମାଳବିକା ଖରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଡେଙ୍ଗୁ, ମ୍ୟାଲେରିଆ ଓ ସ୍ୱାଇନଫ୍ଲୁର କାରଣ, ଲକ୍ଷଣ, ପ୍ରତିରୋଧ ଏବଂ ନିରାକରଣ ସମ୍ପର୍କରେ ସବିଶେଷ ଅବଗତ କରାଇଥିଲେ। ସ୍ୱଚ୍ଛ ପରିବେଶ ବଜାୟ ରଖିବା, ମଶା ବଂଶବୃଦ୍ଧି ରୋକିବା ଏବଂ ମଶାରୀର ବ୍ୟବହାର ଉପରେ ସେ ବିଶେଷ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜୁନିୟର ରେଡକ୍ରସ୍ ପରାମର୍ଶଦାତ୍ରୀ ସୁବର୍ଣ୍ଣ କୁମାରୀ ଖିଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଜୁନିୟର ରେଡକ୍ରସ୍ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସହ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଭାଗବତ ଜାଗରଣ ମହୋତ୍ସବ



**ଜଗତସିଂହପୁର (ଅମୃତ ମିଡ଼ିଆ)** : ଜଗତସିଂହପୁର ଜିଲ୍ଲାରେ ଗୁରୁପୂର୍ଣ୍ଣିମା ଅବସର ରେ ସଦର ବ୍ଲକ କଣ୍ଟିଲୋ ଗ୍ରାମରେ ଥିବା ଗ୍ରାମ ଦେବୀ ବାଟୁଖାଇଙ୍କ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଓ ଶ୍ରୀମଦ୍ ଭାଗବତ ମହା ମଞ୍ଚ, ଓଡ଼ିଶା, ବାସୁଦେଇପୁର, କେନ୍ଦ୍ରାପଡ଼ାର ଆନୁକୂଲ୍ୟରେ ଏକ ଭାଗବତ ଜାଗରଣ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଉତ୍ସବରେ ଭାଗବତ ମହାମଞ୍ଚ, ଓଡ଼ିଶା ତରଫରୁ ଏ ଅଞ୍ଚଳରେ ଥିବା ପନ୍ଦରଟି ଭାଗବତ ଟୁଙ୍ଗିଙ୍କୁ ଶ୍ରୀମଦ୍ ଭାଗବତ ମହା ପୁରାଣ ବଣ୍ଟନ କରି ପ୍ରତିଦିନ ଭାଗବତ ପାରାୟଣ ପାଇଁ ମହା ମଞ୍ଚର ରାଜ୍ୟ ସଭାପତି ତପନ ମହାରାଜ ନିବେଦନ କରିଥିଲେ। କଣ୍ଟିଲୋ ଗ୍ରାମର ମଂଚର ସଦସ୍ୟ ଓ ଦ୍ରୋପଦୀ ଜେନା ନିଜ ତତ୍ତ୍ୱାବଧାନରେ ସୁଚାରୁ ରୂପେ ସମ୍ପାଦନ କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ରଖିଥିଲେ। ଭାଗବତ ଗୋସାଇଁଙ୍କୁ ପ୍ରଥମେ ସଂକୀର୍ତ୍ତନ ମାଧ୍ୟମରେ ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ଅଞ୍ଚଳର ବହୁ ବିଦ୍ୱାନ ବ୍ୟକ୍ତି ଉକ୍ତ ଭାଗବତ ଜାଗରଣ ମହୋତ୍ସବରେ ଯୋଗ ଦେଇ ଭାଗବତ ମହା ପୁରାଣ କିପରି ପ୍ରତି ଗ୍ରାମରେ ଘରେ ଘରେ ପାଠ କରାଯିବ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ଶତାଧିକ ଶ୍ରୋତା ଉପସ୍ଥିତ ରହି ଏହି ଆଧାତ୍ମିକ ଅମୃତ ବାଣୀକୁ ଶ୍ରବଣ କରି ଜୀବ ଉଦ୍ଧାର ମାର୍ଗକୁ ପରିଷ୍କାର କରି ଚାଲିଥିଲେ। ପରିଶେଷରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶେଷରେ ଉଦୟକତା ଯାଜନା କୁମାର ଲେଙ୍କା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ନିଖିଳ ଓଡ଼ିଶା ପୂର୍ତ୍ତ ବିଭାଗ ଅସ୍ଥାୟୀ କର୍ମଚାରୀ ସଂଘ ପୂର୍ତ୍ତ ମଣ୍ଡଳ ଦରମା ସମସ୍ୟା ନେଇ ଅଭିଯୋଗ



**ଜୟପୁର (ଅମୃତ ମିଡିଆ)** : ନିଖିଳ ଓଡ଼ିଶା ପୂର୍ତ୍ତ ବିଭାଗ ଅସ୍ଥାୟୀ କର୍ମଚାରୀ ସଂଘର ଜୟପୁର ଡିଭିଜନର ୧୨ଜଣ ଅସ୍ଥାୟୀ କର୍ମଚାରୀଙ୍କ ଦରମା ସମସ୍ୟା ନେଇ ଅଭିଯୋଗ ହୋଇଛି। ୧୨.୦୪.୧୯୯୩ ମସିହାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟକରି ଆସୁଅଛୁ, ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ . ୦୬.୦୮.୨୦୨୫ ଅଭିଯୋଗ କ୍ରମାଙ୍କ ୪୯୭ରେ ଚାକିରିର ସ୍ଥାୟୀ ନିମନ୍ତେ ଅର୍ଥ ବିଭାଗର ପତ୍ର ନଂ ୨୭୪୫୪ ତା.୨୩.୦୯.୨୦୨୫ ରିଖ ଓ ପୂର୍ତ୍ତ ବିଭାଗର ପତ୍ର ନଂ ୨୩୩୨୯ ତା ୨୯.୧୧.୨୦୨୫ ରିଗରେ ନାମ ଜୟପୁର ପୂର୍ତ୍ତ ବିଭାଗରୁ ପତ୍ର ନଂ ୫୧୯୦ ତା. ୩୧.୧୨.୨୦୨୫ ରିଖରେ ଯନ୍ତ୍ରୀ ମୁଖ୍ୟ, ଭୁବନେଶ୍ୱରଙ୍କୁ ପ୍ରେରଣ କରାଯାଇଛି ଏବଂ ଏହା ବିଚାରଧୀନ ଥିବା ସମୟରେ ଗତ କିଛି ମାସତଳୁ ବିନା ପ୍ରମାଣରେ ପ୍ରଦାନ କରାଯାଇଥିବା ଦରମା ଆଉ ପ୍ରଦାନ କରାଯାଉନାହିଁ। ଏଥିଲାଗି ମୌଖିକ ଓ ଲିଖିତ ଭାବରେ ବାରମ୍ବାର ଜୟପୁର ପୂର୍ତ୍ତ ବିଭାଗର ଅକ୍ଷଣ ଯନ୍ତ୍ରୀ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ ସମସ୍ତେ ନୈରାଶ୍ୟଜନକ ଉତ୍ତର ପ୍ରଦାନ କରୁଛନ୍ତି। ଏବଂ ଉପର ଅଧିକାରୀଙ୍କ ଉପରେ ଦାୟିତ୍ୱ ଛାଡୁଛନ୍ତି, ଯାହାଦ୍ୱାରା ଆମ୍ଭେ ପିଲାଛୁଆଙ୍କୁ ଧରି ଚଳିବା ବହୁତ କଷ୍ଟ ହେଉଅଛି। ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତ ବିଭାଗର ଉଚ୍ଚପଦସ୍ଥ କର୍ମଚାରୀଙ୍କ ନିକଟରେ ପହଁଆୟୀ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସଙ୍ଘ ସଭାପତି ସତୀଶ ଚନ୍ଦ୍ର ନାୟକ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ବେହେରା ସୂଚନା ଦେଇଛନ୍ତି।

# ନୂତନ ପୋଲିସ ଜିଲ୍ଲା ହେବାପରେ ୧୪ ଜଣ ଇନ୍ସପେକ୍ଟର ଓ ସବ୍ଇନ୍ସପେକ୍ଟରଙ୍କ ବଦଳି

**ବାରିପଦା (ଅମୃତ ମିଡିଆ)** : ମୟୁରଭଞ୍ଜ ଜିଲ୍ଲା ରେ ରାଇରଙ୍ଗପୁର ଠାରେ ନୂତନ ପୋଲିସ ଜିଲ୍ଲା ଖୋଲିବାପରେ ଏସପି ସୁରେଶ ପାତ୍ର ପ୍ରଥମ କରି ୧୪ ଜଣ ଆଇଆଇସି ଓ ଓଆଇସିଙ୍କୁ ଆଜି ବଦଳି ନିର୍ଦ୍ଦେଶ ଜାରି କରିଥିବାର ଜଣାପଡିଛି। ଜାମୁଦା ଆଇଆଇସି ରାଜେଶ କୁମାର ସେଠୀଙ୍କୁ ଯଶିପୁର ଆଇ ଆଇ ସି ଭାବେ ବଦଳି କରିଥିବାବେଳେ ତାଙ୍କ ସ୍ଥାନରେ ଠାକୁରମୁଣ୍ଡା ଓ ଆଇସି ସାବିତ୍ରୀ ଦଳେଇଙ୍କୁ ବଦଳି କରିଛନ୍ତି। ସେହିଭଳି ଯଶିପୁର ଆଇଆଇସି ସଂଯୁକ୍ତା ମହାଳିକଙ୍କୁ ବାଦାମପାହାଡ଼ ଥାନାକୁ ବଦଳି କରିଥିବାବେଳେ ବାଦାମପାହାଡ଼ ଓ ଆଇସିକେକେ ହେମ୍ବ୍ରମଙ୍କୁ ରାଇରଙ୍ଗପୁର ଥାନାକୁ ବଦଳି କରିଛନ୍ତି। ଘାଗରବେଡା ଆଇଆଇସି ବୀରେନ୍ଦ୍ର କୁମାର ରାଉତଙ୍କୁ ମହୁଲଡିହା ଥାନାକୁ ବଦଳି କରିଥିବାବେଳେ ତାଙ୍କ ସ୍ଥାନରେ ମହୁଲଡିହା ଆଇଆଇସି ତୁଷାର ନାୟକଙ୍କୁ ବଦଳି କରିଥିବାର ଜଣାଯାଇଛି। ସେହିଭଳି ହେଡ଼କ୍ୱାଟର ଇନ୍ସପେକ୍ଟର ସୁବର୍ଣ୍ଣ ବେହେରାଙ୍କୁ ବିଶୋଇ ଥାନାକୁ ପୋଷ୍ଟିଙ୍ଗ କରିଥିବାବେଳେ ବିଶୋଇ ଆଇଆଇସି ଶରତ ଚନ୍ଦ୍ର ଦାସଙ୍କୁ ହେଡକ୍ୱାର୍ଟର ସହ ଟ୍ରାଫିକକୁ ଶରତ ଚନ୍ଦ୍ର ମହାଳିକଙ୍କୁ ଠାକୁରମୁଣ୍ଡା ଆଇଆଇସି, ରରୁଆଁ ଓ ଆଇସି ବିବେକାନନ୍ଦ ବେହେରାଙ୍କୁ ବିଶୋଇ ଥାନାକୁ ବିଶୋଇ ଥାନା ଏସଆଇ ରଶ୍ମିତା ଦାସଙ୍କୁ ବାଦାମପାହାଡ଼ ଥାନାକୁ ଯଶିପୁର ଥାନାରେ ଥିବା ଏସ ଆଇ ଜୟନ୍ତ କୁମାର ସେଠୀଙ୍କୁ ଠାକୁରମୁଣ୍ଡା ଥାନା ଏସ ଆଇ ଭାବେ, ଠାକୁରମୁଣ୍ଡା ଥାନା ଏସଆଇ ରଂଜିତା ଦାସଙ୍କୁ କରଞ୍ଜିଆ ଥାନାକୁ ଏବଂ କରଞ୍ଜିଆ ଥାନା ଏସ ଆଇ ଭାରତୀ ବାରିକଙ୍କୁ ରରୁଆଁ ଥାନାକୁ ବଦଳି କରିଥିବାର ଏସପି ଅଫିସରୁ ପ୍ରକାଶ ପାଇଥିବା ନୋଟିସରୁ ଜଣାଯାଇଛି।

# ଅବସରଦିନ ହାତକୁ ମିଳିଲା ଚୂଡ଼ାନ୍ତ ପେନ୍ସନ ଆଦେଶ

## ନବରଙ୍ଗପୁର ଜିଲ୍ଲାରେ ନୂଆ ଦୃଷ୍ଟାନ୍ତ



**ରାଇଘର (ଅମୃତ ମିଡିଆ)** : ନବରଙ୍ଗପୁର ଜିଲ୍ଲା ଡାବୁଗାଁ ତହସିଲର ସେକ୍ସନ ଅଫିସର ବିଶ୍ୱନାଥ ପାଣିଗ୍ରାହୀ ଜୁଲାଇ ୩୧ ତାରିଖ ରେ ଅବସର ଗ୍ରହଣ କରିଥିବା ବେଳେ ଅବସର ତାରିଖ ପୂର୍ବରୁ ତାଙ୍କର ଚୂଡ଼ାନ୍ତ ପେନ୍ସନ୍ ପ୍ରସ୍ତାବ ମହାଲେଖାକାର, ଓଡ଼ିଶାଙ୍କ ଦ୍ୱାରା ଅନୁମୋଦିତ ହୋଇଥିବାରୁ ଅବସର ଦିନରେ ହିଁ ସେ ଚୂଡ଼ାନ୍ତ ପେନ୍ସନ୍ ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ହସ୍ତଗତ କରିଛନ୍ତି। ନବରଙ୍ଗପୁର ଜିଲ୍ଲାର ରାଜସ୍ୱ କ୍ୟାଡରରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି, ଯେଉଁଥିରେ କୌଣସି କର୍ମଚାରୀଙ୍କ ଚୂଡ଼ାନ୍ତ ପେନ୍ସନ୍ ଅବସର ତାରିଖ ପୂର୍ବରୁ ଅନୁମୋଦିତ ହୋଇ ଅବସର ଦିନରେ ହିଁ ତାଙ୍କୁ ପେନ୍ସନ୍ ପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶାନୁସାରେ ଅବସର ଦିନରେ ଚୂଡ଼ାନ୍ତ ପେନ୍ସନ୍ ମଞ୍ଜୁର ଓ ପ୍ରଦାନ କରିବାର ଲକ୍ଷ୍ୟକୁ ଏହି ସଫଳତା ପ୍ରତିଫଳିତ କରିଛି। ଏହି ଅବସରରେ ଡ. ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଓ ବିଶ୍ୱଜିତ୍ ବର୍ମନ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ପାଣିଗ୍ରାହୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର (ପ୍ରତିଷ୍ଠାନ ଉପବିଭାଗ) ସୁଶ୍ରୀ ସାମିନା ଆଖତାରୀ, ବିଭାଗୀୟ ଅଧିକାରୀ ଜଗନ୍ନାଥ ମହାପାତ୍ର, ପେନ୍ସନ୍ ଡିଲିଂ ଆସିଷ୍ଟାଣ୍ଟ ଦେବାଶିଷ ସୁଆରଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।ଏହି ସଫଳ ପଦକ୍ଷେପ ଅନ୍ୟ ସରକାରୀ କର୍ମଚାରୀଙ୍କୁ ଅବସରର ଅନ୍ୟୁନ ଏକ ବର୍ଷ ପୂର୍ବରୁ ପେନ୍ସନ୍ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ପ୍ରେରଣା ଯୋଗାଇବ। ଏହାଦ୍ୱାରା ଚୂଡ଼ାନ୍ତ ପେନ୍ସନ୍ ଅବସର ତାରିଖ ପୂର୍ବରୁ ମଞ୍ଜୁର ହୋଇ କର୍ମଚାରୀମାନେ ଅବସର ଦିନରେ ହିଁ ସେମାନଙ୍କର ପେନ୍ସନ୍ ସୁବିଧା ପାଇପାରିବେ।

# ବ୍ୟବସାୟୀଙ୍କ ଆତ୍ମହତ୍ୟା

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ)** : ଚାରିନଙ୍ଗଳ ବଜାରରେ ଦୀର୍ଘ କୋଡ଼ିଏ ବର୍ଷରୁ ଊର୍ଦ୍ଧ ହେବ ଚା ଦୋକାନ କରି ଆସୁଥିବା ବାହାଦୁରନଗର ଗ୍ରାମର କୃପାସିନ୍ଧୁ ଦାସ ଓରଫ କୁନିଆ(୫୨)ଙ୍କର ଅକାଳ ବିୟୋଗ ଘଟିଛି। ଖବର ମୁତାବକ କୃପାସିନ୍ଧୁ ନିଜ ଦୋକାନରେ ବୁଧୁବାର ସକାଳ ସମୟରେ ଚା ବିକି ସାରି ଦୋକାନ ଆଗରେ ଢ଼ଳାଇ ପକାଇଥିଲେ। ମଧ୍ୟାହ୍ନରେ ଘରକୁ ନଆସି ଦୋକାନରେ ରହିଥିଲେ। ଉପରବେଳା ଦୋକାନ ଘର ଭିତରୁ ବନ୍ଦ ଥିବା ପାଖ ଦୋକାନୀ ମାନେ ଦେଖି କବାଟ ବାଡ଼ାଇ ଯେତେ ଡାକିଲେ କେହି ଶୁଣିଲେ ନାହିଁ ପରେ ତାଙ୍କ ଘରକୁ ଖବର ଦେଇଥିଲେ, ଘରଲୋକେ ପହଞ୍ଚି କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ କୃପାସିନ୍ଧୁଙ୍କୁ ଦେଖି ବାଲିଚନ୍ଦ୍ରପୁର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଗୁରୁବାର କୁନିଆଙ୍କ ମୃତଦେହ ଗାଆଁ ରେ ପହଁଚିବା ପରେ ଏକ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ପ୍ରଧାନଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



**ଯାଜପୁର (ଅମୃତ ମିଡିଆ)** : ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ବିରଜାପୁର ପଂଚାୟତ ଅନ୍ତର୍ଗତ ବାମଦେବ ପୁର ଅଞ୍ଚଳରେ ଥିବା ଯଯାତି କେଶରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ପଣ୍ଡାଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ମହା ସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁରମା ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ, ପୂର୍ବତନ ବିଇଓ ଅନ୍ନଦା ପ୍ରସାଦ ରଣା, ଏବିଓ ବରଦା ଭୂଷଣ ମହାପାତ୍ର,ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ, ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶ, ଡ. ବିଜୟ ମୋହନ ରାୟ, ଶିକ୍ଷାବିତ୍ ବସନ୍ତ କୁମାର ବଳ,ଅଧାପକ ଡ. ଦାମୋଦର ବେହେରା, ପ୍ରାକ୍ତନ ଶିକ୍ଷକ ବନମାଳୀ ପଣ୍ଡା ଏହି ସଭାରେ ଯୋଗଦାନ କରିଥିଲେ। ଓଡଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲ, ରାମ ଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତୁଷାର କାନ୍ତି ମିଶ୍ରଏବଂ ଯଯାତି କେଶରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟବ୍ରତ ଧଳ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।ଏହି ଅବସର କାଳୀନ ସଭାରେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଯଯାତି କେଶରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ଜଣେ କର୍ତ୍ତବ୍ୟନିଷ୍ଠ ଦକ୍ଷ ପ୍ରଧାନ ଶିକ୍ଷକ, ସୁପରି ଚାଳକ,ଛାତ୍ର ବତ୍ସଳ ତଥା ମାଟି ମା ମଣିଷକୁ ଭଲ ପାଉଥିବା ବ୍ୟକ୍ତିତ୍ୱ, ମୁଖ୍ୟ ବକ୍ତା କୃଷ୍ଣ ଚନ୍ଦ୍ର ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ପ୍ରଧାନଶିକ୍ଷକ ଶ୍ରୀ ପଣ୍ଡା ଡି ଏସଏସ ଭାବରେ ପୁରା ଯାଜପୁର ଜିଲ୍ଲାକୁ ବିଭିନ୍ନ ପରୀକ୍ଷା କ୍ଷେତ୍ରରେ ନିଷ୍ଠାର ସହିତ ସୁପରୀ ଚାଳନା କରିଥିଲେ,ଏବଂ ତାଙ୍କ ବ୍ୟକ୍ତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ।ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ସି ଆର ସିସି ଅମରେନ୍ଦ୍ର ବେହେରା, ଦଶରଥପୁର ବ୍ଲକ୍, ବିଞ୍ଝାରପୁର ବ୍ଲକ୍, ଯାଜପୁର ମ୍ୟୁନିସିପାଲଟି, ପାଣିକୋଇଲି, ସୁକିନ୍ଦା, ଦାନଗଦି, ବଡ଼ଚଣା ଏବଂ ଶିବ ପ୍ରସାଦ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତି ରହି ଆଜିର ଏହି ସମ୍ବର୍ଦ୍ଧନା ଉତ୍ସବକୁ ଅତି ସଫଳତାର ସହ ସମ୍ପାଦନା କରିଥିଲେ।





# ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରୁଛି ଉତ୍କଳ ଆଲୁମିନା




ଭୁବନେଶ୍ୱର (ବ୍ୟୁରୋ) : ସମାବେଶୀ ଓ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ନିଜର ପ୍ରତିବଦ୍ଧତାର ଅଂଶ ଭାବରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ ସିଏସ୍‌ଆର ପ୍ରୟାସସମୂହ ତୃଣମୂଳ ସ୍ତରରେ ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ଏବଂ ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏକାଧିକ ମହିଳା-କୈନ୍ଦ୍ରିକ ଜୀବିକା ଉପାର୍ଜନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛି। ଏହି ପ୍ରୟାସଗୁଡିକ ରାୟଗଡା ଓ କଳାହାଣ୍ଡି ଜିଲ୍ଲାଗୁଡିକର କାଶିପୁର ଓ ଥୁଆମୂଳ ରାମପୁର ବ୍ଲକଗୁଡିକରେ ପାରିପାର୍ଶ୍ୱିକ ଓ ଖଣି-ପ୍ରଭାବିତ ଗ୍ରାମଗୁଡିକରେ ମହିଳାମାନଙ୍କୁ ସମର୍ଥନ ଯୋଗାଇଦେବାକୁ ହାତକୁ ନିଆଯାଇଛି। ଏ ସମ୍ପର୍କରେ ପ୍ରକାଶ କରି ଶ୍ରୀ କୈଳାସ ପାଣ୍ଡେ, ମାଇନିଂ ବିଜିନେସ୍ ହେଡ, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ କହିଛନ୍ତି, "ହିଣ୍ଡାଲ୍‌କୋର ଆମର ବିଶ୍ୱାସ ଯେ ଗୋଷ୍ଠୀଗୁଡିକ ଯେତେବେଳେ ପ୍ରଗତିରେ ସକ୍ରିୟ ସହଭାଗୀ ହୁଅନ୍ତି ସେତେବେଳେ ବାସ୍ତବ ବିକାଶ ଆରମ୍ଭ ହୁଏ। ବାଫିଲମାଳି ଖଣି ଚତୁର୍ପାର୍ଶ୍ୱରେ ଆମର ମହିଳା-ନେତୃତ୍ୱ ଜୀବିକା ଉପାର୍ଜନ ପ୍ରୟାସଗୁଡିକ ଜରିଆରେ ଆମେ ଆୟର ସୁଯୋଗଗୁଡିକ ସୃଷ୍ଟି କରିବା ସହିତ ଔଦ୍ୟୋଗିକତା, ଆତ୍ମବିଶ୍ୱାସ ଓ ଦୀର୍ଘସୂତ୍ରୀ ସ୍ୱାବଲମ୍ବନଶୀଳତାକୁ ପରିପୋଷଣ କରୁଛୁ। ସଶକ୍ତ ମହିଳାମାନେ ଦୀର୍ଘସ୍ଥାୟୀ ଗୋଷ୍ଠୀ ରୂପାନ୍ତରଣ ନିମନ୍ତେ ମଜଭୁତ ପରିବର୍ତ୍ତନକାରୀ ଅଟନ୍ତି। ଅର୍ଥନୈତିକ ସ୍ୱାଧୀନତା ଦିଗରେ ସେମାନଙ୍କ ଯାତ୍ରାକୁ ସମର୍ଥନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ପ୍ରୋଜେକ୍ଟ ଶକ୍ତି ଓ ପ୍ରୋଜେକ୍ଟ ଗ୍ରାମ୍ୟ ଶକ୍ତି ଅଧୀନରେ ୟୁଏଆଇଏଲ୍ ଅଣ୍ଡିରାକ, ପାଇକକୁପଖାଲ, ନାରିଙ୍ଗଯୋଡି ଏବଂ ଯୋଗିପରିତୁଣ୍ଡା ଗ୍ରାମଗୁଡିକରେ ଦୀର୍ଘସ୍ଥାୟୀ ଔଦ୍ୟୋଗିକତା ଏବଂ ଆୟକାରୀ ସୁଯୋଗଗୁଡିକୁ ପ୍ରୋତ୍ସାହିତ କରି ପ୍ରାୟ ୨୦୦ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିଛି। ସିଏସ୍‌ଆର ଏନଜିଓ ଏବଂ ଆସା (ଏଏସ୍‌ଏସ୍‌ଏ) ଏନଜିଓ ସହଯୋଗୀତାରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରୟାସଗୁଡିକ ମହିଳାମାନଙ୍କୁ ଧୂପକାଠି (ଅଗରବତୀ) ଓ କାଗଜ ପ୍ଲେଟ ତିଆରି, ଚାନ୍ଦୁଆ କାମ, ଝୋଟ ଓ କାନଭାସ୍ ସାମଗ୍ରୀ, ରାତ୍ରିକାଳୀନ ପରିଧାନ, ଫିନାଇଲ ପ୍ରସ୍ତୁତି ଏବଂ ମାଣ୍ଡିଆ ଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣାରେ ଦକ୍ଷତା ବିକାଶ ଜରିଆରେ ସମର୍ଥନ କରିଛି। ମହିଳାମାନେ ସେମାନଙ୍କର ଉଦ୍ୟୋଗ ସ୍ଥାପନ ଓ ପରିଚାଳନା ନିମନ୍ତେ ତାଲିମ, ଯନ୍ତ୍ରପାତି, ଉପକରଣ, କଞ୍ଚାମାଲ ଏବଂ ବୈଷୟିକ ମାର୍ଗଦର୍ଶନ ସମେତ ପୂର୍ଣ୍ଣାଙ୍ଗ ସମର୍ଥନ ଲାଭ କରିଛନ୍ତି। ଉତ୍ପାଦନକୁ ଶୃଙ୍ଖଳିତ କରିବା, ସମ୍ବଳ ପ୍ରାପ୍ତି ନିମନ୍ତେ ଉନ୍ନତ ସୁଯୋଗ ସୃଷ୍ଟି ତଥା ସାମଗ୍ରିକ ଔଦ୍ୟୋଗିକତା ସୁଦୃଢ କରିବାକୁ ଉତ୍ପାଦକ ଗୋଷ୍ଠୀଗୁଡିକ ଗଠନ କରାଯାଇଛି। ସହଭାଗୀ ଏନ୍‌ଜିଓ ଏବଂ ୟୁଏଆଇଏଲ ଦ୍ୱାରା ବଜାର ସଂଯୋଗୀକରଣକୁ ସୁଗମ କରାଯିବା ସହିତ ଜିଲ୍ଲା ଓ ବ୍ଲକସ୍ତରୀୟ ମେଳା, ପ୍ରଦର୍ଶନୀ ଓ ଅନ୍ୟ ବିପଣନ ପ୍ଲାଟଫର୍ମଗୁଡିକରେ ଅଂଶଗ୍ରହଣ ଦ୍ୱାରା ମହିଳାମାନେ ସେମାନଙ୍କର ବଜାର ପହଞ୍ଚ ପରିବ୍ୟାପ୍ତ କରିବା, ସେମାନଙ୍କର ଔଦ୍ୟୋଗିକ ଦକ୍ଷତାରେ ବୃଦ୍ଧି ଘଟାଇବା ଏବଂ ଦୀର୍ଘସ୍ଥାୟୀ ଜୀବିକା ସୃଷ୍ଟି କରିବାକୁ ସମର୍ଥ ହୋଇଛନ୍ତି। ଏହି ପ୍ରୟାସଗୁଡିକ ପ୍ରୋଜେକ୍ଟ ଗ୍ରାମଗୁଡିକରେ ଗ୍ରାମୀଣ ମହିଳାଙ୍କ ମଧ୍ୟରେ ଆତ୍ମନିର୍ଭରତା ଏବଂ ଅର୍ଥନୈତିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଛି। ବଜାର ସଂଯୋଗୀକରଣକୁ ସୁଦୃଢ କରିବା ନିମନ୍ତେ ୟୁଏଆଇଏଲ ନିକଟରେ ଆସା ଏନଜିଓ ସହିତ ସହଭାଗୀତାରେ ଓଷାପଡା, ଟିକିରିଠାରେ ଏକ ଉତ୍ସର୍ଗୀକୃତ ଖୁଚୁରା ବିକ୍ରୟ କେନ୍ଦ୍ର 'ମାଣ୍ଡିଆ ରାଣୀ' ଆରମ୍ଭ କରିଛି। ଏହି ବିକ୍ରୟ କେନ୍ଦ୍ର ମହିଳା ଉଦ୍ୟୋଗୀମାନଙ୍କ ଦ୍ୱାରା ବିବିଧ ଜୀବିକା ଉପାର୍ଜନ ପ୍ରକଳ୍ପଗୁଡିକ ଅଧୀନରେ ପ୍ରସ୍ତୁତ ଉତ୍ପାଦଗୁଡିକର ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ଏକ ମଞ୍ଚ ଭାବରେ କାର୍ଯ୍ୟ କରୁଛି। ଉଲ୍ଲେଖଯୋଗ୍ୟ ଯେ ମହିଳା ଗୋଷ୍ଠୀଗୁଡିକ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ଲଡୁ ସମ୍ପ୍ରତି ନିୟମିତ ଭାବରେ ବିଦ୍ୟାଳୟଗୁଡିକୁ ଯୋଗାଇ ଦିଆଯାଉଛି, ଯାହା ହିତାଧିକାରୀମାନଙ୍କ ନିମନ୍ତେ ଏକ ସ୍ଥିର ଆୟର ଉତ୍ସ ହୋଇଛି। ଏହି ପ୍ରୟାସଗୁଡିକ ସହିତ ସଂପୃକ୍ତ ମହିଳାମାନେ କହିଛନ୍ତି ଯେ କାର୍ଯ୍ୟକ୍ରମଗୁଡିକ ସେମାନଙ୍କର ଆୟରେ କେବଳ ଉନ୍ନତି ଆଣିନାହିଁ, ତାହାସହିତ ସେମାନଙ୍କର ଆତ୍ମବିଶ୍ୱାସ ଓ ସାମାଜିକ ସ୍ଥିତିରେ ମଧ୍ୟ ଉନ୍ନତି ଆଣିଛି। ସେମାନଙ୍କ ମଧ୍ୟରୁ ଅନେକ ସମ୍ପ୍ରତି ପାରିବାରିକ ଆୟରେ ଉଲ୍ଲେଖନୀୟ ଅବଦାନ ରଖୁଛନ୍ତି ଏବଂ ନିଜକୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ବୋଲି ଗର୍ବର ସହିତ କହୁଛନ୍ତି। ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଭାବରେ ଏବଂ ସମାଜ ପ୍ରତି ନିରନ୍ତର ପ୍ରତିଦାନ ରଖିବାର ପ୍ରେରଣାରେ ପରିଚାଳିତ ହୋଇ ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡ଼ିଶାରେ ୫ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି ଏବଂ ୧୨୮ଟି ଗ୍ରାମରେ ୨ ଲକ୍ଷରୁ ଅଧିକ ଜୀବନକୁ ସ୍ପର୍ଶ କରୁଛି। ଶ୍ରୀମତୀ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ଆଦିତ୍ୟ ବିର୍ଲା ସେଣ୍ଟର ପର୍ କମ୍ୟୁନିଟି ଇନିସିଏଟିଭ୍‌ସ୍ ଆଣ୍ଡ ରୁରାଲ ଡେଭେଲପମେଣ୍ଟଙ୍କ; ଅଧୀନରେ ଗ୍ରୁପର ସିଏସ୍‌ଆର କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଗ୍ରୁପ୍ ନିଜର ବ୍ୟବସାୟ ପରିଚାଳନା କରୁଥିବା ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ସକ୍ରିୟ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି। ଏଭଳି କରିବା ଦ୍ୱାରା ସମାଜର ଦୁର୍ବଳ ବର୍ଗଙ୍କ ନିମନ୍ତେ ଏକ ଉତ୍ତମ, ଦୀର୍ଘସ୍ଥାୟୀ ଜୀବନ ଧାରଣ ପନ୍ଥା ନିର୍ମାଣ ଏବଂ ରାଷ୍ଟ୍ରର ମାନବ ବିକାଶ ସୂଚୀରେ ଉନ୍ନତି ଆଣିବାର ପ୍ରଚେଷ୍ଟା କରାଯାଉଛି। ଗ୍ରୁପର ସିଏସଆର୍ ଲକ୍ଷ୍ୟ ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧାରୁ ମୁକ୍ତି ସୁନିଶ୍ଚିତ କରିବାକୁ ୟୁଏନ୍‌ଏସଡିଜିର ଲକ୍ଷ୍ୟସମୂହ ସହିତ ମେଳଖାଉଛି।

# ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀ ପ୍ରଚାର ସମିତି ତରଫରୁ ଗୁରୁପୂର୍ଣ୍ଣିମା ଉତ୍ସବ



ଭୁବନେଶ୍ୱର (ବ୍ୟୁରୋ) : ପବିତ୍ର ବ୍ୟାସ ପୂର୍ଣିମା ତଥା ଗୁରୁ ପୂର୍ଣିମା ଅବସରରେ ଜଗଦ୍ ଗୁରୁ ଶ୍ରୀଧର ସ୍ୱାମୀ ପ୍ରଚର ସମିତି, ଭୁବନେଶ୍ୱର ତରଫରୁ, ଗୁରୁ ପୂର୍ଣ୍ଣିମା ଉତ୍ସବ ମହା ଆନନ୍ଦ ଏବଂ ଭାବପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥ ୟୁନିଟ୍- ୬ 'ମା କାଳୀ' ମନ୍ଦିର ପରିସରରେ ଅନୁଷ୍ଠିତ ଗୁରୁ ପୂଜନ କାର୍ଯ୍ୟକର୍ମରେ ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ କମନୀୟ ଫଟୋଚିତ୍ର ସ୍ଥାପନା କରାଯାଇ ବହୁସଂଖାରେ ଶିଷ୍ୟ, ଭକ୍ତ ଏବଂ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ଭୋଗରାଗ କରାଯାଇଥିଲା। ପରେପରେ ଗୁରୁଦେବ ସ୍ୱାମୀଜୀଙ୍କ ଗୁଣଗାନ ପାଇଁ ଏକ ସ୍ମରଣ ସଭା ମନୋରଂଜନ ମହାନ୍ତିଙ୍କ ସଂଯୋଜନାରେ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଦେବେନ୍ଦ୍ର ନାଥ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ପ୍ରଚାର ଓ ପ୍ରସାର ପାଇଁ ସ୍ୱାମୀଜୀଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ସ୍ୱାମୀଜୀଙ୍କ ଶିଷ୍ୟ ଦିପ୍ତିକାନ୍ତ ମହାନ୍ତି, ଗିରୀଶ ଦାସ, ସାକେତ ମହାନ୍ତି ଶ୍ୱେତବନ୍ଧୁ ଭୋଇ ଏବଂ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ସେମାନଙ୍କର ଗୁରୁ ସମ୍ପର୍କିତ ଅନୁଭୂତି ଏବଂ ଅଲୌକିକତା ବିଷୟରେ ବର୍ଣ୍ଣନା କରିଥିଲେ। ସଭା ପ୍ରାରମ୍ଭରେ ସଂଯୋଜକ ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ଗୁରୁ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ଏବଂ ସଭାପତି ପ୍ରଦୀପ୍ତ କୁମାର ମହାନ୍ତି ଶ୍ରୀଧର ସ୍ୱାମୀଙ୍କ ବିଷୟରେ ସମବେତ ଭକ୍ତ ମଣ୍ଡଳୀଙ୍କୁ ଅବଗତ କରାଇଥିଲେ ସଭା ଅନ୍ତରେ ନିହାରିକା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶ୍ରୀଗୁରୁଦେବଙ୍କ ଫଟୋଚିତ୍ରରେ ସମସ୍ତେ ପୁଷ୍ପାଞ୍ଜଳି ଅର୍ପଣ କରି ପ୍ରଣତି ଜଣାଇଥିଲେ। ଉକ୍ତ ଗୁରୁପୂଜନ କାର୍ଯ୍ୟକ୍ରମରେ ପ୍ରହ୍ଲାଦ ଶତପଥୀଙ୍କ ନେତୃତ୍ୱରେ କଟକ ଜିଲ୍ଲା ବୟାଳିଶ ମୌଜାରୁ ବହୁସଂଖ୍ୟାରେ ଶିଷ୍ୟ ଓ ଭକ୍ତମାନେ ଯୋଗଦେବା ସହ ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରୁ ସର୍ବଶ୍ରୀ କଲ୍ୟାଣ ମହାନ୍ତି, ପ୍ରଫୁଲ୍ଲ ବେହେରା, ପ୍ରସନ୍ନ ଖୁଣ୍ଟିଆ, ନିତ୍ୟାନଂଦ ସାହୁ, ନିତ୍ୟାନନ୍ଦ ମହାନ୍ତି, ସୁନରାମ ସିଂ, ବିଜୟ କୁମାର ଦାସ, ସଂଗ୍ରାମ ଜେନା, ତୋଫାନି ବାରିକ, ମମତା ନାୟକ, ରିଭା ମହାନ୍ତି, ମମତା ରାଉତ, ଶକୁନ୍ତଳା ପାଲ୍, ପ୍ରତିଭା ମହାନ୍ତି, ଭାରତୀ ମହାନ୍ତି ପ୍ରମୁଖ ଯୋଗଦେଇ ଗୁରୁପୂଜନ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ସମ୍ ହସ୍ପିଟାଲ୍ ପକ୍ଷରୁ କୋର୍ଟ ପରିସରରେ ବିଶାଳ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର (ବ୍ୟୁରୋ) : ସମାଜର ହିତ ସାଧନକୁ ଦୃଷ୍ଟିରେ ରଖି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍, କ୍ୟାମ୍ପସ -୧ ପକ୍ଷରୁ ଭୁବନେଶ୍ୱର କୋର୍ଟ ପରିସରରେ ଗୁରୁବାର ଏକ ବିଶାଳ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ଆଇଏମ୍‌ଏସ ଆଣ୍ଡ ସମ ହସ୍ପିଟାଲ୍ ଓ ଭୁବନେଶ୍ୱର ବାର୍ ଆସୋସିଏସନ୍ ୱେଲଫେୟାର ଟ୍ରଷ୍ଟର ମିଳିତ ସହଯୋଗରେ ଆଇନଜୀବୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଏହି ବିଶାଳ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ବାର ଆସୋସିଏସନ୍‌ର ପ୍ରାୟ ୧୦୦୦ ସଦସ୍ୟ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି ବୋଲି ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସୂର୍ଯ୍ୟ ନାରାୟଣ ଦାସ ସୂଚନା ଦେଇଛନ୍ତି। ଏହି ସ୍ୱାସ୍ଥ୍ୟ ଶିବିର ନିମନ୍ତେ ଶ୍ରୀ ଦାସ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ଦାସ କହିଥିଲେ ଯେ ଆଇନଜୀବି ମାନେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଅନେକ ଚାପରେ ରହୁଛନ୍ତି ତେଣୁ ସେମାନଙ୍କର ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାର ଆବଶ୍ୟକତା ରହିଛି। ଏହି ଅବସରରେ ଭୁବନେଶ୍ୱର ବାର୍ ଆସୋସିଏସନ୍ ୱେଲଫେୟାର ଟ୍ରଷ୍ଟର ଅଧ୍ୟକ୍ଷ ମାନସ ମହାପାତ୍ର ଓ ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ସମ୍ପାଦକ ସୁମନ୍ ରାଉତରାୟ ଉପସ୍ଥିତ ରହି ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଏହି ସ୍ୱାସ୍ଥ୍ୟ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ୍- ୧ର ଭେଷଜ, ଅସ୍ଥିମଜ୍ଜା, ଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଚକ୍ଷୁ, ଦନ୍ତ ଓ ଚର୍ମ ବିଭାଗର ୩୦ ଜଣ ଡାକ୍ତର ଯୋଗ ଦେଇ ଆଇନଜୀବିମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ଟିପିସିଓଡିଏଲ୍ ପକ୍ଷରୁ ନୈତିକତା ଦିବସ ପାଳିତ




ଭୁବନେଶ୍ୱର (ବ୍ୟୁରୋ) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ ଆଜି ସମସ୍ତ କାର୍ଯ୍ୟାଳୟରେ ଜାହାଙ୍ଗୀର ରତନଜୀ ଦାଦାଭୋଏ ଟାଟାଙ୍କ ଜୟନ୍ତୀ ଅବସରରେ ନୈତିକତା ଦିବସ ପାଳନ କରାଯାଇଛି। ତାଙ୍କର ଅତୁଳନୀୟ ଅବଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଭୁବନେଶ୍ୱରସ୍ଥିତ କମ୍ପାନୀର କର୍ପୋରେଟ୍ କାର୍ଯ୍ୟାଳୟ ସମେତ ସେଣ୍ଟ୍ରାଲ ଓଡିଶାର କମ୍ପାନୀର ସମସ୍ତ କାର୍ଯ୍ୟାଳୟରେ ବିଭିନ୍ନ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ଉପସ୍ଥିତ କମ୍ପାନୀର ବରିଷ୍ଠ ନେତୃବୃନ୍ଦ ଏବଂ କର୍ମଚାରୀମାନେ ଜେ.ଆର.ଡି. ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ସେ ପ୍ରବର୍ତ୍ତନ କରିଥିବା ମୂଳ ମୂଲ୍ୟବୋଧ - ନୈତିକତା, ସତ୍ୟନିଷ୍ଠା, ଶ୍ରେଷ୍ଠତା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରା ଇଥିଲେ। ଏହି ଅବସରରେ କମ୍ପାନୀର ନେତୃବୃନ୍ଦ ପ୍ରକାଶ କରିଥିଲେ ଯେ, ଜେ.ଆର.ଡି. ଟାଟାଙ୍କ ପ୍ରେରଣାଦାୟୀ ଦୂରଦୃଷ୍ଟି ନୈତିକତା ବଜାୟ ରଖିବା ଏବଂ ସେବା କ୍ଷେତ୍ରରେ ଶ୍ରେଷ୍ଠତା ବଜାୟ ରଖିବା ପାଇଁ କମ୍ପାନୀକୁ ପ୍ରତିମୁହୂର୍ତ୍ତରେ ମାର୍ଗଦର୍ଶନ କରୁଛି।

# ନାମଦେବ ଫିନଭେଷ୍ଟ ପକ୍ଷରୁ ନୂତନ ଆଞ୍ଚଳିକ କାର୍ଯ୍ୟାଳୟ ସହ ପୂର୍ବ ଭାରତରେ ଉପସ୍ଥିତି ବିସ୍ତାର

ଭୁବନେଶ୍ୱର (ବ୍ୟୁରୋ) : ଆଇସିଆରଏ ଏ-(ଷ୍ଟେବୁଲ୍) ରେଟିଂପ୍ରାପ୍ତ ଅଣ-ବ୍ୟାଙ୍କିଂ ଆର୍ଥିକ କମ୍ପାନୀ 'ନାମଦେବ ଫିନଭେଷ୍ଟ ଲିମିଟେଡ, ଯାହା ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ଆର୍ଥିକ ସମାବେଶୀକରଣକୁ ଆଗକୁ ନେବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଛି, ଓଡ଼ିଶାର ଭୁବନେଶ୍ୱରଠାରେ ନିଜର ନୂତନ ଆଞ୍ଚଳିକ କାର୍ଯ୍ୟାଳୟର ଉଦ୍‌ଘାଟନ ସମ୍ପର୍କରେ ଘୋଷଣା କରିଛି। ଏହି ସମ୍ପ୍ରସାରଣ କମ୍ପାନୀର ଅଭିବୃଦ୍ଧି ଯାତ୍ରାରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଯାହା ସାରା ଭାରତରେ ନିଜର ଉପସ୍ଥିତିକୁ ସୁଦୃଢ଼ କରିବା ସହ ଅର୍ଥିକ ସେବାରୁ ବଞ୍ଚିତ ବ୍ୟକ୍ତିବିଶେଷ, ଉଦ୍ୟୋଗୀ ଏବଂ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ନିକଟରେ ବିଶ୍ୱସନୀୟ ଆର୍ଥିକ ସମାଧାନ ପହଞ୍ଚାଇବା ଜାରି ରଖିଛି। ଏହି ସମ୍ପ୍ରସାରଣ ସହିତ, ଓଡ଼ିଶା କମ୍ପାନୀର କାର୍ଯ୍ୟକ୍ଷମତାର ୧୦ମ ରାଜ୍ୟ ପାଲଟିଛି, ଯାହା ଏକ ବିବିଧ ସର୍ବଭାରତୀୟ ନେଟୱାର୍କ ଗଠନର ରଣନୀତିକୁ ଆହୁରି ମଜବୁତ କରୁଛି। ଅଫିସ ନଂ- ୩୦୧, ୩ୟ ମହଲା, ସେଣ୍ଟର ପଏଣ୍ଟ, ଖାରବେଳ ନଗର, ଜନପଥ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୦୧ ଠାରେ ଅବସ୍ଥିତ ଏହି ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶାରେ ନାମଦେବ ଫିନଭେଷ୍ଟର କାର୍ଯ୍ୟ ପରିଚାଳନା ପାଇଁ ଏକ ମୁଖ୍ୟ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ଏହା ନିଜର ପହଞ୍ଚ ବୃଦ୍ଧି କରିବା, ଗ୍ରାହକ ଯୋଗାଯୋଗ ସୁଦୃଢ଼ କରିବା ଏବଂ ସ୍ଥାନୀୟ ସମୁଦାୟ ଓ ବ୍ୟବସାୟଗୁଡ଼ିକର ଆବଶ୍ୟକତା ଅନୁଯାୟୀ ସଠିକ୍ ସମୟରେ ସମ୍ପର୍କ-ଭିତ୍ତିକ ଆର୍ଥିକ ସମାଧାନ ପ୍ରଦାନ କରିବାରେ କମ୍ପାନୀର ପ୍ରଚେଷ୍ଟାକୁ ସାହାଯ୍ୟ କରିବ। ଏହି କାର୍ଯ୍ୟାଳୟ ନାମଦେବ ଫିନଭେଷ୍ଟର ସମ୍ପୂର୍ଣ୍ଣ ଆର୍ଥିକ ଉତ୍ପାଦ ଶୃଙ୍ଖଳା ଯୋଗାଇଦେବ, ଯେଉଁଥିରେ ସୁରକ୍ଷିତ ଏମ୍‌ଏସ୍‌ଏମ୍‌ଇ ଋଣ ଉପରେ ପ୍ରାଥମିକ ଧ୍ୟାନ ଦିଆଯିବ, ଯାହା ଏହି ଅଞ୍ଚଳର କ୍ଷୁଦ୍ର ବ୍ୟବସାୟୀ, ବ୍ୟବସାୟୀ ଏବଂ ଉଦ୍ୟୋଗୀମାନଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବ। ଏହି ସମ୍ପ୍ରସାରଣ ଭୁବନେଶ୍ୱରରେ ଏକ ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା ସହିତ ରଣନୈତିକ ଭାବରେ ସାରା ଓଡ଼ିଶାରେ ଅନ୍ୟ ପାଞ୍ଚଟି ଶାଖା ସ୍ଥାପିନ ସାମିଲ ରହିଛି। ଏହି ନେଟୱାର୍କ ଭିତ୍ତିଭୂମି ରାଜ୍ୟରେ ନାମଦେବ ଫିନଭେଷ୍ଟର କାର୍ଯ୍ୟଦକ୍ଷତା ଏବଂ ଭୌଗୋଳିକ ପହଞ୍ଚକୁ ଯଥେଷ୍ଟ ବୃଦ୍ଧି କରିବ, ଯାହା ଦ୍ରୁତ ନିଷ୍ପତ୍ତି ଗ୍ରହଣ ଏବଂ ଅଧିକ ଉତ୍ତରଦାୟୀ ଗ୍ରାହକ ସେବା ପ୍ରଦାନରେ ସହାୟକ ହେବ। ଏହି ଅବସରରେ ନାମଦେବ ଫିନଭେଷ୍ଟ ଲିମିଟେଡର ପ୍ରତିଷ୍ଠାତା ତଥା ମ୍ୟାନେଜିଂ ଡାଇରେକ୍ଟର ଜିତେନ୍ଦ୍ର ତନୱାର କହିଛନ୍ତି, "ଭୁବନେଶ୍ୱରରେ ଆମ ଆଞ୍ଚଳିକ କାର୍ଯ୍ୟାଳୟର ଉଦ୍‌ଘାଟନ ବିକାଶଶୀଳ ବଜାରଗୁଡ଼ିକ ନିକଟରେ ସମାବେଶୀ ଆର୍ଥିକ ସେବା ପହଞ୍ଚାଇବାର ଆମ ପ୍ରତିବଦ୍ଧତାକୁ ଦର୍ଶାଉଛି। ବୃଦ୍ଧି ପାଉଥିବା ଉଦ୍ୟୋଗୀ କାର୍ଯ୍ୟକଳାପ, ଭିତ୍ତିଭୂମି ବିକାଶ ଏବଂ ମାଇକ୍ରୋ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ବୃଦ୍ଧି ହେତୁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧିଶୀଳ ବଜାର। ଏଥିସହିତ, ରାଜ୍ୟର କେତେକ ଅଞ୍ଚଳରେ ସଂଗଠିତ ଏମ୍‌ଏସ୍‌ଏମ୍‌ଇ ଋଣର ପହଞ୍ଚ ସୀମିତ ରହିଛି, ଯାହା ସଠିକ୍ ସମୟରେ, ସମ୍ପର୍କ-ଭିତ୍ତିକ ଋଣ ପ୍ରଦାନ ମାଧ୍ୟମରେ ଏହି ଋଣ ଅଭାବକୁ ପୂରଣ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରୁଛି। ଭୁବନେଶ୍ୱରରେ ଆମର ଉପସ୍ଥିତି ଆମକୁ ଗ୍ରାହକ ଏବଂ ସହଯୋଗୀମାନଙ୍କ ସହ ସୁଦୃଢ଼ ସମ୍ପର୍କ ଗଢ଼ିବାରେ ସାହାଯ୍ୟ କରିବ, ଯାହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ସେମାନଙ୍କ ଅଭିବୃଦ୍ଧି ପାଇଁ ଆବଶ୍ୟକ ଆର୍ଥିକ ସମାଧାନ ଯୋଗାଇ ଦିଆଯାଇପାରିବ। ଆମ ନେଟୱାର୍କର ବିସ୍ତାର କରିବା ସହ, ଆମେ ସାବଧାନତାପୂର୍ବକ ଋଣ ପ୍ରଦାନ, ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିବା ଏବଂ ଆମେ ସେବା ଯୋଗାଉଥିବା ସମୁଦାୟ ପାଇଁ ଦୀର୍ଘସ୍ଥାୟୀ ଆର୍ଥିକ ମୂଲ୍ୟ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରୀଭୂତ ରଖିଛୁ। ଆର୍ଥିକ ସମାବେଶୀକରଣ ବ୍ୟତୀତ, ଏହି ସମ୍ପ୍ରସାରଣ ମହିଳା ସଶକ୍ତୀକରଣ ଏବଂ ଓଡ଼ିଶାରେ ସ୍ଥାୟୀ ବ୍ୟବସାୟିକ ଉନ୍ନତି ପାଇଁ ନାମଦେବ ଫିନଭେଷ୍ଟର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। କମ୍ପାନୀ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ମହିଳା-ଚାଳିତ ଉଦ୍ୟୋଗଗୁଡ଼ିକର ପରିବର୍ତ୍ତନକାରୀ ସମ୍ଭାବନାକୁ ପ୍ରକାଶ କରିଥାଏ। ଓଡ଼ିଶାର ପ୍ରଗତିଶୀଳ ନୀତି ଏବଂ ରାଜ୍ୟର ମହିଳା ଉଦ୍ୟୋଗୀ ପ୍ଲାଟଫର୍ମ ପଦକ୍ଷେପ ସହିତ ଯୋଡ଼ିହୋଇ, ନାମଦେବ ଫିନଭେଷ୍ଟ ସାରା ରାଜ୍ୟର ମହିଳା ଉଦ୍ୟୋଗୀମାନଙ୍କ ଉପରେ ବିଶେଷ ଧ୍ୟାନ ଦେଉଛି। କମ୍ପାନୀର ସମ୍ପ୍ରସାରଣ ରଣନୀତି ମହିଳା-କେନ୍ଦ୍ରିକ ଋଣ ଉତ୍ପାଦ ଏବଂ ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକୁ ଶାମିଲ କରୁଛି, ଯାହା ମହିଳାମାନଙ୍କୁ କେବଳ ଉପଭୋକ୍ତା ନୁହେଁ, ବରଂ ନିଯୁକ୍ତିଦାତା ଭାବରେ ଗଢ଼ିତୋଳିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ପୂର୍ବ ଭାରତରେ ସମାବେଶୀ ଆର୍ଥିକ ବିକାଶର ବ୍ୟାପକ ଦୃଷ୍ଟିକୋଣରେ ଯୋଗଦାନ ଦେବ। ପ୍ରାୟ ୪୭.୨ ନିୟୁତ ଜନସଂଖ୍ୟା ବିଶିଷ୍ଟ ଓଡ଼ିଶା (ଯାହା ଭାରତର ୧୧ଶ ସର୍ବାଧିକ ଜନବହୁଳ ରାଜ୍ୟ), ପୂର୍ବ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏମ୍‌ଏସ୍‌ଏମ୍‌ଇ ବଜାରଗୁଡ଼ିକ ମଧ୍ୟରୁ ଗୋଟିଏ। ରାଜ୍ୟର ମୁଖ୍ୟତଃ ଗ୍ରାମୀଣ ପୃଷ୍ଠଭୂମି, ଯେଉଁଠାରେ ୮୧% ଜନସଂଖ୍ୟା ଗ୍ରାମାଞ୍ଚଳରେ ବାସ କରନ୍ତି, ତାହା ନାମଦେବ ଫିନଭେଷ୍ଟର ସମ୍ପର୍କ-ଭିତ୍ତିକ ଋଣ ପ୍ରଦାନ ଆଭିମୁଖ୍ୟ ପାଇଁ ଏକ ଆଦର୍ଶ ବଜାର ସୃଷ୍ଟି କରୁଛି। ବୃହତ୍ତର ଭାବେ ଦେଖିବାକୁ ହେଲେ, ଓଡ଼ିଶା ତାହାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ମଧ୍ୟରେ ଯଥେଷ୍ଟ ଋଣ ଅଭାବର ସମ୍ମୁଖୀନ ହେଉଛି।

## ବିଜେଡି ଆତ୍ମସମୀକ୍ଷା ନକରି ପ୍ରଶ୍ନ ଉଠାଇବା ଅତ୍ୟନ୍ତ ହାସ୍ୟାସ୍ପଦ

# ମହାନଦୀ ପ୍ରସଙ୍ଗରେ ଶସ୍ତା ରାଜନୀତିର ଅନ୍ତ କେବେ : ବିରଞ୍ଚି ନାରାୟଣ ତ୍ରିପାଠୀ



ଭୁବନେଶ୍ୱର (ବ୍ୟୁରୋ) : ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଦୀର୍ଘଦିନ ଧରି ଏହି ବିବାଦ ଟ୍ରିବ୍ୟୁନାଲରେ ଥିବା କାରଣରୁ ଏହାର ପାଣିକୁ ରାଜ୍ୟସରକାର ସଦୁପଯୋଗ କରିପାରୁନାହାନ୍ତି। ଚାଷ ଜମିକୁ ପାଣି ଏବଂ ପାନୀୟ ଜଳ ଯୋଗାଣ ପର୍ଯ୍ୟନ୍ତ ସବୁ ପ୍ରକାର କାମ ଅଟକି ଯାଇଛି। ମାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରୟାସ କାରଣରୁ କେନ୍ଦ୍ରର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ, ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏଙ୍କ ସହ ଛତିଶଗଡ଼ ଏବଂ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଅନ୍ୟାନ୍ୟ ବୈଷୟିକ ଅଧିକାରୀ ଉପସ୍ଥିତ ରହି ଏହି ବିବାଦ ସମାଧାନ ଆଡକୁ ଆଗେଇ ନେଉଛନ୍ତି। ଉଭୟ ରାଜ୍ୟ ସରକାରଙ୍କ ବୈଠକ ପରେ ଆସନ୍ତା ଦିପାବଳୀ ସୁଦ୍ଧା ଆପୋସ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ହେବାକୁ ଯାଉଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ମାଝୀ ଆଶା ପୋଷଣ କରିଛନ୍ତି। ଏନେଇ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ଏକ ବୈଷୟିକ କମିଟି ଗଠନ କରିଛି। ମହାନଦୀ ଜଳ କେଉଁ ଆଧାରରେ ବଂଟନ ହେବ, ସେନେଇ ସି.ଆର୍. ପାଟିଲଙ୍କ ଉପସ୍ଥିତିରେ କମିଟି ଆଗରେ ରିପୋର୍ଟ ଉପସ୍ଥାପନ କରାଯିବ। ମହାନଦୀର ଯେଉଁ ଜଳ ଉପରେ ଓଡ଼ିଶାର ଅଧିକାର ଅଛି, ସେଥିରୁ ଯେପରି ରାଜ୍ୟ ବଂଚିତ ନ ହେବ ସେନେଇ ଭାରତୀୟ ଜନତା ପାର୍ଟିର ସରକାର ପ୍ରୟାସ ଜାରି ରଖିଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାର ସରକାରଙ୍କ ଅନ୍ୟାନ୍ୟ ଅଧିକାରୀ ଓ ବିଭାଗୀୟ ମନ୍ତ୍ରୀ ଏବିଷୟରେ ସଚେତନ ରହି କାର୍ଯ୍ୟ ମଧ କରୁଛନ୍ତି। ଏନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉକ୍ତ କମିଟିର ସମସ୍ତ ସଦସ୍ୟଙ୍କୁ ବିଜେପି ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଉଛି। ମାତ୍ର ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ଯେଉଁ ସବୁ ଅବାନ୍ତର ପ୍ରଶ୍ନ ଉଠାଯାଇଛି, ସେଥିରୁ ସେମାନଙ୍କ ନୈରାଶ ଭାବ ସ୍ପଷ୍ଟ ହୋଇଛି। କେବଳ ମିଡିଆରେ ରହିବା ପାଇଁ ବୋଧହୁଏ ବିଜେଡି ଏପ୍ରକାର ପ୍ରଶ୍ନ କରିଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ପ୍ରେସ୍ ବାର୍ତ୍ତାରେ କହିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବିଜେଡିର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବିଜେଡି ନେତୃବୃନ୍ଦ ସାମ୍ବାଦିକ ସମ୍ମିଳନୀରେ ଯେଉଁ ପ୍ରଶ୍ନ ଉଠାଇଛନ୍ତି, ସେମାନେ ଭୁଲିଯିବା ଯିବା ଉଚିତ ନୁହେଁ ଯେ, ମହାନଦୀ ଜଳବିବାଦ ବେଳେ ଶ୍ରୀ ମିଶ୍ର ବିଧାୟକ ରହିବା ସହ ନବୀନ ପଟ୍ଟନାୟକଙ୍କ ସରକାରରେ ମନ୍ତ୍ରୀ ମଧ ଥିଲେ। ବାସ୍ତବରେ ମହାନଦୀ ଜଳ ବିବାଦର ସ୍ରଷ୍ଟା ହେଉଛି ବିଜେଡି। ଛତିଶଗଡ଼ ପକ୍ଷରୁ ଯେତେ ବ୍ୟାରେଜ ତିଆରି ହୋଇଛି ସେସବୁ ବିଜେଡି ସରକାର ସମୟରେ ହୋଇଛି। ମାତ୍ର ସେତେବେଳେ ଦିନେ ହେଲେ ତତ୍କାଳୀନ ବିଜେଡି ସରକାର ଅବା ତାଙ୍କ ମନ୍ତ୍ରୀ ଓ ବିଧାୟକମାନେ ପ୍ରଶ୍ନ ଉଠାଇ ନ ଥିଲେ। ଏହି ପ୍ରସଙ୍ଗରେ କେବଳ ବିଜେପି ସେତେବେଳେ ପ୍ରଶ୍ନ କରିଥିଲା। ବିଜେପିର ବିଧାୟକମାନେ ବାରମ୍ବାର ବିଧାନସଭାରେ ଏହି ପ୍ରସଙ୍ଗରେ ପ୍ରଶ୍ନ ଉଠାଇଥିଲେ। ମାତ୍ର ନବୀନଙ୍କଠାରୁ ଆରମ୍ଭ କରି କୌଣସି ବିଧାୟକ ବା ମନ୍ତ୍ରୀ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ସେତେବେଳେ ତତ୍କାଳୀନ ବିଜେଡି ସରକାର ପକ୍ଷରୁ କୁହାଯାଇଥିଲା ଯେ, ଏସବୁ ବ୍ୟାରେଜ ଦ୍ୱାରା ଓଡ଼ିଶାର କୌଣସି ଅସୁବିଧା ହେବ ନାହିଁ। ୨୦୧୬ -୧୭ ମସିହାରେ ତତ୍କାଳୀନ ଜଳ ସମ୍ପଦ ବିଭାଗର ସଚିବ ଗଣମାଧ୍ୟମ ଆଗରେ କହିଥିଲେ ଯେ, ଛତିଶଗଡ଼ ୧୦୦ଟି ବନ୍ଧ ନିର୍ମାଣ କଲେ ମଧ ଓଡ଼ିଶାର କୌଣସି ଅସୁବିଧା ହେବନାହିଁ। ମାତ୍ର ବିଜେଡି ସେତେବେଳେ କ'ଣ ପାଇଁ ମୁହଁ ଖୋଲି ନ ଥିଲା ସେନେଇ ପ୍ରଥମେ ସ୍ପଷ୍ଟୀକରଣ ଦିଅନ୍ତୁ। ବିଜେଡି ସରକାରଙ୍କ ଅଯୋଗ୍ୟତା କାରଣରୁ ଛତିଶଗଡ଼ ସରକାର ସେତେବେଳେ ମହାନଦୀରେ ଅନେକ ବ୍ୟାରେଜ ତିଆରି କରିଦେଇଥିଲା। ନବୀନ ପଟ୍ଟନାୟକ ଜଳସମ୍ପଦ ବିଭାଗ ନିଜ ଅଧିନରେ ରଖିଥିଲେ। ମାତ୍ର ସେତେବେଳେ ସେ ମହାନଦୀରେ ଅବା କୌଣସି ଶାଖା ନଦୀରେ ଗୋଟିଏ ବି ବ୍ୟାରେଜ ନିର୍ମାଣ କରି ନଥିଲେ। ମହାନଦୀର ଜଳ ସଂରକ୍ଷଣ କରି ଓଡ଼ିଶାବାସୀଙ୍କ କାମରେ ଲଗାଇବା ପାଇଁ ଗୋଟିଏ ବି ଛୋଟ, ମଧ୍ୟମ ଅବା ବଡ଼ ପ୍ରକଳ୍ପ ସେତେବେଳେ କରାଯାଇ ନ ଥିଲା। ଖାଲି ସେତିକି ନୁହେଁ, ମହାନଦୀ ଜଳ ବିବାଦ ସମାଧାନ ନ କରି ଟ୍ରିବ୍ୟୁନାଲକୁ ଦେଇ ଦେବାରୁ ସବୁ କାମ ବନ୍ଦ ହୋଇଯାଇଥିଲା। ଏପରିକି ଟ୍ରିବ୍ୟୁନାଲକୁ ମହାନଦୀ ପ୍ରସଙ୍ଗରେ ବିଜେଡି କୌଣସି ତଥ୍ୟ ମଧ ଦେଇ ନଥିଲା। ଏବେ କେଉଁ ଅଧିକାରରେ ବିଜେଡି ପ୍ରଶ୍ନ ପଚାରୁଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହାନଦୀ ପ୍ରସଙ୍ଗରେ ବିଜେଡିର ଶସ୍ତା ରାଜନୀତିର ଅନ୍ତ କେବେ ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଛନ୍ତି। ବିଜେପି ଓଡ଼ିଶାବାସୀ ଏବଂ ଓଡ଼ିଶାର ଚାଷୀକୂଳ ପାଇଁ ସମର୍ପିତ ରାଜନୈତିକ ଦଳ। ସେହି ଆଧାରରେ ମହାନଦୀ ବିବାଦର ସମାଧାନ କରାଯିବ। ମହାନଦୀର ଜଳକୁ ସଂରକ୍ଷଣ କରି ପୂରା ଓଡ଼ିଶାବାସୀଙ୍କ ପିଇବା ପାଣିଠାରୁ ଆରମ୍ଭ କରି ଚାଷ କାମରେ କିପରି ଲଗାଯିବ ସେନେଇ ଓଡ଼ିଶାର ବିଜେପି ସରକାର ପକ୍ଷରୁ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଯୋଜନାର ଏକ ଅଂଶ ହେଉଛି ମହାନଦୀର ଜଳବିବାଦ ସମାଧାନ। ଟ୍ରିବ୍ୟୁନାଲରେ ଏହି ବିବାଦ ଥିବାରୁ କୌଣସି କାମ ହୋଇପାରୁ ନାହିଁ। ଏନେଇ ଉକ୍ତ ବିବାଦକୁ ଟ୍ରିବ୍ୟୁନାଲରୁ ଆଣି ଏହାର ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ମହାନଦୀ ଜଳକୁ ସାଧାରଣ ଜନତା ଓ ଚାଷୀକୂଳ ପାଖରେ ପହଚଂାଇବା ପାଇଁ ବିଜେପି ସରକାର କାର୍ଯ୍ୟ କରୁଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଅପରପକ୍ଷେ ବିଜେଡି ପିଲାଳିଆମି କରୁଛି। ମହାନଦୀ ବିବାଦର ସମାଧାନ ପାଇଁ ଉଭୟ ରାଜ୍ୟ ସରକାରଙ୍କ ମଧ୍ୟରେ କ'ଣ ଆଲେଚନା ହେଲା ତାହା ସାର୍ବଜନୀନ କରିବାକୁ କହୁଛି। ମାତ୍ର ବିଜେଡି ଜାଣିରଖିବା ଦରକାର ଯେ, ଆଲୋଚନା ସମାପ୍ତ ହୋଇନାହିଁ। ଦୁଇ ରାଜ୍ୟର ସରକାର ମଧ୍ୟରେ ଯେତେବେଳ ଚର୍ଚ୍ଚା ଆଲୋଚନା ହୁଏ, ତାହା ସମାପ୍ତ ନ ହେବା ପର୍ଯ୍ୟନ୍ତ ବାହାରେ ପ୍ରକାଶ କରାଯାଏ ନାହିଁ। ବିଜେଡିର କେଉଁ ଅଯୋଗ୍ୟତା କାରଣରୁ ମହାନଦୀ ଜଳବିବାଦ ହେଲା ତାହାର ଆତ୍ମସମୀକ୍ଷା ନକରି ଏଭଳି ପ୍ରଶ୍ନ ଉଠାଇବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।





# ମୁଖ୍ୟ ଶାସନ ସଚିବଙ୍କ ସହିତ ଏସୀୟ ବିକାଶ ବ୍ୟାଙ୍କ ପ୍ରତିନିଧିଙ୍କ ଉଚ୍ଚସ୍ତରୀୟ ବୈଠକ

## ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ସହଯୋଗ ସୁଦୃଢ଼ ଉପରେ ଗୁରୁତ୍ୱାରୋପ



ଭୁବନେଶ୍ୱର (ବ୍ୟୁରୋ) : ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏସୀୟ ବିକାଶ ବ୍ୟାଙ୍କର ପ୍ରତିନିଧିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଡିବି ସହଯୋଗରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ସହ ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ପୂରଣ ନିମନ୍ତେ ଭବିଷ୍ୟତ ସହଯୋଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଏଡିବି ପକ୍ଷରୁ ଓଡ଼ିଶା ସହ ଭାଗୀଦାରିର ସାମଗ୍ରିକ ଚିତ୍ର ଉପସ୍ଥାପନ କରାଯାଇଥିଲା। ଦକ୍ଷତା ବିକାଶ, ସହରାଞ୍ଚଳ ଭିତ୍ତିଭୂମି, ପରିବହନ, କୃଷି, ଶକ୍ତି, ଜଳବାୟୁ ସହନଶୀଳତା ଆଦି କ୍ଷେତ୍ରରେ ଚାଲୁଥିବା ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦିଆଯିବା ସହ ରାଜ୍ୟର ଦୀର୍ଘମିଆଦୀ ଭିତ୍ତିଭୂମି ଓ ଆର୍ଥିକ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବିତ ନୂତନ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଇଣ୍ଡିଆ ରେସିଡେଣ୍ଟ ମିଶନ ଅଧୀନରେ ଏଡିବି ଓଡ଼ିଶାର ବିକାଶର ଏକ ପ୍ରମୁଖ ଭାଗୀଦାର ସଂସ୍ଥା ଭାବେ ବିଭିନ୍ନ କ୍ଷେତ୍ରରେ ଋଣ ସହାୟତା, ବୈଷୟିକ ସହଯୋଗ ଏବଂ ପରାମର୍ଶ ପ୍ରଦାନ କରିଆସୁଛି। ଏହି ଅବସରରେ ୨୦୨୮-୨୦୩୨ ସମୟସୀମା ପାଇଁ ଓଡ଼ିଶା ନିମନ୍ତେ ଏଡିବିର ପ୍ରସ୍ତାବିତ ରଣନୀତିକ ଢାଞ୍ଚା ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। ପ୍ରସ୍ତାବିତ ସହଯୋଗ ଅଧୀନରେ ଏମ୍ଏସ୍ଏମ୍ଇ କ୍ଷେତ୍ରର ବିକାଶ, ଉତ୍ପାଦନ ବୃଦ୍ଧି, ସମାବେଶୀ ଅଭିବୃଦ୍ଧି, ମାନବ ସମ୍ବଳ ବିକାଶ, କାର୍ବନ ନିର୍ଗମନ ହ୍ରାସ, ଲିଙ୍ଗଗତ ସମାନତା, ମହିଳା ନେତୃତ୍ୱାଧୀନ ଜୀବିକା ବିକାଶ, ସାମାଜିକ ସୁରକ୍ଷା ଏବଂ ବୈଷୟିକ ଜ୍ଞାନର ଆଦାନ-ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ସହଯୋଗ ପ୍ରଯୁକ୍ତିର ଗ୍ରହୀତା ରାଷ୍ଟ୍ରରୁ ବିଶ୍ୱସ୍ତରୀୟ ନବସୃଜନର ଅଗ୍ରଣୀ ରାଷ୍ଟ୍ର ଭାବେ ଭାରତର ଆଗାମୀ ଯାତ୍ରାରେ ଓଡ଼ିଶାର ଅବଦାନକୁ ଆହୁରି ସୁଦୃଢ଼ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପ୍ରସ୍ତାବିତ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ (ଦ୍ୱିତୀୟ ପର୍ଯ୍ୟାୟ)ର ଅଗ୍ରଗତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ଭୁବନେଶ୍ୱର ସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ପ୍ରସାରଣ ସହ ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରେ ନୂତନ କ୍ୟାମ୍ପସ ସ୍ଥାପନ, ଚୟନ ପୂର୍ବକ ବିଭିନ୍ନ ଆଇଟିଆଇଗୁଡ଼ିକର ଉନ୍ନତିକରଣ, ଉନ୍ନତ ପ୍ରଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଏବଂ ଶିଳ୍ପର ଆବଶ୍ୟକତା ଅନୁରୂପ ଦକ୍ଷ ମାନବ ସମ୍ବଳ ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏଥି ସହିତ ସହରାଞ୍ଚଳ ପରିବହନ, ପର୍ଯ୍ୟଟନ, କ୍ଲଷ୍ଟରଭିତ୍ତିକ ଉଦ୍ୟାନ କୃଷି ଓ କୃଷି ବ୍ୟବସାୟ, ଶକ୍ତି କ୍ଷେତ୍ର, ଜଳବାୟୁ ସହନଶୀଳ ଭିତ୍ତିଭୂମି ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶ ସମ୍ପର୍କିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ପରାମର୍ଶ ସହଯୋଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱପୂର୍ଣ୍ଣ ଅଗ୍ରାଧିକାର କ୍ଷେତ୍ର ପ୍ରକଳ୍ପଗୁଡ଼ିକର ସମୟସୀମା ମଧ୍ୟରେ ପ୍ରସ୍ତୁତି, ବିଭିନ୍ନ ବିଭାଗୀୟ ସମନ୍ୱୟ ଓ ଏଡିବି ସହ ନିରନ୍ତର ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଡିବି ପକ୍ଷରୁ ବୈଷୟିକ ଦକ୍ଷତା, ବିଶ୍ୱସ୍ତରୀୟ ଶ୍ରେଷ୍ଠ ଅଭ୍ୟାସ ଏବଂ ଆର୍ଥିକ ସହାୟତା ମାଧ୍ୟମରେ ଓଡ଼ିଶାର ବିକାଶ ଯାତ୍ରାରେ ସହଯୋଗ ଅବ୍ୟାହତ ରଖିବାକୁ ପ୍ରତିବଦ୍ଧତା ପ୍ରକାଶ କରାଯାଇଥିଲା। ଉଭୟ ପକ୍ଷ ରାଜ୍ୟର ସ୍ଥାୟୀ, ସମାବେଶୀ ଓ ସହନଶୀଳ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଏହି ଭାଗୀଦାରିକୁ ଆହୁରି ସୁଦୃଢ଼ କରିବା ଉପରେ ସହମତି ପ୍ରକାଶ କରିଥିଲେ। ବୈଠକରେ ଏଡିବିର ଦେଶ ନିର୍ଦ୍ଦେଶକ(କଣ୍ଟ୍ରି ଡାଇରେକ୍ଟର) ମିଓ ଓକା ଙ୍କ ସମେତ ଅନ୍ୟ ବରିଷ୍ଠ ପ୍ରତିନିଧିମାନେ ଯୋଗଦେଇ ପ୍ରସ୍ତାବ ଉପସ୍ଥାପନ ସହ ଆଲୋଚନା କରିଥିଲେ। ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା , କ୍ରୀଡ଼ା ବିଭାଗ, ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ତଥା ଓସଡମାର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନାଲକୋର ଆର୍ଥିକ ବର୍ଷ ୨୦୨୬ - ୨୭ ର ପ୍ରଥମ ତ୍ରୈମାସିକ ଫଳାଫଳ

## ୮୮ % ବୃଦ୍ଧି ସହ ୨୦୦୨.୩୮ କୋଟି ଟଙ୍କାର ନିଟ୍ ଲାଭ



**ଭୁବନେଶ୍ୱର (ବ୍ୟୁରୋ) :** ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ଏବଂ ଦେଶର ପ୍ରମୁଖ ଆଲୁମିନିୟମ ନିର୍ମାତା ତଥା ରପ୍ତାନିକାରୀ କମ୍ପାନୀ ନାଲକୋ ପକ୍ଷରୁ ଆର୍ଥିକ ବର୍ଷ ୨୦୨୬ - ୨୭ ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଅନୁମୋଦିତ ଆର୍ଥିକ ଫଳାଫଳ ଅନୁଯାୟୀ, ଜୁନ୍ ୩୦, ୨୦୨୬ ରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ କମ୍ପାନୀ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ନିଟ୍ ଲାଭରେ ୮୮% ବୃଦ୍ଧି ସହ ମୋଟ ଲାଭ ୨୦୦୨.୩୮ କୋଟି ଟଙ୍କା ହୋଇଛି ଯାହା ପୂର୍ବ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୧୦୬୩.୮୬ କୋଟି ଟଙ୍କା ଥିଲା । ଏଥି ସହ, ପ୍ରଥମ ତ୍ରୈମାସିକରେ ମୋଟ ବ୍ୟବସାୟ ୩୯% ବୃଦ୍ଧି ପାଇ ୫୩୦୨.୩୮ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ନାଲକୋ ଅନ୍ତିମ ଲାଭାଂଶ ହିସାବରେ ପ୍ରତି ଇକ୍ୱିଟି ସେୟାର ପିଛା ୧ ଟଙ୍କା ହିସାବରେ ମୋଟ ୧୮୩.୬୬ କୋଟି ଟଙ୍କାର ଚୂଡ଼ାନ୍ତ ଲାଭାଂଶ ସୁପାରିଶ କରିଛି, ଯାହାକୁ ଆଗାମୀ ୪୫ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ। ଫଳାଫଳ ସମ୍ବନ୍ଧରେ ନିଜର ମତ ରଖି, ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, "ପ୍ରଥମ ତ୍ରୈମାସିକର ଦୃଢ଼ ପ୍ରଦର୍ଶନ, ଅନୁକୂଳ ବିଶ୍ୱ ଆଲୁମିନିୟମ ମୂଲ୍ୟ, ବର୍ଦ୍ଧିତ ଉତ୍ପାଦନ ତଥା ବିକ୍ରୟ ପରିମାଣ - ବିଶେଷକରି ଘରୋଇ ଆଲୁମିନା ବିକ୍ରୟରେ ବୃଦ୍ଧି - ଏବଂ ଏକ ଅନୁକୂଳ ଘରୋଇ ବ୍ୟବସାୟ ପରିବେଶ ଦ୍ୱାରା ହାସଲ ହୋଇଛି। ଏଥି ସହ, ସେ ନିର୍ଦ୍ଦେଶକ ମଣ୍ଡଳୀର ରଣନୈତିକ ମାର୍ଗଦର୍ଶନ, କର୍ମଚାରୀ, ବ୍ୟବସାୟ ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପ୍ରତିବଦ୍ଧତା ଯୋଗୁଁ ଚଳିତ ଆର୍ଥିକ ବର୍ଷରେ ଏକ ଦୃଢ଼ ବ୍ୟବସାୟିକ ପ୍ରାରମ୍ଭ ହୋଇଛି ବୋଲି ମତ ପ୍ରକାଶ କରିଛନ୍ତି। ଶ୍ରୀ ସିଂହ ଆହୁରି କହିଛନ୍ତି ଯେ, ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ନିରନ୍ତର ସହଯୋଗ ଦ୍ୱାରା କମ୍ପାନୀ ଆଗକୁ ବଢ଼ିବା ସହିତ, ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟ ସମାପ୍ତି ଉପରେ ଧ୍ୟାନ ଦେଉଛି। ଆଗାମୀ ଦିନରେ କମ୍ପାନୀ ଉତ୍ପାଦନ କ୍ଷମତା ବୃଦ୍ଧି, ଅଂଶୀଦାରମାନଙ୍କୁ ନିରନ୍ତର ମୂଲ୍ୟ ପ୍ରଦାନ, ଗବେଷଣା ଏବଂ ବିକାଶ ନବସୃଜନ ଏବଂ ସମ୍ବଳ ବ୍ୟବହାରକୁ ଅପ୍ଟିମାଇଜ୍ କରିବା ଉପରେ ଗୁରୁତ୍ୱ ଦେଉଛି। ଉଲ୍ଲେଖନୀୟ ଯେ, ପ୍ରଥମ ତ୍ରୈମାସିକରେ ଉତ୍ପାଦନ କ୍ଷେତ୍ରରେ ମଧ୍ୟ କମ୍ପାନୀ ସର୍ବକାଳୀନ ସର୍ବାଧିକ ୧୯.୫୨ ଲକ୍ଷ ଟନ୍ ବକ୍ସାଇଟ୍ ଖନନ ଏବଂ ସର୍ବକାଳୀନ ସର୍ବାଧିକ ୫.୭୭ ଲକ୍ଷ ଟନ୍ କାଲସାଇଣ୍ଡ ଆଲୁମିନା ଉତ୍ପାଦନ ରେକର୍ଡ କରିବା ସହ ପ୍ରଥମ ତ୍ରୈମାସିକରେ ସର୍ବାଧିକ ୩.୪୭ ଲକ୍ଷ ଟନ୍ ଆଲୁମିନା/ ହାଇଡ୍ରେଟ୍ ବିକ୍ରୟ କରିଛି।

# ପ୍ରଫେସର ଅନନ୍ତ ଚରଣ ସାହୁଙ୍କ ସ୍ମୃତିସଭା

କଟକ (ବ୍ୟୁରୋ) : ସ୍ୱାଧିନତା ସଂଗ୍ରାମୀ ସ୍ମାରକୀ ସଂସଦର ବାର୍ଷିକ ସମାରୋହ ଶିକ୍ଷାବିତ୍ ପ୍ରଫେସର ଅନନ୍ତ ଚରଣ ସାହୁଙ୍କ ଦ୍ୱିତୀୟ ବାର୍ଷିକୀ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଅଛି। ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ନ୍ୟାୟମୂର୍ତ୍ତୀ ଶ୍ରୀଯୁକ୍ତ ଶଶିକାନ୍ତ ମିଶ୍ର, ସମ୍ମାନୀତ ଅତିଥି ଭାବେ ଡ଼ଃ ନିହାର ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ଼ଃ ପ୍ରଫୁଲ୍ଲ କୁମାର ଦାଶ ଯୋଗ ଦେଇଥିଲେ। ପ୍ରଫେସର ଅନନ୍ତ ଚରଣ ସାହୁ କେବଳ ଜଣେ ଆଦର୍ଶ ଶିକ୍ଷାବିତ୍ ନ ଥିଲେ ଜଣେ ସଫଳ ବ୍ୟକ୍ତିତ୍ୱ ଥିଲେ । ଅବସର ନେବା ପରେ ସଦା ଚଳଚଞ୍ଚଳ ଥିଲେ। ବିଭିନ୍ନ ଅନୁଷ୍ଠାନରେ ଜନହିତକର କାର୍ଯ୍ୟରେ ନିଜକୁ ଯୋଡ଼ି ଥିଲେ। ସ୍ୱାଧିନତା ସଂଗ୍ରାମୀଙ୍କୁ ଲୋକଲୋଚନକୁ ଆଣିବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଉପ-ସଭାପତି ବସନ୍ତ କୁମାର ସାହୁ ଅତିଥିମାନଙ୍କୁ ମଞ୍ଚରେ ଉପବେସନ କରିଥିଲେ। ନିବାସ ଚନ୍ଦ୍ର ମିଶ୍ର, ଶ୍ରୀମତୀ ଅର୍ପିତା ଦାସ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ରାଜୀବ ଷଡ଼ଙ୍ଗୀ, ସଂପାଦକୀୟ ବିବରଣୀ ପାଠ କରିଥିଲେ ଡ଼ଃ ସିଦ୍ଧାର୍ଥ କୁମାର ସାହୁ। ପ୍ରଫେସର ଅନନ୍ତ ଚରଣ ସାହୁ ସ୍ମାରକୀ ଆଦର୍ଶ ଶିକ୍ଷକ ଭାବେ ଡ଼ଃ ନିହାର ରଞ୍ଜନ ପଟ୍ଟନାୟକଙ୍କୁ ସମ୍ମାନୀତ କରାଯାଇଥିଲା । ସୁଶ୍ରୀ ଦେବଶ୍ରିତା ଦାସ ମାନପତ୍ର ପାଠ କରିଥିଲେ। ଜୟୀ ରାଜଗୁରୁଙ୍କ ଉଦ୍ଦେଶ୍ୟରେ ଆନ୍ତଃ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ। ଶ୍ରୀ ଶ୍ରୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ଟି ନୂତନ ଲେବର କୋଡ୍‌ରେ ସରକାର ଓ ମାଲିକଙ୍କୁ ଅଧିକ କ୍ଷମତା ଦିଆଯାଇଛି




**ଭୁବନେଶ୍ୱର (ବ୍ୟୁରୋ) :** ନୂତନ ଭାବେ ଲାଗୁ କରାଯାଇଥିବା ୪ଟି ଲେବର କୋର୍ଡରେ ପୂର୍ବରୁ ୨୯ଟି ଶ୍ରମ ଆଇନରେ ଥିବା ଶ୍ରମିକଙ୍କ ଅଧିକାରକୁ ସଂକୁଚିତ କରାଯାଇ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ମାଲିକମାନଙ୍କୁ ନିଯୁକ୍ତି ଛଟେଇ ତାଲା ବନ୍ଦ ଲେ ଅଫ, ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ନିରାପତା କ୍ଷତ୍ରରେ ଶ୍ରମିକମାନଙ୍କର ଅଧିକାରକୁ ସଂକୁଚିତ କରାଯାଇ ମାଲିକ ଓ ସରକାରଙ୍କୁ ଅଧିକ କ୍ଷମତା ଦିଆଯାଇଛି। କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ତରଫରୁ ୨୯.୦୭.୨୦୨୬ ରିଖରେ ତାଲକୋଟ୍ରା ଷ୍ଟାଡିୟମ ଠାରେ ଅନୁଷ୍ଠିତ ମିଳିତ ଶ୍ରମିକ କର୍ମଚାରୀ ଓ ଚାଷୀ ମାନଙ୍କର ସଭାରେ ୪ଟି ଲେବର କୋଡ ବିରୁଦ୍ଧରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଗତ କାଲି ପୁରୀସ୍ଥିତ ଗାନ୍ଧୀ ଲେବର ଫାଉଣ୍ଡେସନ ଠାରେ ଓଡ଼ିଶା କୋଲିୟାରୀ ମଜୁଦୁର ସଂଘ ଆନୁକୁଲ୍ୟରେ ଅନୁଷ୍ଠିତ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ କହିଛନ୍ତି। ଏହି ସଭାରେ ଓସିଏମ୍‌ସିର ସଭାପତି ପୂର୍ବର୍ତନ ମନ୍ତ୍ରୀ ଓ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ପୌରାହିତ କରି ବିଜେପି ସରକାରଙ୍କର ଏ ଶ୍ରମିକ ବିରୋଧି ନୀତିର ତୀବ୍ର ସମାଲୋଚନା କରିଥିଲେ। ଓସିଏମଏସର ସାଧାରଣ ସମ୍ପାଦକ ସୌଭାଗ୍ୟ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ସଭାରେ କେନ୍ଦ୍ର ସରକାରଙ୍କର ଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଉଦ୍‌ବୋଧନ ଦେଇ ଶ୍ରମିକ କର୍ମଚାରୀମାନେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପମୁଖ୍ୟ ଶ୍ରମ କମିଶନର ଡ. ନାରାୟଣ ତ୍ରିପାଠୀ, ପୂର୍ବତନ ଆଂଚଳିକ ଶ୍ରମ କମିଶନର ଉମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଲେବର କୋର୍ଡ ସଂପର୍କରେ ତାଙ୍କର ମତାମତ ରଖିଥିଲେ ଏବଂ ଏମସିଏଲ ଶ୍ରମିକ କର୍ମଚାରୀ ସଂଘ ତରଫରୁ ଏକ.କେ.ମାଝୀ, ମନୋଜ କୁମାର ସାହୁ, ଆଲୋକ କୁମାର ପଣ୍ଡା, ରବୀନ୍ଦ୍ର ପ୍ରସାଦ, ଇନ୍ଦ୍ର ଗୋବିନ୍ଦ ପାଢ଼ୀ, ବିଜୟ ଦାସ, ରଞ୍ଜିତ ପ୍ରଧାନ, ଲକ୍ଷ୍ମଣ ଭଞ୍ଜ, ଛବିନ୍ଦ୍ର ଖିଲାର, ତ୍ରିବେଣୀଦଳ ବେହେରା, ଅନୁପମା ଶତପଥି, ଅନୁସୟା ମହାନ୍ତି, ଅନୁପମା ଖଣ୍ଡୁଆଳଙ୍କ ସମେତ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ନେତା ଓ ନେତ୍ରୀମାନେ ଏହି ଶିବିରରେ ଯୋଗ ଦେଇଥିଲେ।

# ବନ୍ୟା ବିପର୍ଯ୍ୟୟ ପରିଚାଳନାରେ ସରକାର ବିଫଳ : ଓଜେସି



**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟରେ ଭୟାଭହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଭିନ୍ନ ଭିନ୍ନ ଜିଲ୍ଲାର ପ୍ରାୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏବଂ ହଜାର ହଜାର ଗୃହପାଳିତ ପଶୁ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ତେବେ ଏହି ଜରୁରୀ ପରିସ୍ଥିତିରେ ସରକାର ବିପର୍ଯ୍ୟୟ ପରିଚାଳନାରେ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଏହିକ୍ରମରେ ଆଜି ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ବନ୍ୟା ପରିଚାଳନାରେ ରାଜ୍ୟ ସରକାର ପ୍ରାକ୍ ପ୍ରସ୍ତୁତି ଠିକ୍ ଭାବେ କରି ନଥିବାରୁ ରାଜ୍ୟରେ ବନ୍ୟା ଦ୍ୱାରା ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇ ହନ୍ତସନ୍ତ ଜୀବନ କାଟୁଛନ୍ତି ବୋଲି ଓଜେସି ସେବା ସଂଗଠନ ଅଧ୍ୟକ୍ଷ ମନୋଜ ଜେନା ବିବୃତି ରଖିଥିଲେ। ଜନସାଧାରଣଙ୍କ ନିକଟରେ ଜରୁରୀ ଆବଶ୍ୟକତା ଖାଦ୍ୟ ଓ ପାନୀୟ ଜଳ ପହଞ୍ଚାଇବାରେ ସରକାର ବିଫଳ ହୋଇଥିବାରୁ ଅନେକ ଅଞ୍ଚଳରେ ପ୍ରଭାବିତମାନେ ଅତ୍ୟନ୍ତ ଦୟନୀୟ ଭାବେ ଜୀବନ ଯାପନ କରୁଛନ୍ତି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜ୍ୟର ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରି ପ୍ରଭାବିତ ଲୋକଙ୍କର ଦୁଃଖ ଦୁର୍ଦ୍ଦଶା ଦୂର କରିବା ପରିବର୍ତ୍ତେ ବର୍ତ୍ତମାନ ଦିଲ୍ଲୀ ଗସ୍ତରେ ଅଛନ୍ତି। ନଦୀପଠାରୁ ବ୍ୟାପକ ବାଲି ଚୋରାଚାଲାଣ ଦ୍ୱାରା ନଦୀବନ୍ଧ ଦୁର୍ବଳ ହେବାସହ ପ୍ରଖର ସ୍ରୋତ ଆସି ନଦୀ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ବ୍ୟାପକ କ୍ଷୟକ୍ଷତି ହୋଇଛି। କୌଣସି ନଦୀ କୂଳରେ ଆଡିବନ୍ଧ ବା ବୃକ୍ଷ ନଥିବାରୁ ଏହିଭଳି ବିପର୍ଯ୍ୟୟ ବାରମ୍ବାର ଘଟୁଛି, ଯାହା ଗତ ସରକାର ଖାମଖିଆଲି ଭାବେ ନେଇଥିଲେ ଏବଂ ବର୍ତ୍ତମାନର ସରକାର ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ଏଣୁ ଓଡ଼ିଶା ଜନତା କଂଗ୍ରେସ ତରଫରୁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେଇ ବନ୍ୟା ବିପର୍ଯ୍ୟୟ ନିୟନ୍ତ୍ରଣ କରନ୍ତୁ ବୋଲି ଶ୍ରୀ ଜେନା ଦାବି କରିଥିଲେ। ଓଡ଼ିଶା ଜନତା କଂଗ୍ରେସ ସଭାପତି ମହମ୍ମଦ ମୋକିମଙ୍କ ନିର୍ଦ୍ଦେଶରେ ଓଜେସି ସେବା ସଂଗଠନ ପକ୍ଷରୁ ଆସନ୍ତାକାଲିଠାରୁ ଏକ ପ୍ରତିନିଧି ମଣ୍ଡଳୀ ଯାଜପୁର ଜିଲ୍ଲାର ବନ୍ୟାଞ୍ଚଳ ଗୁଡ଼ିକ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବା ସହ ପ୍ରଭାବିତ ଲୋକଙ୍କୁ ରିଲିଫ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜନତା କଂଗ୍ରେସର ଯାଜପୁର ଜିଲ୍ଲା ପ୍ରଭାରୀ ନଜିବୁର୍ ରେହମାନ ଖାନ୍, ସୋମନାଥ ରାଉତ ଏବଂ ଓଡ଼ିଶା କୃଷକ ଜନତା କଂଗ୍ରେସର ବରିଷ୍ଠ ନେତା ଦୁର୍ଗାଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୫୦ତମ ଜୟନ୍ତୀ

## 'ସମରସ ସଂକଳ୍ପ ଅଭିଯାନ' ସନ୍ଥଙ୍କ ମୃତ୍ତିକା କଳସକୁ ଭବ୍ୟସ୍ୱାଗତ




**ଭୁବନେଶ୍ୱର (ବ୍ୟୁରୋ) :** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବି ଦାସ ମହାରାଜଙ୍କ ୬୫୦ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ ୨୯ ଜୁଲାଇ ୨୦୨୬ (ଗୁରୁପୂର୍ଣ୍ଣିମା) ଠାରୁ ୨୦ ଫେବୃଆରୀ ୨୦୨୭ (ଶ୍ରୀ ଗୁରୁ ରବିଦାସ ମହାରାଜ ଜୟନ୍ତୀ) ପର୍ଯ୍ୟନ୍ତ ଝକ୍ତଙ୍କକ୍ଟସ୍ଥ;ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ପାଳନ କରାଯାଉଛି। ଗୁରୁ ଶ୍ରୀ ରବି ଦାସଜୀଙ୍କ ଜନ୍ମସ୍ଥଳୀ ବାରଣାସୀ କାଶୀରୁ ଏହି ଅଭିଯାନ ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ଜନ୍ମସ୍ଥାନ ବାରଣାସୀ କାଶୀରୁ ପବିତ୍ର ମୃତିକାକୁ କଳସରେ ସଂଗ୍ରହ କରାଯାଇ ଦେଶର ବିଭିନ୍ନ ରାଜ୍ୟକୁ ପଠାଯାଇଛି। ଓଡିଶାରୁ ଯାଇଥିବା ପ୍ରତିନିଧିଦଳ ଏହି ପବିତ୍ର କଳସକୁ ଆଣି ଆଜି ଭୁବନେଶ୍ୱର ରେଳଷ୍ଟେସନରେ ପହଁଚିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଏସ୍‌ସି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଶାନ୍ତ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଏମ୍‌ପି ଡ. ରବି ନାରାୟଣ ବେହେରା, ଏସ୍‌ସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ମନିଜର ଆର୍ଯ୍ୟ, ଚନ୍ଦନ ସ୍ୱରାଜ, ବରିଷ୍ଠ ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରାଜ୍ୟ ପ୍ରବକ୍ତା ଲକ୍ଷ୍ମଣ ପଣ୍ଡା, ଏସ୍‌ସି ମୋର୍ଚ୍ଚା ରାଜ୍ୟ ଉପସଭାପତି ଶିବ ମଲ୍ଲିକ, ଏସ୍‌ସି ମୋର୍ଚ୍ଚା ସମ୍ପାଦକ ହରିହର ମହାନନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ରେଳ ଷ୍ଟେସନ୍‌ରେ ପ୍ରତିନିଧି ମଣ୍ଡଳୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ଏକ ବିରାଟ ଶୋଭାଯାତ୍ରାରେ ଉକ୍ତ କଳସକୁ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇଥିଲା। ପୂଜାର୍ଚ୍ଚନା ପରେ ଉକ୍ତ କଳସକୁ ମନ୍ଦିରରେ ରଖାଯାଇଛି। ଅଗଷ୍ଟ ୯ ତାରିଖରେ ଏକ ଭବ୍ୟ ସମାରୋହରେ କାର୍ଯ୍ୟକର୍ତାମାନଙ୍କ ଜରିଆରେ ବିଜେପିର ୩୭ଟି ସାଂଗଠନିକ ଜିଲ୍ଲାରୁ ଏଭଳି ମହାପୁରଷମାନଙ୍କ ଜନ୍ମସ୍ଥାନରୁ ମାଟି ଅଣାଯାଇ ଏହି ପବିତ୍ର ମୃତିକାରେ ମିଶାଯିବା ପରେ ତାହାକୁ ୩୭ଟି ପୃଥକ୍ କଳସରେ ବଂଟନ କରାଯିବ। ସେହି ମାଟିକୁ ବିଭିନ୍ନ କଳସରେ ଭରି ଜିଲ୍ଲାର ସବୁ ମଣ୍ଡଳକୁ ନିଆଯିବ। ସେଠାରୁ ପ୍ରତ୍ୟେକ ଗ୍ରାମପଂଚାୟତକୁ ଓ ଗ୍ରାମ ପଂଚାୟତରୁ ପ୍ରତ୍ୟେକ ଗ୍ରାମକୁ ଏହି ପବିତ୍ର କଳସ ବଂଟନ କରାଯିବ। ଯେଉଁଠାରେ ଏହି ପବିତ୍ର ମୃତିକା କଳସ ରଖାଯିବ ଓ ଯେଉଁଠାରେ ପହଁଚିବ ସେହି ସ୍ଥାନରେ ବୃକ୍ଷରୋପଣ କରାଯିବ। ଏହି ଅଭିଯାନ ଅଧୀନରେ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଏବଂ ଜନ ସମ୍ପର୍କମୂଳକ କାର୍ଯ୍ୟକ୍ରମ କରାଯିବ। ଏଥିରେ ବହୁ ସଂଖ୍ୟାରେ ସାଧୁ ସନ୍ଥମାନେ ସାମିଲ ହେବେ। ଏହି ଅବସରରେ ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ଜୀବନ, ଦର୍ଶନ, ସମାନତା, ଭକ୍ତି, ସେବା, ସାମାଜିକ ନ୍ୟାୟ ଓ ମାନବତାର ବାର୍ତାକୁ ସମଗ୍ର ଦେଶରେ ବ୍ୟାପକ ଭାବେ ପ୍ରଚାର କରାଯିବା ପାଇଁ ବିଜେପି ପକ୍ଷରୁ ସ୍ଥିର କରାଯାଇଛି। ଆଧାତ୍ମିକବାଦୀ କବି ସନ୍ଥ ଶିରୋମଣି ଗୁରୁ ରବି ଦାସ ଜଣେ ମହାନ ସନ୍ଥ ଓ କବି ଥିଲେ। ଏଥିସହ ସେ ଜଣେ ସମାଜ ସଂସ୍କାରକ ଏବଂ ଭଗବାନଙ୍କ ଅନୁଗାମୀ ଥିଲେ। ସମାଜରୁ ଅସ୍ପୃଶ୍ୟତା, ଉଚ୍ଚନୀଚ ଭେଦଭାବ, ଛୁଆଁ, ଅଛୁଆଁ ଆଦି ଦୂର କରିବା ପାଇଁ ସେ ନିରନ୍ତର ଉଦ୍ୟମ କରୁଥିଲେ। ସେ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବ ମୁକ୍ତ ସମାଜର ପ୍ରତୀକ ଥିଲେ। ଆଧାତ୍ମିକ ଏବଂ ଭକ୍ତି ମାର୍ଗରେ ଚାଲିବା ସମୟରେ ସନ୍ଥ ରବି ଦାସ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ। ତାଙ୍କ ନୀତି ଓ ଆଦର୍ଶ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବିଜେପି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଶୋଭାଯାତ୍ରାରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀମତୀ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ସୁଶ୍ରୀ ମଧୁସ୍ମିତା ବଳିଆରସିଂ, ଭୁବନେଶ୍ୱର ସାଙ୍ଗଠାନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟା ଆଁରେ ଆଠମଲ୍ଲିକ: ଜଳଘେରରେ ୩୦ ହଜାର ଲୋକ



ଅନୁଗୋଳ(ଅମୃତ ମିଡିଆ): ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀରେ ବନ୍ୟା ଆସିଛି । ବନ୍ୟାଜଳ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ଓ ଟିକରପଡ଼ା ଅଞ୍ଚଳର ପ୍ରାୟ ୨୦ଟି ଗାଁରେ ପ୍ରବେଶ କରିଛି । ଏହି ଗାଁଗୁଡ଼ିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ଅନୁଗୋଳ ଜିଲ୍ଲାର ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ବନ୍ୟାରେ କେହି ମୃତାହତ ହୋଇନଥିଲେ ମଧ୍ୟ ହଜାର ହଜାର ହେକ୍ଟର ଚାଷଜମି ପାଣିରେ ବୁଡ଼ିଯାଇଛି । ମହାନଦୀରେ ବନ୍ୟାଜଳ ଆସିବା ପରେ ଗତକାଲି ଅପରାହ୍ଣରେ ଆଠମଲ୍ଲିକ ବ୍ଲକ୍ କୁଦଗାଁ ଅଞ୍ଚଳରେ ପାଣି ପଶିଥିଲା । ଏପଟେ ଜାମୁ ଡୋଲି, ଓଲଥ ଓ ଲୁହାସିଂହା ପଞ୍ଚାୟତର ବହୁ ଗାଁ ଜଳବନ୍ଦି ହୋଇରହିଛି । ଅଏଡ଼ା-ବିନିକେୟୀ ରାସ୍ତାରେ ଚଣାନାଳି ନାଳ ଉପରେ ୧୦ ଫୁଟ ପାଣି ରହିଥିବାରୁ ଜାମୁଡୋଲି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ଏଥିପାଇଁ ତହସିଲ ପ୍ରଶାସନ ପକ୍ଷରୁ ମୋଟର୍ ବୋଟ୍ ପକାଇ ଲୋକଙ୍କୁ ନେବା ଆଣିବା କରାଯାଉଛି । କୌଣସି ଜରୁରି କାମରେ ଲୋକମାନେ ଏହି ମୋଟର ବୋଟ୍‌ରେ ଯାଉଛନ୍ତି । ଅଗ୍ନିଶମ ବାହିନୀ ତରଫରୁ କୁଦଗାଁ ଓ ଓଲଥ ନିକଟରେ ଦୁଇଟି ଡଙ୍ଗା ରଖାଯାଇଛି । ଆବଶ୍ୟକ ହେଲେ ଲୋକଙ୍କୁ ନେବା ଆଣିବା କରାଯାଉଛି । ଏହା ସହିତ ବିଭିନ୍ନ ସ୍ଥାନରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି । କୁଦଗାଁ ପଞ୍ଚାୟତର ଏକାଧିକ ଗାଁ ଏବେ ବି ପାଣିଘେରରେ ରହିଥିବାରୁ ଏଠାରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ଲୋକମାନେ ନିଜ ଘରେ ବନ୍ଦୀ ଜୀବନ କାଟୁଛନ୍ତି । ଅନୁଗୋଳ ବ୍ଲକ୍‌ର ଟିକରପଡ଼ା ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ମହାନଦୀ ଫୁଲିବାରୁ ୩ଟି ଗାଁରେ ପାଣି ପଶିଛି । ଏଥିପାଇଁ ଗଇଁଦି, ବେହେରାସାହି ଓ ମଝିପଡ଼ା ଗାଁ ବାହ୍ୟ ଜଗତରୁ ଅଲଗା ହୋଇଯାଇଛି । ଲୋକେ ଜଳଘେରରେ ଗତକାଲିଠାରୁ ରହିଛନ୍ତି । ଜିଲ୍ଲାପାଳ ଆଜି ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ ସ୍ଥିତି ସମୀକ୍ଷା କରିଛନ୍ତି । ସ୍ଥିତି ଏବେ ନିୟନ୍ତ୍ରଣରେ ରହିଛି ଏବଂ ସମ୍ବେଦନଶୀଳ ସ୍ଥାନରେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଜିଲ୍ଲାପାଳ ଅବଦଲ୍ ଏ.ଅଖତର କହିଛନ୍ତି । ଲୋକମାନେ ଗତକାଲିଠାରୁ ପାଣି ଘେରରେ ରହିଥିଲା ବେଳେ ଆଜି ସକାଳେ ଜଳସ୍ତର ବଢ଼ିଥିଲା । ହେଲେ, ଅପରାହ୍ଣ ପରଠାରୁ ଜଳସ୍ତର ସାମାନ୍ୟ ଖସୁଛି । ଏପଟେ ଉପର ମୁଣ୍ଡରେ ବର୍ଷା ମଧ୍ୟ କମିଛି । ଦିନେ ଦୁଇଦିନ ଭିତରେ ସ୍ଥିତି ସୁଧୁରିଯିବ ବୋଲି ଆଶା ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ଏହି ବର୍ଷାରେ ହଜାର ହଜାର ହେକ୍ଟର ଜମିରେ ପାଣି ମାଡ଼ି ଯାଇଥିବାରୁ ଚାଷୀ ମୁଣ୍ଡରେ ହାତଦେଇ ବସିଛି । ଜମି ଉପରେ କେଉଁଠି ୨ ଫୁଟ ପାଣି ତ କେଉଁଠି ୧୦ ଫୁଟ ଜମିଛି । ବର୍ଷା କମିଲେ ସ୍ଥିତି ସମୀକ୍ଷା କରାଯିବା ସହ କ୍ଷୟକ୍ଷତି ଆକଳନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଅଧୁରା ରହିଲା ଇ-ଲାଇବ୍ରେରୀ




ଅନୁଗୁଳ(ଅମୃତ ମିଡିଆ): ପାଠକଙ୍କୁ ମିଳିବ ବିଶ୍ୱସ୍ତରୀୟ ସୁବିଧା । କେବଳ ପାଠ୍ୟ ପୁସ୍ତକ ଉପଲବ୍ଧ ହେବନି, ୱାଇଫାଇ ସେବା ସାଙ୍ଗକୁ କମ୍ପ୍ୟୁଟରରେ ପାଠ ପଢ଼ିବେ ଛାତ୍ରଛାତ୍ରୀ । ବ୍ଲାକ୍ ଡାଇମଣ୍ଡରେ ପରିଚାଳିତ ବିଶ୍ୱସ୍ତରୀୟ ପାଠାଗାରକୁ ନେଇ ଏମିତି ରଙ୍ଗୀନ୍ ସ୍ୱପ୍ନ ଦେଖାଇଥିଲା ଜିଲ୍ଲା ପ୍ରଶାସନ । ମାତ୍ର ଉଦ୍‌ବେଗର ବିଷୟ, ବ୍ଲାକ ଡାଇମଣ୍ଡ ଉଦ୍‌ଘାଟନକୁ ଅଢ଼େଇ ବର୍ଷ ବିତିଲାଣି । ହେଲେ ଏଯାବତ୍ ଇ-ଲାଇବ୍ରେରୀ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ସେପଟେ ଇ-ଲାଇବ୍ରେରୀ ପାଇଁ କିଣାଯାଇଥିବା ୨୪ଟି କମ୍ପ୍ୟୁଟର ପଡ଼ିରହିଛି । ଏହାକୁ ଚାଲୁ କରିବାକୁ ଜିଲ୍ଲା ପ୍ରଶାସନର ସତେଯେମିତି ଆନ୍ତରିକତା ନାହିଁ । ବିନା କମ୍ପ୍ୟୁଟର ଓ ୱାଇଫାଇରେ ଇଏ କେମିତିକା ବିଶ୍ୱସ୍ତରୀୟ ଲାଇବ୍ରେରୀ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୩୬ କୋଟି ବିନିମୟରେ ନିର୍ମାଣ ହୋଇଛି ବ୍ଲାକ ଡାଇମଣ୍ଡ । କୋଇଲା ଆକୃତିର ଏହି କୋଠାରେ ଲାଇବ୍ରେରୀ ଓ ମ୍ୟୁଜିୟମ୍ ରହିଛି । ବିଶ୍ୱସ୍ତରୀୟ ପାଠାଗାର ବୋଲି ଜିଲ୍ଲା ପ୍ରଶାସନ କେବଳ ଡିଣ୍ଡିମ ପିଟୁଥିବା ବେଳେ ପ୍ରଶାସନିକ ଉଦାସୀନତା କାରଣରୁ ଇ-ଲାଇବ୍ରେରୀ ମାଟି କାମୁଡିଛି । ଭିତ୍ତିଭୂମି ଥିବା ସତ୍ତ୍ୱେ ବିଦ୍ୟାର୍ଥୀଙ୍କୁ ଏହାର ସୁଫଳ ମିଳୁନି । ଜିଲ୍ଲା ସଦର ମହକୁମାରେ ସଂସ୍କୃତି ବିଭାଗର ଏକ ପାଠାଗାର ରହିଛି । ଏହି ପୁରାତନ ପାଠାଗାର ନିଃଶୁଳ୍କ ଥିବା ବେଳେ ବ୍ଲାକ ଡାଇମଣ୍ଡକୁ ଦେୟଯୁକ୍ତ କରାଯାଇଛି । ପ୍ରତିଦିନ ୨୦ ଟଙ୍କାର ପ୍ରବେଶ ଫି' ଦେବାକୁ ହେବ । ଏହାଛଡା ପାଠକ ପାଠିକା ମାସିକ ୧୫୦ ଟଙ୍କାର ଦେୟ ପୈଠ କରି ପାଠାଗାରର ସୁବିଧା ନେଉଛନ୍ତି । ଏହି ଅତ୍ୟାଧୁନିକ ପାଠାଗାରରେ ପ୍ରାୟ ୩୦ ହଜାର ପୁସ୍ତକ ରହିଛି । ଭଲ ପୁସ୍ତକ, ବିଶେଷ କରି ଅଧିକ ଇଂରାଜୀ ପୁସ୍ତକ ଉପଲବ୍ଧ ଥିବାରୁ ପାଠକ ଆଗ୍ରହ ପ୍ରକାଶ କରୁଛନ୍ତି । ମାତ୍ର ଇଣ୍ଟରନେଟ୍ ଓ କମ୍ପ୍ୟୁଟର ସୁବିଧା ନଥିବାରୁ ଛାତ୍ରଛାତ୍ରୀ ଅସନ୍ତୋଷ ଝାଡୁଛନ୍ତି । ୨୪ଟି କମ୍ପ୍ୟୁଟର ଥିବା ସତ୍ତ୍ୱେ କାର୍ଯ୍ୟକ୍ଷମ କରିବାରେ ଅସୁବିଧା କେଉଁଠି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅପରପକ୍ଷରେ ପାଣ୍ଠିର ଅଭାବ ଦର୍ଶାଇ ପୂର୍ବରୁ ଜିଲ୍ଲା ପ୍ରଶାସନ ନିରବ ମୁଦ୍ରାରେ ବସିଥିଲା । ଏବେ ପ୍ରଶାସନ ଇ-ଲାଇବ୍ରେରୀକୁ ସମ୍ପୂର୍ଣ୍ଣ ଭାବେ ପାସୋରି ଦେଇଛି । ବ୍ଲାକ୍ ଡାଇମଣ୍ଡର ପରିଚାଳନା ଦାୟିତ୍ୱରେ ନିଜାରତ ବିଭାଗରେ ଥିବା ବେଳେ କର୍ତ୍ତୃପକ୍ଷ ବେଫିକର ହୋଇ ବସିଛନ୍ତି । ଏ ସଂକ୍ରାନ୍ତରେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି, ଇ-ଲାଇବ୍ରେରୀ ତିଆରି କରିଥିବା ମୂଳସଂସ୍ଥା କାମ ସମ୍ପୂର୍ଣ୍ଣ ନକରି ଚାଲିଯାଇଛି । ଯେଉଁ ଢଙ୍ଗରେ ଇ-ଲାଇବ୍ରେରୀ ବ୍ୟବସ୍ଥା ହୋଇଛି, ଟେକ୍ନିକାଲ୍ କାମ କୌଣସି ସ୍ଥାନୀୟ ସଂସ୍ଥା କରିବା ସମ୍ଭବ ନୁହଁ । ପାଣ୍ଠିକୁ ନେଇ କୌଣସି ସମସ୍ୟା ନାହିଁ । ମୂଳସଂସ୍ଥା ସହିତ ଯୋଗାଯୋଗ କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

# ମୂଳ ଧର୍ମକୁ ଫେରିବା ପରେ ଶବକୁ ମିଳିଲା ଶ୍ମଶାନ

## ୨୨ ଘଣ୍ଟା ପରେ ଶେଷକୃତ୍ୟ ସମ୍ପନ୍ନ



ରାଇଘର(ଅମୃତ ମିଡିଆ): ନବରଙ୍ଗପୁରଜିଲ୍ଲା ରାଇଘର ବ୍ଲକ୍ ଦେବଗାଁ ପଞ୍ଚାୟତର ଡୁମୁରିମୁଣ୍ଡା ଆଦିବାସୀ ଗ୍ରାମରେ ଶବ ସତ୍କାରକୁ ନେଇ ଲାଗି ରହିଥିବା ବିବାଦର ଶେଷରେ ସମାଧାନ ହୋଇଛି । ମୃତ କମଳସିଂ ଗଣ୍ଡ ଧର୍ମ ପରିବର୍ତ୍ତନ କରି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଗାଁ ଶ୍ମଶାନରେ ଶବ ସତ୍କାର ପାଇଁ ଗ୍ରାମବାସୀ ତାଙ୍କ ପରିବାରବର୍ଗକୁ ମନା କରିଥିଲେ । ଶୁକ୍ରବାର ପୂରା ପରିବାର ପୁଣି ମୂଳଧର୍ମକୁ ଫେରିବା ପରେ ଯାଇ ୨୨ ଘଣ୍ଟା ପରେ ଶ୍ମଶାନରେ ଜାଗା ମିଳିଥିଲା ଓ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପ୍ରକାଶଯୋଗ୍ୟ, ଡୁମୁରିମୁଣ୍ଡା ଗ୍ରାମର କମଳସିଂ ୩ବର୍ଷ ପୂର୍ବେ ନିଜର ମୂଳଧର୍ମ ଛାଡ଼ି ଅନ୍ୟ ଧର୍ମକୁ ଆପଣାଇଥିଲେ । ଗୁରୁବାର ମଧ୍ୟାହ୍ନ ୧୨ଟାରେ ହଠାତ୍ ଅସୁସ୍ଥତା ଅନୁଭବ କରିବା ପରେ କମଳସିଂଙ୍କ ମୃତ୍ୟୁ ହୋଇଥିଲା । ତେବେ କମଳସିଂ ଧର୍ମ ପରିବର୍ତ୍ତନ କରିଥିବାରୁ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରିବାକୁ ମନା କରିଥିଲେ ଲୋକେ । ବହୁ ବୁଝାଶୁଝା ପରେ ମଧ୍ୟ ଗ୍ରାମବାସୀ ରାଜି ନ ହେବା ପରେ ଗୁରୁବାର ସନ୍ଧ୍ୟାରେ କମିଟି ଗୃହରେ ଦୁଇ ଗୋଷ୍ଠୀ ମଧ୍ୟରେ ବୈଠକ ହୋଇଥିଲା । ବୈଠକରେ ନିଷ୍ପତ୍ତି ମୁତାବକ ଶୁକ୍ରବାର ମୃତକଙ୍କ ବଡ଼ବାପାଙ୍କ ପୁଅ ରାଇସିଂ ଗଣ୍ଡ ଏବଂ ତାଙ୍କ ପରିବାର ମୂଳ ଧର୍ମକୁ ଫେରିବା ପରେ ବିବାଦର ସମାଧାନ ହୋଇଥିଲା । ୨୨ଘଣ୍ଟା ପରେ ଗାଁ ଶ୍ମଶାନରେ କମଳସିଂଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି ।

# କାମରେ ଆସୁନି କୋଟିଏ ଟଙ୍କାର ଗୋଶାଳା, ରାଜପଥରେ ଗାଈଗୋରୁ

ନବରଙ୍ଗପୁର(ଅମୃତ ମିଡିଆ): ସହର ହେବ ବୁଲା ଗାଈଗୋରୁ ମୁକ୍ତ । ରାଜ୍ୟର ବିଭିନ୍ନ ସହରରେ ଥିବା ବୃଦ୍ଧ, ଅସୁସ୍ଥ ଓ ଅସହାୟ ଗାଈଗୋରୁଙ୍କୁ ଆଶ୍ରୟ ଦେବାକୁ ନୂତନ ଗୋଶାଳା ପ୍ରତିଷ୍ଠା କରାଯିବ । ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋଶାଳା ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ଦିଆଯିବାକୁ ରାଜ୍ୟସରକାର ଯୋଜନା କରିଥିଲେ । ସହରର ଅତି ନିକଟରେ ଏହା ସ୍ଥାପନ ହେଲେ ସହରରେ ଗାଈଗୋରୁଙ୍କ ଯୋଗୁଁ ଉପୁଜୁଥିବା ଟ୍ରାଫିକ ସମସ୍ୟାକୁ ଦୁର କରିହେବ । ରାସ୍ତାରୁ ଗାଈ ଗୋରୁଙ୍କୁ ନେଇ ଗୋଶାଳାରେ ରଖଯିବ । ଏହା ସହ ଜବରଦଖଲ ହୋଇଥିବା ଗୋଚର ଜମିକୁ ଜବରଦଖଲ ମୁକ୍ତ କରି ଘାସ ଚାଷକୁ ପ୍ରୋତ୍ସାହିତ କରିବା ବି ଲକ୍ଷ୍ୟ ରହିଥିଲା । ତେବେ ଏହି ଯୋଜନାଟି ନବରଙ୍ଗପୁର ଜିଲ୍ଲାରେ ଗାଁରେ ସୀମିତ ହୋଇ ରହିଯାଇଛି । ଜିଲ୍ଲାରେ କୋଟିଏ ଟଙ୍କା ବ୍ୟୟରେ ୩ଟି ଗୋଶାଳା ତିନୋଟି ବ୍ଲକର ତିନୋଟି ଗାଁରେ ନିର୍ମାଣ କରାଯାଇଛି । ନବରଙ୍ଗପୁର ସହରରେ ନଥିବାରୁ ବିଭିନ୍ନ ଛକ ବଜାର ସହ ଏନଏଚକୁ ଗୋରୁଗାଈ ସମ୍ପୂର୍ଣ୍ଣ କବଜାରେ ନେଇ ଟ୍ରାଫିକକୁ ବିପର୍ଯ୍ୟସ୍ତ କରୁଛନ୍ତି । ଦିନ ରାତି ରାସ୍ତା ଉପରେ ହିଁ ରହୁଛନ୍ତି । ରାତିବେଳେ ଦୁର୍ଘଟଣା ହେବା ନିୟମିତ ପାଲଟିଛି । ନବରଙ୍ଗପୁର କିମ୍ବା ଉମରକୋଟ ପୌରପାଳିକା ଅଂଚଳରେ ଏପରି ଗୋଶାଳା ପୌରପାଳିକା କିମ୍ବା କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଧିନରେ ନାହିଁ । କୋଷାଗୁମୁଡା ବ୍ଲକର ଘୋଡାଧାନୁଆରେ ୫୦ଗୋରୁ ରଖିବା ପାଇଁ ଗୋଶାଳା ନିର୍ମାଣ ପାଇଁ ୨୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିଛି ।



ଗତ ୬ମାସ ପାଇଁ ରକ୍ଷଣାବେକ୍ଷଣ ପାଇଁ ୫ଲକ୍ଷ ୬୨ହଜାର୨୭୮ଟଙ୍କା ମିଳିଛି । ନନ୍ଦାହାଣ୍ଡି ବ୍ଲକର ସୁରୁଗୁଡାରେ ୧୫୦ଗୋରୁଙ୍କୁ ରଖିବା ଗୋଶାଳା ନିର୍ମାଣ ପାଇଁ ୫୨ଲକ୍ଷ ଏବଂ ରକ୍ଷଣାବେକ୍ଷଣ ପାଇଁ ୨ଲକ୍ଷ୭୬ହଜାର୬୨୯ଟଙ୍କା, ତେନ୍ତୁଳିଖୁଣ୍ଟି ବ୍ଲକର ଝରିଗୁମ୍ମାରେ ୧୦୦ଗୋରୁ ରଖିବା ଗୋଶାଳା ନିର୍ମାଣ ପାଇଁ ୩୬ଲକ୍ଷ ଟଙ୍କା ଓ ରକ୍ଷଣାବେକ୍ଷଣ ପାଇଁ ୪ଲକ୍ଷ,୭ହଜାର୭୨୭ଟଙ୍କା ମିଳିଛି । ତେବେ ସବୁ ଠାରୁ ବେଶି ଗୋରୁଗାଈ ରାସ୍ତା ଉପରେ ନବରଙ୍ଗପୁର ସହରରେ ହିଁ ବୁଲୁଛନ୍ତି । ପୌରପାଳିକାର ନିଜସ୍ୱ କାଞ୍ଜିଆହୁଦା ମଧ୍ୟ ନାହିଁ । ଗୋଶାଳା ହେଉଛି ଏକ ସୁରକ୍ଷାମୂଳକ ଆଶ୍ରୟସ୍ଥଳ । ପଥଭ୍ରଷ୍ଟ, ଆହତ ଏବଂ ପରିତ୍ୟକ୍ତ ଗାଈ, ବାଛୁରୀ ଏବଂ ଷଣ୍ଢଙ୍କ ଯତ୍ନ, ଖାଦ୍ୟ ଏବଂ ବାସସ୍ଥାନ ପାଇଁ ଉତ୍ସର୍ଗୀକୃତ । ପ୍ରତିଦିନ ତାଜା ସବୁଜ ଘାସ, ଶୁଖିଲା ଚାରା, ଶସ୍ୟ ମିଶ୍ରଣ ଏବଂ ସଫା ପାନୀୟ ଜଳ ଯୋଗାଇବା ନିର୍ଦ୍ଦେଶ ରହିଛି । ପଶୁଚିକିତ୍ସା ଡାକ୍ତରଙ୍କ ସହାୟତାରେ ଅସୁସ୍ଥ କିମ୍ବା ଆହତ ଗୋରୁମାନଙ୍କର ଚିକିତ୍ସା କରିବା । ପରିତ୍ୟକ୍ତ କିମ୍ବା ଆହତ ଗୋରୁମାନଙ୍କୁ ରାସ୍ତା ଏବଂ ବିପଦପୂର୍ଣ୍ଣ ପରିସ୍ଥିତିରୁ ରକ୍ଷା କରିବା । ଜୈବିକ ସାର, ବାୟୋଗ୍ୟାସ୍ ଏବଂ ପାରମ୍ପରିକ ସଫେଇ କିମ୍ବା ଔଷଧୀୟ ସାମଗ୍ରୀ ତିଆରି କରିବା ପାଇଁ ଗୋବର ଏବଂ ମୂତ୍ର ସଂଗ୍ରହ କରିବା ଲକ୍ଷ୍ୟ ରହିଛି । ଭାରତରେ ଗଭୀର ସାଂସ୍କୃତିକ ଏବଂ ଧାର୍ମିକ ଗୁରୁତ୍ୱ ବହନ କରୁଥିବା ଗୋ ସେବା (ଗାଈମାନଙ୍କ ସେବା) ପାଇଁ କେନ୍ଦ୍ର ଭାବରେ ସେବା କରିବା । ଏବେ ତେନ୍ତୁଳିଖୁଣ୍ଟି ବ୍ଲକର କଣ୍ଟାଗାଁ ପଂଚାୟତର କାରାପାଣି ଗାଁରେ ନୂଆରେ ଗୋଟିଏ ଗୋଶାଳା ନିର୍ମାଣ ଚାଲିଛି । ନବରଙ୍ଗପୁର ପୌରପାଳିକାରେ ସ୍ଥାପନ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି କହିଛନ୍ତି ସିଡିଭିଓ ରମେଶ ଚନ୍ଦ୍ର ବେହେରା, ଏଡିଭିଓ ଡ.ପ୍ରକାଶ ମହାନ୍ତି । ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀଙ୍କ ସହ ଏ ନେଇ ଆଲୋଚନା ହୋଇଥିବା କହିଛନ୍ତି ଏଡିଭିଓ । ପୌରପାଳିକାର ନିଜସ୍ୱ ଜମି ନଥିଲେ ସରକାରୀ ଜମି ପୌରପାଳିକା ଲିଜରେ ନେଇ ନିର୍ମାଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି କହିଛନ୍ତି ଏଡିଭିଓ ।

# ବୈତରଣୀ କମିଲା, ସାଳନ୍ଦୀ ଚିନ୍ତା ବଢ଼ାଇଲା

ଭଦ୍ରକ(ଅମୃତ ମିଡିଆ): ବୈତରଣୀ କମିଲା, ସାଳନ୍ଦୀ ଚିନ୍ତା ବଢ଼ାଇଲା । ଭଦ୍ରକ ଜିଲ୍ଲାର ୧୧୨ ପଞ୍ଚାୟତ ବନ୍ୟା ପ୍ରଭାବିତ । ୪.୮୨ ଲକ୍ଷ ଲୋକ ବନ୍ୟା କବଳରେ । ୬୦ ହଜାର ଏକରରୁ ଅଧିକ ଚାଷଜମି ଜଳମଗ୍ନ । ବୈତରଣୀର ତଳମୁଣ୍ଡରେ ବନ୍ୟାର ପ୍ରକୋପ । ଧାମନଗର-ତିହିଡି-ଚାନ୍ଦବାଲିରେ ବନ୍ୟା ଦୁର୍ଦ୍ଦଶା । ଗାଁ ଗାଁରେ ପଶିଛି ବନ୍ୟା ପାଣି । ବନ୍ୟା ପାଣିରେ ଉବୁଟୁବୁ ଶହ ଶହ ଗାଁ । ବୈତରଣୀ ଉପର ମୁଣ୍ଡରେ ବନ୍ୟା କମିଛି । କିନ୍ତୁ ତଳିଆ ଅଞ୍ଚଳରେ ବନ୍ୟା ପାଣି ମାଡ଼ି ଚାଲିଛି । ବୈତରଣୀ ବନ୍ୟା ଦ୍ୱାରା ଏବେବି ଧାମନଗର ବ୍ଲକର କାସିମପୁର, ଫତେପୁର, ସାହସ ପୁର,ପାଳସାହି, ରଇପୁର ଓ ଅର୍ଜୁନପୁର ପାଣିଘେରରେ ରହିଛି । ସେହିଭଳି ତିହିଡି ବ୍ଲକର ଶ୍ୟାମସୁନ୍ଦରପୁର, ବାରସର, ଗୋବିନ୍ଦ ପୁର ଏବଂ ଚାନ୍ଦବାଲି ବ୍ଲକର ୭ଟି ପଞ୍ଚାୟତ ଜଳବନ୍ଦୀ । ସାଳନ୍ଦୀ ନଦୀରେ ହଦଗଡ଼ ଡ୍ୟାମ କର୍ତ୍ତୃପକ୍ଷ ଗେଟ ବନ୍ଦ କରିଛନ୍ତି । ନଦୀର ଜଳ ସ୍ତର ବିପଦ ସଂକେତ ତଳେ ଏବେ ପ୍ରବାହିତ ହେଉଛି । ରାଜଘାଟ ଠାରେ ବିପଦ ସଂକେତ ୧୭ ଫୁଟ ଥିବା ବେଳେ ଏଠାରେ ସକାଳ ୬ଟା ୪୦ ସୁଦ୍ଧା ୧୬.୪୦ ଫୁଟ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି । ଅନ୍ୟପଟେ ଭଦ୍ରକ ପୌରାଞ୍ଚଳ ର ୮ଟି ୱାର୍ଡ ସହିତ ଭଦ୍ରକ ବ୍ଲକ ର ଅର୍ଣ୍ଣପାଳ, ବିଷ୍ଣୁପୁର ବିନ୍ଧା, ତିହିଡି ବ୍ଲକର ତଳ ଗୋପ ବିନ୍ଧା, କାଁପଡା ପଞ୍ଚାୟତ ଜଳ ମଗ୍ନ ହୋଇଛି । ବର୍ତ୍ତମାନ ସୁଦ୍ଧା ଭଦ୍ରକ ଜିଲ୍ଲାର ୧୧୨ ପଞ୍ଚାୟତ ର ୪ ଲକ୍ଷ ୮୨ ହଜାର ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି ।

# ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟକଲା ବାରହା

## ଘରେ ଅଟକ, କାବୁ କଲା ବନ ବିଭାଗ

ବରୀ(ଅମୃତ ମିଡିଆ): ବରୀ ବ୍ଲକ ଅଙ୍ଗାଲୋ ପଞ୍ଚାୟତର ଡିହବାରିଂ ଗ୍ରାମର ରାଖାଲ ଦାସଙ୍କ ଘର ଭିତରେ ଅଟକ ଥିବା ହିଂସ୍ର ବାରହାକୁ କାବୁ କରିଛି ବନବିଭାଗ । ଗତକାଲି ଠାରୁ ଅଟକ ଥିବା ବାରହା ଘରର ସମସ୍ତ ଆସବାବପତ୍ରକୁ ଭାଙ୍ଗି ନଷ୍ଟ କରିଦେଇଛି । ଲକ୍ଷାଧିକ ଟଙ୍କାର କ୍ଷତିଘଟିଥିବା ବେଳେ ଗତକାଲି ଠାରୁ ବାରହାକୁ ସେହି ଘରେ ଅଟକ ରଖାଯାଇଥିଲା । ଗତକାଲି ଏହି ବାରହାକୁ ଧରିବା ପାଇଁ ବନବିଭାଗକୁ ସୂଚନା ଦିଆଯାଇଥିଲା । ବିଂଝାରପୁର ଫରେଷ୍ଟର ସାବିତ୍ରୀ ଓ ଯାଜପୁର ରେଞ୍ଜର ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୂଚନା ଦେଲା ପରେ ସଂଧ୍ୟାରେ ବନବିଭାଗର କିଛି କର୍ମଚାରୀ ପହଞ୍ଚିଥିଲେ । ମାତ୍ର ବାରହାକୁ କାବୁ କରିବାରେ ବିଫଳ ହୋଇ ଫେରିଯାଇଥିଲେ । ଦୀର୍ଘ ସମୟ ଧରି ଅଟକ ଥିବା ବାରହା ଅତ୍ୟନ୍ତ ହିଂସ୍ର ହୋଇ ରାତିରେ ସମସ୍ତ ଆସବାବପତ୍ରକୁ ନଷ୍ଟ କରିଦେଇଛି । ଏଠାରେ ପ୍ରଶ୍ନ ଉଠୁଛି, ବନବିଭାଗ ବିଫଳତା ଉପରେ, ଅଟକ ବାରହା ସଂପୃକ୍ତ ଘର ମାଲିକଙ୍କ ଲକ୍ଷାଧିକ ଟଙ୍କାର କ୍ଷତି କରିବା ସହ, ସଂପୃକ୍ତ ଗ୍ରାମର ୪ ଜଣଙ୍କୁ ଆକ୍ରମଣ କରି ଗୁରୁତର ଭାବେ ଆହତ କରିଛି । ଏହାର ଉତ୍ତର ଦାୟିତ୍ୱ କିଏ ନେବ? ଆଜି ସଂପୃକ୍ତ ରେଞ୍ଜରଙ୍କୁ ପଚାରିବାରୁ ସେ କହିଛନ୍ତି, କାଲି ଧରି ହେଲା ନାହିଁ, ଆଜି ଆଉ ଏକ ଟିମ୍ ଧରିବାକୁ ଯାଉଛି । ଅବଶେଷରେ ଆଜି ବାରହାକୁ କାବୁ କରିଛି ବନ ବିଭାଗ ।

# ଏବେ ବି ରିଲିଫ୍ ଅପେକ୍ଷାରେ ବନ୍ୟା ପ୍ରଭାବିତ



ବାଲେଶ୍ୱର(ଅମୃତ ମିଡିଆ): 'ଏଭଳି ବନ୍ୟା ଜୀବଦ୍ଦଶାରେ କେବେ ଦେଖିନଥିଲୁ, ଏତେ ପାଣି କେବେ ଆସିନଥିଲା । ହେଲେ, ପ୍ରଶାସନ ପାଦ ଆମ ଦୁଆରେ ପଡ଼ିଲାନି, ଶୁଖିଲା ଖାଦ୍ୟ ତ କିଛି ମିଳିଲାନି, ପାନୀୟ ଜଳ ପାଇଁ ବି ହନ୍ତସନ୍ତ ହେଲୁ ।' କୋହଭରା କଣ୍ଠରେ ଏମିତି କହିଛନ୍ତି ବାଲେଶ୍ୱରଜିଲ୍ଲା ସଦର ବ୍ଲକ୍ ସିନ୍ଧିଆ ପଞ୍ଚାୟତ କେଶରପୁର ଗ୍ରାମର ରାମଚନ୍ଦ୍ର ମହାନ୍ତି (୮୭) । କେବଳ ରାମଚନ୍ଦ୍ର କାହିଁକି, ବନ୍ୟା ପ୍ରଭାବିତ ଅଞ୍ଚଳରେ ଆହୁରି ଅନେକ ଲୋକ ଏହିଭଳି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ବୁଢ଼ାବଳଙ୍ଗ ବନ୍ୟାରେ ପ୍ରଭାବିତ ଲୋକଙ୍କର ଏହା ଅଙ୍ଗେନିଭା କଥା । ବାଲେଶ୍ୱର ଜିଲ୍ଲାରେ ବୁଢ଼ାବଳଙ୍ଗ ସହିତ କାଂଶବାଂଶ ଓ ସୋନ ନଦୀରେ ବନ୍ୟା ଆସିଛି । ଯଦିଓ ଜଳସ୍ତର ହ୍ରାସ ପାଇଛି, ଏହାର ପ୍ରଭାବ ସଦର, ବସ୍ତା, ନୀଳଗିରି, ସୋର, ସିମୁଳିଆ ଭଳି କେତେକ ବ୍ଲକ୍‌ରେ ଦେଖିବାକୁ ମିଳିଛି । ତେବେ, ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ସଦର ବ୍ଲକ୍ ଅନ୍ତର୍ଗତ ୧୮ଟି ପଞ୍ଚାୟତ । ଆଜି 'ସମ୍ବାଦ ଟିମ୍' ସଦର ବ୍ଲକ୍‌ର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କଲାବେଳେ କେତେକ ଦୃଶ୍ୟ ସାମନାକୁ ଆସିଛି । ଯେମିତିକି, ଗୋପୀନାଥପୁର ଗ୍ରାମ ପଞ୍ଚାୟତ ତେଲିସାହିର ଅଶୋକ ସିଂହ ଦୁଇଦିନ ହେବ ରାସ୍ତା ଉପରେ ପାଲ ପକାଇ ନିଜ ପରିବାର ସହ ଶୋଉଥିବା ଦେଖିବାକୁ ମିଳିଛି । ଘର ଭିତରେ ଆଣ୍ଠୁଏ ପାଣି, କାମଧନ୍ଦା ବନ୍ଦ । ପାଖରେ ଟଙ୍କାଟିଏ ନାହିଁ । ରିଲିଫ୍ ବି ପହଞ୍ଚିନି, ସମସ୍ତେ ପ୍ରଶାସନର ବାଟକୁ ଅନାଇ ବସିଛନ୍ତି । ତେଲିଡିହିର ଶିବ ମାଝୀ, ପତ୍ନୀ ମାଳତୀ ମାଝୀ ରାସ୍ତା ପାର୍ଶ୍ୱରେ ନିଜ ପିଲାଛୁଆଙ୍କୁ ନେଇ ଜରିପାଲ ଟାଣି ମୁଣ୍ଡ ଗୁଞ୍ଜିଛନ୍ତି । ତାଙ୍କ ଘର ଭିତରେ ପାଣି, ରୋଷେଇ କରି ପାରୁନାହାନ୍ତି କି ଶାନ୍ତିରେ ଶୋଇ ମଧ୍ୟ ପାରୁନାହାନ୍ତି । ଘରେ ଯାହା ଖାଦ୍ୟପଦାର୍ଥ ଥିଲା ସବୁ ଓଦା ହୋଇଯାଇଛି । ବିଶୁଦ୍ଧ ପାନୀୟଜଳ ଟୋପେ ମିଳୁନାହିଁ । ଓଲନ୍ଦା ସାରଗାଁ, ଗୋପୀନାଥପୁର ପଞ୍ଚାୟତର ବନ୍ୟା ପୀଡ଼ିତ ମଧ୍ୟ ସମାନ କଥା କହିଛନ୍ତି, ସେମାନଙ୍କ ଅଞ୍ଚଳକୁ କୌଣସି ଅଧିକାରୀ ଯାଇନଥିବା ବେଳେ ରିଲିଫ୍ ପଠାଯାଇନି ବୋଲି ଗୋପୀନାଥପୁର ପଞ୍ଚାୟତ ଭାଟବଇଁଚାର ବାସିନ୍ଦା ସନାତନ ଦାସ କହିଛନ୍ତି । ଏବେବି ଭାଟ ବଇଁଚା ଗାଁ ପାଣି ଘେରରେ ରହିଛି । ବୁଢ଼ାବଳଙ୍ଗ, ଜଳକା ବନ୍ୟାରେ ବାଲେଶ୍ୱର ସଦର ବ୍ଲକ୍‌ର ୮୬ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ କାଁଭାଁ ଲୋକଙ୍କ ନିକଟରେ ପ୍ରଶାସନ ପହଞ୍ଚିଛି ।

# ୧୦୦୦ ବିପନ୍ନ ସୁରକ୍ଷିତ ଉଦ୍ଧାର, ଲୋକଙ୍କୁ ଆବଶ୍ୟକ ରିଲିଫ୍ ସାମଗ୍ରୀ ବଣ୍ଟନ



କେନ୍ଦ୍ରପଡ଼ା(ଅମୃତ ମିଡିଆ): ମହାନଦୀ ଓ ବ୍ରାହ୍ମଣୀ ଅବବାହିକାରେ ଆସିଥିବା ବନ୍ୟା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାର ୮ ବ୍ଲକ୍ ପ୍ରଭାବିତ ହୋଇଛି । ୮ଟି ବ୍ଲକ୍ ଯଥା ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା, ମାର୍ଶାଘାଇ ଏବଂ ମହାକାଳପଡ଼ାବାସୀ ବନ୍ୟା ଦାଉରେ ହନ୍ତସନ୍ତ ହେଉଛନ୍ତି । ଏଥିସହ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି । କେଉଁଠି ୨୪ ଘଣ୍ଟା ପରେ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହୋଇପାରିଲାନି ତ ବିକଳ୍ପ ଆଲୁଅ ବ୍ୟବସ୍ଥା ଗ୍ରହଣ କରାଯାଇପାରିଲା ନାହିଁ । ପାନୀୟ ଜଳ ମିଳିବା ସାତ ସପନ ପାଲଟିଛି । ନଳକୂଅଗୁଡ଼ିକ ପାଣିରେ ବୁଡ଼ିଯିବା ଓ ବୋରିଂ ପଏଣ୍ଟରେ ପାଣି ଚାଲିବା ଯୋଗୁଁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି । ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଥିବା ବେଳେ ଯାତାୟାତ ପାଇଁ ଡଙ୍ଗା ବ୍ୟବସ୍ଥା କରାଯାଇପାରିଲା ନାହିଁ । ଅନ୍ୟପକ୍ଷେ ବନ୍ୟା ପ୍ଳାବିତ ଅଞ୍ଚଳରୁ ଆଜି ୧୦୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ୩ଟି ଆଶ୍ରୟସ୍ଥଳୀରେ ସେମାନଙ୍କୁ ରଖାଯାଇ ଆବଶ୍ୟକ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି । ସେହିପରି ୩ଟି ମାଗଣା ରୋଷେଇ କେନ୍ଦ୍ର କାର୍ଯ୍ୟକ୍ଷମ ରହିଥିବା ପ୍ରଶାସନ ଦର୍ଶାଇଛି । ଜିଲ୍ଲାର ମୋଟ ୫୭ଟି ଗ୍ରାମ ପଞ୍ଚାୟତ ଅଧୀନ ୧୩୫ଟି ଗ୍ରାମର ପ୍ରାୟ ୫୭ ହଜାର ୭୦୪ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି । ଅନ୍ୟପକ୍ଷେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ନିରନ୍ତର ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ପରଖୁଛନ୍ତି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲିକ, ଉପଜିଲ୍ଲାପାଳ ଅରୁଣ ନାୟକ ଏବଂ ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାରାଣୀ ମାଝୀ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କରୁଛନ୍ତି । ଜିଲ୍ଲାରେ ବନ୍ୟାଜନିତ କୌଣସି ଜନହାନି ଘଟି ନାହିଁ । ପ୍ରାୟ ୨୪ ହଜାର ୨୬୦ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ କୌଣସି ପଶୁଙ୍କ ମୃତ୍ୟୁର ଖବର ପ୍ରଶାସନ ପାଖରେ ପହଞ୍ଚିନାହିଁ । ଚାଷଜମି କ୍ଷୟକ୍ଷତିର ଆକଳନ ବନ୍ୟା ଜଳ କମିବା ପରେ କରାଯିବ । ସେହିପରି ୫ଟି କଚ୍ଚା ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ପ୍ରଶାସନ ସୂଚନା ଦେଇଛି । ପ୍ରଭାବିତ ଲୋକଙ୍କ ମଧ୍ୟରେ ଆବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଉଛି । ଶୁକ୍ରବାର ସୁଦ୍ଧା ୧୭.୭୫ କ୍ୱିଣ୍ଟାଲ ଚୁଡ଼ା, ଦେଢ଼ କ୍ୱିଣ୍ଟାଲ ଗୁଡ଼, ୫ କ୍ୱିଣ୍ଟାଲ ଅନ୍ୟାନ୍ୟ ସାମଗ୍ରୀ ସହିତ ୧୩ କାର୍ଟୁନ ବିସ୍କୁଟ, ୧ କାର୍ଟୁନ ମହମବତି ଏବଂ ୧ କାର୍ଟୁନ ଦିଆସିଲି ବଣ୍ଟନ କରାଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପାଇଁ ମୋଟ ୮ଟି ମେଡିକାଲ ଟିମ୍ ମୁତୟନ କରାଯାଇଛି । ସେଥିମଧ୍ୟରୁ ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁର ଅଞ୍ଚଳରେ ୨ଟି ଏବଂ ମାର୍ଶାଘାଇରେ ଗୋଟିଏ ମେଡିକାଲ ଟିମ୍ କାର୍ଯ୍ୟରତ ରହି ପ୍ରଭାବିତ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଓ ଔଷଧ ବଣ୍ଟନ କରୁଛନ୍ତି । ୧୨ଟି ରାସ୍ତା ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ବେଳେ ବିଦ୍ୟୁତ୍ ସରବରାହରେ କୌଣସି ବାଧା, ଗଛ ଉପୁଡ଼ିବା କିମ୍ବା ଅନ୍ୟ କୌଣସି ବଡ଼ ଧରଣର ଭିତ୍ତିଭୂମି କ୍ଷୟକ୍ଷତିର ସୂଚନା ମିଳିନାହିଁ । ପ୍ରଭାବିତ ଅଞ୍ଚଳରେ ସମସ୍ତ ଲାଇନ୍ ବିଭାଗ ସହ ସମନ୍ୱୟ ରକ୍ଷା କରି ରିଲିଫ, ସ୍ୱାସ୍ଥ୍ୟସେବା ଓ ଆବଶ୍ୟକ ସହାୟତା କାର୍ଯ୍ୟ ଜାରି ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଥିବା ବେଳେ ସମସ୍ତ ବିଭାଗକୁ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ୧୪ତମ ଜୁନିୟର ଓଡ଼ିଶା ରାଜ୍ୟ ଖୋ ଖୋ ଚାମ୍ପିୟନସିପ୍ ଉଦ୍ଘାଟିତ

























# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.104, Sunday, 2 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୪, ରବିବାର, ୨ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



